R.N.I. REGN. No. 65000/96 POSTAL REGN. No. OR/BN-32/12-14

ଅଷ୍ଟବିଂଶ ବର୍ଷ
ସଂଖ୍ୟା : ୧୫
ତିଥି : ଦ୍ୱିତୀୟା
୧୬ ଅକ୍ଟୋବର ୨୦୨୩, ସୋମବାର
ସମ୍ବଲପୁର
ପୃଷ୍ଠା- ୧୨, ମୂଲ୍ୟ- ଟ.୫.୦୦

ସମୟ SAMAYA

# ସମୟ

27th ANNIVERSARY

ପ୍ରତିଷ୍ଠାତା - ବସନ୍ତ କୁମାର ବିଶ୍ୱାଳ

Bhubaneswar | Balasore | Angul | Berhampur | Sambalpur | Jeypore

# ୭୮ରେ ପାଦ ଥାପିଲେ ନବୀନ

## ଜନକୈନ୍ଦ୍ରିକ ଯୋଜନା, ସାମାଜିକ ସୁରକ୍ଷା, ଭିତ୍ତିଭୂମି ବିକାଶ ଆଭିମୁଖ୍ୟ ଲାଗି ଦିନକୁ ଦିନ ବଢୁଛି ଲୋକପ୍ରିୟତା

ଭୁବନେଶ୍ୱର,୧୫।୧୦(ସବ୍ୟୁ): ଆସନ୍ତାକାଲି ବିଜେଡି ରାଜ୍ୟ ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ୭୮ ବର୍ଷରେ ପାଦ ଦେବେ । ତେବେ ୨୦୦୦ ମସିହାରୁ ସେ ଲଗାତାର ଭାବେ ୨୦୨୩ ପର୍ଯ୍ୟନ୍ତ ରାଜ୍ୟ ମୁଖ୍ୟମନ୍ତ୍ରୀ ଦାୟିତ୍ୱ ଗ୍ରହଣ କରିଛନ୍ତି । ଆଗାମୀ ବର୍ଷ ସାଧାରଣ ନିର୍ବାଚନ ଥିବାରୁ ଏହା ନବୀନଙ୍କ ପାଇଁ ଏକ ଆହ୍ୱାନର ବର୍ଷ ହେବ ବୋଲି ରାଜନୈତିକ ମହଲରେ ଆଲୋଚନା ହେଉଛି । ତେବେ ଯଦି ୨୦୨୪ ବିଧାନସଭା ନିର୍ବାଚନରେ ବିଜେଡି ସଂଖ୍ୟା ଗରିଷ୍ଠତା ହାସଲ କରେ ଷଷ୍ଠଥର ଭାବେ ମୁଖ୍ୟମନ୍ତ୍ରୀ ହୋଇ ନବୀନ ଏକ ରେକର୍ଡର ଅଧିକାରୀ ହେବେ । ୧୯୪୯ ମସିହାରେ ଶ୍ରୀ ପଟ୍ଟନାୟକ ଜନ୍ମଗ୍ରହଣ କରିଥିଲେ । ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକ ଓ ଜ୍ଞାନ ପଟ୍ଟନାୟକଙ୍କର ସେ ତୃତୀୟ ସନ୍ତାନ । ବିଜୁ ପଟ୍ଟନାୟକଙ୍କର ଅବର୍ତ୍ତମାନରେ ୧୯୯୭ ମସିହାରେ ସେ ରାଜନୀତିରେ ପାଦ ଦେଇଥିଲେ । ରାଜନୀତିରେ ପାଦ ଦେବା ପରେ ସେ କେବେ ପଛକୁ ଫେରି ଚାହିଁନାହାନ୍ତି । ଗୋଟିଏ ପରେ ଗୋଟିଏ ସଫଳତାର ସିଡି ଚଢ଼ି ଚାଲିଛନ୍ତି । ପ୍ରଥମେ ଆସ୍କାରୁ ସାଂସଦ ଭାବେ ସେ ରାଜନୈତିକ ଜୀବନରେ ପ୍ରବେଶ କରିଥିଲେ । ସ୍ୱର୍ଗତଃ ଅଟଳ ବିହାରୀ ବାଜପେୟଙ୍କ ମନ୍ତ୍ରିମଣ୍ଡଳରେ ସେ କ୍ୟାବିନେଟ ମନ୍ତ୍ରୀ ଥିଲେ । ୨୦୦୦ ମସିହାରେ ଗଞ୍ଜାମ ଜିଲ୍ଲାର ହିଞ୍ଜିଳିକାଟୁ (୯ ପୃଷ୍ଠାରେ)



### ପାଳିବେନି ଜନ୍ମଦିନ

ଭୁବନେଶ୍ୱର,୧୫।୧୦(ସବ୍ୟୁ): ଆସନ୍ତାକାଲି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଜନ୍ମଦିନ । ସେ ଏବର୍ଷ ନିଜ ଜନ୍ମଦିନ ପାଳନ କରିବେ ନାହିଁ ବୋଲି ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ସୂତ୍ରରୁ ଜଣାଯାଇଛି । ଗତ ମାସରେ ତାଙ୍କର ବଡ଼ ଭଉଣୀ ଗୀତା ମେହେଟ୍ଟାଙ୍କ ବିୟୋଗ ହୋଇଥିବାରୁ ଚଳିତ ବର୍ଷ ଜନ୍ମଦିନ ପାଳିବେ ନାହିଁ । ତେଣୁ ଶୁଭେଚ୍ଛା ଜଣାଇବାକୁ ନବୀନ ନିବାସ ନଆସିବା ଲାଗି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶୁଭେଚ୍ଛୁମାନଙ୍କୁ ଅନୁରୋଧ କରିଛନ୍ତି । ସୂଚନାଯୋଗ୍ୟ ୨୦୧୮ରେ ବାତ୍ୟା ତିତିଲ୍, ୨୦୧୯ରେ ବାତ୍ୟା ଫନି, ୨୦୨୦ ଓ ୨୦୨୧ରେ କୋଭିଡ ସଂକ୍ରମଣ ଲାଗି ମୁଖ୍ୟମନ୍ତ୍ରୀ ଜନ୍ମଦିନ ପାଳନ କରିନଥିଲେ ।

# ଦିଲ୍ଲୀରେ ଭୂକମ୍ପ

ନୂଆଦିଲ୍ଲୀ,୧୫।୧୦: ରବିବାର ଅପରାହ୍ଣ ୪ଟା ସମୟରେ ଦିଲ୍ଲୀ-ଏନସିଆରରେ ଭୂମିକମ୍ପର ଝଟକା ଅନୁଭୂତ ହୋଇଛି । ରିକ୍ଟର ସ୍କେଲରେ ଏହାର ତୀବ୍ରତା ୩.୧ ଥିବା ଜଣାପଡ଼ିଛି । ଭୂମିକମ୍ପର କେନ୍ଦ୍ର ହରିୟାଣାର ଫରିଦାବାଦଠାରୁ ୯ କିଲୋମିଟର ଦୂରରେ, ଭୂପୃଷ୍ଠରୁ ୧୦ କିଲୋମିଟର ଗଭୀରତାରେ ଥିବା ଜଣାଯାଇଛି । ସୂଚନା ଅନୁଯାୟୀ, ଦିଲ୍ଲୀ, ଗୁରୁଗ୍ରାମ ଓ ନୋଏଡା ସମେତ ଆଖପାଖ ଅନେକ ସ୍ଥାନରେ ଲୋକଙ୍କୁ ଏହି ଭୂମିକମ୍ପର ଝଟକା ଅନୁଭବ ହୋଇଥିଲା । ଫଳରେ ବିଭିନ୍ନ କୋଠାରେ ଥିବା ଲୋକମାନେ ବାହାରକୁ ଚାଲିଆସିଥିଲେ । ତେବେ ଏହି ଭୂମିକମ୍ପ ଯୋଗୁଁ କୌଣସି କ୍ଷୟକ୍ଷତିର ସୂଚନା (୯ ପୃଷ୍ଠାରେ)

# ୩ ବାହିନୀ ଟାର୍ଗେଟରେ ଗାଜା

ତେଲଆଭିଭ,୧୫।୧୦: ହମାସର ଅତର୍କିତ ଆକ୍ରମଣ ପରେ ପ୍ରତିକ୍ରିୟାଶୀଳ ହୋଇପଡିଛି ଇସ୍ରାଏଲ । ହମାସଙ୍କ ଦାବିକୁ ମାନିବାତ ଦୂରର କଥା ସେମାନଙ୍କୁ ଧ୍ୱଂସ କରିବାକୁ ଏକ ପ୍ରକାର ପଣ କରିନେଇଛନ୍ତି ଇସ୍ରାଏଲ ସେନା । ହମାସ ଶିବିରରେ ପଶି ଆକ୍ରମଣ କରିବା ସହ ଏହି ସଂଗଠନକୁ ସମର୍ଥନ କରୁଥିବା ରାଷ୍ଟ୍ରକୁ ମଧ୍ୟ ପରୋକ୍ଷରେ ଧମକାଉଛନ୍ତି । ଏହାରି ମଧ୍ୟରେ ଇସ୍ରାଏଲ ସେନା ଆକ୍ରମଣକୁ ଆହୁରି ଭୟାନକ କରିବାକୁ ଯୋଜନା କରୁଛି । ତିନି ପାର୍ଶ୍ୱରୁ ଇସ୍ରାଏଲ ଉପରେ ଆକ୍ରମଣ କରିବ ଇସ୍ରାଏଲ ସେନା । ଆକାଶ, ପୃଥିବୀ ଏବଂ ସମୁଦ୍ର ମାର୍ଗରୁ ହମାସ ଉପରେ ଇସ୍ରାଏଲ ଆକ୍ରମଣ କରିବ । ଏନେଇ ଇସ୍ରାଏଲର ଜଣେ ସେନା ଅଧିକାରୀ କହିଛନ୍ତି ଯେ, ଇସ୍ରାଏଲ ସେନା ଗାଜା ଉପରେ ସ୍ଥଳ, ଜଳ, ବାୟୁ ଭାଗରୁ ଆକ୍ରମଣ କରିବକୁ ପ୍ରସ୍ତୁତ ହେଉଛନ୍ତି । (୯ ପୃଷ୍ଠାରେ)














## ଇତିହାସ

୧୯୦୫: ଭାଇସରୟ ଲର୍ଡ କର୍ଜନଙ୍କ ଆଦେଶରେ ବଙ୍ଗ ବିଭାଜନ ।

୧୯୩୯: ସାନ୍ତାଳି ଭାଷାର ବିଦ୍ୱାନ ଶିକ୍ଷାବିତ ପଦ୍ମଶ୍ରୀ ଦିଗମ୍ବର ହଂସଦାଙ୍କ ଜନ୍ମ ।

୧୯୪୮: ଓଡ଼ିଶା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଜନ୍ମ ।

୧୯୪୮: ସୁପ୍ରସିଦ୍ଧ ଅଭିନେତ୍ରୀ ହେମା ମାଳିନୀଙ୍କ ଜନ୍ମ ।

୧୯୫୧: ଏକ ଜନସଭାରେ ଯୋଗ ଦେଇଥିବାବେଳେ ପାକିସ୍ତାନର ପ୍ରଥମ ପ୍ରଧାନମନ୍ତ୍ରୀ ଲିୟାକତ ଅଲୀଙ୍କୁ ହତ୍ୟା ।

୧୯୬୮: ହରଗୋବିନ୍ଦ ଖୁରାନାଙ୍କୁ ଚିକିତ୍ସା କ୍ଷେତ୍ରରେ ନୋବେଲ ।

୧୯୭୮: ଟିମ୍ ଇଣ୍ଡିଆର ପୂର୍ବତନ ଅଧିନାୟକ କପିଲ ଦେବଙ୍କ କ୍ରିକେଟ ପଦାର୍ପଣ ।

୧୯୮୩: ଭାରତର ମହାନ ଭୌତିକ ବିଜ୍ଞାନୀ ଓ ଗଣିତଜ୍ଞ ହରିଶ ଚନ୍ଦ୍ର ମହରୋତ୍ରାଙ୍କ ନିଧନ ।

୧୯୫୯: ରାଷ୍ଟ୍ରୀୟ ମହିଳା ଶିକ୍ଷା ପରିଷଦର ସ୍ଥାପନା ।

୧୯୯୫: ଭାରତୀୟ ମହିଳା କ୍ରିକେଟର ବେଦା କୃଷ୍ଣମୂର୍ତ୍ତିଙ୍କ ଜନ୍ମ ।

୨୦୧୧: ଟରୋଣ୍ଟୋ ୱାଟରଫ୍ରଣ୍ଟ ମାରାଥନ ଜିତି ଗିନିଜ୍ ବୁକ୍ ଅଫ୍ ୱାର୍ଲ୍ଡ ରେକର୍ଡ ସ୍ଥାପନ କଲେ ଶତାୟୁ ଭାରତୀୟ ଧାବକ ଫୌଜା ସିଂହ ।

୨୦୧୨: ସୌର ମଣ୍ଡଳ ବାହାରେ ନୂଆ ଗ୍ରହ 'ଅଲ୍‌ଫା ସେଞ୍ଚୁରୀ ବିବି'ର ସନ୍ଧାନ ।

## ସୋସିଆଲ କୋଟ୍ସ



ଫିଲ୍ମ ଆରାଧନାର ସୁଟିଂ ସମୟରେ ରାଜେଶ ଖନ୍ନାଙ୍କର ଡେଟ୍ ମିଳିବା ଅସମ୍ଭବ ଥିଲା । କାହିଁକି ନା ସେ ସେତେବେଳେ ୧୨ଜଣ ପ୍ରଯୋଜକଙ୍କ ସହିତ ମିଶି ସୁଟ୍ କରୁଥିଲେ । ଏହି ଫିଲ୍ମର ଗୋଟିଏ ଗୀତରେ ସେ ସୁଜିତ କୁମାରଙ୍କ ସହିତ ଡାର୍ଜେଲିଂରେ ଏକା ସୁଟିଂ କରିଥିଲେ । ହେଲେ ମୁଁ ମୋ ସିନ୍‌ଗୁଡିକ ଷ୍ଟୁଡିଓରେ କରିଥିଲି ।

**ଶର୍ମିଳା ଟାଗୋର, ଅଭିନେତ୍ରୀ**



ଲାଲ୍ ସିଂହ ଚଡ୍‌ଢା ପାଇଁ ଅମୀର ସମ୍ପୂର୍ଣ୍ଣ ରୂପେ ନିଜ ଚରିତ୍ର ମଧ୍ୟରେ ପଶିଯାଇଥିଲେ । ହେଲେ ହୋଇପାରେ କୋଭିଡ୍ ପାଇଁ ଏହି ଫିଲ୍ମ ଉପରେ ପ୍ରଭାବ ପଡ଼ିଲା, ଯାହାଫଳରେ ଏହା ସେତେଟା ସଫଳ ହୋଇପାରିଲା ନାହିଁ ।

**କରୀନା କପୁର, ଅଭିନେତ୍ରୀ**



ନରେନ୍ଦ୍ର ମୋଦୀଜୀଙ୍କର ଲିଖିତ ଗରବା ଗୀତ ମୋତେ ଆଉ ତନିଷ୍କ ବାଗଚୀଙ୍କୁ ଖୁବ୍ ପସନ୍ଦ ଆସିଛି । ଆମେ ଏକ ନୂଆ ଲୟ, ରଚନା ଓ ସ୍ୱାଦ ସହିତ ଏହି ଗୀତକୁ ନିର୍ମାଣ କରିବାକୁ ଚାହୁଁଥିଲୁ । ଆମକୁ ଏଥିରେ ଜେଜେଷ୍ଟ ଖୁବ୍ ସାହାଯ୍ୟ କରିଛି ।

**ଧ୍ୱନୀ ଭାନୁଶାଲୀ, ସିଙ୍ଗର୍**

# ବିଶ୍ୱ ଖାଦ୍ୟ ଦିବସ

ପ୍ରତିବର୍ଷ ଅକ୍ଟୋବର ୧୬ ତାରିଖରେ ସମଗ୍ର ବିଶ୍ୱରେ ଖାଦ୍ୟ ଦିବସ ପାଳନ କରାଯାଇଥାଏ । ଏହି ଦିବସ ପାଳନ କରିବାର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ଖାଦ୍ୟାଭାବ ତଥା ଦାରିଦ୍ର୍ୟ ଜନିତ ସମସ୍ୟା ଏବଂ ଏହାର ନିରାକରଣ ସମ୍ପର୍କରେ ବିଶ୍ୱବାସୀଙ୍କ ଦୃଷ୍ଟି ଆକର୍ଷଣ କରିବା । ୧୯୪୫ ମସିହାରେ ମିଳିତ ଜାତିସଙ୍ଘ ଦ୍ୱାରା ଖାଦ୍ୟ ଏବଂ କୃଷି ସଙ୍ଗଠନର ସ୍ଥାପନା ଦିବସକୁ ସମ୍ମାନ ଜଣାଇ ଆଜିର ଦିନକୁ ବିଶ୍ୱ ଖାଦ୍ୟ ଦିବସ ରୂପେ ଘୋଷଣା କରାଗଲା । ୧୯୭୯ ମସିହା ନଭେମ୍ବର ମାସରେ ଖାଦ୍ୟ ଓ କୃଷି ସଂଗଠନର ସଦସ୍ୟ ରାଷ୍ଟ୍ରମାନଙ୍କ ଦ୍ୱାରା ଏହି ସଂଗଠନର ୨୦ ତମ ସମ୍ମିଳନୀରେ ଖାଦ୍ୟ ଦିବସ ପାଳନ କରିବା ଲାଗି ନିଷ୍ପତ୍ତି ନିଆଯାଇଥିଲା । ପ୍ରାକ୍ତନ ହଙ୍ଗେରିଆନ୍ କୃଷି ଓ ଖାଦ୍ୟ ମନ୍ତ୍ରୀ ଡ. ପାଲ ରମାନୀଙ୍କ ନେତୃତ୍ୱରେ ଏକ ପ୍ରତିନିଧିମଣ୍ଡଳ ଏହି ସମ୍ମିଳନୀରେ ଏକ ସକ୍ରୀୟ ଭୂମିକା ଗ୍ରହଣ କରି ଏ ସମ୍ବନ୍ଧରେ ବିଚାର ବିମର୍ଷ କରିଥିଲେ । ଏହା ଗୃହୀତ ହେବା ପରେ ବିଶ୍ୱର ୧୫୦ରୁ ଅଧିକ ଦେଶ ପ୍ରତିବର୍ଷ ଆଜିର ଦିନକୁ ବିଶ୍ୱ ଖାଦ୍ୟ ଦିବସ ରୂପେ ପାଳନ କରୁଛନ୍ତି ।




# ମହିଳା ଛୁଇଁଲେ ଆଲର୍ଜି



ସୋସିଆଲ୍ ମିଡିଆରେ ଜଣେ ବ୍ୟକ୍ତି ଅଜବ କାରଣକୁ ନେଇ ବର୍ତ୍ତମାନ ଚର୍ଚ୍ଚାର ପରିସରଭୁକ୍ତ ହୋଇଛନ୍ତି । ଏହି ବ୍ୟକ୍ତିଙ୍କୁ ଯିଏ ବି ମହିଳା ଛୁଏଁ ତାଙ୍କୁ ଆଦୌ ପସନ୍ଦ ଆସିନଥାଏ । ଯାହାଫଳରେ ସେ ଦୀର୍ଘଦିନ ହେବ ନିଜ ଘରେ ବନ୍ଦୀ ଭଳି ଜୀବନଯାପନ କରୁଛନ୍ତି । କାଲିଟକ୍ସେ ଜାସଓ୍ୱିଟା ନାମକ ଏହି ବ୍ୟକ୍ତିଜଣଙ୍କ ବର୍ତ୍ତମାନ ସୁଦ୍ଧା ବି କୌଣସି ମହିଳାଙ୍କ ସହିତ ସମ୍ପର୍କ କରନ୍ତି ନାହିଁ କିମ୍ବା ସେମାନଙ୍କ ସଂସ୍ପର୍ଶରେ ଆସନ୍ତି ନାହିଁ । ୭୧ ବର୍ଷୀୟ ଏହି ବ୍ୟକ୍ତି ନିଜ ଘର ଚାରିପଟେ ୧୫ ଫୁଟର ଏକ ପାଚେରୀ ନିର୍ମାଣ କରିଛନ୍ତି ଏବଂ ଏହି ପାଚେରୀ ମଧ୍ୟରେ ନିଜକୁ ବନ୍ଦୀ କରି ରଖିଛନ୍ତି । ଏହାର କାରଣ ହେଉଛି ତାଙ୍କୁ ମହିଳାମାନଙ୍କୁ ଦେଖିଲେ ଡର ଲାଗେ, ଯାହାଦ୍ୱାରା ସେ ମହିଳାଙ୍କ ଠାରୁ କୋଶେ ଦୂରରେ ରୁହନ୍ତି । ଗତ ୫୫ ବର୍ଷ ହେବ ସେ ଏହି ବନ୍ଦ ଘରେ ରହିଛନ୍ତି ଏବଂ ବାହାର ଦୁନିଆ ଠାରୁ ନିଜକୁ ବଞ୍ଚିତ ରଖିଛନ୍ତି ।

# ଇମ୍ୟୁନିଟି ପାଇଁ ଆୟୁର୍ବେଦ

**ଇମ୍ୟୁନିଟି ବା ରୋଗପ୍ରତିରୋଧକ ଶକ୍ତି ସ୍ୱାସ୍ଥ୍ୟ ପାଇଁ ବହୁ ଗୁରୁତ୍ୱପୂର୍ଣ୍ଣ ହୋଇଥାଏ । ଏହା ଶରୀରର ସୁରକ୍ଷା ପ୍ରଣାଳୀର ଏକ ଅଂଶ ହୋଇଥାଏ, ଯାହା ରୋଗ ବୈରାଗ୍ୟ ସହିତ ବିଭିନ୍ନ ପ୍ରକାରର ସଂକ୍ରମଣରୁ ମୁକ୍ତି ଦେଇଥାଏ । ଏହାକୁ ବୃଦ୍ଧି କରିବା ଲାଗି ଅନେକ ଉପାୟ ରହିଛି । ଲାଇଫ୍‌ଷ୍ଟାଇଲ୍‌ରେ ସକାରାତ୍ମକ ପରିବର୍ତ୍ତନ ଠାରୁ ଖାଦ୍ୟପେୟ ଉପରେ ଯଥେଷ୍ଟ ଧ୍ୟାନ ଦେବା ସହିତ ପ୍ରତ୍ୟହ ବ୍ୟାୟାମ କରିବା ଦ୍ୱାରା ରୋଗପ୍ରତିରୋଧକ ଶକ୍ତିକୁ ବଢାଯାଇପାରିବ । ହେଲେ ଏହି ପ୍ରସଙ୍ଗରେ ଆୟୁର୍ବେଦିକ ଉପାୟ ସବୁଠୁ ଅଧିକ ଫଳପ୍ରଦ ସାବ୍ୟସ୍ତ ହେବ । ଏହା ଅନ୍ତର୍ଗତ ଘରେ ଥିବା କେତେକ ଜଡିବୁଟି ଓ ମସଲାର ଉପଯୋଗ କରାଯାଇ ଇମ୍ୟୁନ୍ ସିଷ୍ଟମକୁ ବୃଦ୍ଧି କରିହେବ ।**






* ଆୟୁର୍ବେଦିକ ଚିକିତ୍ସା ପ୍ରଣାଳୀରେ ସବୁଠୁ ପ୍ରଥମେ ରହିବ ତୁଳସୀ । ଏଥିରେ ଆଣ୍ଟିଅକ୍ସିଡାଣ୍ଟ୍, ଆଣ୍ଟିବ୍ୟାକ୍ଟେରିଆଲ୍, ଆଣ୍ଟିଭାଇରାଲ୍, ଆଣ୍ଟିଫ୍ଲୁ, ଆଣ୍ଟିବାୟୋଟିକ୍, ଆଣ୍ଟିଇନ୍‌ଫ୍ଲେମେଣ୍ଟାରୀ, ଭିଟାମିନ୍ ଏ ଓ ସି, ଜିଙ୍କ୍, କ୍ୟାଲସିୟମ୍ ଏବଂ ଆଇରନ୍ ଭଳି ଅନେକ ଔଷଧୀୟ ଗୁଣ ରହିଛି । ଯାହା ସ୍ୱାସ୍ଥ୍ୟ ପାଇଁ ବେଶ୍ ଫଳପ୍ରଦ ହେବ । ଏହା ଇମ୍ୟୁନିଟି ବଢାଇବାରେ ମଧ୍ୟ ବେଶ୍ ସକ୍ଷମ ହେବ । ଏହି ପତ୍ରକୁ ଆପଣ କାଢା କରି ପିଇବା ସହିତ ପ୍ରତ୍ୟହ ସକାଳେ ଖାଲି ପେଟରେ ତୁଳସୀ ପତ୍ର ଖାଇବା ଦ୍ୱାରା ଇମ୍ୟୁନିଟି ସୁଦୃଢ ହେବ ।
* ଗିଲୟକୁ ପ୍ରାକୃତିକ ଚିକିତ୍ସା ରୂପେ ଇମ୍ୟୁନିଟି ବଢାଇବାରେ ବି ବ୍ୟବହାର କରିପାରିବା । କୋଭିଡ୍ ସମୟରେ ଇମ୍ୟୁନିଟି ସିଷ୍ଟମ୍‌କୁ ମଜଭୂତ କରିବା ଲାଗି ଗିଲୟ ରସ ସେବନ କରିବା ଲାଗି ଡାକ୍ତରମାନେ ପରାମର୍ଶ ଦେଉଥିଲେ ।
* ଅଅଁଳାରେ ଭିଟାମିନ୍ ସି ପ୍ରଚୁର ପରିମାଣରେ ରହିଛି । ଏଥିରେ ଆଣ୍ଟିଅକ୍ସିଡାଣ୍ଟ, କ୍ୟାଲସିଅମ୍, ଆଇରନ୍, ପୋଟାସିଅମ୍, ଫ୍ଲେଭୋନଏଡ୍ ଏବଂ ଫାଇବର୍ ଆଦି ପୋଷକ ତତ୍ତ୍ୱ ରହିଛି । ଯାହା ଶରୀରକୁ ବିଭିନ୍ନ ରୋଗ ସହିତ ଲଢିବା ପାଇଁ ସାହାଯ୍ୟ କରିବ । କଞ୍ଚା ଅଁଳାକୁ ମହୁ ସହିତ ସେବନ କରିବା ଦ୍ୱାରା ଭଲ ଫଳ ମିଳିଥାଏ ।
* ସେହିପରି ହଳଦୀ, ଅଦା, ଜିରା, ତ୍ରିଫଳା, ନିମ୍ବ ଓ ଅଶ୍ୱଗନ୍ଧାରେ ମଧ୍ୟ ଆୟୁର୍ବେଦିକ ଗୁଣ ଭରପୂର ରହିଛି । ଯାହା ଶରୀରର ଇମ୍ୟୁନ୍ ସିଷ୍ଟମ୍‌କୁ ଶକ୍ତ କରିବ ।

# ବିହାରର ଗୋଲ୍ଡ ମ୍ୟାନ୍



ସମସ୍ତଙ୍କୁ ସୁନା ପିନ୍ଧିବା ପାଇଁ ବେଶ୍ ଭଲ ଲାଗେ । ମାତ୍ର ଏହା ବହୁ ଦାମୀ ହୋଇଥିବାରୁ ଲୋକେ ନିଜନିଜର ପାରିଶ୍ରମିକକୁ ଦେଖି ସୁନା କିଣିଥାଆନ୍ତି । ହେଲେ ଏମିତି ବି ଅନେକ ଲୋକ ଅଛନ୍ତି ଯିଏ ସୁନାରେ ଗୋଡ ଠାରୁ ମୁଣ୍ଡ ପର୍ଯ୍ୟନ୍ତ ପୋତି ହୋଇଥାଆନ୍ତି । ଏହି ପ୍ରସଙ୍ଗରେ ବଲିଉଡ୍ ସିଙ୍ଗର ବାପି ଲେହରୀଙ୍କ ଉଦାହରଣ ସର୍ବାଗ୍ରେ ରହିବ । କାରଣ ସେ ସର୍ବଦା ସୁନାରେ ଛାଉଁଣୀ ହୋଇ ରହୁଥିଲେ । ମାତ୍ର ବର୍ତ୍ତମାନ ବିହାରର ଜଣେ ବ୍ୟକ୍ତିଙ୍କ ବିଷୟରେ ଜଣାପଡ଼ିଛି, ଯାହାର ସୁନା ପିନ୍ଧିବାର ନିଶା ଦେଖିଲେ ଆପଣ ଆଶ୍ଚର୍ଯ୍ୟ ହୋଇଯିବେ । ସୁନା ପିନ୍ଧିବା ତାଙ୍କୁ ଏତେ ପସନ୍ଦ ଯେ ସେ ହାତ ଠାରୁ ଆରମ୍ଭ କରି ବେକ, ଆଙ୍ଗୁଳି ଏଭଳିକି ଚଷମା ଓ ପଗଡ଼ିକୁ ମଧ୍ୟ ସୁନାରେ ଛାଉଁଣୀ କରିପକାଇଛନ୍ତି । ଏତେ ସୁନା ପିନ୍ଧିଥିବାରୁ ସେ ଆତ୍ମରକ୍ଷା କରିବା ଲାଗି ୪ ଜଣ ବଡିଗାର୍ଡ ମଧ୍ୟ ରଖିଛନ୍ତି । ବିହାରର ପାଟ୍‌ନାରେ ରହୁଥିବା ପ୍ରେମ ସିଂହ ନାମକ ଏହି ବ୍ୟକ୍ତିଙ୍କୁ ସ୍ଥାନୀୟ ଲୋକେ ଗୋଲ୍ଡମ୍ୟାନ୍ ବୋଲି କୁହନ୍ତି । ସେ ମୋଟ ୫ କିଲୋ ୨୦୦ ଗ୍ରାମ୍ ଓଜନର ସୁନା ପିନ୍ଧିଛନ୍ତି । ଦେଢ଼ କୋଟିରୁ ଅଧିକ ଟଙ୍କାର ସୁନା ପିନ୍ଧିଥିବା ପ୍ରେମ ଯେତେବେଳେ ତାଙ୍କ ଗାଡ଼ିରୁ ଓହ୍ଲାନ୍ତି, ତାଙ୍କ ସହିତ ସେଲ୍ଫି ନେବା ପାଇଁ ଲୋକଙ୍କର ଲମ୍ବା ଲାଇନ୍ ଲାଗିଯାଏ । ପେଶାରେ ସେ ଜଣେ ଜମିଦାର ହୋଇଥିବାବେଳେ ପିଲାଦିନୁ ସୁନା ପ୍ରତି ତାଙ୍କର ଅହେତୁକ ଆକର୍ଷଣ ଥିଲା । ମାତ୍ର ବୟସ କମ୍ ହୋଇଥିବାରୁ କମ୍ ପରିମାଣର ସୁନା ପିନ୍ଧୁଥିଲେ । ପରେ ବୟସ ବଢ଼ିବା ସାଙ୍ଗକୁ ସୁନାର ପରିମାଣ ମଧ୍ୟ ବଢିଚାଲିଲା । ଆଗକୁ ସୁନାର ପରିମାଣ ବୃଦ୍ଧି ପାଇ ୮ କିଲୋରେ ପହଞ୍ଚିବା ନେଇ ସେ ଲକ୍ଷ୍ୟ ରଖିଥିବା କହିଛନ୍ତି ।



# ଚନ୍ଦ୍ରରେ ଦୌଡିବ ବେବି ଲୁନାର୍ କ୍ରୁଜର୍ !

ଖୁବ୍‌ଶୀଘ୍ର ଚନ୍ଦ୍ରପୃଷ୍ଠରେ ମାନବ ଗାଡ଼ି ଚଲାଉଥିବାର ଦେଖିବାକୁ ମିଳିବ । ଏନେଇ କାର୍ ନିର୍ମାଣକାରୀ କମ୍ପାନୀ ଟୟୋଟା ବେବି ଲୁନାର୍ କ୍ରୁଜର୍ ନାମକ ଏକ ଗାଡିର କନସେପ୍ଟକୁ ଡିଜାଇନ୍ କରିଛି । ଭବିଷ୍ୟତରେ ମହାକାଶଚାରୀମାନେ ଚନ୍ଦ୍ରପୃଷ୍ଠରେ ଏହି ଗାଡ଼ିକୁ ଚଲାଇପାରିବେ ବୋଲି କମ୍ପାନୀ ତରଫରୁ ଯୋଜନା ରହିଛି । ଏହା ହେଉଛି ଏକ ଇଲେକ୍ଟ୍ରିକ୍ ଏସ୍‌ୟୁଭି କାର୍, ଯେଉଁଥିରେ ରିଅଲିଟି ଡିସ୍‌ପ୍ଲେ, ଏୟାର୍‌ଲେସ୍ ଟାୟାର୍ ଓ ଜୋଷ୍ଟିକ୍ କଣ୍ଟ୍ରୋଲ୍ ଭଳି ବିଭିନ୍ନ ଆକର୍ଷଣୀୟ ଫିଚର୍ ରହିବ । ସୂଚନାନୁଯାୟୀ, ଆସନ୍ତା କିଛି ବର୍ଷ ମଧ୍ୟରେ ମନୁଷ୍ୟଙ୍କୁ ଚନ୍ଦ୍ରପୃଷ୍ଠକୁ ପଠାଇବା ଲାଗି ପ୍ରଚେଷ୍ଟା କରାଯାଉଛି । ତେଣୁ ନାସା ମଧ୍ୟ ଏହାର ଆର୍ଟେମିସ୍ ପ୍ରୋଗ୍ରାମ୍ ଅନ୍ତର୍ଗତ ପୁରୁଷ ଓ ମହିଳାଙ୍କୁ ଚନ୍ଦ୍ରପୃଷ୍ଠକୁ ପଠାଇବା ପାଇଁ ଯୋଜନା ରଖିଛି । ଏନେଇ ନାସା ୨୦୩୦ ସୁଦ୍ଧା ଚନ୍ଦ୍ରରେ ଏକ ମୁନ୍ ବେସ୍ ସ୍ଥାପିତ କରିବ । ଯାହା ଚନ୍ଦ୍ରରେ ଲୋକଙ୍କର ସ୍ଥାୟୀ ବସତିକୁ ସୂଚାଉଛି । ତେଣୁ ସେଠାରେ ଗୋଟିଏ ସ୍ଥାନରୁ ଅନ୍ୟ ଏକ ସ୍ଥାନକୁ ଯିବା ପାଇଁ ଯାନର ଆବଶ୍ୟକତା ରହିଥିବାରୁ ଏହାକୁ ଦୃଷ୍ଟିରେ ରଖି ଟୟୋଟା ଏହାର ବେବି ଲୁନାର୍ କ୍ରୁଜର୍ ଯୋଜନା ସମ୍ବନ୍ଧରେ ଘୋଷଣା କରିଛି । ଏହି କାର୍ ୧୯୭୦ରେ ଲୋକପ୍ରିୟ ମୁନ୍ ବଗିଜ୍ ଠାରୁ ଅଧିକ ଉନ୍ନତ ହେବ ବୋଲି କମ୍ପାନୀ ତରଫରୁ କୁହାଯାଇଛି ।



# ମେଟ୍ରୋରେ ହ୍ରିତିକ୍

ବଲିଉଡ୍‌ର ହ୍ୟାଣ୍ଡସମ୍ ହଙ୍କ୍ ହ୍ରିତିକ୍ ରୋଶନ୍‌ଙ୍କୁ ମୁମ୍ବାଇ ମୋଟ୍ରୋରେ ଯାତ୍ରା କରୁଥିବାର ଦେଖିବାକୁ ମିଳିଛି । ଏହି ସମୟରେ ସେ ଅନ୍ୟ ସାଧାରଣ ଲୋକଙ୍କ ଗହଣରେ ମେଟ୍ରୋରେ ଯାତ୍ରା କରିଛନ୍ତି । ଯାତ୍ରା ସମୟରେ ମେଟ୍ରୋରେ ଉପସ୍ଥିତ ଥିବା କେତେକ ଲୋକଙ୍କ ସହିତ ସେଲ୍‌ଫି ମଧ୍ୟ ନେଇଛନ୍ତି । ସ୍ୱୟଂ ହ୍ରିତିକ୍ ଏ ସମୟର କିଛି ସେଲ୍‌ଫି ଓ ଭିଡିଓକୁ ସୋସିଆଲ୍ ମିଡିଆରେ ସେୟାର କରିଥିବାବେଳେ ୟୁଜର୍ସ ହ୍ରିତିକ୍‌ଙ୍କର ଏହି ଭିନ୍ନ ନେଚର୍‌କୁ ଭରପୂର ପ୍ରଶଂସା କରିଛନ୍ତି । ଭିଡିଓରେ ହ୍ରିତିକ୍ ମେଟ୍ରୋ ଭିତରେ ଠିଆହୋଇଥିବାର ଦୃଶ୍ୟ ରହିଛି । ଏହି ସମୟରେ ସେ ବ୍ଲୁ ଟି-ସାର୍ଟକୁ ଡେନିମ୍ ଜିନ୍ସ ଓ କ୍ୟାପ୍ ପିନ୍ଧି କାଜୁଆଲ୍ ଲୁକ୍‌ରେ ନଜର ଆସିଥିଲେ । କାର୍ଯ୍ୟସ୍ଥଳୀକୁ ଯିବା ପାଇଁ ମେଟ୍ରୋ ନେଇଛନ୍ତି ବୋଲି ସେ ତାଙ୍କ ପୋଷ୍ଟର କ୍ୟାପ୍ସନ୍‌ରେ ଲେଖିଛନ୍ତି । ଏହାସହ ମେଟ୍ରୋରେ ତାଙ୍କର ଅନୁଭବ ଖୁବ୍ ସୁନ୍ଦର ଥିଲା ଏବଂ ଅନେକ ଗୁଡିଏ ଦୟାଳୁ ଲୋକଙ୍କ ସହିତ ତାଙ୍କର ଭେଟ ହେଲା ବୋଲି ମଧ୍ୟ ସେ ଲେଖିଛନ୍ତି । ସ୍ଥାନୀୟ ଲୋକେ ବି ତାଙ୍କୁ ଖୁବ୍ ଭଲ ପାଇବା ଦେଲେ ବୋଲି ସେ ଉଲ୍ଲେଖ କରିଛନ୍ତି । ତାଙ୍କର ଏହି ଭିଡିଓ ଦେଖି ଗର୍ଲଫ୍ରେଣ୍ଡ୍ ସବା ଆଜାଦ୍‌ଙ୍କ ସହିତ ତାଙ୍କ ବାପା ରାକେଶ ରୋଶନ୍ ଓ ମା' ପିଙ୍କି ରୋଶନ୍ ମଧ୍ୟ କମେଣ୍ଟ ଦେଇଛନ୍ତି । ତେବେ ହ୍ରିତିକ୍‌ଙ୍କ ୱାର୍କଫ୍ରଣ୍ଟ୍ ବିଷୟରେ କହିବାକୁ ଗଲେ ତାଙ୍କୁ ଖୁବ୍‌ଶୀଘ୍ର ଫାଇଟର୍‌ରେ ଦେଖିବାକୁ ମିଳିବ । ଏଥିରେ ଦୀପିକା ପାଦୁକୋନ୍ ଓ ଅନୀଲ କପୁର ମଧ୍ୟ ମୁଖ୍ୟ ଭୂମିକାରେ ନଜର ଆସିବେ ।



# ଅଦ୍ୱିତୀୟ ନବୀନ

ସେ ଅଦ୍ୱିତୀୟ, ଅପ୍ରତିଦ୍ୱନ୍ଦ୍ୱୀ । ତାଙ୍କ ଶାସନକାଳ କାଳଜୟୀ । ଦୀର୍ଘ ୨୫ବର୍ଷର ଶାସନ ରାଜ୍ୟ ପାଇଁ ଯୁଗାନ୍ତକାରୀ ପରିବର୍ତ୍ତନ ଆଣି ଦେଇଛି । ସ୍ୱଚ୍ଛ, ନିରପେକ୍ଷ, ସୁଶାସନର ଜନନାୟକ ହେଉଛନ୍ତି ଆମ ପ୍ରିୟ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ । ଶୃଙ୍ଖଳିତ ଶାସନ ହେଉ କିମ୍ବା ବିପର୍ଯ୍ୟୟ ପରିଚାଳନା ସବୁଥିରେ ଆଗରେ ଆମ ଓଡିଶା । ପ୍ରାକୃତିକ ବିପର୍ଯ୍ୟୟର ଗନ୍ତାଘର ଭାବେ ପରିଚିତ ଓଡିଶା ପ୍ରତିବର୍ଷ ଝଡବାତ୍ୟା ସହ ବନ୍ୟା ବିଭୀଷିକାକୁ ସାମ୍ନା କରୁଛି । ଏହାକୁ ସଠିକ୍ ଭାବେ ପରିଚାଳନା କରି ବିଶ୍ୱ ଦରବାରରେ ବିପର୍ଯ୍ୟୟ ପରିଚାଳନାରେ ନବୀନ ସରକାର ଉଦାହରଣ ସାଜିଛନ୍ତି । ସାରା ବିଶ୍ୱରୁ ନବୀନଙ୍କୁ ଢେର ପ୍ରଶଂସା ମିଳିଛି । ରାଜ୍ୟର ମଉଡମଣୀ ମୁଖ୍ୟମନ୍ତ୍ରୀ ନବୀନ ୭୮ ବର୍ଷରେ ପାଦ ଥାପିଛନ୍ତି । ଏନେଇ ତାଙ୍କୁ ସବୁ ମହଲରୁ ଶୁଭେଚ୍ଛାର ସୁଅ ଛୁଟିଛି । ଆଗକୁ ମୁଖ୍ୟମନ୍ତ୍ରୀ ରାଜ୍ୟର ମୁଖିଆ ଦାୟିତ୍ୱ ଏମିତି ତୁଲାଉଥାନ୍ତୁ ବୋଲି ସଭିଙ୍କ ଆଶା ଓ ବିଶ୍ୱାସ ।


ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ପ୍ରଥମ ପାଳି


ଦ୍ୱିତୀୟ ପାଳିରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ


ତୃତୀୟ ପାଳିରେ ନବୀନ


ମୁଖ୍ୟମନ୍ତ୍ରୀଙ୍କ ଚତୁର୍ଥ ପାଳି


ପଞ୍ଚମ ପାଳିରେ ମୁଖ୍ୟମନ୍ତ୍ରୀ

## କ୍ରୀଡାକୁ ବିଶ୍ୱସ୍ତରରେ ପହଞ୍ଚାଇଛନ୍ତି

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଆନ୍ତରିକ ପ୍ରଚେଷ୍ଟା ଯୋଗୁ ଭୁବନେଶ୍ୱର ଆଜି ଭାରତର ସ୍ପୋର୍ଟ୍ସ କ୍ୟାପିଟାଲ ପାଲଟିଛି । ହକିର ପ୍ରାୟୋଜକ ହୋଇଛି ଓଡ଼ିଶା ।




ମୁଖ୍ୟମନ୍ତ୍ରୀ ନବୀନଙ୍କ ନେତୃତ୍ୱରେ ଦୁଇ ଦୁଇ ଥର ହକି ବିଶ୍ୱକପ୍ ଆୟୋଜନ କରିଛି ଓଡିଶା । ରାଉରକେଲା ଠାରେ ବୀର ବିର୍ସାମୁଣ୍ଡା ଅନ୍ତର୍ଜାତୀୟ ହକି ଷ୍ଟାଡିୟମ ନିର୍ମାଣ କରି ଗିନିଜ୍ ବୁକ୍ ଅଫ୍ ରେକର୍ଡରେ ସ୍ଥାନ ପାଇଥିଲା । ଏହା ଭାରତର ସର୍ବ ବୃହତ ଦର୍ଶକ କ୍ଷମତା ବିଶିଷ୍ଟ ଷ୍ଟାଡିୟମର ମାନ୍ୟତା ଲାଭ କରିଛି । କେବଳ ଏତିକିରେ ସୀମିତ ରହିନି ମୁଖ୍ୟମନ୍ତ୍ରୀଙ୍କ କ୍ରୀଡାପ୍ରେମ । ବିଗତ ଏକ ଦଶନ୍ଧି ମଧ୍ୟରେ ବହୁ ଅନ୍ତର୍ଜାତୀୟ ପ୍ରତିଯୋଗିତା ଆୟୋଜନ କରି ବିଶ୍ୱ ଦରବାରରେ ଓଡିଶାକୁ ସ୍ୱତନ୍ତ୍ର ପରିଚୟ ଦେଇଛନ୍ତି । ହକି ବିଶ୍ୱ କପ୍ ବ୍ୟତୀତ ଏସୀଅ ଦୌଡକୁଦ, ଫୁଟବଲ୍, କ୍ରିକେଟ, ରଗବି, ଭାରୋତ୍ତୋଳନ, କରାଟେ, ସୁଟିଂ, ଟେନିସ୍ ଆଦି ଜାତୀୟ ତଥା ଅନ୍ତର୍ଜାତୀୟ ପ୍ରତିଯୋଗିତା ଆୟୋଜନ କରି ଆମ ରାଜ୍ୟ ଢେର ପ୍ରଶଂସା ସାଉଁଟିଛି । କଳିଙ୍ଗ ଷ୍ଟାଡିୟମର ନବକଳେବର ହୋଇଛି । ଗୋଟିଏ ସୀମା ଭିତରେ ଏକାଧିକ କ୍ରୀଡାର ସମାହାର କ୍ରୀଡା କ୍ୟାପିଟାଲର ଗୁରୁତ୍ୱକୁ ବଢାଇଛି । ନିକଟରେ ବିଶ୍ୱସ୍ତରୀୟ ଆକ୍ୱାଟିକ୍ ସେଣ୍ଟରର ଲୋକାର୍ପଣ ସହ ବ୍ୟାଡମିଣ୍ଟନ ଓ ଆଥଲେଟିକ୍ସ ଇଣ୍ଡୋର ଷ୍ଟାଡିୟମ ଦେଶର କ୍ରୀଡାବିତଙ୍କ ପାଇଁ ଉନ୍ମୁକ୍ତ ହେବାକୁ ଯାଉଛି ।

## ୫-ଟିରେ ସ୍କୁଲ ରୂପାନ୍ତରିକରଣ

ରାଜ୍ୟ ସରକାରଙ୍କ ୫-ଟି ନୀତିରେ ସ୍କୁଲ ଗୁଡିକର ରୂପାନ୍ତରିକରଣ ହେଉଛି । ସ୍କୁଲ ଗୁଡିକରେ ନୂତନ ରଙ୍ଗ କରାଯିବା ସହ ଆସବାବପତ୍ର ମଧ୍ୟ ବଦଳାଯାଉଛି । ଛାତ୍ରଛାତ୍ରୀଙ୍କୁ ପାଠପଢା ପ୍ରତି ଆକୃଷ୍ଟ କରିବା ପାଇଁ ୫-ଟି ନୀତିରେ ସ୍କୁଲର ପୁନରୁଦ୍ଧାର କାର୍ଯ୍ୟ ଚାଲୁଛି । ଏହାସହ ସ୍କୁଲରେ ଲାଇବ୍ରେରୀ, ଶୌଚାଳୟ, ସ୍ୱଚ୍ଛ ପାନୀୟଜଳ ବ୍ୟବସ୍ଥା ଏବଂ ଅତ୍ୟାଧୁନିକ କ୍ରୀଡା ଭିତ୍ତିଭୂମିର ବିକାଶ କରାଯାଉଛି ।

ଏବେସୁଦ୍ଧା ରାଜ୍ୟରେ ଉଚ୍ଚବିଦ୍ୟାଳୟ ଗୁଡ଼ିକ ପ୍ରଥମ ପର୍ଯ୍ୟାୟରେ ୧୦୭୫ ରୁପାନ୍ତରିକରଣ ହୋଇଥିବାବେଳେ ଦ୍ୱିତୀୟ ପର୍ଯ୍ୟାୟରେ ୩୪୬୧ ଓ ତୃତୀୟ ପର୍ଯ୍ୟାୟରେ ୨୩୩୬ଟି ଉଚ୍ଚବିଦ୍ୟାଳୟକୁ ରୁପାନ୍ତରିକରଣ କରାଯାଉଛି ।



ନୂଆଖାଇ ଭେଟ୍‌ଘାଟ୍‌ରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ

## ବିପର୍ଯ୍ୟୟ ପରିଚାଳନାରେ ନବୀନ ଉଦାହରଣ

ରାଜ୍ୟରେ ଦୁର୍ବିପାକ ଓ ବିପର୍ଯ୍ୟୟ ପରିଚାଳନାରେ ଭାରତ ପାଇଁ ଉଦାହରଣ ପାଲଟିଛନ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ । ଓଡିଶା ଭୀଷଣ ବାତ୍ୟା, ବନ୍ୟା, ମରୁଡି ଦେଖିଛି । ହୁଦହୁଦ୍, ଫାଇଲିନ୍, ତିତ୍‌ଲି, ଫଣୀ ଭଳି ବଡବଡ ବାତ୍ୟା ସାମ୍ନା କରିଛି ଓଡିଶା । ତେବେ ଏହାର ସଠିକ୍ ପରିଚାଳନା କରିପାରିଛନ୍ତି ନବୀନ ସରକାର । ଯାହା ଅନ୍ୟ ରାଜ୍ୟ ପାଇଁ ଉଦାହରଣ ସାଜିଛନ୍ତି ନବୀନ । ଏପରିକି ଜାତି ସଂଘରେ ମଧ୍ୟ ବିପର୍ଯ୍ୟୟ ପରିଚାଳନା କ୍ଷେତ୍ରରେ ପ୍ରଶଂସିତ ହୋଇଛନ୍ତି ନବୀନ ।

## ୫-ଟି, ମୋ ସରକାର ଯୋଗୁ ଆସିଛି ସ୍ୱଚ୍ଛତା

ରାଜ୍ୟ ସରକାରଙ୍କର ୫-ଟି ଓ ମୋ ସରକାର ନୀତି ଯୋଗୁ ସମସ୍ତ ସରକାରୀ କାର୍ଯ୍ୟାଳୟରେ ଆସିଛି ସ୍ୱଚ୍ଛତା । ୫-ଟି ଯୋଗୁ ଦୁର୍ନୀତି ହ୍ରାସ ପାଇଛି । ଦୁର୍ନୀତିଗ୍ରସ୍ତ ସରକାରୀ ଅଧିକାରୀଙ୍କୁ ବି ଛଡାଯାଇ ନାହିଁ । ଯେଉଁମାନେ ଦୁର୍ନୀତିରେ ସମ୍ପୃକ୍ତ ଥିଲେ ସେମାନଙ୍କୁ ସିଧାସଳଖ ଚାକିରୀରୁ ବିଦା କରାଯାଇଛି । ତେବେ ମୋ ସରକାର ପାଇଁ ପୋଲିସ ବ୍ୟବହାରରେ ପରିବର୍ତ୍ତନ ଆସିଛି । ନିଜର ଅଭିଯୋଗ ଆଣି ଆସୁଥିବା ବ୍ୟକ୍ତିଙ୍କ ନିକଟକୁ ସେମାନଙ୍କୁ ଫୋନ୍ କରାଯାଉଛି । ସେମାନେ ଥାନାରୁ କିପରି ସୁବିଧା ପାଇଲେ ପଚାରି ବୁଝୁଛନ୍ତି ୫-ଟି ସଚିବ ।

## ଧାର୍ମିକ ଅନୁଷ୍ଠାନର ଉନ୍ନତିକରଣ

ରାଜ୍ୟରେ ଧାର୍ମିକ ଅନୁଷ୍ଠାନର ପୁନରୁଦ୍ଧାର କାର୍ଯ୍ୟ ହାତକୁ ନେଇଛନ୍ତି ରାଜ୍ୟ ସରକାର । ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶକ୍ରମେ ପ୍ରସିଦ୍ଧ ଦେବପୀଠ ଓ ଏହାର ଚତୁପାର୍ଶ୍ୱ ପୁନଃବିକାଶ କାର୍ଯ୍ୟ ଆରମ୍ଭ ହୋଇଛି । କେବଳ ମନ୍ଦିର ନୁହଁ ମସଜିଦ ଓ ଚର୍ଚ୍ଚଗୁଡିକର ମଧ୍ୟ ଉନ୍ନତିକରଣ ହେଉଛି । ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପରୁ ଆରମ୍ଭ କରି ପ୍ରମୁଖ ପୀଠସ୍ଥଳୀ ଓ ଦେବସ୍ଥଳି ଗୁଡ଼ିକର ଉନ୍ନତିକରଣ କରାଯାଉଛି ।




ପ୍ରକୃତିପ୍ରେମୀ ନବୀନ



କୋଭିଡ ପରିଚାଳନା ସମୀକ୍ଷା କରୁଛନ୍ତି ମୁଖ୍ୟମନ୍ତ୍ରୀ

## ଆମ ଓଡିଶା ନବୀନ ଓଡିଶା

ରାଜ୍ୟ ସରକାରଙ୍କ ମହତ୍ୱକାଂକ୍ଷୀ ଯୋଜନା 'ଆମ ଓଡିଶା ନବୀନ ଓଡିଶା' ମାଧ୍ୟମରେ ନୂଆ ଓଡିଶା ସଶକ୍ତ ଓଡିଶା ଗଠନର ଭିତ୍ତିଭୂମିକୁ ସୁଦୃଢ କରିବ । ଏହି ଯୋଜନାର ଫୋକସ ହେବ ପ୍ରତି ପଞ୍ଚାୟତ ଓ ଗାଁ । ସଂସ୍କୃତି ସହିତ ଆଧୁନିକତାର ସମନ୍ୱୟ ରହିବ । ଏହି ସମନ୍ୱୟରେ ଗାଁରେ ଆସିବ ସମୃଦ୍ଧି । ଏକ ବିଂଶ ଶତାବ୍ଦିର ଓଡିଶା ପାଇଁ ଏକ ସଂକଳ୍ପ । ବିଶ୍ୱ ପ୍ରେମ, ଶାନ୍ତି, ସଦଭାବ, ସମାନତା ଓ ସେବା ହେଉଛି ଜଗନ୍ନାଥ ସଂସ୍କୃତି ବାର୍ତ୍ତା । ଆମ ଓଡିଶା ନବୀନ ଓଡିଶା କାର୍ଯ୍ୟକ୍ରମରେ ପ୍ରତି ଗାଁରେ ଜଗନ୍ନାଥ ସଂସ୍କୃତିର ସଂରକ୍ଷଣ କରାଯିବ । ପ୍ରତି ପୂଜାସ୍ଥଳୀର ହେବ ବିକାଶ । ଐତିହ୍ୟସ୍ଥଳୀ ଗୁଡିକର ସଂରକ୍ଷଣ ମଧ୍ୟ କରାଯିବ । ଭବିଷ୍ୟତ ବଂଶଧରମାନଙ୍କ ନମନ୍ତେ ଏସବୁ ସଂସ୍କୃତି ଓ ଐତିହ୍ୟସ୍ଥଳୀ ଗୁଡିକର ସଂରକ୍ଷଣ ଏବଂ ସୁରକ୍ଷା ଜରୁରୀ ।

## ଗରିବଙ୍କ ସଞ୍ଜିବନୀ ବିଏସ୍‌କେୱାଇ

ରାଜ୍ୟ ସରକାର ଅସହାୟଙ୍କୁ ମାଗଣାରେ ଚିକିତ୍ସା ଦେବା ପାଇଁ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନ (ବିଏସ୍‌କେୱାଇ) ପ୍ରଚଳନ କରିଛନ୍ତି । ଏହା ଏବେ ଗରିବଙ୍କ ସଞ୍ଜିବନୀ ପାଲଟିଛି । ବହୁବିଧ ରୋଗର ଚିକତ୍ସା ପାଇଁ ବଡବଡ ହସ୍ପିଟାଲରେ ଏହି କାର୍ଡ ବ୍ୟବହାର ହୋଇପାରୁଛି । ଏପରିକି ସୁପର ସ୍ପେଶାଲିଷ୍ଟ ହସ୍ପିଟାଲରେ ମଧ୍ୟ ସାଧାରଣ ଲୋକ ବିନା ମୂଲ୍ୟରେ ଚିକିତ୍ସା ପାଇପାରୁଛନ୍ତି । ପୁରୁଷଙ୍କ ପାଇଁ ୫ଲକ୍ଷ ଟଙ୍କା ଓ ମହିଳାଙ୍କ କ୍ଷେତ୍ରରେ ୫ଲକ୍ଷ ସହ ଅଧିକ ୫ଲକ୍ଷ ମୋଟ ୧୦ ଲକ୍ଷ ଟଙ୍କା ସହାୟତା ଦିଆଯାଉଛି ।


ତିବତୀୟାନ ଧର୍ମଗୁରୁ ଦଲାଇଲାମାଙ୍କ ସହ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ


ପୂର୍ବତନ ରାଷ୍ଟ୍ରପତି ପ୍ରଣବ ମୁଖାର୍ଜୀଙ୍କ ଠାରୁ ଉତ୍ତମ ପ୍ରଶାସକ ଆୱାର୍ଡ ଗ୍ରହଣ କରୁଛନ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ

# ବାର୍‌ରେ ଚଢାଉ, ୫କୁ ନୋଟିସ୍

ଭୁବନେଶ୍ୱର, (ସବ୍ୟୁ) : କମିଶନରେଟ୍ ପୋଲିସ ପକ୍ଷରୁ କଟକ ରୋଡ୍‌ରେ ଥିବା ଡ୍ୟାନ୍ସ ବାର୍, ପପ୍ ବାର୍, ନାଇଟ୍ କ୍ଲବ୍ ପ୍ରଭୃତିରେ ଶନିବାର ରାତିରେ ଚଢାଉ କରାଯାଇଥିଲା । ସମୁଦାୟ ୧୪ଟି ବାର୍ ଉପରେ ଚଢାଉ କରାଯାଇଥିବା ବେଳେ ୫ଟି ବାର୍‌କୁ କାରଣ ଦର୍ଶାଅ ନୋଟିସ୍ କରାଯାଇଛି । କିଛିଦିନ ତଳେ ଦୁଇଜଣ ଡ୍ୟାନ୍ସ ବାର୍‌ର ଡ୍ୟାନ୍ସର ମହିଳା ଥାନାରେ ଅଭିଯୋଗ କରିବା ପରେ ପରିସ୍ଥିତି ଜଟିଳ ହୋଇଛି ।

ଅବକାରୀ ବିଭାଗର ୪ଟି ଟିମ୍ ସହରର ବିଭିନ୍ନ ଅଞ୍ଚଳରେ ଥିବା ବାର୍‌ଗୁଡିକୁ ତାଗିଦ୍ କରିଥିଲେ ମଧ ସେମାନେ ତାହା ମାନିନାହାନ୍ତି । ପୋଲିସ ପକ୍ଷରୁ ଇତିମଧ୍ୟରେ ୨/୩ଥର ଚଢାଉ କରାଗଲାଣି । ଶନିବାର ବିଳମ୍ବିତ ରାତିରେ ପୋଲିସ ଚଢାଉ କରିବା ବେଳକୁ ଡ୍ୟାନ୍ସ ବାର୍‌ରେ ଡ୍ୟାନ୍ସ ସାଙ୍ଗକୁ ଟଙ୍କା ଉଡୁଥିଲା । ଏପରିକି ଟଙ୍କାର ପରିମାଣ ଏତେ ଥିଲା ଯେ, ତାହାକୁ ଲୁଚାଇବା ପାଇଁ ଗୋଡ ଓ ଝାଡୁ ଇତ୍ୟାଦିରେ କର୍ମଚାରୀମାନେ ଅନ୍ୟତ୍ର ସ୍ଥାନାନ୍ତର କରୁଥିବା ଦୃଶ୍ୟ ପୋଲିସକୁ ଚକିତ କରିଛି । ସେହି ଟଙ୍କା ଗୁଡିକ ମଧ୍ୟରେ ବହୁତ ନକଲି ନୋଟ୍ ଥିବା କୁହାଯାଉଛି । ଏପରିକି କେତେକ ଡ୍ୟାନ୍ସର ବାର୍‌ରୁ ବାହାରି ଯାଇ ଛାତ ଉପର କଣରେ ଲୁଚିଥିବା ପୋଲିସ ଠାବ କରିଥିଲା । କେବଳ କଟକରୋଡ୍ ନୁହେଁ ଭୁବନେଶ୍ୱରର ଚନ୍ଦ୍ରଶେଖରପୁର, ଖଣ୍ଡଗିରି ପ୍ରଭୃତି ଅଞ୍ଚଳରେ ଥିବା ଡ୍ୟାନ୍ସ ବାର୍ ଗୁଡିକରେ ରାତିତମାମ୍ ଡ୍ୟାନ୍ସ ହୁଏ । ଏପରିକି ଡ୍ୟାନ୍ସ ବାର୍‌ରେ ଯୁବତୀଙ୍କ ସହ ଡିଲ୍ କରାଯାଉଥିବା ଅଭିଯୋଗ କରିଥିଲେ ଦୁଇ ଡ୍ୟାନ୍ସର । ସେହି ଅଭିଯୋଗକୁ ଆଧାର କରି ପୋଲିସ ଓ ଅବକାରୀ ତତ୍ପର ହୋଇପଡିଛନ୍ତି ।

ଏହି ଘଟଣା ଚଳିତବର୍ଷ କଥା ନୁହେଁ, ବହୁବର୍ଷରୁ ଡ୍ୟାନ୍ସ ବାର୍‌ରେ ଡିଲ୍ ହେବା ଓ ମତୁଆଲା ହୋଇ ଗ୍ରାହକ ଡ୍ୟାନ୍ସରଙ୍କ ସହ ନାଚିବା ଭଳି ଘଟଣା ସମସ୍ତେ ଜାଣନ୍ତି । ଅବକାରୀ ବିଭାଗ ସେମାନଙ୍କୁ ଲାଇସେନ୍ସ ଦେଇ ଅନୁମତି ଦେଉଥିବା ବେଳେ ପୋଲିସ ସହିତ ସମନ୍ୱୟ ରହୁନାହିଁ । ପୋଲିସ କେବଳ ବାର୍‌କୁ ସାଉଣ୍ଡ୍ ଅନୁମତି ଦେଉଛି । ପୋଲିସ-ବାର୍ ମଧ୍ୟରେ ସମନ୍ୱୟ ନରହିବାର କାରଣ ରାତି ୧୦ଟା ମଧ୍ୟରେ ବାର୍ ଗୁଡିକୁ ବନ୍ଦ କରିବାକୁ ପୋଲିସ କହୁଥିବା ବେଳେ ଅବକାରୀ ବିଭାଗ ସେମାନଙ୍କୁ ଡେରି ରାତି ପର୍ଯ୍ୟନ୍ତ ଅନୁମତି ଦେଉଛି । କେତେକ ସ୍ଥାନରେ ଥାନାକୁ ଲାଞ୍ଚ ଦେଇ ବାର୍‌ଗୁଡିକ ମନଇଚ୍ଛା କାର୍ଯ୍ୟ କରୁଛନ୍ତି ବୋଲି ଅଭିଯୋଗ ହେଉଛି । ଶନିବାର ସ୍ପେଶାଲ ସ୍କ୍ୱାର୍ଡ କଟକ ରୋଡ୍‌ରେ ଚଢାଉ କରିବା ପରେ ସତ ମିଛର ପର୍ଦ୍ଦାଫାସ ହୋଇଛି ।

## ଆନ୍ତର୍ଜାତିକ ଗ୍ରାମୀଣ ମହିଳା ଦିବସ
# ଡାଲମିଆ ଭାରତ ପକ୍ଷରୁ ୧୮୦୦୦ ମହିଳାଙ୍କ ସଶକ୍ତିକରଣ

ଭୁବନେଶ୍ୱର (ସବ୍ୟୁ): ସିମେଣ୍ଟ ଓ ଚିନି ବ୍ୟବସାୟରେ ନିୟୋଜିତ ଭାରତର ଅଗ୍ରଣୀ ବ୍ୟବସାୟିକ ଗୋଷ୍ଠୀ ଡାଲମିଆ ଭାରତ ଗ୍ରୁପ୍ ଆନ୍ତର୍ଜାତିକ ଗ୍ରାମୀଣ ମହିଳା ଦିବସ ଅବସରରେ ୧୮୦୦୦ ମହିଳାଙ୍କର ସଫଳତାର ସହିତ ସଶକ୍ତୀକରଣ ସମ୍ପର୍କରେ ଘୋଷଣା କରିଛି । ସ୍ୱୟଂ ସହାୟକ ଗୋଷ୍ଠୀ (ଏସ୍ଏଚଜି) ସ୍ଥାପନ ଜରିଆରେ ଏହି ମହିଳାମାନଙ୍କୁ ଅତ୍ୟାବଶ୍ୟକ କୁଶଳତାର ତାଲିମ ପ୍ରଦାନ ଏବଂ ଦୀର୍ଘସ୍ଥାୟୀ ଜୀବିକା ବିକାଶ ନିମନ୍ତେ ଗୁରୁତ୍ୱପୂର୍ଣ୍ଣ ସମ୍ବଳ ଯୋଗାଇ ଦିଆଯାଉଛି । ଏନଆରଏଲ୍ଏମ, ନାବାର୍ଡ ଆଦି ବିବିଧ ସଂଗଠନ ସହଯୋଗିତାରେ ଡାଲମିଆ ଭାରତ ଅଣୁ ଉଦ୍ୟୋଗ ବିକାଶ, ହସ୍ତଶିଳ୍ପ ଉତ୍ପାଦନ ଏବଂ ଉଭୟ କୃଷି ଓ ଅଣକୃଷି ଆଦି ଅନ୍ୟାନ୍ୟ କ୍ଷେତ୍ରରେ ବହୁବିଧ ତାଲିମ କାର୍ଯ୍ୟକ୍ରମ ଆୟୋଜନ କରୁଛି । ଏହି ସମସ୍ତ କାର୍ଯ୍ୟକ୍ରମ ଡାଲମିଆ ଭାରତ ଗ୍ରୁପ୍ର ଭାରତର ୧୨ଟି ରାଜ୍ୟରେ ଥିବା ବ୍ୟବସାୟିକ କାର୍ଯ୍ୟପରିଚାଳନା ଅଞ୍ଚଳ ଚତୁର୍ପାଶ୍ୱରେ ବାସ କରୁଥିବା ଗୋଷ୍ଠୀଗୁଡିକରେ ଆୟୋଜନ କରାଯାଉଛି । ଏହି ସମସ୍ତ ପ୍ରୟାସ ଗ୍ରାମୀଣ ମହିଳାମାନଙ୍କୁ ସଶକ୍ତ କରିବା ନିମନ୍ତେ ସେମାନଙ୍କୁ କୁଶଳୀ କରିବା, ସେମାନଙ୍କ ଆୟ ଉତ୍ସର ବିବିଧକରଣ ଏବଂ ସେମାନଙ୍କୁ ଆନୁଷ୍ଠାନିକ ଋଣ ପ୍ରଦାନ ବ୍ୟବସ୍ଥାର ସୁଯୋଗ ଯୋଗାଇଦେବା ଲକ୍ଷ୍ୟ ରଖିଛି । ଓଡ଼ିଶାରେ ଏହାର ଦୁଇଟି ଉଲ୍ଲେଖଯୋଗ୍ୟ ପ୍ରୟାସ ମଧ୍ୟରେ ରହିଛି ପ୍ରୋଜେକ୍ଟ ହସ୍ତକଳା - ମହିଳା କାରିଗରମାନଙ୍କୁ କୁଶଳୀ କରିବା ଏବଂ କଟକ, ରାଜଗାଙ୍ଗପୁର ଏବଂ ଲାଞ୍ଜିବେର୍ଣ୍ଣା ଖଣି ଅଞ୍ଚଳ ଚତୁର୍ପାଶ୍ୱରେ ଥିବା ଗୋଷ୍ଠୀଗୁଡିକର ଛତୁ ଚାଷ ଜରିଆରେ ଉଦ୍ୟୋଗ ବିକାଶ । ଡାଲମିଆ ଭାରତ ଓଡ଼ିଶାରେ ୧୦୦୦୦ ଜଣ ମହିଳାଙ୍କୁ ଆର୍ଥିକ ସ୍ୱାବଲମ୍ବୀ ହୋଇ ମାସିକ ୪ହଜାର ଟଙ୍କାରୁ ନେଇ ୮ ହଜାର ଟଙ୍କା ପର୍ଯ୍ୟନ୍ତ ଉପାର୍ଜନ କରିବାକୁ ସମର୍ଥ କରାଇଛି, ଯାହା ସେମାନଙ୍କର ବ୍ୟକ୍ତିଗତ କଲ୍ୟାଣରେ ଉଲ୍ଲେଖନୀୟ ଉନ୍ନତି ଆଣିବା ସହିତ ସେମାନଙ୍କ ପରିବାରବର୍ଗଙ୍କୁ ସମର୍ଥନ କରିବାର ସାମର୍ଥ୍ୟ ସେମାନଙ୍କୁ ପ୍ରଦାନ କରିଛି ।




ଆନ୍ତର୍ଜାତିକ ଗ୍ରାମୀଣ ମହିଳା ଦିବସ ଅବସରରେ କମ୍ପାନୀର ପ୍ରୟାସସମୂହ ସମ୍ପର୍କରେ ମତରଖି ଡାଲମିଆ ଭାରତ ଫାଉଣ୍ଡେସନର ସିଇଓ ଅଶୋକ କେ. ଗୁପ୍ତା କହିଥିଲେ । ବିକାଶଶୀଳ ରାଷ୍ଟ୍ରଗୁଡିକରେ ଗ୍ରାମୀଣ ମହିଳାମାନେ ଖାଦ୍ୟ ନିରାପତ୍ତା ଏବଂ ଅର୍ଥନୈତିକ ବିକାଶ କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରୁଛନ୍ତି, କିନ୍ତୁ ସେମାନେ ବ୍ୟାପକ ଭାବରେ ଗୁରୁତ୍ୱହୀନ ହୋଇ ରହିବା, ସୀମିତ ପରିମାଣ ଜମିର ମାଲିକାନା ସ୍ୱତ୍ୱ ହାସଲ କରିବା, ଉଚ୍ଚ ନିରକ୍ଷରତା ହାର ଏବଂ ପୁରୁଷଙ୍କ ତୁଳନାରେ ଅସମାନ ଉପାର୍ଜନ ହାର ଆଦି ପରିସ୍ଥିତିର ସମ୍ମୁଖୀନ ହୋଇଥାନ୍ତି । ଡାଲମିଆ ଭାରତ ଗୁରୁତ୍ୱହୀନ ହୋଇ ରହିଥିବା ଏହି ଗ୍ରାମୀଣ ମହିଳାମାନଙ୍କର ପୂର୍ଣ୍ଣାଙ୍ଗ କାର୍ଯ୍ୟକ୍ରମ ଜରିଆରେ ପାରିବାରିକ ଦାୟିତ୍ୱ ତୁଲାଉଥିବା ସହ ଆୟ ବୃଦ୍ଧି ଘଟାଇ ସେମାନଙ୍କର ଉତ୍ଥାନ ନିମନ୍ତେ ଉତ୍ସର୍ଗୀକୃତ ଭାବେ କାର୍ଯ୍ୟ କରୁଛି । ପ୍ରୋଜେକ୍ଟ ହସ୍ତକଳା 'ଆନନ୍ଦରେ ଉପାର୍ଜନ କରିବା'ର ଏକ କୌଶଳ ବିକାଶ କାର୍ଯ୍ୟକ୍ରମ ଯେଉଁଠାରେ ମହିଳାମାନଙ୍କୁ ଅନନ୍ୟ ଟାଇ ଆଣ୍ଡ ଡାଇ ବାଟିକ ଉତ୍ପାଦଗୁଡିକ ସମ୍ପର୍କରେ ତାଲିମ ପ୍ରଦାନ କରାଯାଉଛି । ଏହି ପ୍ରକଳ୍ପ ଓଡ଼ିଶାର ଝଗରପୁର ଓ କଟଙ୍ଗ ପଞ୍ଚାୟତର ଆଦିବାସୀବହୁଳ ଅଞ୍ଚଳରେ କାର୍ଯ୍ୟକାରୀ କରାଯାଉଛି । ଜାତୀୟ ସ୍ତରର ପ୍ରଦର୍ଶନୀଗୁଡିକରେ ଏହାର ବ୍ୟାପକ ସଫଳତା ଲକ୍ଷ୍ୟ କରିବା ପରେ ଡାଲମିଆ ଭାରତ ବେଡସିଟ୍, ରୁମାଲ, ସ୍କାର୍ଭ ଭଳି ହାତତିଆରି ବାଟିକ୍ ଉତ୍ପାଦକୁ ବହୁଧା ବିପଣନ ମଞ୍ଚ ଜରିଆରେ ପ୍ରୋତ୍ସାହିତ କରିବାକୁ ସାଡ୍ରି.ଇ ବ୍ରାଣ୍ଡ ପ୍ରଚଳନ କରିଥିଲା ।

## ଭୁବନେଶ୍ୱରରେ ଖୁଚୁରା ବ୍ୟବସାୟୀ ତାଲିମ କାର୍ଯ୍ୟକ୍ରମର ଶୁଭାରମ୍ଭ
# ୧ କୋଟି ୪୦ ଲକ୍ଷ ରିଟେଲର ସ୍କିଲ୍ ଇଣ୍ଡିଆ ଡିଜିଟାଲ ପ୍ଲାଟଫର୍ମରେ ପାଇବେ ତାଲିମ : ଧର୍ମେନ୍ଦ୍ର

ଭୁବନେଶ୍ୱର (ସବ୍ୟୁ): କେନ୍ଦ୍ର ଶିକ୍ଷା, ଦକ୍ଷତା ବିକାଶ ଓ ଉଦ୍ୟମିତା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଆଜି ଶାରଦୀୟ ନବରାତ୍ରୀର ଶୁଭ ଅବସରରେ ଭୁବନେଶ୍ୱର ଠାରେ କୋକା-କୋଲା ଇଣ୍ଡିଆ ଓ ଜାତୀୟ ଦକ୍ଷତା ବିକାଶ ନିଗମ(ଏନଏସଡିସି)ର ମିଳିତ ସହଯୋଗରେ ଆରମ୍ଭ ହୋଇଥିବା 'ଖୁଚୁରା ବ୍ୟବସାୟୀ ତାଲିମ' କାର୍ଯ୍ୟକ୍ରମକୁ ଶୁଭାରମ୍ଭ କରିଛନ୍ତି । କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ କହିଛନ୍ତି ଯେ ଭାରତ ସରକାରଙ୍କ ଦକ୍ଷତା ବିକାଶ ଓ ଉଦ୍ୟମିତା ମନ୍ତ୍ରଣାଳୟ ଅଧୀନରେ ଖୁଚୁରା ବେପାରୀ ମାନଙ୍କୁ ଅଧିକ ଦକ୍ଷ କରିବା ସହ ସେମାନେ କିପରି ନିଜ ବ୍ୟବସାୟ ପରିଧିକୁ ବଢାଇପାରିବେ ସେ ଦିଗରେ ତାଲିମ ପ୍ରଦାନ କରିବା ଏହି କାର୍ଯ୍ୟକ୍ରମର ଉଦ୍ଦେଶ୍ୟ । ଏହି କାର୍ଯ୍ୟକ୍ରମ ଜରିଆରେ ଦେଶର ୧ କୋଟି ୪୦ ଲକ୍ଷ ରିଟେଲର ଡିଜିଟାଲ ତାଲିମ ପାଇବେ । ନିଜ ମୋବାଇଲରେ ଆପ୍ ଡାଉନଲୋଡ କରି କିମ୍ବା ୱେବସାଇଟ ମାଧ୍ୟମରେ ଦକ୍ଷତା ବିକାଶ ପାଇଁ ତାଲିମ ନେବେ । ଖୁଚୁରା ବ୍ୟବସାୟୀଙ୍କୁ ସ୍କିଲ ଇଣ୍ଡିଆ ଡିଜିଟାଲ ପୋର୍ଟାଲ ମାଧ୍ୟମରେ ୧୪ ଘଣ୍ଟାର ଉନ୍ନତମାନର ରିଟେଲ୍ ପ୍ରଶିକ୍ଷଣ ଦିଆଯିବ । ଖାଉଟିଙ୍କୁ ଆକୃଷ୍ଟ କରିବା ଭଳି ଯୋଜନା ସହ ବ୍ୟବସାୟ କରିବାର କୌଶଳ ଓ ଡିଜିଟାଲ ପ୍ଲାଟଫର୍ମର ବ୍ୟାପକ ସୁଯୋଗକୁ ବ୍ୟବହାର କରିବା ନେଇ ତାଲିମ ଦିଆଯିବ । ଏହି ଅଭିନବ କାର୍ଯ୍ୟକ୍ରମରେ ସହଯୋଗୀ ହୋଇଥିବା କୋକା-କୋଲା ଇଣ୍ଡିଆକୁ ଧନ୍ୟବାଦ ଜଣାଇବା ସହ ସମସ୍ତ ଟ୍ରେନିଂ ମଡ୍ୟୁଲକୁ ଓଡ଼ିଆ ଭାଷା ସମେତ ସବୁ ଭାରତୀୟ ଭାଷାରେ ଉପଲବ୍ଧ କରାଇବା ପାଇଁ ସେ ପରାମର୍ଶ ଦେଇଛନ୍ତି । ଦେଶର ଅର୍ଥନୀତିରେ ବୃହତ ଶିଳ୍ପ ଓ କାରଖାନା ଗୁଡ଼ିକ ମଜଭୂତ ସ୍ତମ୍ଭ । ତେବେ ଛୋଟ ଛୋଟ ବ୍ୟବସାୟୀମାନେ କୌଣସି ଗୁଣରେ ଟାଟା, ବିର୍ଲା, ଅଦାନୀଠୁ କମ ନୁହଁନ୍ତି । ବଡ ବ୍ୟବସାୟୀଙ୍କ ଭଳି ଛୋଟ ଦୋକାନୀଙ୍କୁ ସ୍କିଲିଂ, ରି-ସ୍କିଲିଂ ଓ ଅପ୍-ସ୍କିଲିଂ କରାଇବା ସହ ଭାଷାଶୈଳୀର ପ୍ରଶିକ୍ଷଣ ଦିଆଗଲେ ଦେଶର ଅର୍ଥନୀତି ମଜବୁ ହେବ । ଏଥିପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ପ୍ରତିବଦ୍ଧତା ଦେଖାଇଛନ୍ତି । ଆଜି ପରିବର୍ତ୍ତିତ ଦୁନିଆରେ ଭାରତରେ ୟୁପିଆଇ ପେମେଣ୍ଟ ନୂଆ ରୂପ ନେଇଛି । ଏହା ହିଁ ମୋଦିଙ୍କ ଡିଜିଟାଲ ଇଣ୍ଡିଆ, ନୂଆ ଭାରତ । ଆଜିର ବୁଝାମଣା ପତ୍ର କ୍ଷୁଦ୍ର ବେପାରୀ ତଥା ଖୁଚୁରା ବ୍ୟବସାୟୀଙ୍କୁ ଦକ୍ଷ କରିବା ସହ ସେମାନଙ୍କୁ ଆଗକୁ ବଢ଼ିବା ପାଇଁ ରାସ୍ତା ଦେଖାଇବ ବୋଲି କେନ୍ଦ୍ରମନ୍ତ୍ରୀ କହିଛନ୍ତି । ଏହି ଅବସରରେ ଶ୍ରୀ ପ୍ରଧାନ କୋକା-କୋଲାର ସଫଳ ରିଟେଲରଙ୍କୁ ପୁରସ୍କୃତ କରିବା ସହ ନିଜର କଳା ଦକ୍ଷତାର ଉପଯୋଗ କରି ସ୍ୱାବଲମ୍ବୀ ହୋଇଥିବା ମହିଳା ମାନଙ୍କୁ ସମ୍ମାନିତ କରିଥିଲେ । ସ୍କିଲ୍ ଇଣ୍ଡିଆ ଡିଜିଟାଲ ଆପ୍ ଡାଉନଲୋଡ୍ କରି ସେଥିରେ ଥିବା ଭିଡିଓରୁ ଶିକ୍ଷା ନେବା ପାଇଁ କେନ୍ଦ୍ରମନ୍ତ୍ରୀ ରିଟେଲର ମାନଙ୍କୁ ପରାମର୍ଶ ଦେଇଥିଲେ ।




# କେନାଲରୁ ଅଚିହ୍ନା ବୃଦ୍ଧାଙ୍କ ଶବ ଉଦ୍ଧାର

ବାଲିପାଟଣା , (ସବ୍ୟୁ) : ଗୋପ ବ୍ରାଞ୍ଚ କେନାଲ୍ ରେ ଭାସି ଭାସି ଯାଉଥିଲା ଅଚିହ୍ନା ବୃଦ୍ଧାଙ୍କ ଶବ ଉଦ୍ଧାର କରିଛି ବାଲିଅନ୍ତା ପୋଲିସ । ଗୋପ ବ୍ରାଞ୍ଚ କେନାଲ୍ ରେ ମୃତ ଦେହ ଭାସି ଭାସି ଯାଉଥିବା ଲୋକେ ଦେଖି ପୋଲିସ କୁ ଖବର ଦେଇଥିଲେ। ଭିଙ୍ଗାରପୁର ଠାରେ ବାଲିଅନ୍ତା ପୋଲିସ୍ ପହଁଞ୍ଚି ଗୋପ ବ୍ରାଞ୍ଚ କେନାଲ୍‌ରୁ ମୃତ ଦେହ ଉଦ୍ଧାର କରଥିଲା। ତେବେ ବୃଦ୍ଧାଙ୍କର ପରିଚୟ ଜଣାପଡ଼ି ନାହି । ପରିଚୟ ଜଣା ପଡ଼ିବା ପରେ ଘଟଣାର କାରଣ ଜଣା ପଡିବ ବୋଲି ବାଲିଅନ୍ତା ଆଇ ଆଇ ସି ଯୁବରାଜ ସ୍ୱାଇଁ କହିଛନ୍ତି । ପୋଲିସ ଏକ ଅପମୃତ୍ୟୁ ମାମଲା ନଂ ୩୯ /୨୦୨୩ ରେ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି ।

# ଓୟୁଡବ୍ଲ୍ୟୁଜେ ଖୋର୍ଦ୍ଧା ଜିଲ୍ଲା ଶାଖାର ସମ୍ମିଳନୀ ଓ ବନ୍ଧୁ ମିଳନ

ଖୋର୍ଦ୍ଧା (ସବ୍ୟୁ): ସମ୍ମିଳିତ କର୍ମଜିବୀ ସାମ୍ବାଦିକ ସଙ୍ଘ (ଓୟୁଡବ୍ଲ୍ୟୁଜେ )ଖୋର୍ଦ୍ଧା ଜିଲ୍ଲା ଶାଖା ର ଜିଲ୍ଲାସ୍ତରୀୟ ସମ୍ମିଳନୀ ଓ ବନ୍ଧୁ ମିଳନ କାର୍ଯ୍ୟକ୍ରମ ରବିବାର ଖୋର୍ଦ୍ଧା ସାମ୍ବାଦିକ ଭବନ ଠାରେ ଅନୁଷ୍ଠିତ ହୋଇଯାଇଛି ।ଏହି କାର୍ଯ୍ୟକ୍ରମ ରେ ଅତିଥି ଭାବରେ ଖୋର୍ଦ୍ଧା ବିଧାୟକ ଜ୍ୟୋତିରିନ୍ଦ୍ରନାଥ ମିତ୍ର ମିତ୍ର, ବିଜୁ ମହିଳା ଜନତା ଦଳ ରାଜ୍ୟ ବରିଷ୍ଠ ଉପ-ସଭାପତି ବାସନ୍ତୀ ମହାପାତ୍ର, ଆଇଓୟୁଡବ୍ଲ୍ୟୁଜେ କେନ୍ଦ୍ରୀୟ ସଭାପତି ଡ଼ଃ ପୀତବାସ ମିଶ୍ର, ଓୟୁଡବ୍ଲ୍ୟୁଜେ ରାଜ୍ୟ ସଂଗଠନ ସମ୍ପାଦକ ଅର୍ଜୁନ ମୁଦୁଲି, ଓୟୁଡବ୍ଲ୍ୟୁଜେ ରାଜ୍ୟ ନିର୍ବାଚନ ଅଧିକାରୀ ମୁରଲୀଧର ମିଶ୍ର, ଖୋର୍ଦ୍ଧା ଜିଲ୍ଲା ପ୍ରେସ କ୍ଲବ ସଭାପତି ଶୁଭ୍ରାଂଶୁ ରଞ୍ଜନ ସାମନ୍ତରାୟ, ଓୟୁଡବ୍ଲ୍ୟୁଜେ ଖୋର୍ଦ୍ଧା ଜିଲ୍ଲା ସଭାପତି ପ୍ରକାଶ କୁମାର ହାତୀ, ସମ୍ପାଦକ ଦିଲ୍ଲୀପ କୁମାର ପଟ୍ଟନାୟକ, ଓୟୁଡବ୍ଲ୍ୟୁଜେ ଖୋର୍ଦ୍ଧା ଜିଲ୍ଲା ଶାଖା ପ୍ରତିଷ୍ଠାତା ସମ୍ପାଦକ ଲଳିତ ମୋହନ ମହାପାତ୍ର, ପ୍ରବୀଣ ଭଞ୍ଜ ପ୍ରମୁଖ ଉପସ୍ଥିତ ଥିଲେ । ଆଇଓୟୁଡବ୍ଲ୍ୟୁଜେ କେନ୍ଦ୍ରୀୟ ସଭାପତି ଡ଼ଃ ପୀତବାସ ମିଶ୍ର କର୍ତବ୍ୟ ରତ ଗଣ ମାଧ୍ୟମ ପ୍ରତିନିଧି ମାନଙ୍କ ର ବିଭିନ୍ନ ସମସ୍ୟା ଗୁଡିକ ସମ୍ପର୍କ ରେ ଆଲୋଚନା କରିବା ସହିତ ସେ ସବୁ ସମସ୍ୟା ଗୁଡିକ ସମ୍ପର୍କ ରେ ରାଜ୍ୟ ସରକାର ଙ୍କର ଦୃଷ୍ଟି ଆକର୍ଷଣ କରିବେ ବୋଲି ନିଜ ବକ୍ତବ୍ୟ ରେ କହିଥିଲେ । ଶ୍ରୀମତୀ ମହାପାତ୍ର ଓୟୁଡବ୍ଲ୍ୟୁଜେ ଖୋର୍ଦ୍ଧା ଜିଲ୍ଲା ଶାଖା ର ଏଭଳି କାର୍ଯ୍ୟକ୍ରମ କୁ ଉଚ୍ଚ ପ୍ରଶଂସା କରିବା ସହିତ ଆଗାମୀ ନିର୍ବାଚନ ରେ ସେ ଯଦି ବିଧାୟକ ଭାବେ ନିର୍ବାଚିତ ହୁଅନ୍ତି ତାହାଲେ ରାଜ୍ୟ ବିଧାନସଭା ରେ ସାମ୍ବାଦିକମାନଙ୍କ ର ବିଭିନ୍ନ ସମସ୍ୟା ଗୁଡିକ ପ୍ରତି ରାଜ୍ୟ ସରକାର ଙ୍କର ଦୃଷ୍ଟି ଆକର୍ଷଣ କରିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ । ଏହି ଅବସରରେ ଡ଼ଃ ପୀତବାସ ମିଶ୍ରଙ୍କ ଦ୍ୱାରା ଲିଖିତ 'ନବୀନ ପଟ୍ଟନାୟକ, ଏକ ଅନନ୍ୟ ବ୍ୟକ୍ତିତ୍ୱ ପୁସ୍ତକ ଅତିଥି ମାନଙ୍କ ଦ୍ୱାରା ଉନ୍ମୋଚିତ ହୋଇଥିଲା । ଏହି କାର୍ଯ୍ୟକ୍ରମକୁ ଲଳିତ ମୋହନ ମହାପାତ୍ର ସଂଯୋଜନା କରିଥିବାବେଳେ, ଓୟୁଡବ୍ଲ୍ୟୁଜେ ଖୋର୍ଦ୍ଧା ଜିଲ୍ଲା ଶାଖା ସମ୍ପାଦକ ଦିଲ୍ଲୀପ କୁମାର ପଟ୍ଟନାୟକ ଧନ୍ୟବାଦ ଅର୍ପଣ କରିଥିଲେ । ତେବେ ସଙ୍ଘ ର ନୂତନ ସଦସ୍ୟମାନଙ୍କୁ ଅତିଥିମାନଙ୍କ ଦ୍ୱାରା ପରିଚୟ ପତ୍ର ପ୍ରଦାନ କରାଯାଇଥିଲା ।




## ସୁବ୍ରତ ସାମନ୍ତରାୟଙ୍କ ଶାରଦୀୟ ବନ୍ଧୁମିଳନ
# ସମସ୍ୟାର ସମାଧାନ ଓ ଅଞ୍ଚଳର ଉନ୍ନତି ପାଇଁ ହେଲା ନିଷ୍ପତ୍ତି

କଟକ, (ସ୍ୱ.ପ୍ର): ଭାଇଚାରା ସହର କଟକରେ ଭାଇଚାରାକୁ ଅକ୍ଷୁର୍ଣ୍ଣ ରଖିବାକୁ ହୋଇଛି ବନ୍ଧୁ ମିଳନ । ଏନେଇ ସମାଜସେବୀ ସୁବ୍ରତ ରାୟ କରିଥିଲେ ସମସ୍ତ ପ୍ରକାର ଆୟୋଜନ। ଅଞ୍ଚଳର ଉନ୍ନତି ଓ ସମସ୍ତ ସମସ୍ୟାର ସମାଧାନ ପାଇଁ ସମବେତ ହୋଇଥିବା ଅଞ୍ଚଳବାସୀ ବନ୍ଧୁ ମିଳନରେ ନେଇଛନ୍ତି ନିଷ୍ପତି ।

ରବିବାର ସ୍ଥାନୀୟ ମଧୁପାଟଣା ସ୍ଥିତ ପ୍ରମିଳା ମଣ୍ଡପଠାରେ ଏକ ଶାରଦୀୟ ବନ୍ଧୁମିଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ସମାଜସେବୀ ସୁବ୍ରତ ସାମନ୍ତରାୟଙ୍କ ଆବାହକରେ ଅନୁଷ୍ଠିତ ବନ୍ଧୁମିଳନ କାର୍ଯ୍ୟକ୍ରମରେ ସୁଧିର ବେହେରା ସଭାପତିତ୍ୱ କରିଥିଲେ। କଟକ ମଧୁପାଟଣା ଅଞ୍ଚଳର ଉନ୍ନତି, ଅଞ୍ଚଳବାସୀଙ୍କ ସମସ୍ୟା ସମ୍ପର୍କରେ ଆଲୋଚନା କରାଯାଇଥିଲା। ସୁବ୍ରତ ସାମନ୍ତରାୟଙ୍କ ନେତୃତ୍ୱରେ ପ୍ରମୋଦ ଛାଟୋଇ, ଉମେଶ ଚନ୍ଦ୍ର ସାହୁ, ବିଭୂତି ଭୂଷଣ ବେହେରା, ସଞ୍ଜିବ ସାହୁ, ଧୀରେନ୍ଦ୍ର ରାଉତ, ଦେବୀପ୍ରସାଦ ମହାନ୍ତି, ଶାରଦା ପ୍ରସନ୍ନ ପ୍ରଧାନ, ଜିତେନ୍ଦ୍ର କୁମାର ଦଳାଇ, ମୃତ୍ୟୁଞ୍ଜୟ ପାଢ଼ୀ, ଦେବେନ୍ଦ୍ର ନାଥ ସାହୁଙ୍କୁ ନେଇ ଏକ ପରିଚାଳନା କମିଟି ଗଠନ କରାଯାଇ ସମାଜସେବୀ ଜିତେନ୍ଦ୍ର ସାହୁଙ୍କୁ କମିଟିର ସଂଯୋଜକ ଦାୟିତ୍ୱ ପ୍ରଦାନ କରାଯାଇଛି । ଏହି ବନ୍ଧୁମିଳନ କାର୍ଯ୍ୟକ୍ରମରେ ଅକ୍ଷୟ ପଣ୍ଡା, ଅଜୟ କୁମାର ମିଶ୍ର, ଯୁବରାଜ ଦେବତ, ସୁବୋଧ ମିଶ୍ର, ପୂର୍ଣ୍ଣେନ୍ଦ୍ରୁ ବିଶ୍ୱାଳ, ଡମ୍ବରୁଧର ମହାନ୍ତି, ପରିକ୍ଷିତ ଜେନାଙ୍କ ସମେତ ଅଞ୍ଚଳର ବୁଦ୍ଧିଜୀବୀ, ସ୍ଥାନୀୟ ବାସିନ୍ଦା ଓ ସଚେତନ ନାଗରିକ ଉପସ୍ଥିତ ଥିଲେ। ଶେଷରେ ଅକ୍ଷୟ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ ।




# ସୁଲେଖକ ପ୍ରଫେସର ବାଉରୀବନ୍ଧୁ କରଙ୍କ ତୃତୀୟ ଶ୍ରାଦ୍ଧବାର୍ଷିକୀ

ଭୁବନେଶ୍ୱର (ସବ୍ୟୁ): ଓଡ଼ିଶା ଭାଷା, ସାହିତ୍ୟ ଓ ସଂସ୍କୃତି ଗବେଷଣା ପ୍ରତିଷ୍ଠାନ ଆନୁକୂଲ୍ୟରେ ଆଜି ଗୁରୁ କେଳୁଚରଣ ମହାପାତ୍ର ଓଡିଶୀ ରିସର୍ଚ୍ଚ ସେଣ୍ଟର, ଜୟଦେବ ବିହାର ଠାରେ ବିଶିଷ୍ଟ ସାହିତ୍ୟିକ ତଥା ସୁଲେଖକ ପ୍ରଫେସର ବାଉରୀବନ୍ଧୁ କରଙ୍କ ତୃତୀୟ ଶ୍ରାଦ୍ଧବାର୍ଷିକୀ ଓ ବକ୍ତୃତା ସମାରୋହ ପ୍ରଫେସର ବିଜୟ ଶତପଥୀଙ୍କ ସଭାପତିତ୍ୱରେ ଆୟୋଜିତ ହୋଇଯାଇଛି । ଏହି ଅବସରରେ ମୁଖ୍ୟଅତିଥି ଭାବେ ଯୋଗଦେଇ ରାଜ୍ୟସଭା ସାଂସଦ ଓ ବିଜେଡିର ମୁଖପାତ୍ର ସସ୍ମିତ ପାତ୍ର ପ୍ରଫେସର କରଙ୍କର ସ୍ମୃତିଚାରଣ କରି କହିଛନ୍ତି ଯେ, ଆମେ ଆମର ବୃତ୍ତିରେ ଯେତେ ଆଗକୁ ଗଲେ ମଧ୍ୟ ଆମ ଭାଷା, ଜନନୀ ଓ ଜନ୍ମମାଟିକୁ ଜମା ଭୁଲିବା ଉଚିତ୍ ନୁହେଁ । ଅଜାଣତରେ ଆମେ ପ୍ରଗତିପଥରେ ଯାଇ ଆମ ଭାଷା ଠାରୁ ଦୂରେଇ ଯାଉଛେ । ତେଣୁ ଆମ ଭାଷାରେ ଉନ୍ନତି ଆମର ଗୁରୁଦାୟିତ୍ୱ । ଏହି ସଭାରେ ସମ୍ମାନନୀୟ ଅତିଥି ଭାବେ ଓଡିଆ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ସବିତା ପ୍ରଧାନ, ସମ୍ମାନନୀୟ ଅତିଥି ଭାବେ ବିଶିଷ୍ଟ ଶିଶୁ ସାହିତ୍ୟିକ ଓ ସ୍ତମ୍ଭକାର ପ୍ରଫେସର ଦାଶ ବେନହୁର ଓ ସୁଦୂର ମୁମ୍ବାଇରୁ 'ଷ୍ଟୋରି ମିରର୍'ର ପ୍ରତିଷ୍ଠାତା ତଥା ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଶ୍ରୀଯୁକ୍ତ ବିଭୁଦତ୍ତ ରାଉତ ଯୋଗଦେଇ ପ୍ରଫେସର କରଙ୍କର ସ୍ମୃତିଚାରଣ ସହିତ କିପରି ଓଡ଼ିଆ ଭାଷା ଓ ସାହିତ୍ୟର ଉନ୍ନତି ଆଗାମୀ ପିଢି କରିପାରିବେ ତାହା ଉପରେ ଅଭିଭାଷଣ ପ୍ରଦାନ କରିଥିଲେ । ଅନୁଷ୍ଠାନର ସମ୍ପାଦକ ସମ୍ପାଦକୀୟ ବିବରଣୀ ପାଠ କରିଥିଲେ । ଏହି ସମାରୋହରେ ଦୁଇ କୃତୀ ସାଧକ ଡକ୍ଟର ବିଶ୍ୱରଞ୍ଜନ ଦାସ (ପ୍ରଫେସର ବାଉରୀବନ୍ଧୁ ପ୍ରବନ୍ଧ ସମ୍ମାନ) ଓ ଅଞ୍ଜଳୀ ସୁନାଙ୍କୁ 'ପ୍ରଫେସର ବାଉରୀବନ୍ଧୁ ସ୍ମୃତି' ସମ୍ମାନରେ ପୁରସ୍କୃତ କରାଯାଇଥିଲା । ଏହି ପରିପ୍ରେକ୍ଷୀରେ ପ୍ରଫେସର ବାଉରୀବନ୍ଧୁ କରଙ୍କ ଜଣେ ଛାତ୍ର ଡକ୍ଟର ଶରତ କୁମାର ମହାନ୍ତିଙ୍କର ପଞ୍ଚମ କବିତା ସଂକଳନ 'ସୁଖଭୋଗ' ଓ ତାଙ୍କର ସୁପୁତ୍ରୀ ଡକ୍ଟର ଶୁଭଶ୍ରୀ କରଙ୍କର ପ୍ରଥମ କବିତା ସଂକଳନ 'ମୋ ଝରକାରୁ ପୃଥିବୀ' ଗ୍ରନ୍ଥ ଦ୍ୱୟର ଲୋକାର୍ପଣ ହୋଇଥିଲା । ଏହି ସମାରୋହରେ ପ୍ରଫେସର ବାଉରୀବନ୍ଧୁଙ୍କ ଉପରେ ଦୁଇଟି ନିବନ୍ଧ ପ୍ରଫେସର ସନ୍ତୋଷ ତ୍ରିପାଠୀ ଓ ଡକ୍ଟର କୁଳମଣି ଓଝାଙ୍କ ଦ୍ୱାରା ଉପସ୍ଥାପିତ କରାଯାଇଥିଲା । ବିପୁଳ ସଂଖ୍ୟାରେ ବହୁ ଦୂରଦୂରାନ୍ତରୁ ତାଙ୍କର ଛାତ୍ରଛାତ୍ରୀମାନେ ଆସି ଉପସ୍ଥିତ ଥିଲେ । ପରିଶେଷରେ ତାଙ୍କର ସୁପୁତ୍ର ଶ୍ରୀ ଶୁଭାଶିଷ କର ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।




## ମେୟର ଓ କମିଶନର ଓ ଶାନ୍ତି କମିଟି ଏବଂ ପୂଜା କମିଟି ସଭ୍ୟଙ୍କ ଦେବୀଗଡା ପ୍ରସ୍ତୁତି ତଦାରଖ

କଟକ,(ସବ୍ୟୁ) ସକାଳେ ମାନ୍ୟବର ମେୟର କଟକ ସ୍ଥିତ ସୁବାସ ସିଂହ , କମିଶନର ନିଖିଳ ପବନ କଲ୍ୟାଣ ଓ ଶାନ୍ତି କମିଟି ଏବଂ ପୂଜା କମିଟି ସଭ୍ୟ , ସ୍ଥାନୀୟ କର୍ପୋରେଟର ମାନେ ପୁରୀଘାଟ ଥାନା ସମ୍ମୁଖରେ ଥିବା ଦେବୀଗଡା ପରିଦର୍ଶନ କରି ପ୍ରସ୍ତୁତି କାର୍ଯ୍ୟର ତଦାରଖ କରିଥିଲେ . କିପରି ଦୁର୍ଗା ପୂଜା ଭସାଣି ସମୟରେ କଟକର ସମସ୍ତ ଦୁର୍ଗା ମେଢ଼ ଠିକ ରୂପେ ଆସି ବିସର୍ଜନ ହୋଇପାରିବ କି ନାହିଁ ତାହାର ।ଦରଖ କରିଥିଲେ . କାର୍ଯ୍ୟର ଅଗ୍ରଗତି ଠିକ ଭାବେ ଚାଲୁଥିବା ଓ ଠିକ ସମୟରେ ସମସ୍ତ କାର୍ଯ୍ୟ ସରିବ ବୋଲି ବିଭାଗୀୟ ଅଧିକାରୀ ମାନ୍ୟବର ମେୟର ଓ କମିଶନର ଜଣାଇଥିଲେ . ସେଠାରୁ ସମସ୍ତ ଟିମ ଚୌଧୁରୀ ବଜାର ପୂଜା ମଣ୍ଡପ ନିକଟକୁ ଯାଇ ସେହି ସ୍ଥାନର ପରିସ୍ଥିତି ମଧ ପରଖିଥିଲେ . ଏହି କାର୍ଯ୍ୟ କ୍ରମରେ ଦେବେନ୍ଦ୍ର ସାହୁ , ଶାନ୍ତି କମିଟି ସଭାପତି ,ଭିକାରି ଦାସ ଶାନ୍ତି କମିଟି ସମ୍ପାଦକ ,ପ୍ରଫୁଲ ସାହୁ , ସଭାପତି ପୂର୍ବାଂଚଳ ଶାନ୍ତି କମିଟି , ବିଜୟ କୁମାର ସାହୁ ,ସମ୍ପାଦକ ପୂର୍ବାଂଚଳ ଶାନ୍ତି କମିଟି ,ଡ଼ ଦିପାୟନ ପଟନାୟକ, ଦେବାଶିଷ ରାୟ ରାୟ ,ସଭାପତି ଚୌଧୁରୀବଜାର ପୂଜାକମିଟି ,ଷ୍ଟାଣ୍ଡିଙ୍ଗ କମିଟି ଚେୟାରମ୍ୟାନ ଅଶୋକ ଶର୍ମା ,କର୍ପୋରେଟର ବନଲତା ପ୍ରଧାନ, କମିଶନର ନିଖିଳ ପବନ କଲ୍ୟାଣ ,ସାମ୍ୱାଦିକ ନବଦ୍ୱୀପ ଦାସ , ଇଂଜିନିୟର ଡି ଆର ତ୍ରିପାଠୀ , ହେଲଥ ଅଫିସର ସତ୍ୟବ୍ରତ ମହାପାତ୍ର , ଦିଲୀପ ସ୍ୱାଇଁ , ସୁବାସ ଚନ୍ଦ୍ର ସାହୁ ,ଅଭିପ୍ସା ପଟନାୟକ, ଭଗବାନ ଲେଙ୍କା ବସନ୍ତ ମହନ୍ତ ,ରାଜୀବ ମହାନ୍ତି ,ସମ୍ପଦ ମଲ୍ଲିକ ଦେବେନ୍ଦ୍ର ପାଣିଗ୍ରାହୀ , ,କାଳିଚରଣ ପାଣିଗ୍ରାହୀ,ସାକିଲ ଅଖତାର ,ଜନ ଆଶିଷ ବରାଳ ପ୍ରମୁଖ ଉପସ୍ଥିତ ଥିଲେ ।

# ରୋଟାରୀ ବ୍ୟାଡମିଣ୍ଟନ ଚମ୍ପିୟାନସିପ୍ ଲୋଗୋ ଉନ୍ମୋଚିତ




ଭୁବନେଶ୍ୱର (ସବ୍ୟୁ): ରୋଟାରୀ କ୍ଲବ ଅଫ୍ ଭୁବନେଶ୍ୱରର ରୟାଲ୍ ପକ୍ଷରୁ ରୋଟାରୀ ସଦସ୍ୟତା ସମ୍ମିଳନୀ ଅବସରରେ ଆସନ୍ତା ଡ଼ିସେମ୍ବର ୯ ଓ ୧୦ ତାରିଖରେ ଆୟୋଜିତ ହେବାକୁ ଥିବା ରୋଟାରୀ ବ୍ୟାଡମିଣ୍ଟନ ଚମ୍ପିୟାନସିପ୍‌ର ଲୋଗୋ ମୁଖ୍ୟ ଅତିଥି ତଥା ଆନ୍ତର୍ଜାତୀୟ ରୋଟାରୀର ପ୍ରାକ୍ତନ ନିର୍ଦ୍ଦେଶକ ଏ ଏମ୍ ଭେଙ୍କଟେଶ୍ ଦ୍ୱାରା ଉନ୍ମୋଚିତ ହୋଇଯାଇଛି । ଭୁବନେଶ୍ୱର ପୋଖରୀପୁଟ ସ୍ଥିତ ବିଜୁ ପଟ୍ଟନାୟକ ଇନଡୋର୍ ଷ୍ଟାଡିୟମ ଠାରେ ହେବାକୁଥିବା ଏହି ଦିବସୀୟ ଟୁର୍ଣ୍ଣାମେଣ୍ଟରେ ସମଗ୍ର ଓଡ଼ିଶାର ୬୦ରୁ ଉର୍ଦ୍ଧ୍ୱ କ୍ଲବ୍ ଭାଗ ନେବେ । ଅର୍ଜୁନ ପୁରସ୍କାର ବିଜେତା ବିଶ୍ୱ ଚମ୍ପିୟାନ ପ୍ରମୋଦ ଭଗ୍ତ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିବା ସହ ଚଳଚ୍ଚିତ୍ର ଜଗତ ଓ ଖେଳ ଜଗତର ଅନେକ ତାରକା ଏଥିରେ ଅଂଶଗ୍ରହଣ କରିବେ ବୋଲି ଟୁର୍ଣ୍ଣାମେଣ୍ଟ କମିଟିର ଅଧ୍ୟକ୍ଷ ସଂଜୟ କୁମାର ଚୌଧୁରୀ ସୂଚନା ଦେଇଛନ୍ତି । ରୋଟାରୀ ପକ୍ଷରୁ ଆୟୋଜିତ ଏହି ଟୁର୍ଣ୍ଣାମେଣ୍ଟ ମାଧ୍ୟମରେ ବ୍ୟାଡମିଣ୍ଟନକୁ ଅଧିକ ଲୋକପ୍ରିୟ କରିବାର ଆଭିମୂଖ୍ୟ ରଖାଯାଇଛି ବୋଲି, ଲୋଗୋ ଉନ୍ମୋଚନ ଅବସରରେ ପ୍ରାନ୍ତପାଳିକା ଜୟଶ୍ରୀ ମହାନ୍ତି କହିଛନ୍ତି । କାର୍ଯ୍ୟକ୍ରମରେ ମିଡ଼ିଆ ସେଲ୍ ଅଧ୍ୟକ୍ଷ ବିଭୂତି ଭୂଷଣ କରଙ୍କ ସମେତ ରୟାଲ୍ କ୍ଲବ୍ ସଭାପତି ପ୍ରତାପ ଚୌଧୁରୀ, ପ୍ରାକ୍ତନ ସଭାପତି ପ୍ରଦୀପ ଦାସ,ସମ୍ପାଦକ ଅର୍ଜୁନ କୁମାର ସାହୁ,ଆଶିଷ୍ ସାହୁ, ନିତ୍ୟାନନ୍ଦ ଭୂୟାଁ, ପ୍ରଶାନ୍ତ କୁମାର ସାହୁ, ଇନ୍ଦ୍ରଜିତ ସାହୁ, ବିଶ୍ୱଜିତ ମିଶ୍ର,ଅନୂଜ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ ।

## ବ୍ୟାଙ୍କ ଅଫ୍ ବରୋଦା ରିଟେଲ୍ ଟର୍ମ ଡିପୋଜିଟ୍ ଉପରେ ସୁଧ ହାରକୁ ସଂଶୋଧନ କରିଛି

ଭୁବନେଶ୍ୱର (ସବ୍ୟୁ): ବ୍ୟାଙ୍କ ଅଫ୍ ବରୋଦା (ବ୍ୟାଙ୍କ), ଭାରତର ଏକ ଅଗ୍ରଣୀ ପବ୍ଲିକ୍ ସେକ୍ଟର ବ୍ୟାଙ୍କ, ଆଜି ଘରୋଇ ରିଟେଲ୍ ଟର୍ମ ଜମା ଉପରେ ସୁଧ ହାରକୁ ବିଭିନ୍ନ ଅବଧିରେ ୫୦ ବେସିସ୍ ପଏଂଟ ପର୍ଯ୍ୟନ୍ତ ବୃଦ୍ଧି କରିଛି ଯାହାକି ୩ ବର୍ଷର ଅବଧି ପର୍ଯ୍ୟନ୍ତ ଅଟେ। ଏଥିରେ ଏନଆରଓ ଓ ଏନଆରଇ ଟର୍ମ ଜମା ମଧ ଅନ୍ତର୍ଭୁକ୍ତ ରହିଛି ଏବଂ ଏହି ହାର ଟ.୨ କୋଟିରୁ କମ୍ ଜମା ପାଇଁ ପ୍ରଯୁଜ୍ୟ, ଓ ଏହାକୁ ଅକ୍ଟୋବର ୯, ୨୦୨୩ ଠାରୁ କାର୍ଯ୍ୟକାରୀ କରାଯାଇଛି।

ବ୍ୟାଙ୍କ ସାଧାରଣ ନାଗରିକଙ୍କୁ ବାର୍ଷିକ ୭.୪୦% ପର୍ଯ୍ୟନ୍ତ ସୁଧ ହାର ପ୍ରଦାନ କରୁଛି ଓ ବରିଷ୍ଠ ନାଗରିକଙ୍କୁ ବାର୍ଷିକ ୭.୯୦% ପର୍ଯ୍ୟ' ସୁଧ ପ୍ରଦାନ କରୁଛି ଯେଉଁଥିରେ ରହିଛି ବରିଷ୍ଠ ନାଗରିକଙ୍କ ପାଇଁ ବାର୍ଷିକ ୦.୫୦% ଓ ନନ-କଲେବଲ୍ ଜମା ପାଇଁ ୦.୧୫% ବାର୍ଷିକ ଅତିରିକ୍ତ ସୁଧ ହାର। ବ୍ୟାଙ୍କ ମଧ ଏହାର ୩୯୯ ଦିନର ତିରଙ୍ଗା ପ୍ଲସ୍ ଡିପୋଜିଟ୍ ସ୍କିମ୍ ଉପରେ ସୁଧ ହାରକୁ ରିଆଲାଇନ୍ କରିଛି। ଏହି ସ୍କିମ୍ ଅ'ର୍ଗତ ବରିଷ୍ଠ ନାଗରିକମାନେ ବାର୍ଷିକ ନନ୍ -କଲେବଲ୍ ଜମା ଉପରେ ବାର୍ଷିକ ୭.୮୦% ସୁଧ ପାଇପାରିବେ।

ଶ୍ରୀ ରବିନ୍ଦ୍ର ସିଂ ନେଗି, ଚିଫ୍ ଜେନେରାଲ୍ ମ୍ୟାନେଜର - ରିଟେଲ ଲାଏବିଲିଟିଜ୍ ଓ ଏନଆରଆଇ ବିଜନେସ୍, ବ୍ୟାଙ୍କ ଅଫ୍ ବରୋଦା କହିଛିଁ ଯେ, 'ଆମର ଗ୍ରାହକମାନଙ୍କୁ ଆକର୍ଷଣୀୟ ସୁଧ ହାର ପ୍ରଦାନ କରି ଆମେ ଅତ୍ୟନ୍ତ ଆନନ୍ଦିତ, ଯଦ୍ୱାରା ସେମାନେ ଅଧିକ ଆଶ୍ୱସ୍ତ ରିଟର୍ଣ୍ଣ ପାଇପାରିବେ। ୨ ରୁ ୩ ବର୍ଷର ନିବେଶ ଅବଧି ମଧ୍ୟରେ, ବରିଷ୍ଠ ନାଗରିକ ଜମାକାରୀମାନେ ଏବେ ବାର୍ଷିକ ୭.୯୦% ପର୍ଯ୍ୟ' ସୁଧ ହାର ପାଇପାରିବେ ଯାହାକି ଉଦ୍ୟୋଗରେ ସର୍ବୋତମ ଅଟେ। ଏହା ପୁରୁଣା ଓ ନୂଆ ଗ୍ରାହକମାନଙ୍କ ପାଇଁ ଏକ ସୁଯୋଗ ଏବଂ ସେମାନେ ଭାରତର ଅଗ୍ରଣୀ ବ୍ୟାଙ୍କରେ ନୂତନ ଜମା କରିପାରିବେ ଓ ସେମାନଙ୍କର ଜମା ଉପରେ ଅଧିକ ସୁଧ ହାର ପାଇପାରିବେ ।'

# ଶକୁନ୍ତଳା ଭୂୟାଁ ବିଦ୍ୟାପୀଠରେ ଶକୁନ୍ତଳାଙ୍କ ଶ୍ରଦ୍ଧାଞ୍ଜଳି ସଭା

ନେମାଳ (ସବ୍ୟୁ): ନିଶ୍ଚିନ୍ତକୋଇଲି ବ୍ଲକ୍ ଅନ୍ତର୍ଗତ ନଗସପୁର ଗ୍ରାମ ପଞ୍ଚାୟତସ୍ଥ ଶକୁନ୍ତଳା ଭୂୟାଁ ବିଦ୍ୟାପୀଠରେ ସ୍ୱର୍ଗୀୟା ଶକୁନ୍ତଳା ଭୂୟାଁଙ୍କର ୨୫ତମ ଶ୍ରାଦ୍ଧ ବାର୍ଷିକୀ ଅବସରରେ ଏକ ସ୍ମୃତି ଚାରଣ ସଭା ଅନୁଷ୍ଠିତ ହୋଇଯାଇଛି । ତିର୍ତ୍ତୋଲ ବ୍ଲକର ପ୍ରାକ୍ତନ ଶିକ୍ଷାଧିକାରୀ ଅନନ୍ତ କିଶୋର ଭୂୟାଁଙ୍କ ପୌରୋହିତ୍ୟରେ ବିଦ୍ୟାପୀଠ ପରିସରରେ ଆୟୋଜିତ ଏହି ସଭାରେ ବଡମ୍ବା ବ୍ଲକର ପ୍ରାକ୍ତନ ଶିକ୍ଷାଧିକାରୀ ଲକ୍ଷ୍ମଣ କୁମାର ଲେଙ୍କା ମୁଖ୍ୟ ଅତିଥି, ପ୍ରାକ୍ତନ ସହକାରୀ ବ୍ଲକ ଶିକ୍ଷାଧିକାରୀ ନାରାୟଣ ରାଉତ ଓ ପୂର୍ବତନ ସମିତି ସଭ୍ୟ ସୁବାସ ଚନ୍ଦ୍ର ସେଠୀ ସମ୍ମାନିତ ଅତିଥି ଭାବରେ ଯୋଗଦେଇ ସ୍ୱର୍ଗୀୟା ଶକୁନ୍ତଳାଙ୍କ ସ୍ମୃତି ଚାରଣ କରି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ । ପ୍ରଧାନ ଶିକ୍ଷୟିତ୍ରୀ ଗୀତାଂଜଳି ନାୟକ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ଓ ପରିଚାଳନା କମିଟି ସଭ୍ୟା ଗୌରୀ ମଲ୍ଲିକ ଧନ୍ୟବାଦ ଅର୍ପଣ କରିଥିଲେଛ ଏହି ଅବସରରେ ଗତବର୍ଷ ୭ମ ଶ୍ରେଣୀ ବାର୍ଷିକ ପରୀକ୍ଷାରେ ସ୍କୁଲରେ ସର୍ବୋଚ୍ଚ ନମ୍ବର ରଖିଥିବା ଛାତ୍ରୀ ସିମରନ୍ ଭୂୟାଁଙ୍କୁ ଶକୁନ୍ତଳା ଭୂୟାଁ ମେଧା ପୁରସ୍କାର-୨୦୨୩ ରେ ପୁରସ୍କୃତ କରାଯାଇଥିଲା । ବକ୍ତୃତା, ସାଧାରଣଜ୍ଞାନ, ଚିତ୍ରାଙ୍କନ, ସଙ୍ଗୀତ ପ୍ରତିଯୋଗିତାରେ କୃତିତ୍ୱ ପାଇଁ ପାର୍ଥସାରଥି ଦାସ,ମାମିନା ନାୟକ, ସୁଶ୍ରୀ ସଙ୍ଗୀତା ନାୟକ, ବନ୍ଦନା ପାଣି, ସଂଯୁକ୍ତା ସାମଲ ଓ ସୋମନାଥ ବେହେରା ପ୍ରମୁଖ ପରିଚାଳନା କମିଟିର ସଭ୍ୟସଭ୍ୟାଙ୍କ ସମେତ ବହୁ ପୁରାତନ ଛାତ୍ରଛାତ୍ରୀ ଏହି ସ୍ମୃତି ଚାରଣ ସଭାରେ ଉପସ୍ଥିତ ଥିଲେ । ସରସ୍ୱତୀ ଦାସ, ଆଶୁତୋଷ ମଲ୍ଲ, ରୂପାଲି ସାମଲ ଓ ଶ୍ୱେତାରୂପା ପ୍ରିୟଦର୍ଶିନୀ ପ୍ରମୁଖଙ୍କୁ ବିଦ୍ୟାପୀଠ ତରଫରୁ ପୁରସ୍କୃତ କରାଯାଇଥିଲା ।



# ୧୬ ତାରିଖରୁ ରଣ୍ଡା ପଶ୍ଚିମେଶ୍ୱରୀ ଠାକୁରାଣୀ ଯାତ୍ରା

ରଙ୍ଗେଇଲୁଣ୍ଡା, (ସବ୍ୟୁ): ପ୍ରତିବର୍ଷ ଭଳି ଚଳିତବର୍ଷ ମଧ୍ୟ ପ୍ରସିଦ୍ଧ ରଣ୍ଡା ପଶ୍ଚିମେଶ୍ୱରୀ ଠାକୁରାଣୀଙ୍କ ପଞ୍ଚଦିବସୀୟ ଯାତ୍ରା ଆସନ୍ତା ୧୬ ତାରିଖ ସୋମବାର ଠାରୁ ଅନୁଷ୍ଠିତ ହେବ । ଏହି ଯାତ୍ରା ପାଞ୍ଚଦିନ ଧରି ଚାଲିବାକୁ ଥିବା ବେଳେ ୨୦ ତାରିଖ ଶୁକ୍ରବାର ଦିନ ଶେଷ ହେବାରେ କାର୍ଯକ୍ରମ ରହିଛି । ଏହାକୁ ଦୃଷ୍ଟିରେ ରଖି କିଭଳି ଶାନ୍ତିପୂର୍ଣ୍ଣ ଭାବେ ଆୟୋଜନ କରାଯିବ ସେଥିନିମନ୍ତେ ମନ୍ଦିର କମିଟି ସଭାପତି ପ୍ରକାଶ ଚନ୍ଦ୍ର ସାହୁଙ୍କ ସଭାପତିତ୍ୱରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା । ଚଳିତ ମାସ ୧୬ ତାରିଖରୁ ଆରମ୍ଭ ହୋଇ ୨୦ତାରିଖ ପର୍ଯ୍ୟନ୍ତ ଚାଲିବ ମାଁ ରଣ୍ଡା ପଶ୍ଚିମେଶ୍ୱରୀ ଠାକୁରାଣୀ ଯାତ୍ରା । ସୋମବାର ଦିନ ମା ଙ୍କ ମାର୍ଜନା କରାଯାଇ ରୀତିନୀତି ଅନୁସାରେ ମାଁ ପଶ୍ଚିମେଶ୍ୱରୀ ଠାକୁରାଣୀ ଙ୍କୁ ଆବାହନ କରାଯିବା ସହ ମାଁ ଙ୍କୁ ଡାକରା ହୋଇ ରାତ୍ର ୧୦ଘଣ୍ଟା.୦୫ମି ରେ ମନ୍ଦିରରୁ ବାହାରି ଗ୍ରାମ ପରିକ୍ରମା କରି ଅସ୍ଥାୟୀ ମନ୍ଦିରରେ ବୀଜେ କରିବେ, ସୋମବାର ଦିନ ନାମ ଯଜ୍ଞ, ଘୃତ ଯଜ୍ଞ, ଅନ୍ନଯଜ୍ଞ ଆଦି ମା ଙ୍କ ପୀଠରେ ଅନୁଷ୍ଠିତ ହେବ । ପ୍ରତିବର୍ଷ ପାଞ୍ଚଦିନ ଧରି ଗ୍ରାମରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ରହିଥିବା ବେଳେ ଏବର୍ଷ ବିଶେଷ ଆକର୍ଷଣ ରହିବ ସୁନାମଧନ୍ୟ କଣ୍ଠଶିଳ୍ପୀ ମଣ୍ଟୁ ଛୁରିଆ, ଅଭିନେତ୍ରୀ ପ୍ରକୃତି ମିଶ୍ର , ଅଭିନେତା ତଥା ଡାମ୍ବର ହରିହର ଦାସଙ୍କ ସହିତ ଲଗାତାର ତିନିଦିନ ଧରି ଓଡ଼ିଆ ଚଳଚ୍ଚିତ୍ର ଜଗତର ସୁନାମ ଧନ୍ୟ ଅଭିନେତା ଅଭିନେତ୍ରୀ ଏବଂ କଣ୍ଠଶିଳ୍ପୀ ମାନେ ଆସିବାର କାର୍ଯକ୍ରମ ରହିଛି । ଏହିଦିନ ମାନଙ୍କରେ ପ୍ରବଳ ଭିଡ଼ ପରିଲକ୍ଷିତ ହେବାର ସମ୍ଭାବନା ଅଛି । ତେଣୁ ଶାନ୍ତିଶୃଙ୍ଖଳାର ସହିତ ଯାତ୍ରା କିପରି ଆୟୋଜନ କରଯିବ ସେ ସମ୍ପର୍କରେ ବୈଠକରେ ଆଲୋଚନା ହୋଇଥିଲା । ପାଞ୍ଚ ଦିନ ଧରି ଏହି ଯାତ୍ରା ଚାଲୁଥିବା ବେଳେ ଶାନ୍ତି ଶୃଙ୍ଖଳା ରକ୍ଷା କରିବା ପାଇଁ ସମସ୍ତଙ୍କୁ ଅନୁରୋଧ କରିଛନ୍ତି ପୂଜା କମିଟି ସଭାପତି ପ୍ରକାଶ ଚନ୍ଦ୍ର ସାହୁ । ଆଜିର ଏହି ବୈଠକରେ ସଭାପତି ପ୍ରକାଶ ଚନ୍ଦ୍ର ସାହୁଙ୍କ ସମେତ କାଲୁ ସାବତ, ନାରାୟଣ ପାତ୍ର, ଭଗବାନ ସାହୁ, ରାଧା ମହାରଣା, ଉଦୟ ନାଥ ସାହୁ, ସାଇବ ସାହୁ, ଉଦୟ ପାତ୍ର, ଭାଗ୍ୟ ବେହେରା, ବିଜୟ ବେହେରା, ଭଗବାନ ସାହୁଙ୍କ ସହ ରଣ୍ଡା ଗ୍ରାମବାସୀ ଉପସ୍ଥିତ ଥିଲେ ।

# ରାଜନୀତି ବିଜ୍ଞାନ ବିଭାଗ ପକ୍ଷରୁ ରାଜ୍ୟସ୍ତରୀୟ ଆଲୋଚନାଚକ୍ର

ବୁଗୁଡ଼ା, (ସବ୍ୟୁ): ସ୍ଥାନୀୟ ପିପୁଲ୍ସ କଲେଜର ରାଜନୀତି ବିଜ୍ଞାନ ବିଭାଗ ପକ୍ଷରୁ ଏକ ରାଜ୍ୟ ସ୍ତରୀୟ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଯାଇଛି। ମହିଳା ସଶକ୍ତିକରଣର ତତ୍ତ୍ୱ, ପ୍ରକ୍ରିୟା, ବାସ୍ତବ କାର୍ଯ୍ୟକାରିତା ଏବଂ ଗୁରୁତ୍ୱପୂର୍ଣ୍ଣ ବିଶ୍ଳେଷଣ ଏହି ଆଲୋଚନା ଚକ୍ରର ବିଷୟବସ୍ତୁ ରହିଥିଲା । କଲେଜ ଅଧ୍ୟକ୍ଷ ହରିକୃଷ୍ଣ ନାୟକଙ୍କ ପୌରହିତ୍ୟରେ ଅନୁଷ୍ଠିତ ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଉତ୍କଳ ବିଶ୍ୱବିଦ୍ୟାଳୟର ସ୍ନାତକୋତ୍ତର ଅଧ୍ୟାପକ ବ୍ରହ୍ମାନନ୍ଦ ଶତପଥି ଏବଂ ସମ୍ମାନିତ ଅତିଥି ଭାବେ ଶରଣକୁଳ କଲେଜ ଅଧ୍ୟାପକ ଅନ୍ତର୍ଯ୍ୟାମୀ ପରିଡା ଓ ବାଲିପଦର କଲେଜ ଅଧ୍ୟାପକ ଭାବଗ୍ରାହୀ ପଣ୍ଡା ଯୋଗ ଦେଇଥିଲେ । ଛାତ୍ରୀ ପୂଜାରାଣୀ ଦାସ ଓ ଅମ୍ରିତା ଅପରୂପା ସାହୁ ଆଲୋଚନା ଚକ୍ରର ସନ୍ଦର୍ଭ ପାଠ କରିଥିଲେ । ଆଇକ୍ୟୁଏସି ସଂଯୋଜକ ପ୍ରଦୀପ କୁମାର ଦାଶ ଆଲୋଚନା ଚକ୍ରର ବିଷୟ ଉପରେ ଆଲୋକପାତ କରିଥିଲେ । ଯେ କୌଣସି ରାଷ୍ଟ୍ରର ବିକାଶ ଦିଗରେ ନାରୀଙ୍କ ଭୂମିକା ଅପରିହାର୍ଯ୍ୟ ଏବଂ ମହିଳା ସଶକ୍ତିକରଣ ଦ୍ୱାରା ହିଁ ବିକଶିତ ରାଷ୍ଟ୍ରର କଳ୍ପନା କରାଯାଇପାରେ ବୋଲି ଆଲୋଚନା କାଳରେ ମତ ପ୍ରକାଶ ପାଇଥିଲା । ଉକ୍ତ କାର୍ଯ୍ୟକ୍ରମକୁ ଅଧ୍ୟାପକ ବିନୋଦ କୁମାର କର ପରିଚାଳନା କରିଥିବା ବେଳେ ଏହାର ପ୍ରାରମ୍ଭରେ ବିଭାଗୀୟ ମୁଖ୍ୟ ଅଧ୍ୟାପକ ଅକ୍ଷୟ କୁମାର ସାହୁ ଅତିଥି ପରିଚୟ ପ୍ରଦାନ କରିଥିଲେ । ପରିଶେଷରେ ଅଧ୍ୟାପକ ଲୋକନାଥ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ ।

# ଘୁମୁସର ଜିଲ୍ଲା ଗଠନ ଆନ୍ଦୋଳନ ତେଜିଲା: ବାଲିପଦରରେ ମହାସମ୍ମିଳନୀ

ବୁଗୁଡା, (ସବ୍ୟୁ): ଘୁମୁସର ଜିଲ୍ଲା ଗଠନ ଆନ୍ଦୋଳନର କ୍ରୀୟାନୁଷ୍ଠାନ କମିଟି ସଦସ୍ୟ ମାନେ କମିଟି ସଭାପତି ତଥା ବରିଷ୍ଠ ଅଧିବକ୍ତା ସୋମନାଥ ନାୟକଙ୍କ ନେତୃତ୍ୱରେ ଆଜି ବାଲିପଦର ଠାରେ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଯାଇଛି । ମହୋତ୍ସବ କମିଟି ତଥା ବାଲିପଦର ବଣିକ ସଂଘର ସଭାପତି ଇଂ. ଲକ୍ଷ୍ମୀ ପ୍ରସାଦ ନାୟକଙ୍କ ପୌରହିତ୍ୟରେ ବାଲିପଦର ବିଶ୍ୱକର୍ମା ସାମାଜ କୂଳ ଘର ଠାରେ ଅନୁଷ୍ଠିତ ହୋଇ ଯାଇଛି । ଘୁମୁସର ନାମରେ ଏକ ଜିଲ୍ଲା ଗଠନ କୁ ନେଇ ଯେଉଁ ଆନ୍ଦୋଳନ ଚାଲିଛି ତାକୁ ପୁର୍ଣ୍ଣ ସହଯୋଗ କରିବା ପାଇଁ ବୈଠକରେ ଯୋଗଦେଇ ଥିବା ସମସ୍ତ ଅନୁଷ୍ଠାନର ପ୍ରତିନିଧି ମାନେ ସହମତି ପ୍ରଦାନ କରିଥିଲେ। ବୈଠକରେ ବାଲିପଦର ଉନ୍ନୟନ ପରିଷଦ ସଭାପତି ଇଂ. ଲକ୍ଷ୍ମୀ ପ୍ରସାଦ ନାୟକ, ବରିଷ୍ଠ ନାଗରୀକ ମଞ୍ଚ ସଭାପତି ଇଂ ବିପ୍ର ଚରଣ ପାତ୍ର, ଉତ୍କଳ କଳା ପରିଷଦ ସଭାପତି ଜି. ରାଜେଶ୍ୱର ପାତ୍ର, ଘୁମୁସରର ସ୍ୱର, ସଭାପତି ଡ. ବି. ପ୍ରକାଶ ଚନ୍ଦ୍ର ପାତ୍ର,ସୁଚନା ଅଧୀକାର କର୍ମୀ ପ୍ରକାଶ ଚନ୍ଦ୍ର ସାହୁ, ସମାଜସେବୀ ଖଲି ପରିଡା, କୈଳାଶ ଚନ୍ଦ୍ର ପ୍ରଧାନ,କବି କାମରାଜୁ ସାହାଣୀ, ଜି.ସଂଜୀବ କୁମାର ପାତ୍ର, ଫ୍ରେଣ୍ଡ୍ କ୍ଲବ ସଂପାଦକ ଜି. ମନୋଜ କୁମାର ପାତ୍ର, ମହାରଣା କୁଳ ସଂପାଦକ ରାଜେନ୍ଦ୍ର କୁମାର ମହାରଣା, କେ. ରାଘବ ଚରଣ ପାତ୍ର, ନାରାୟଣ




ସାମନ୍ତରା, କେ. ମନୋଜ କୁମାର ଆଚାରୀ,ବରିଷ୍ଠ ନାଗରୀକ ମଞ୍ଚ ସଂପାଦକ ପ୍ରକାଶ ଚନ୍ଦ୍ର ରଥ, ତ୍ରିନାଥ ସାସମଲ, କେ. ରାଘବ ଚରଣ ପାତ୍ର, ଦେବବ୍ରତରଣା, ସନ୍ୟାସୀ ମହାରଣା, ଉମାଶଙ୍କର ନାୟକ, ଲକ୍ଷ୍ମଣ ଜେନା, ଇ.ନୀଳାଞ୍ଚଳ ପାତ୍ର, ପୁରୁଷୋତ୍ତମ ସାହୁ, କାହ୍ନୁ ଚରଣ ବାଡତ୍ୟା, ସୁଶାନ୍ତ ବିଷୋୟୀ ପ୍ରମୁଖ ଯୋଗଦେଇ ଘୁମୁସରର ଭୌଗଳିକ ସ୍ଥିତି ଅତି ଅନନ୍ୟ ଏହାର ଐତିହ୍ୟ ପରଂପରା ବିଶ୍ୱ ବିଖ୍ୟାତ, ୧୫ଲକ୍ଷରୁ ଉର୍ଦ୍ଧ୍ୱ ଅଧିବାସୀ ଚାଷ ଉପରେ ନର୍ଭର କରୁଥିବାରୁ ଦୂର ଦୂରାନ୍ତକୁ ଯିବା ସମ୍ଭବ ନୁହେଁ ଏଣୁ ଏହି ଅଧିବାସୀ ମାନଙ୍କ ସୁବିଧା କାରଣରୁ ଘୁମୁସରକୁ ଏକ ଜିଲ୍ଲାର ମାନ୍ୟତା ଦେବା ପାଇଁ ଦାବୀ କରିଥିଲେ। ଏହା ଦୀର୍ଘ ଦିନର ଦାବୀ ଏହି ଦାବୀକୁ ତୁରନ୍ତ ସମାଧାନ କରି ରାଜ୍ୟ ସରକାର ଭୂମୀ ପୁତ୍ରର ଜନ୍ମ ମାଟି ତଥା ବିଶ୍ୱ ବିଖ୍ୟାତ କବି ଉପେନ୍ଦଭଞ୍ଜଙ୍କ ସମ୍ମାନ ରକ୍ଷା କରିବାକୁ ବିଭିନ୍ନ ପ୍ରତିଷ୍ଠାନ ଦାବୀ ଉପସ୍ଥାପନା କରିଥିଲେ ଏବଂ କ୍ରୀୟାନୁଷ୍ଠାନ କମିଟି ଦ୍ୱାରା ଆହୂତ ବୁଗୁଡା ବନ୍ଦରେ ସାମିଲ୍ ହେବାକୁ ସମ୍ମତି ପ୍ରଦାନ କରିଥିଲେ । ଶେଷରେ ଦ୍ୱିତୀକୃଷ୍ଣ ବିଶ୍ୱାଳ ଧନ୍ୟବାଦ ଅର୍ପଣ କରିଥିଲେ ।

# ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟରେ ଓଡିଶା ଷ୍ଟାର୍ଟ-ଅପ୍ ବୁଟ୍ କ୍ୟାମ୍ପ



ବାରିପଦା, (ସବ୍ୟୁ) : ଛାତ୍ର-ଛାତ୍ରୀଙ୍କ ମଧ୍ୟରେ ଔଦ୍ୟୋଗିକତା ତଥା ଷ୍ଟାର୍ଟ-ଅପ ସ୍ଥାପନରେ ସହଯୋଗ କରିବା ଲକ୍ଷ୍ୟ ନେଇ ଓଡିଶା ସରକାରଙ୍କ ଏମଏସଏମଇ-ମନ୍ତ୍ରାଳୟ ଅଧିନସ୍ଥ ଷ୍ଟାର୍ଟଅପ ଓଡିଶା ଦ୍ୱାରା ସବୁ ବର୍ଷ ଭଳି ଏ ବର୍ଷ ମଧ୍ୟ ଓଡିଶା ଷ୍ଟାର୍ଟ-ଅପ ଯାତ୍ରା ଅଭିଯାନ ଗତ ସେପ୍ଟେମ୍ବର ମାସରୁ ଆରମ୍ଭ ହୋଇଛି। ଏହି କ୍ରମରେ ଗତ ୧୪ତାରିଖ ଦିନ ସ୍ଥାନୀୟ ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟରେ ଏକ ଷ୍ଟାର୍ଟ-ଅପ୍ ବୁଟ୍-କ୍ୟାମ୍ପ୍ ଆଇଆଇଟି ଭୁବନେଶ୍ୱରର ତତ୍ତ୍ୱାବଧାନ ତଥା ବିଶ୍ୱବିଦ୍ୟାଳୟର ଇନକ୍ୟୁବେସନ ସେଣ୍ଟରର ସହଯୋଗିତାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଷ୍ଟାର୍ଟ-ଅପ୍ ଓଡିଶା ତରଫରୁ ଡଃ ମନୀଷା ଆଚାର୍ଯ୍ୟ ଓ ଆଇଆଇଟି ଭୁବନେଶ୍ୱର ତରଫରୁ ପୁରବୀ ମିଶ୍ର ଏବଂ ଶକ୍ତି ସ୍ୱରୂପ ପତି ଯୋଗଦେଇ ଛାତ୍ର-ଛାତ୍ରୀଙ୍କୁ ଷ୍ଟାର୍ଟ-ଅପ ସ୍ଥାପନ କରିବାର ଆବଶ୍ୟକତା ତଥା ସେଥିରେ ସମ୍ମୁଖୀନ ହେଉଥିବା ବିଭନ୍ନ ସମସ୍ୟା ଓ ତା'ର ସମାଧାନ ତଥା ଓଡିଶା ସରକାରଙ୍କ ଦ୍ୱାରା ଉପଲବ୍ଧ ବିଭିନ୍ନ ପ୍ରକାରର ଷ୍ଟାର୍ଟ-ଅପ୍ ସ୍କିମ ବିଷୟରେ ଛାତ୍ର-ଛାତ୍ରୀଙ୍କୁ ଅବଗତ କରେଇଥିଲେ। ବିଶ୍ୱବିଦ୍ୟାଳୟର ଇନକ୍ୟୁବେସନ ସେଣ୍ଟରର ନିର୍ଦ୍ଦେଶିକା ଡଃ ଏମ.ହିମବିନ୍ଦୁ କାର୍ଯ୍ୟକ୍ରମରେ ଅଧକ୍ଷତା ପୂର୍ବକ ଅତିଥି ପରିଚୟ ପ୍ରଦାନ କରିଥିଲେ। ଇନକ୍ୟୁବେସନ ସେଣ୍ଟରର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଇଂ ସୌମ୍ୟରଂଜନ ମିଶ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ପରିଶେଷରେ ଇନକ୍ୟୁବେସନ ସେଣ୍ଟରର ଉପ-ନିର୍ଦ୍ଦେଶକ ଡଃ ପ୍ରିୟ ରଞ୍ଜନ ଦେବତା ଧନ୍ୟବାଦ ଅର୍ପଣ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ବିଶ୍ୱବିଦ୍ୟାଳୟ ତଥା ଅନ୍ୟାନ୍ୟ ମହାବିଦ୍ୟାଳୟ ମାନଙ୍କରୁ ପ୍ରାୟ ୧୨୦ଜଣ ଛାତ୍ରଛାତ୍ରୀ ଅଂଶଗ୍ରହଣ କରି ପ୍ରାୟ ୨୫ ଗୋଟି ଆଇଡ଼ିଆ ପ୍ରଦର୍ଶିତ କରିଥିଲେ। ଏହି ପ୍ରତିଯୋଗିତାରେ ବିଶ୍ୱବିଦ୍ୟାଳୟର ପ୍ରାଣୀବିଜ୍ଞାନ ବିଭାଗର ଗବେଷଣାରତ ଛାତ୍ର ଗୌତମ ସିଂ ତଥା ତାଙ୍କ ସହଯୋଗୀ କୁମାରୀ ସ୍ମୃତିରେଖା ମହାନ୍ତଙ୍କ ଦ୍ୱାରା ପ୍ରଦର୍ଶିତ 'ଜୈବିକ ସାର' ପ୍ରଥମ ସ୍ଥାନ, ପ୍ରାଣୀବିଜ୍ଞାନ ବିଭାଗର ଛାତ୍ରୀ ରଶ୍ମି ରେଖା ରାଉତ ଓ ତାଙ୍କ ସହଯୋଗୀ ଶ୍ରୀମାନ ଜ୍ୟୋତି ଜୀବନ ଗିରିଙ୍କ ପ୍ରସ୍ତାବିତ 'ଇ-ଶାଳ' ଦ୍ୱିତୀୟ ସ୍ଥାନ ଅଧିକାର କରିଥିଲା। ବିଶ୍ୱବିଦ୍ୟାଳୟର କମ୍ପ୍ୟୁଟର ବିଜ୍ଞାନ ବିଭାଗର କୁମାରୀ ଅମିଶା ଦାସ, ତାଙ୍କ ସହଯୋଗୀ କୁମାରୀ ସୁସ୍ମିତା ବସା, ସୁଶ୍ରୀ ସଂଗୀତା ତଥା ଶ୍ରୀମାନ ବିଭୂଙ୍କ ଦ୍ୱାରା ପ୍ରଦର୍ଶିତ 'ସ୍ମାର୍ଟ ବିନ-କଲେକ୍ଟୋରେମେଟିକ' ତୃତୀୟ ସ୍ଥାନ ଅଧିକାର କରିଥିଲା। ଷ୍ଟାର୍ଟ-ଅପ୍ ଓଡିଶା ତରଫରୁ ସମସ୍ତ ବିଜୟୀ ଦଳଙ୍କୁ ଉପହାର ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ପ୍ରକାଶ ଥାଉ କି ପୂର୍ବ ବର୍ଷ ତୁଳନାରେ ଏହି ବର୍ଷ ଏହି ପ୍ରତିଯୋଗିତାରେ ୬୦ ଶତକଡା ଅଧିକ ଆଇଡ଼ିଆ ପ୍ରଦର୍ଶିତ ହୋଇଅଛି। ଭୁବନେଶ୍ୱରରୁ ଆସିଥିବା ଷ୍ଟାର୍ଟ-ଅପ ଉଦ୍ୟୋଗୀ ହିତେଶ ପଣ୍ଡା ଓ ବିଶ୍ୱବିଦ୍ୟାଳୟର ପ୍ରାକ୍ତନ ଛାତ୍ରୀ ତଥା ପୂର୍ବ ବର୍ଷର ଷ୍ଟାର୍ଟ-ଅପ୍ ଯାତ୍ରା ବିଜୟିନୀ କୁମାରୀ ସ୍ନେହା ନାୟକ ନିଜର ଔଦ୍ୟୋଗିକ ଅନୁଭୂତିକୁ ଏଥିରେ ବର୍ଣ୍ଣନା କରି ଉପସ୍ଥିତ ଛାତ୍ର-ଛାତ୍ରୀଙ୍କୁ ଉତ୍ସାହିତ କରିଥିଲେ।

# ଭାଜପାର ମୋ ମାଟି ମୋ ଦେଶ କାର୍ଯ୍ୟକ୍ରମ

ବୁଗୁଡା, (ସବ୍ୟୁ): ଭାଜପା ପକ୍ଷରୁ ରବିବାର ଦିନ ବୁଗୁଡ଼ା ବ୍ଲକ୍ ଅନ୍ତର୍ଗତ ବି. କରଡାବାଡି ଗ୍ରାମରେ ଦେଶ ପାଇଁ ବଳିଦାନ ଦେଇଥିବା ବିର ସହିଦ ମାନଙ୍କ ପାଇଁ ସମର୍ପିତ ଅଭିଯାନ, ମୋ ମାଟି, ମୋ ଦେଶ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଘୁମୁସର ସାଙ୍ଗଠନିକ ଜିଲ୍ଲା ସଭାପତି ଗୋକୁଳାନନ୍ଦ ମଲ୍ଲିକଙ୍କ ନେତୃତ୍ୱରେ ଭାଜପା କର୍ମକର୍ତ୍ତା ମାନେ ଗାଁର ଘରକୁ ଘର ବୁଲି ଅମୃତ କଳସରେ ମାଟି ସଂଗ୍ରହ କରିବାର ସୌଭାଗ୍ୟ ଅର୍ଜନ କରିଛନ୍ତି । ଏହି କାର୍ଯ୍ୟକ୍ରମରେ ବୁଗୁଡ଼ା ବ୍ଲକ୍ ଆବାହକ ହରିକୃଷ୍ଣ ସାହୁ, ଗଙ୍ଗାଧର ନାୟକ, ସରପଞ୍ଚ ଦିଲ୍ଲୀପ ପ୍ରଧାନ, ଚିତ୍ତରଞ୍ଜନ ନାୟକ, ଅନୁସୂଚିତ ଜାତି ଭାଜପା ମୋର୍ଚ୍ଚା ସଭାପତି ଗନ୍ଧମାର୍ଦ୍ଦନ ସେଠୀ, ଶ୍ରୀହରି ସେଠୀ, ସୁରେନ୍ଦ୍ର ରାଉତଙ୍କ ସମେତ ବହୁ ଯୁବ କାର୍ଯ୍ୟକର୍ତ୍ତା ଯୋଗ ଦେଇଥିଲେ ।

# ସାଇବର ଅପରାଧରୁ ଦୂରେଇ ରହିବା ନିମନ୍ତେ ସଚେତନତା ଶିବିର

ଛତ୍ରପୁର, (ସବ୍ୟୁ) : ସାଇବର ଅପରାଧିକ କାର୍ଯ୍ୟକଳାପ ରୋକିବା ଏବଂ ଠକାମୀ ଶିକାରରୁ ମୁକ୍ତି ପାଇଁ ଗଞ୍ଜାମ ପୋଲିସ ଜିଲ୍ଲା ପକ୍ଷରୁ ପବିତ୍ର ଗାନ୍ଧୀ ଜୟନ୍ତୀ ଠାରୁ ସାଇବର ସୁରକ୍ଷା ଅଭିଯାନ ରଥ ଶୁଭାରମ୍ଭ ହୋଇଥିଲା, ଏହି ରଥ ଜିଲ୍ଲାର ବିଭିନ୍ନ ଥାନା ଅଂଚଳରେ ବୁଲି ଲୋକଙ୍କୁ ସାଇବର ଠକେଇରୁ ଦୁରେଇ ରହିବା ନିମନ୍ତେ ସଚେତନତା କରିଥିଲା। ରବିବାର ଏହା ଉଦ୍‌ଯାପିତ ହୋଇଯାଇଛି । ସ୍ଥାନୀୟ ଜିଲ୍ଲା ସଂସ୍କୃତି ଭବନ ପରିସରରେ ସାଇବର ସୁରକ୍ଷା ଅଭିଯାନ କାର୍ଯ୍ୟକ୍ରମ ର ଉଦଯାପନୀ ସମାରୋହ ଗଞ୍ଜାମ ଏସପି ଜଗମୋହନ ମୀନାଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଛତ୍ରପୁର ବିଧାୟକ ସୁବାଷ ଚନ୍ଦ୍ର ବେହେରା ମୁଖ୍ୟଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମର ଆଭିମୁଖେ ଉପରେ ଆଲୋକପାତ କରିଥିଲେ । ପୋଲିସ ଦିନରାତି ଆମକୁ ସୁରକ୍ଷା ଦେବା ସହିତ ସୁରକ୍ଷିତ ରହିବା ନିମନ୍ତେ ମଧ୍ୟ ଏଭଳି ସଚେତନତା କାର୍ଯ୍ୟ କରୁଥିବାରୁ ସେ ପ୍ରଶଂସା କରିଥିଲେ । ଏହି କାର୍ଯ୍ୟକ୍ରମକୁ ଅତିରିକ୍ତ ଏସପି ତଥା ନୋଡାଲ ଅଫିସ ରଂଜିତ କୁମାର ପୃଷ୍ଟି ସଂଯୋଜନା କରିଥିଲେ । ଏହି ଅବସରରେ ଏକ ସଚେତନତା ନାଟକ ଏବଂ ବିଭିନ୍ନ କୁଇଜ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଛତ୍ରପୁର ଏସଡିପିଓ ଗୌରହରୀ ସାହୁ, ଛତ୍ରପୁର ଥାନା ଅଧିକାରୀ ନୀରୋଦ କୁମାର ଦାଶ, ଏଲଡିଏମ କେ.ସି ନାୟକ, ସାଇବର ସୁରକ୍ଷା ଟିମ, ଛତ୍ରପୁର ଥାନାର ବହୁ ପୋଲିସ କର୍ମଚାରୀ, ପ୍ରତିଭା ଆବାସୀକ ମହାବିଦ୍ୟାଳୟ ଛାତ୍ରଛାତ୍ରୀ ଏବଂ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ ।

# ସରକାରୀ ଶିଳ୍ପ ତାଲିମ ଅନୁଷ୍ଠାନ ବିଦ୍ୟାର୍ଥୀଙ୍କ କୃତିତ୍ୱ

## ଅଦରକାରୀ ଲୁହା ସାମଗ୍ରୀରେ ତିଆରି କଲେ ଡ଼ଃ ଅବଦୁଲ କଲାମଙ୍କ ପ୍ରତିମୂର୍ତ୍ତି ଏବଂ ମିସାଇଲ

ଛତ୍ରପୁର, (ସବ୍ୟୁ): ରବିବାର ମିସାଇଲ ମ୍ୟାନ ଭାରତ ରତ୍ନ ପୂର୍ବତନ ରାଷ୍ଟ୍ରପତି ସ୍ୱର୍ଗତ ଡଃ ଏପିଜେ ଅବଦୁଲ କଲାମଙ୍କ ୯୨ତମ ଜନ୍ମ ବାର୍ଷିକୀ ଅବସରରେ ସରକାରୀ ଶିଳ୍ପତାଲିମ ଅନୁଷ୍ଠାନ, ଛତ୍ରପୁର ପରିସରରେ ସ୍ୱର୍ଗତ ଡ଼ଃ ଅବଦୁଲ କଲାମଙ୍କ ନାମରେ ନାମିତ ଏକ ଗାର୍ଡେନ ଉଦଘାଟିତ ହୋଇଯାଇଛି । ଏହା ସହିତ ବିଦ୍ୟାର୍ଥୀ ମାନଙ୍କ ଦ୍ୱାରା ଅଦରକାରୀ ଲୁହା ସାମଗ୍ରୀରେ ତିଆରୀ କରାଯାଇଥିବା ମିସାଇଲ ମ୍ୟାନ ଡ଼ଃ ଅବଦୁଲ କଲାମଙ୍କ ପ୍ରତିମୂର୍ତ୍ତି ଏବଂ ମିସାଇଲର ମଧ୍ୟ ଉଦଘାଟନ କରାଯାଇଛି । ଏହାକୁ ଗଂଜାମ ଏସପି ଜଗମୋହନ ମୀନା ( ଆଇପିଏସ ) ମୁଖ୍ୟ ଅତିଥୀ ଭାବେ ଯୋଗଦେଇ ଉଦଘାଟନ କରିବା ସହିତ ସ୍ୱର୍ଗତ ଡ଼ଃ କଲାମଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟାର୍ପଣ କରିଥିଲେ । ଏହାସହିତ ତାଙ୍କ ସ୍ମୃତି ଚାରଣ କରିଥିଲେ । ଅନୁଷ୍ଠାନର ବିଦ୍ୟାର୍ଥୀ ମାନଙ୍କ ଏଭଳି କାର୍ଯ୍ୟ କୁ ସେ ପ୍ରଶଂସା କରିଥିଲେ । ଏହି ସମସ୍ତ କାର୍ଯ୍ୟର ପୂର୍ବ ପ୍ରସ୍ତୁତିର ଏଲଇଡି ମାଧ୍ୟମରେ ଭିଡିଓ ଦେଖିଥିଲେ । ଏହି ଅବସରରେ ଅନୁଷ୍ଠାନର ଅଧକ୍ଷ ଇଂ. ପ୍ରିୟବ୍ରତ ପଣ୍ଡା ଏବଂ ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟଯେ, ଅନୁଷ୍ଠାନର ପ୍ରଶିକ୍ଷାର୍ଥୀ ମାନେ ପୂର୍ବରୁ ଓଡିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ ସ୍ୱର୍ଗତ ବିଜୁପଟ୍ଟନାୟକଙ୍କ ପ୍ରତିମୂର୍ତ୍ତି, ଡାକୋଟା ବିମାନର ପ୍ରତିରୂପ ଏବଂ ବ୍ୟାଟେରୀ ଚାଳିତ ଦୁଇ ଚକିଆ ଯାନ ନିମନ୍ତେ ସୋଲାର ସିଷ୍ଟମ ମାଧ୍ୟମରେ ଚାର୍ଜର ପ୍ରସ୍ତୁତ କରି ସଫଳତା ହାସଲ କରିଥିଲେ ।

# ଏମ୍‌ପିସି କଲେଜରେ ବିଶ୍ୱ ହାତ ସଫେଇ ଦିବସ




ବାରିପଦା, (ସବ୍ୟୁ) : ମହାରାଜା ପୂର୍ଣ୍ଣଚନ୍ଦ୍ର ସ୍ୱୟଂଶାସିତ ମହାବିଦ୍ୟାଳୟର ରୋଭର ରେଞ୍ଜର ବିଭାଗ ପକ୍ଷରୁ ବିଶ୍ୱ ହାତ ସଫେଇ ଦିବସ ପାଳନ ହୋଇଯାଇଛି । ଏଥିରେ ନୂଆଦିଲ୍ଲୀ ଏନ୍.ଟି.ପି.ସି. ଅତିରିକତ ସାଧାରଣ ସଞ୍ଚାଳକ ଡଃ ବସନ୍ତ କୁମାର ବେହେରା ଛାତ୍ର-ଛାତ୍ରୀ ମାନଙ୍କୁ ସୁମନ କେ ଫରମୁଲା ଦ୍ୱାରା ହାତ ଧୋଇବାର ଛଅ ପ୍ରକାରର କୌଶଳ ବତାଇଥିଲେ । ହାତ ସଫା ନ ରଖିଲେ କିପରି ଆପଣ ମାନେ ବଡ ବଡ ରୋଗକୁ ସ୍ୱାଗତ କରୁଛୁ ତାହା ମଧ୍ୟ ବୁଝାଇଥିଲେ । ଏହି କାର୍ଯ୍ୟକ୍ରମରେ କଲେଜର ପ୍ରାୟଃ ୫୦ ଛାତ୍ରଛାତ୍ରୀ ହ୍ୟାଣ୍ଡ ଓ୍ୟାସ୍ ପାଣି ନେଇ ପଥିକ ମାନଙ୍କ ହାତ ଧୋଇବାର ଛଅ ପ୍ରକାରର ଶୈଳି ବିଷୟରେ ବ୍ୟାବାହାରିକ ପଦ୍ଧତିରେ କାର୍ଯ୍ୟକାରି କରିଥିଲେ । ଏହି ଏକ ଦିବସିୟ ଶିବିରକୁ ରୋଭର ଲିଡର ଡଃ ଦୀପକ କୁମାର ବେହେରା ଓ ରେଞ୍ଜର ଲିଡର ସୁଶ୍ରୀ ରସ୍ମିତା ନାୟକ ଶାନ୍ତି ଶୃଙ୍ଖଳାରେ ପରିଚାଳିତ କରିଥିଲେ ।

# କୁଆଁର ପୁନେଇଁ ଜହ୍ନ ଲୋ କାର୍ଯ୍ୟକ୍ରମ: ୩୦୦ରୁ ଉର୍ଦ୍ଧ୍ୱ ପ୍ରତିଯୋଗୀଙ୍କ ଯୋଗଦାନ

ବ୍ରହ୍ମପୁର, (ସବ୍ୟୁ): ସଂସ୍କୃତି ପ୍ରେମୀ ଅତିଥି, ବହୁ ଗଣମାଧ୍ୟମ ବ୍ୟକ୍ତିତ୍ୱ ତଥା ଅଭିଜ୍ଞ ସମ୍ପନ୍ନ ରେଫେରିଙ୍କ ଗହଣରେ ଚତୁର୍ଦ୍ଦଶ କୁଆଁର ପୁନେଇଁ ଜହ୍ନ ଲୋ କାର୍ଯ୍ୟକ୍ରମ ନିମନ୍ତେ ଖଲ୍ଲିକୋଟ ବିଶ୍ୱବିଦ୍ୟାଳୟ ଷ୍ଟାଡିୟମ ଠାରେ ଲୁପ୍ତପ୍ରାୟ ଗ୍ରାମୀଣ ମହିଳା କ୍ରୀଡା ପ୍ରତିଯୋଗିତା ରବିବାର ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମକୁ ଖଲ୍ଲିକୋଟ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ପ୍ରଫୁଲ୍ଲ ମହାନ୍ତି ଉଦ୍‌ଘାଟନ କରିଥିଲେ। ବ୍ରହ୍ମପୁର ମେୟର ସଂଘମିତ୍ରା ଦଳେଇ ମୁଖ୍ୟ ଅତିଥି ରୂପେ ଯୋଗ ଦେଇଥିଲେ। ଅନ୍ତର୍ଜାତୀୟ ଖ୍ୟାତି ସମ୍ପନ୍ନ ଖେଳାଳୀ ଏସ. ରାଜେଶ ବାବୁ ଆଚାରି ସମ୍ମାନିତ ଅତିଥି ଭାବେ ଯୋଗଦେଇ ପ୍ରତିଯୋଗୀ ମାନଙ୍କୁ ଉତ୍ସାହିତ କରିଥିଲେ। କୁଆଁର ପୁନେଇଁ ଜହ୍ନ ଲୋ କାର୍ଯ୍ୟକ୍ରମର ମୁଖ୍ୟ ସଂଯୋଜିକା ତଥା ବିଶିଷ୍ଟ ମନସ୍ତତ୍ତ୍ୱବିତ୍ ସୁଦୀପ୍ତା ପାଣିଗ୍ରାହୀଙ୍କ ସଂଯୋଜନାରେ ତଥା କୁଆଁର ପୁନେଇ ସଙ୍ଗୀତର ଧ୍ୱନର ତାଳେ ତାଳେ ସାତଗୋଟି ଗ୍ରାମୀଣ ମହିଳା କ୍ରୀଡ଼ାରେ



ବ୍ରହ୍ମପୁର ଓ ଆଖପାଖରୁ ପ୍ରାୟ ତିନିଶହରୁ ଉର୍ଦ୍ଧ୍ୱ ଝିଅ ଅଂଶ ଗ୍ରହଣ କରିଥିଲେ। ମଧୁମାୟା ପାଣିଗ୍ରାହୀ ଫାଉଣ୍ଡେସନର ମୁଖ୍ୟ ଆବାହକ ତଥା ଆନ୍ତର୍ଜାତିକ ଖ୍ୟାତିସମ୍ପନ୍ନ ମଞ୍ଚ ଉପସ୍ଥାପକ ହୃଷୀକେଶ ପାଣିଗ୍ରାହୀ ସଭାପତିତ୍ୱ କରିଥିବା ବେଳେ ଫାଉଣ୍ଡେସନ ଓ କୁଆଁର ପୁନେଇ ଜହ୍ନ ଲୋ -୨୦୨୩ ଉତ୍ସବ କମିଟି ତରଫରୁ ତ୍ରିପତି ବାଲାଜି ପାତ୍ର, ଡକ୍ଟର ମିହୀର କୁମାର ତ୍ରିପାଠୀ, ଡି.ସୋମେୟା, ସୁନିଲ ପଟ୍ଟନାୟକ, ଭବାନୀ ଶଙ୍କର ମହାପାତ୍ର, ଡକ୍ଟର ବିଶ୍ୱନାଥ ପାଣିଗ୍ରାହୀ, ଭଗବାନ ମହାରଣା, ନଳିନୀ କାନ୍ତ ଗୌଡ଼, ସୋନାଲି ପଣ୍ଡା, ଡକ୍ଟର ପ୍ରବୀର୍ ଦାଶ, ରବୀନ୍ଦ୍ର ଗୌଡ, କୃପାସିନ୍ଧୁ ସାହୁ, ସଂହିତା ପାଣିଗ୍ରାହୀ, ବସନ୍ତ ସାହୁ, ଜିତୁନ ସାହୁ, ସୁଶାନ୍ତ ସାହୁ ପ୍ରମୁଖ ଏହି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସଙ୍ଗୀତରେ ଥିଲେ ଚନ୍ଦନ କ୍ରୀଡା କାର୍ଯ୍ୟକ୍ରମକୁ ରାଜ୍ୟ ଓ ଜାତୀୟ ସ୍ତରର କ୍ରୀଡ଼ାବିତ ଓ ରେଫେରି ବିନାୟକ ହୋତା, ସୁକାନ୍ତି ପାତ୍ର, ଶରତ ମହାପାତ୍ର, ମନୋରମା ମହାପାତ୍ର, ବ୍ରଜ ଦାସ, ମହେନ୍ଦ୍ର ପାତ୍ର, ରବୀନ୍ଦ୍ର ମହାରଣା, ପରିଚାଳନା କରିଥିଲେ। ସମ୍ଭବ ହେଲଥ କ୍ଲିନିକ ତରଫରୁ ପ୍ରତିଯୋଗୀ ମାନଙ୍କୁ ସ୍ୱାସ୍ଥ୍ୟ ସେବା ଯୋଗାଇ ଦିଆଯାଇଥିଲା। ଏହି ଅବସରରେ ଅନ୍ତର୍ଜାତୀୟ ଖେଳାଳୀ ଶ୍ରୀ ଆଚାରୀଙ୍କୁ ସମ୍ମାନିତ କରାଯାଇଥିଲା। ବିଭିନ୍ନ କ୍ରୀଡ଼ାରେ ସୁଜ୍ଞାନୀ, ଆଦିତ୍ୟା, ଗାୟତ୍ରୀ, ପ୍ରିୟଙ୍କା, ମମତା, ଅପର୍ଣ୍ଣାଛ, ଅନ୍ୱେସା, ସନ୍ତୋସିନି, ସୁପ୍ରିତା, ରୋଜାଲିନି, ଲକି, ବର୍ଷା, ରଶ୍ମି, ଅସ୍ମିତା, ସୋନାଲି, ମଙ୍ଗୁଲି, ଟି ଲକ୍ଷ୍ମୀ, ଅର୍ଚ୍ଚିତା, ଚିନ୍ମୟୀ, କସ୍ତୁରୀ, ଅର୍ପିତା ପ୍ରମୁଖ କୃତିତ୍ୱ ହାସଲ କରଥିଲେ। ଏହି ବିଜୟିନୀମାନଙ୍କୁ ସୋମବାର ଠାରୁ ସ୍ୱତନ୍ତ୍ର ନୃତ୍ୟ ତାଲିମ ଦିଆଯିବ ବୋଲି କମିଟିର ସଂସ୍କୃତି ନିର୍ଦ୍ଦେଶକ ଡକ୍ଟର ତ୍ରିପାଠୀ କହିଛନ୍ତି । ତାଲିମ ପରେ ଏମାନେ କୁଆଁର ପୁନେଇଁ ଜହ୍ନ ଲୋ..ମହୋତ୍ସବରେ ଚଳିତ ମାସ ୨୮ ତାରିଖ ଦିନ ଆଇଟିଆଇ ପରିସରରେ ଥିବା ଅଡିଟୋରୀୟମରେ ବହୁ ଜାତୀୟ ଓ ଅନ୍ତର୍ଜାତୀୟ ବ୍ୟକ୍ତିତ୍ୱଙ୍କ ସମ୍ମୁଖରେ ନୃତ୍ୟ ପରିବେଷଣ କରିବାର କାର୍ଯ୍ୟକ୍ରମ ରହିଛି । ବୋଲି ମୁଖ୍ୟ ଆବାହକ ଶ୍ରୀ ପାଣିଗ୍ରାହୀ କହିଛନ୍ତି ।

# ଆରମ୍ଭ ହେଲା ନବମ ଦିନାତ୍ମକ ପୂଜା

ବ୍ରହ୍ମପୁର, (ସବ୍ୟୁ): ଆଶ୍ୱିନ ମାସ ଆରମ୍ଭ ହୋଇ ଗଲେ ଚଳଚଞ୍ଚଳ ହୋଇ ପଡେ ଦେବି ମନ୍ଦିର ଗୁଡିକ। ଷୋଡ଼ଶ ଦିନାତ୍ମକ ପୂଜାକୁ ନେଇ ଉତ୍ସବ ମୁଖର ଗଞ୍ଜାମ ଜିଲ୍ଲାର ସମସ୍ତ ଦେବୀ ପୀଠ । ନବମୀ ପୂଜା ଅବସରରେ ଦେବୀ ପୀଠ ଗୁଡିକରେ ଚାଲିଛି ସ୍ୱତନ୍ତ୍ର ପୂଜାର୍ଚ୍ଚନା । ଜଗତଜନନୀ ମା' ଦୁର୍ଗାଙ୍କୁ ସ୍ୱତନ୍ତ୍ର ପୂଜା ବିଧିରେ ଆବାହନ ସହ ପୂଜାର୍ଚ୍ଚନା କରାଯାଉଛି । ତେବେ ମୂଳାଷ୍ଟମୀ ଠାରୁ ଆରମ୍ଭ ହୋଇଥିବା ଦେବୀଙ୍କ ଷୋଳ ପୂଜା ମହା ନବମୀ ଯାଏ ଅନୁଷ୍ଠିତ ହେବ। ଏହି ଅବସର ରେ ଆଜିଠାରୁ ଦୁର୍ଗା ପୂଜା ସହର ର କମାପଲ୍ଲୀ, କୋର୍ଟ ପେଟା ଛକ, ବିଜିପୁର, ପୁରୁଣାବସ ଷ୍ଟାଣ୍ଡ, ଗିରିଜା ଛକ, ଗିରି ମାର୍କେଟ, ହନୁମାନ ବଜାର ଛକ, ବଡ ବଜାର ସମେତ ବହୁ ସ୍ଥାନରେ ମେଢ ଗୁଡିକରେ ପୂଜା ଅର୍ଚ୍ଚନା ଆରମ୍ଭ ହୋଇ ଯାଇଛି । ମେଢ ଗୁଡିକରେ ପ୍ରତ୍ୟହ ଚଣ୍ଡୀପାଠ, ହୋମ, ଆଳତୀ, ଶଙ୍ଖୁଡ଼ି ତଥା ଆମିଷ ଭୋଗ ଅନୁଷ୍ଠିତ ହୁଏ । ଶାରଦୀୟ ଦୁର୍ଗାପୂଜାରେ ଭକ୍ତଙ୍କ ଭିଡ ଦେଖିବାକୁ ମିଳୁଛି । ମହାସପ୍ତମୀ, ଅଷ୍ଟମୀ, ନବମୀରେ ଅଷ୍ଟ ଭୂଜା ଓ ଦଶଭୂଜା ବେଶ ଅନୁଷ୍ଠିତ ହେବ । ଶାସ୍ତ୍ରରେ ବର୍ଣ୍ଣନା ଅନୁଯାୟୀ, ଶାରଦୀୟ ଦୁର୍ଗାପୂଜାରେ ଯେଉଁ ଭକ୍ତ ନିଷ୍ଠାର ସହ ମା'ଙ୍କୁ ଆରାଧନା କରନ୍ତି ସେମାନଙ୍କ ମନସ୍କାମନା ପୂରଣ ହୋଇଥାଏ ବୋଲି ବିଶ୍ୱାସ ରହିଛି । ପ୍ରତ୍ୟେହ ଚଣ୍ଡୀପାଠ, ହୋମ, ଆଳତୀ, ବିଭିନ୍ନ ବେଶ, ସ୍ୱତନ୍ତ୍ର ଶଙ୍ଖୁଡ଼ି ଭୋଗ, ନୀତି ଅନୁଷ୍ଠିତ ହେବ । ବିଜୟା ଦଶମୀରେ ରାଜ ରାଜେଶ୍ୱରୀ ବେଶ, ମହିଷାମର୍ଦ୍ଦିନି ବେଶ ଅନୁଷ୍ଠିତ ହେବ। ଶହ ଶାରଦୀୟ ଦୂର୍ଗୋତ୍ସବ ସମାପନ ହେବ ବୋଲି କହନ୍ତି ପୂଜକ ବୃନ୍ଦଛ ମା'ଙ୍କ ଦର୍ଶନ ପାଇଁ ଶହ ଶହ ଭକ୍ତଙ୍କ ଭିଡ ଜମିବ ।

# ଆହ୍ୱାନ ସାମାଜିକ ଅନୁଷ୍ଠାନ ପକ୍ଷରୁ ବୈଜ୍ଞାନିକ ମେଧା ଅନ୍ୱେଷା ଡ୍ରାଇଭ୍

ବାରିପଦା, (ସବ୍ୟୁ) : ଆହ୍ୱାନ ସାମାଜିକ ଅନୁଷ୍ଠାନ ଆନୁକୂଲ୍ୟରେ ଉଚ୍ଚ ଏବଂ ସିନିୟର୍ ମାଧ୍ୟମିକ ବିଦ୍ୟାଳୟ ତଥା କଲେଜ ସ୍ତରୀୟ ବିଜ୍ଞାନ ପ୍ରକଳ୍ପ ଗୁଡ଼ିକର ଏକ ଆନ୍ତର୍ଜିଲ୍ଲା ପ୍ରଦର୍ଶନୀ 'ବୈଜ୍ଞାନିକ ମେଧା ଅନ୍ୱେଷା ଡ୍ରାଇଭ୍-୨୦୨୩' ଶ୍ରୀମା ମହିଳା ମହାବିଦ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ବିଜ୍ଞାନ ଭିତ୍ତିକ ଏହି ଶୈକ୍ଷିକ କାର୍ଯ୍ୟକ୍ରମରେ ଡଃ ନିଳାଦ୍ରୀ ରୟ, ସୟଣ୍ଟିଷ୍ଟ-ଜି, ଅତିରିକ୍ତ ନିର୍ଦ୍ଦେଶକ ଆଇଟିଆର ଡିଆର୍‌ଡିଓ ଚାନ୍ଦିପୁର ବାଲେଶ୍ୱର, ଇଂ ଡି.କେ ତ୍ୟାଗୀ, ବାଣିଜ୍ୟିକ ସେବା ମୁଖ୍ୟ ଟିପିଏନ୍‌ଓଡିଏଲ୍ ବାଲେଶ୍ୱର, ମୃନାଲ ଗୋସ୍ୱାମୀ, ରାଡାର୍ ଏବଂ ଟେଲିମେଟ୍ରିକ୍ ସିଷ୍ଟମ ବୈଜ୍ଞାନିକ ଡିଆରଡିଓ ଚାନ୍ଦିପୁର ବାଲେଶ୍ୱର, ନଟବର ଗିରି, ଅଧକ୍ଷ ଶ୍ରୀମା ମହିଳା ମହାବିଦ୍ୟାଳୟ, ମୌସୁମୀ ଦାସ ପଟ୍ଟନାୟକ ବିଭାଗୀୟ ମୁଖ୍ୟ ପଦାର୍ଥ ବିଜ୍ଞାନ ଏଫ୍‌ଏମ୍ ସ୍ୱୟଂ ଶାସିତ ମହାବିଦ୍ୟାଳୟ ଯଥାକ୍ରମେ ମୁଖ୍ୟଅତିଥି, ସ୍ୱତନ୍ତ୍ର ନିମନ୍ତ୍ରିତ ଅତିଥି, ଅତିଥି ବୈଜ୍ଞାନିକ, ସମ୍ମାନିତ ଅତିଥି ଏବଂ ବିଶେଷ ସମ୍ମାନୀୟା ଅତିଥି ଭାବେ ଯୋଗଦେଇ ଛାତ୍ରଛାତ୍ରୀମାନଙ୍କୁ ଉଦ୍‌ବୋଧନ ଦେବା ସହିତ ଦେଶ ଓ ମାନବ ସେବାରେ ବିଜ୍ଞାନକୁ କିପରି ବିନିଯୋଗ କରାଯାଇ ପାରିବ ତା'ଉପରେ ବକ୍ତବ୍ୟ ରଖିଥିଲେ। ଉଦ୍ଘାଟନ ସଭାରେ ଡଃ ତରୁଣ କୁମାର ଓଝା ମଞ୍ଚ ଆମନ୍ତ୍ରଣ ଓ ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ଅନୁଷ୍ଠାନର ସଭାପତି ପଦ୍ମନାଭଙ୍କ ଦ୍ୱାରା ସଭା ପରିଚାଳନା ହୋଇଥିଲା। ଉଦ୍‌ଯାପନୀ ସମାବେଶ, ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ ଓ ପୁରସ୍କାର ବିତରଣ ସମାରୋହରେ ପୌରୋହିତ୍ୟ କରିଥିଲେ ଡଃ ପ୍ରକାଶ ଚନ୍ଦ୍ର ମହାପାତ୍ର। ଅନୁଷ୍ଠାନର ବାର୍ଷିକ ବିବରଣୀ ପାଠ କରିଥିଲେ ଆବାହକ ସତ୍ୟଦୀପ ନାୟକ। ବୈଜ୍ଞାନିକ ମେଧା ଅନ୍ୱେଷା ଡ୍ରାଇଭ୍ -୨୦୨୩ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ ମୟୂରଭଞ୍ଜ ଓ ବାଲେଶ୍ୱର ଜିଲ୍ଲାର ମୋଟ ୧୮ଟି ଶିକ୍ଷାନୁଷ୍ଠାନ ଏବଂ ଡିଗ୍ରୀ, ହାୟର୍ ସେକେଣ୍ଡାରୀ ଓ ସିନିୟର୍ ସେକେଣ୍ଡାରୀ ବର୍ଗର ଛାତ୍ରଛାତ୍ରୀ ଅଂଶଗ୍ରହଣ ପୂର୍ବକ ନିଜନିଜ ପ୍ରସ୍ତୁତ ୩୯ଗୋଟି ପ୍ରକଳ୍ପକୁ କାର୍ଯ୍ୟକ୍ରମରେ ପ୍ରଦର୍ଶନ କରିଥିଲେ। ସରକାରୀ ସିଲ୍କବୋର୍ଡର ସାରିକଲଚର ପ୍ରକଳ୍ପଟି ମଧ୍ୟ ଛାତ୍ରଛାତ୍ରୀଙ୍କ ଅବଗତି ନିମନ୍ତେ ସମାରୋହରେ ଦର୍ଶାଯାଇଥିଲା। ସହର ତଥା ଜିଲ୍ଲାର ସହସ୍ରାଧିକ ଶିକ୍ଷାନିବେଶୀ ଆସି ପ୍ରକଳ୍ପ ଗୁଡିକ ବୁଲି ଦେଖିଥିଲେ। ପିଲାଙ୍କ ପ୍ରଦର୍ଶିତ ସମସ୍ତ ପ୍ରକଳ୍ପ ବୈଜ୍ଞାନିକ ଓ ବିଜ୍ଞ ବିଚରକଙ୍କ ଦ୍ୱାରା ମୂଲ୍ୟାୟନ ହୋଇଥିଲା। ହାୟର୍ ସେକେଣ୍ଡାରୀ ବର୍ଗରେ ପୂର୍ଣ୍ଣଚନ୍ଦ୍ର ହାୟର୍ ସେକେଣ୍ଡାରୀ ସ୍କୁଲର ପ୍ରକଳ୍ପ ପ୍ରଥମ ଓ ଦ୍ୱିତୀୟ ସ୍ଥାନ ଲାଭ କରିଥିବା ବେଳେ କେ.ସି.ପୁର ଜୁନିୟର କଲେଜର ପ୍ରକଳ୍ପ ତୃତୀୟ ସର୍ବୋତ୍ତମ ଭାବେ ବିଚାର୍ଯ୍ୟ ହୋଇଥିଲା। ସେହିପରି ସିନିୟର୍ ସେକେଣ୍ଡାରୀ ବର୍ଗରେ ଓଡିଶା ଆଦର୍ଶ ବିଦ୍ୟାଳୟ ରାଣୀଭୋଳ ପ୍ରଥମ, କେନ୍ଦ୍ରୀୟ ବିଦ୍ୟାଳୟ ଲକ୍ଷ୍ମୀପୋଷି ଦ୍ୱିତୀୟ ଏବଂ ଡିଏଭି ପବ୍ଲିକ ସ୍କୁଲ ବାଲେଶ୍ୱର ତୃତୀୟ ସ୍ଥାନ ଲାଭ କରିଥିଲେ। ତଦ୍ରୂପ, ଡିଗ୍ରୀ ବର୍ଗରେ ସରକାରୀ ମହିଳା ମହାବିଦ୍ୟାଳୟ ବାରିପଦାର ପ୍ରକଳ୍ପ ପ୍ରଥମ ସ୍ଥାନ ଲଭିଥିବା ବେଳେ ଫକୀର ମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟ ବାଲେଶ୍ୱରର ଦ୍ୱିତୀୟ ଏବଂ କୁନ୍ତଳା କୁମାରୀ ମହିଳା ମହାବିଦ୍ୟାଳୟ ବାଲେଶ୍ୱରର ତୃତୀୟ ସ୍ଥାନ ପାଇଛନ୍ତି। ଅତିଥିଗଣ ଉଦଯାପନୀ ମଞ୍ଚରେ ବିଜିତ ଛାତ୍ରଛାତ୍ରୀଙ୍କୁ ଟ୍ରଫି ଓ କୃତି ପ୍ରମାଣପତ୍ର ପ୍ରଦାନ କରିବା ସହିତ ପ୍ରଦର୍ଶନୀରେ ଭାଗ ନେଇଥିବା ସମସ୍ତ ପ୍ରତିଯୋଗୀଙ୍କୁ ଅଂଶଗ୍ରହଣ ପ୍ରମାଣପତ୍ର ଏବଂ ପ୍ରୋଜେକ୍ଟ ଗାଇଡ୍ ଅଧ୍ୟାପକ/ଅଧ୍ୟାପିକାଙ୍କୁ ପ୍ରଶସ୍ତିପତ୍ର ଦେଇ ପ୍ରୋତ୍ସାହିତ କରିଥିଲେ। ବିଜ୍ଞାନ ପ୍ରଦର୍ଶନୀର ସଫଳ ଉପସ୍ଥାପନ ନିମନ୍ତେ ସକ୍ରିୟ ସହଯୋଗ କରିଥିଲେ ସଦସ୍ୟ ସର୍ବଶ୍ରୀ ଡଃ ଅଜିତ କୁମାର ସାହୁ, ଇଂ ସତ୍ୟବ୍ରତ ସେଠୀ, ମାନସ ରଂଜନ ଶୁକ୍ଳା, ଚରକ ପଟ୍ଟନାୟକ, ପୂର୍ବତନ ଅଧକ୍ଷା ସୁଶାନ୍ତି ପ୍ରଧାନ, ଅଧ୍ୟାପିକା ମେଘମାଳା ବେହେରା, ବରିଷ୍ଠ ସଦସ୍ୟ ଅଜିତ୍ କୁମାର କବାଟ , କମଲ ଖଣ୍ଡେଲୱାଲ୍, ଅଧ୍ୟାପକ ସଞ୍ଜୀବ କୁମାର ଦାସ ଓ ଅଧ୍ୟାପକ ପ୍ରବୋଧ କୁମାର ଦେ ପ୍ରମୁଖ। ଶେଷରେ ଆହ୍ୱାନର ଯୁଗ୍ମ ସମ୍ପାଦିକା ଡଃ ଅନ୍ନପୂର୍ଣ୍ଣା ଧଳ ଧନ୍ୟବାଦ ଜ୍ଞାପନ କରିଥିଲେ ।

# ଶାମାଖୁଣ୍ଟା ବ୍ଲକ ସରପଞ୍ଚ ସଂଘ ପକ୍ଷରୁ ବୈଠକ

ବାରିପଦା, (ସବ୍ୟୁ) : ବାଲିଡିହା ଠାରେ ଶାମାଖୁଣ୍ଟା ବ୍ଲକ ସରପଞ୍ଚ ସଂଘ ପକ୍ଷରୁ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି । ଦୀର୍ଘ ୨୨ଦିନ ୧୫ଦଫା ଦାବୀକୁ ନେଇ ରାଜ୍ୟ ସରପଞ୍ଚ ମହାସଂଘ ଦ୍ୱାରା ଆହୂତ କାର୍ଯ୍ୟକ୍ରମ ଅନ୍ତରାଜ୍ୟ ମନ୍ତ୍ରୀଙ୍କ ସହ ଆଲୋଚନା ପରେ ଏକମାସ ମଧ୍ୟରେ ସମାଧାନର ଆଶ୍ୱାସନା ପାଇ ଧାରଣାରୁ ନିବୃତ ହୋଇ ପଞ୍ଚାୟତ କାର୍ଯ୍ୟରେ ଯୋଗଦେବାର ନିଷ୍ପତ୍ତି ନିଆଯାଇଛି । ଆସନ୍ତା ୧୭ତାରିଖ ଶାମାଖୁଣ୍ଟା ବ୍ଲକରେ ହେବାକୁ ଥିବା ଆମ ଓଡିଶା ନବୀନ ଓଡିଶା କାର୍ଯ୍ୟକ୍ରମରେ ଶାମାଖୁଣ୍ଟା ବ୍ଲକ ସରପଞ୍ଚ ସଂଘ ଉକ୍ତ କାର୍ଯ୍ୟକ୍ରମରେ ଯୋଗଦେବେ ନାହିଁ ବୋଲି ସଂଘ ପକ୍ଷରୁ ନିଷ୍ପତ୍ତି ନିଆଯାଇଛି । କାରଣ ୧୫ଦଫା ଦାବୀ ମଧ୍ୟରୁ ଆମ ଓଡିଶା ନବୀନ ଓଡିଶା ଗୋଟିଏ ଦଫା ଅଟେ । ଏହି କାର୍ଯ୍ୟକ୍ରମ ବିନା ପଲ୍ଲୀ ସଭା, ବିନା ଗ୍ରାମସଭାରେ ହେଉଥିବାରୁ ଶାମାଖୁଣ୍ଟା ବ୍ଲକ ସରପଞ୍ଚ ସଂଘ ଉକ୍ତ ସଭାକୁ ବର୍ଜନ କରିଛନ୍ତି । ଏହି କାର୍ଯ୍ୟକ୍ରମରେ ଶାମାଖୁଣ୍ଟା ସରପଞ୍ଚ ସୁକାନ୍ତି ସିଂ, ବାଲିଡିହା ସରପଞ୍ଚ ଶକୁନ୍ତଳା ବିଶ୍ୱାଳ, ସଭାପତି ଲମ୍ବୋଦର ସିଂ, ସମ୍ପାଦକ ପଞ୍ଚୁ ସିଂ, ରଙ୍ଗାମାଟିଆ ସରପଞ୍ଚ ରୋହିଦାସ ସିଂ, ଭାଲୁରୀ ସରପଞ୍ଚପଦ୍ମାବଦୀ ହାଁସଦାଃ, କଚିଲାଘାଟି ସରପଞ୍ଚ ମମତା ସିଂ ପ୍ରମୁଖ ଉପସ୍ଥିତ ଥିଲେ ।



# ୫ ଦାଦନ ଶ୍ରମିକ ଉଦ୍ଧାର : ଦଲାଲ ଗିରଫ

ଖପ୍ରାଖୋଲ,(ସବ୍ୟୁ): ଖପ୍ରାଖୋଲ ଥାନା ପୋଲିସ ତେଲେନପାଲି ଗ୍ରାମ ଛକରୁ ୫ଜଣ ଦାଦନ ଶ୍ରମିକ ବାହାର ରାଜ୍ୟକୁ ଚାଲାଣ ହେଉଥିବା ବେଳେ ଉଦ୍ଧାର କରିଛି । ଏହାସହ ଦାଦନ ଶ୍ରମିକଙ୍କୁ ନେଇ ଯାଉଥିବା ଜୁନାନିବାହଲ ଗ୍ରାମର ଦାଦନ ଶ୍ରମିକ ଦଲାଲ୍ ପଙ୍କଜ ଧରୁଆ ( ୨୩) ଙ୍କୁ ଗିରଫ କରିଛି। ପ୍ରାପ୍ତ ସୂଚନା ଅନୁସାରେ ଦାଦନ ଦଲାଲ ପଙ୍କଜ ଧରୁଆ ଟ୍ରେନ ଯୋଗେ ବାଙ୍ଗାଲୋରର ଚିକ୍କା ତିରୁପତିକୁ ୫ ଜଣ ଦାଦନ ଶ୍ରମିକଙ୍କୁ ନେବା ପାଇଁ ସେଠାକାର ଇଟାଭାଟି ମାଲିକାଙ୍କ ଠାରୁ ଟଙ୍କା ଆଣିଥିଲା । ଆଣିଥିବା ଟଙ୍କାକୁ ଦାଦନ ଶ୍ରମିକଙ୍କୁ ଦେଇ ବେଆଇନ ଭାବେ ବାହାର ରାଜ୍ୟକୁ ଚାଲନ କରୁଥିଲା । ବେଆଇନ ଦାଦନ ଶ୍ରମିକ ଚାଲାଣ କରୁଥିବା ଖବର ଖପ୍ରାଖୋଲ ପୋଲିସ କୌଣସି ବିଶ୍ୱସ୍ତ ସୂତ୍ରରୁ ପାଇ ତେଲେନପାଲି ଛକ ଛପି ବସିଥିଲା । ସେଠାରେ ଦାଦନ ଶ୍ରମିକଙ୍କୁ ଉଦ୍ଧାର କରିବା ସହ ଦାଦନ ଚାଲାଣ କରାଯାଉଥିବା ଦୁଇଟି ବାଇକ୍‌କୁ ଜବତ କରିଥିଲେ। ଏନେଇ ଏକ ଖପ୍ରାଖୋଲ ଥାନା ରେ ୧୯୩/୨୩ରେ ଏକ ମାମଲା ରୁଜୁ କରି ଦାଦନ ଚାଲାଣ କରୁଥିବା ଦଲାଲଙ୍କୁ କୋର୍ଟ ଚାଲାଣ କରାଯାଇଥିବା ଥାନା ଅଧିକାରୀ ରମାକାନ୍ତ ସାହୁ ପ୍ରକାଶ କରିଛନ୍ତି।

# କଂଗ୍ରେସର ପଦଯାତ୍ରାରେ ଯୋଗ ଦେଲେ ନରସିଂହ ଓ ସମରେନ୍ଦ୍ର



ବଲାଙ୍ଗିର,(ସବ୍ୟୁ): କଂଗ୍ରେସ ଦଳ ଡାକରାରେ ଘରେ ଘରେ କଂଗ୍ରେସ ଘରେ ଘରେ ହାତ କାର୍ଯ୍ୟକ୍ରମରେ ବଲାଙ୍ଗିର ବ୍ଲକ ଅନ୍ତର୍ଗତ ସକମା ରୁ ଫାସଡ ପର୍ଯ୍ୟନ୍ତ ଏକ ବିଶାଳ ପଦଯାତ୍ରାରେ ଯୋଗ ଦେଇଥିଲେ ବଲାଙ୍ଗିର ବିଧାୟକ ନରସିଂହ ମିଶ୍ର । ବିଧାୟକ ଶ୍ରୀ ମିଶ୍ର କହିଛନ୍ତି ଯେ ଆମେ ମିଥ୍ୟା ପ୍ରତିଶୃତିରେ ବିଶ୍ୱାସ କେବେ କରିନାହୁଁ । ଆମର ରାଜନୀତି ହେଉଛି ବିକାଶ । ଗତ ୯ ବର୍ଷରେ ବଲାଙ୍ଗିରର ପ୍ରତ୍ୟେକ କ୍ଷେତ୍ର ଯଥା ଶିକ୍ଷା, ସ୍ୱାସ୍ଥ୍ୟ, ରାସ୍ତାଘଟ, ଜଳସେଚନ, କ୍ରୀଡା ରେ କଣ ବିକାଶ ହୋଇଛି ଲୋକେ ଜାଣିଛନ୍ତି । ଆଗାମୀ ଦିନରେ ସେମାନେ ଏ ସମସ୍ତ ବିକାଶକୁ ନଜରରେ ରଖି ରାଜନୈତିକ ନିଷ୍ପତ୍ତି ନେବେ ବୋଲି କହିଥିଲେ । ଗାଁ ରୁ ଜିଲ୍ଲା, ଜିଲ୍ଲାରୁ ରାଜ୍ୟ ଯେଉଁ ଆଡେ ଦେଖିଲେ ଲୋକେ ବିଜେଡି ଓ ବିଜେପିର ମିଥ୍ୟା ପ୍ରତିଶୃତି ଦିଆ ରାଜନୀତି ଯୋଗୁଁ ଘୋର ଦୁର୍ଦ୍ଦଶାରେ ରହୁଛନ୍ତି । ଶିକ୍ଷା ହେଉ କି କୃଷି, ଗମନା ଗମନ ହେଉ କି ସ୍ୱାସ୍ଥ୍ୟ କୌଣସି ଗୋଟିଏ ବି ବିଭାଗ ଲୋକଙ୍କ ପାଇଁ ଠିକ୍ ଭାବରେ କାମ କରୁନାହିଁ । ଶିକ୍ଷା ବିଭାଗରେ ଭିତ୍ତିଭୂମି ଥିଲେ ହେଁ ପାଠ ପଢେଇବା ପାଇଁ ଶିକ୍ଷକ କର୍ମଚାରୀ ନାହାନ୍ତି । ନା ଡାକ୍ତରଖାନାରେ ଡାକ୍ତର ଅଛନ୍ତି ନା କୃଷକର ଜମିକୁ ଜଳସେଚନ ହେଇ ପାରୁଛି । ଉଭୟ କେନ୍ଦ୍ର ଓ ରାଜ୍ୟ ମିଥ୍ୟା ପ୍ରତିଶୃତି ଦେଇ ଲୋକଙ୍କୁ ଭୁଆଁ ବୁଲାଉଛନ୍ତି । ଲୋକେ ଜାଣିଲେଣି ଜାତୀୟ ସ୍ତର ହେଉ, ରାଜ୍ୟ ହେଉ କି ଜିଲ୍ଲା ହେଉ କଂଗ୍ରେସ ହିଁ କେବଳ ଲୋକଙ୍କ ପାଖକୁ ବିକାଶ ପହଞ୍ଚାଇ ଥାଏ ବୋଲି ବିଧାୟକ ନରସିଂହ ମିଶ୍ର କହିଛନ୍ତି । ପଦଯାତ୍ରାରେ କଂଗ୍ରେସ ଦଳର ଏଆଇସିସି ସଦସ୍ୟ ସମରେନ୍ଦ୍ର ମିଶ୍ର ତାଙ୍କ ହଜାର ହଜାର ସମର୍ଥକଙ୍କ ସହ ଯୋଗ ଦେଇଥିଲେ । କିରାବାହାଲ ଓ ଫାସଡ ଠାରେ ହୋଇଥିବା ସାଧାରଣ ସଭା ଠାରେ ସମରେନ୍ଦ୍ର କହିଥିଲେ ଏ ଅଂଚଳ ପ୍ରତି ସବୁବେଳେ ତାଙ୍କର ଭାବଗତ ସମ୍ପର୍କ ଅଛି । ସେ ସବୁବେଳେ ସମ୍ପର୍କକୁ ରାଜନୀତି ଠାରୁ ଉର୍ଦ୍ଧ୍ୱରେ ରଖନ୍ତି । ନିର୍ବାଚନ ଲଢିବାର ବହୁତ ସମୟ ଅଛି । କିନ୍ତୁ ମୁଁ ନିଶ୍ଚିତ ଭାବରେ ଅନେକ ଦିନରୁ ଆମ ଭିତରେ ଥିବା ସମ୍ପର୍କକୁ ଗୁରୁତ୍ୱ ଦେବି । ଏହା ବି ସତ ଯେ ଉତ୍ତମ ସଂପର୍କର ପ୍ରତିଫଳନ ଭୋଟ ରାଜନୀତି ଉପରେ ପଡିଥାଏ । ବଲାଙ୍ଗିର ର ମେଡିକାଲ କଲେଜ,ଜଳସେଚନ, ଶିକ୍ଷା ଭିତ୍ତିଭୂମି, କ୍ରୀଡା ଭିତ୍ତିଭୂମି, ପର୍ଯ୍ୟଟନ ସ୍ଥଳି ବିକାଶ କେବଳ ଲୋକଙ୍କ ଏକତାର ଲଢେଇ ଓ କଂଗ୍ରେସ ଦଳ ଓ ନରସିଂହ ମିଶ୍ରଙ୍କ ପ୍ରତି ଥିବା ବିଶ୍ୱାସ ଯୋଗୁଁ ସମ୍ଭବ ହୋଇପାରିଛି ବୋଲି କହିଥିଲେ । ଆଜିର ଏହି କାର୍ଯ୍ୟକ୍ରମରେ ରାନିପାଲି ଓ ଫାସଡ ଠାରେ ଚାରୋଟି ଉଚ୍ଚ କ୍ଷମତା ସମ୍ପନ୍ନ ହାଇମଷ୍ଟ ଲାଇଟ, ରାନିପାଲି ଠାରେ ଦୁଇଟି ମଣ୍ଡପ ଓ ସକମା ଠାରେ ରାମଲିଳା ମଣ୍ଡପର ଶୁଭ ଉଦ୍ଘାଟନ ଓ ଜଗନ୍ନାଥ ମଣ୍ଡପର ଭିତ୍ତିଭୂମି ପ୍ରଦାନ କରାଯାଇଥିଲା । ଆଜିର ଏହି କାର୍ଯ୍ୟକ୍ରମରେ ସକମା ସରପଂଚ ସଂଜିବ ପ୍ରଧାନ, ବ୍ଲକ କଂଗ୍ରେସ ସଭାପତି ରାମ ମିଶ୍ର, ରାଜା ପଣ୍ଡା, ଲମ୍ବୋଦର ମହାକୁର, ବିପିନ ପଟେଲ, ଶ୍ରୀଧର ବାରିକ, ବ୍ଲକ ସରପଂଚ ସଭାପତି ବଳଦେବ ସାହୁ, ସରପଂଚ ଭରତ ଛତ୍ରିଆ, ପୂର୍ବତନ ଅଧକ୍ଷ ଯଶୋବନ୍ତି ବଘାର ପ୍ରମୁଖ ଯୋଗ ଦେଇଥିଲେ ।

# ମୁରିବାହାଲ ବ୍ଲକ ଲକ୍ଷେଘର ଗଣ୍ଡା ସମାଜର ସାମାଜିକ ବୈଠକ



ମୁରିବାହାଲ,(ସବ୍ୟୁ): ମୁରିବାହାଲ ବ୍ଲକ ଲକ୍ଷେଘର ଗଣ୍ଡା ସମାଜର ଏକ ବ୍ଲକସ୍ତରୀୟ ଜରୁରିକାଳୀନ ବୈଠକ ଅନୁଷ୍ଠିତ ହୋଇଥିଲା। ଉପସଭାପତି ମଦନମୋହନ କୁମ୍ଭାର ଅଧକ୍ଷତା କରିଥିବା ବେଳେ ସହସମ୍ପାଦକ ବିଭୀଷଣ ମହାନନ୍ଦ ସଭା ପରିଚାଳନା କରିଥିଲେ । ପୂର୍ବତନ ବ୍ଲକ ସଭାପତି ତଥା ବରିଷ୍ଠ ମଞ୍ଚ କଳାକାର ସ୍ୱର୍ଗତ ମଧୁସୂଦନ ମହାନନ୍ଦଙ୍କ ଅକାଳ ବିୟୋଗରେ ନୀରବ ପ୍ରାର୍ଥନା କରିବା ସହ ଶ୍ରଦ୍ଧାଞ୍ଜଳି ଦେଇ ସଭାକାର୍ଯ୍ୟ ଆରମ୍ଭ କରାଯାଇଥିଲା। ବୈଠକରେ ଅନ୍ୟାନ୍ୟ ବିଷୟ ଗୁଡିକ ସହ ଆଗାମୀ ନଭେମ୍ବର ମାସ ୫ତାରିଖ ଦିନ ବ୍ଲକସ୍ତରୀୟ ନୂଆଖାଇ ଭେଟଘାଟ ହଳଦୀ ଗ୍ରାମରେ ଅନୁଷ୍ଠିତ କରିବା ପାଇଁ ସର୍ବସମ୍ମତି କ୍ରମେ ନିର୍ଦ୍ଧାରଣ ହୋଇଥିଲା। ନୂଆଖାଇ ଭେଟଘାଟର ସୁପରିଚାଳନା ପାଇଁ ଏକ କମିଟି ଚୟନ କରାଯାଇଥିଲା। ଏଥିରେ ଉପସଭାପତି ଟୁନାମଣି ମହାନନ୍ଦ, ବିଜୟଲାଲ ଦୀପ, ଦୀନବନ୍ଧୁ ଟାକ୍ରି,ସମ୍ପାଦକ ସୁରେନ୍ଦ୍ର ଛୁରା, ସହସମ୍ପାଦକ ଅଗସ୍ତି ବାଗ, କୋଷାଧକ୍ଷ ଭଗତ ନାଗ, ସହକୋଷାଧକ୍ଷ ରୂପେ କ୍ଷେତ୍ର ବେନିଆ ତଥା ମୁଖ୍ୟ ଉପଦେଷ୍ଟା ଭାବରେ ଡ. ଗୋପାଳ କୃଷ୍ଣ ଦୀପ,ଯଦୁମଣି ନାଗ,ହୀରା ନାଗ,ସଦାନନ୍ଦ ଦୀପ,ଭୀମସେନ ବାଗ,ଦିଲୀପ ମହାନନ୍ଦ,କଳିଙ୍ଗ ସୁନା,ନଟ ସୁନା, ଯଦୁ ତାଣ୍ଡିଙ୍କୁ ଚୟନ କରାଯାଇଥିଲା। ଏଥିରେ ବରିଷ୍ଠ ସଦସ୍ୟ ଚୈତନ୍ୟ ମହାନନ୍ଦ, କ୍ଷେତ୍ରମୋହନ ବେନିଆ, କୃପା କୁମ୍ଭାର, କଳିଙ୍ଗ ସୁନାଙ୍କ ସହ ବ୍ଲକର ସମସ୍ତ ୨୨ଟି ପଞ୍ଚାୟତରୁ ସମାଜର କର୍ମକର୍ତ୍ତା, ଅଂଶ ଗ୍ରହଣ କରି ସମାଜର ସର୍ବାଙ୍ଗୀନ ଉନ୍ନତି ପାଇଁ ମତ ପ୍ରକାଶ କରିଥିଲେ। ଶେଷରେ ବ୍ଲକ ଲକ୍ଷେଘର ଗଣ୍ଡା ସମାଜ ସମ୍ପାଦକ ଦୀପକ ରଂଜନ ବାଗ ଧନ୍ୟବାଦ ଦେଇଥିଲେ।

## ଜିଲ୍ଲାରେ ଲୋକପ୍ରିୟ ହେବାରେ ଲାଗିଛି ହକି

# ୮୦୦ରୁ ଊର୍ଦ୍ଧ୍ୱ ହକି ଖେଳାଳି ସୃଷ୍ଟି

ଝାରସୁଗୁଡ଼ା,**(ଜୀବନ ମହାନ୍ତି)**: ଓଡିଶାରେ ଝାରସୁଗୁଡା ଜିଲ୍ଲା ହକି ପ୍ରତିଯୋଗିତାରେ ଦୁଇ ବର୍ଷ ମଧ୍ୟରେ ବିଶେଷ ସ୍ଥାନ ସୃଷ୍ଟି କରି ପାରିଛି। ଜିଲ୍ଲା ହକି ଆସୋସିଏସନର ପକ୍ଷରୁ ହେଉଥିବା ଉଦ୍ୟମକୁ ଖେଳ ପ୍ରେମୀ ମାନେ ବେଶ୍ ପ୍ରଶଂସା କରିଛନ୍ତି। ବର୍ତ୍ତମାନ ରାଜ୍ୟ ସରକାର ଜାତୀୟ ହକି ଖେଳକୁ ଗୁରୁତ୍ୱ ଦେଉ ଥିବା ବେଳେ ଝାରସୁଗୁଡା ଜିଲ୍ଲାପାଳ ଜିଲ୍ଲାରେ ଥିବା ସ୍କୁଲ ଗୁଡିକରେ ହକି ଖେଳକୁ ଲୋକ ପ୍ରିୟ କରିବା ପାଇଁ ଗୁରୁତ୍ୱ ଦେଉଛନ୍ତି। ସ୍କୁଲରେ ପିଲା ମାନଙ୍କୁ ହକି ଖେଳ ପ୍ରତି ଆଗ୍ରହ ସୃଷ୍ଟି କରିବା ପାଇଁ ଜିଲ୍ଲା ଶିକ୍ଷା ଅଧିକାରୀ ଏବଂ ଜିଲ୍ଲାରେ ଥିବା ଶାରୀରିକ ଶିକ୍ଷାଧିକାରୀଙ୍କ ଦ୍ୱାରା ସ୍କୁଲ ଅଧ୍ୟକ୍ଷ ମାନଙ୍କୁ ନେଇ ବାରମ୍ବାର ବୈଠକ କରାଯାଇଛି। ଗତ ୨ବର୍ଷ ହେଲା ସ୍କୁଲ ମାନଙ୍କରେ ହକି ପ୍ରତିଯୋଗିତା ଅନୁଷ୍ଠିତ ହୋଇଛି। ଉପଯୁକ୍ତ ଖେଳାଳି ମାନଙ୍କୁ ଜିଲ୍ଲାରେ ସିନିୟର , ଜୁନିୟର ଓ ସବ-ଜୁନିୟର ବାଳକ ,ବାଳିକା ଦଳ ଗଠନ କରାଯାଇଥିଲା। ଏହି ଖେଳାଳି ମାନେ ଆନ୍ତଃ ଜିଲ୍ଲା ପ୍ରତିଯୋଗୀତରେ ଅଂଶ ଗହଣ କରି ରାଜ୍ୟରେ ଝାରସୁଗୁଡା ଜିଲ୍ଲା ୮ଟି ଦଳ ମଧ୍ୟରେ ସ୍ଥାନିତ ହୋଇପାରିଛି।

ଏହାକୁ ଲକ୍ଷ୍ୟ ରଖି ଚଳିତ ବର୍ଷ ଜୁନ ପ୍ରଥମ ସପ୍ତାହ ରେ ଓପିଜିସି ବନହରପାଲି ଖେଳ ପଡିଆରେ ଲଖନପୁର ବ୍ଲକ, ବ୍ରଜରାଜନଗର, ଓ ବେଲପାହାଡ ଅଚଂଳର ସ୍କୁଲ ମାନଙ୍କୁ ନେଇ ଏକ ଜୋନର ଓ କିରିମିରା, ଲଇକେରା, କୋଲାବିରାକୁ ନେଇ କିରିମିରା ଠାରେ ୨ୟ ଜୋନ ଗଠନ କରାଯାଇ ସେଠାରେ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଫଳରେ ଉପାନ୍ତ ଅଚଂଳର ହକି ଖେଳାଳି ମାନେ ଭାଗନେଇ ପାରି ଥିଲେ। ଝାରସୁଗୁଡାର ବେଦାନ୍ତ ଠାରେ ଓ ଝାରସୁଗୁଡା ଅଚଂଳ ସ୍କୁଲ ପ୍ରତିଯୋଗିତା ଅନୁଷ୍ଠିତ ହେବା ସହିତ ଅନ୍ୟ ଜୋନର ସେମିଫାଇନାଲ ଓ ଫାଇନାଲ ମ୍ୟାଚ ଅନୁଷ୍ଠିତ ହୋଇଥିଲା। ନିକଟରେ ଜିଲ୍ଲାପାଳଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା । ବୈଠକରେ ଜିଲ୍ଲାପାଳ ହକି ଷ୍ଟାଡିୟମ କାମ ଡିସେମ୍ବର ମଧ୍ୟରେ ଶେଷ କରିବା ପାଇଁ ଗୁରୁତ୍ୱ ପ୍ରଦାନ କରି ଥିଲେ। ଜିଲ୍ଲା ହକି ଆସୋସିଏସନର ଲାଇଫ ଟାଇମମେମ୍ବର ସଂଖ୍ୟା ବୃଦ୍ଧି ପାଉ ଥିବାରୁ ସନ୍ତୋଷ ପ୍ରକାଶ କରିଥିଲେ।

ଚଳିତ ବର୍ଷ ପ୍ରଥମ ଥର କ୍ଲବସ୍ତରୀୟ ପ୍ରତିଯୋଗିତା ଆରମ୍ଭ ହେବାକୁ ଯାଉଛି। ଜିଲ୍ଲାରେ ଦିଲିର୍ପ ତୀର୍କି ସ୍ପୋର୍ଟସ ଏକାଡେମୀ ଗଠନ ହୋଇ ଥିବାରୁ ଝାରସୁଗୁଡା ଜିଲ୍ଲା ଏବଂ ଏହାର ଅତି ନିକଟରେ ରହିଥିବା ଅନ୍ୟ ଜିଲ୍ଲାର ଖେଳାଳି ମାନେ ଭାଗ ନେଉଥିବା ଜଣା ଯାଇଛି। ଗତ ଦୁଇ ବର୍ଷ ମଧ୍ୟରେ ଝାରସୁଗୁଡା ଜିଲ୍ଲାରେ ୮୦୦ ରୁ ଉର୍ଦ୍ଧ୍ୱ ହକି ଖେଳାଳି ସୃଷ୍ଟି ହୋଇ ସିନିୟର ବାଳକ, ବାଳିକା, ଜୁନିୟର ବାଳକ,ବାଳିକା ଓ ସବ-ଜୁନିୟର ବାଳକ, ବାଳିକା ୬ଟି ଦଳ ଝାରସୁଗୁଡା ଜିଲ୍ଲାରୁ ଆନ୍ତଃ ଜିଲ୍ଲା ପ୍ରତିଯୋଗିତାରେ ଅଂଶ ଗ୍ରହଣ କରିଥିଲେ। କିନ୍ତୁ ଦୁଃଖ ର କଥା ଝାରସୁଗୁଡା ଜିଲ୍ଲାରେ ଆଷ୍ଟ୍ରୋ ଟର୍ଫ ପଡିଆ କିମ୍ବା ହକି ର ସାଧାରଣ ପଡିଆ ହୋଇ ପାରି ନାହିଁ। ପ୍ରଶାସନିକ ଅବହେଳାକୁ ଖେଳାଳିମାନେ ଦାୟୀ କରୁଛନ୍ତି।

## ଭୂଇଁଡୁଙ୍ଗୁରିପଡାରେ ବିଜେପିର ମିଶ୍ରଣ ପର୍ବ

ସମ୍ବଲପୁର,(ସବ୍ୟୁ): ସମ୍ବଲପୁର ମହାନଗର ନିଗମ ଅନ୍ତର୍ଗତ ଭୂଇଁଡୁଙ୍ଗୁରିପଡା ଠାରେ ବିଜେପିର ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି । ବୁର୍ଲା ମଣ୍ଡଳ ପୂର୍ବତନ ଯୁବମୋର୍ଚ୍ଚା ସଭାପତି ସନ୍ତୋଷ ସାହୁଙ୍କ ନେତୃତ୍ୱରେ ମିଶ୍ରଣ ପର୍ବରେ ଶତାଧିକା ମହିଳାପୁରୁଷ ଓ ଯୁବକ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ କାର୍ଯ୍ୟ ଏବଂ ନୀତିଆଦର୍ଶରେ ଅନୁପ୍ରାଣିତ ହୋଇ ନୂତନ ଭାବେ ଯୋଗଦାନ କରି ବିଜେପିର ସଦସ୍ୟତା ଗ୍ରହଣ କଲେ । ଏହି ମିଶ୍ରଣ ପର୍ବ କାର୍ଯ୍ୟକ୍ରମରେ ସମ୍ବଲପୁର ବିଜେପି ଜିଲ୍ଲା ସଭାପତି ଗିରୀଶ ପଟେଲ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ । ଏଥିରେ ବୁର୍ଲା ମଣ୍ଡଳ ସଭାପତି ଜୟନ୍ତ ଦାସ, ବୁର୍ଲା ଏନଏସିର ପୂର୍ବତନ ନଗରପାଳ ବିଷ୍ଣୁପ୍ରସାଦ ରକ୍ଷିତ, ବରିଷ୍ଠ କାର୍ଯ୍ୟକର୍ତ୍ତା ପ୍ରସନ୍ନ ସାହୁ, ଜିଲ୍ଲା ମହିଳା ମୋର୍ଚ୍ଚା ସଭାପତି ଅନ୍ନପୂର୍ଣ୍ଣା ବାରିକ, ଅରୁନ୍ଧତୀ ପାତ୍ର, ରଶ୍ମିତା ହୋତା, ସସ୍ମିତା ଦ୍ୱିବେଦୀ, ପୂର୍ବତନ କାଉନସିଲର ଗୋପି ସେନାପତି, ଆକାଶ ଅଚାର୍ଯ୍ୟ, ସଞ୍ଜୀବ ବର୍ମା ଓ ପ୍ରଦୀପ ବେହେରା ପ୍ରମୁଖ ମଞ୍ଚାସୀନ ଥିଲେ ।

# ଜନଶୁଣାଣିକୁ ବିରୋଧ କରିବା ପାଇଁ ମାଓବାଦୀଙ୍କ ନିବେଦନ

ରାୟଗଡ଼ା,(ସବ୍ୟୁ) : ରାୟଗଡା ଜିଲ୍ଲା କଲ୍ୟାଣସିଂହପୁରକୁ ଏକ ମାଓବାଦୀଙ୍କ ହାତଲେଖା ଚାରିପୃଷ୍ଠାର ଚିଠି ଗଣମାଧ୍ୟମକୁ ମିଳିଛି। ସେଥିରେ ଅକ୍ଟୋବର ୧୬ରେ ହେବାକୁ ଥିବା କାଶୀପୁର ସିଜିମାଲି ଜନଶୁଣାଣିକୁ ବଂଶଧାରା-ଘୁମୁସର-ନାଗାବଳୀ (ବାଘୁନା) ଡିଭିଜନର ସମ୍ପାଦିକା ରିତା ବିରୋଧ କରିବା ପାଇଁ ନିବେଦନ କରିଛନ୍ତି। ସେହିପରି ରାୟଗଡ଼ା ପୁଲିସର ଜୁଲୁମ ଓ ଦଲାଲ ନେତାଙ୍କୁ ବିରୋଧରେ ଉଲ୍ଲେଖ ରହିଛି। ବିଭିନ୍ନ କମ୍ପାନିଗୁଡ଼ିକର ଖଣିଖନନ ପାଇଁ ପେଟି ଠିକା ନେଇଥିବା ଆନ୍ଧ୍ରର ମୈତ୍ରୀ କମ୍ପାନିର ଗୁଣ୍ଡାସାଜି ରାୟଗଡା ପୁଲିସ ଗତ କିଛି ମାସ ହେବ ବିସ୍ଥାପନ ବିରୋଧୀ ଆନ୍ଦୋଳନକାରୀ ଓ ସାଧାରଣ ଜନତାଙ୍କ ଉପରେ ଭୀଷଣ ଜୁଲୁମ ଚଳାଇ ରଖିଛି। ଜୁଲାଇ ମାସରୁ ଏବେ ପର୍ଯ୍ୟନ୍ତ ସିଜୁମାଳି ଅଞ୍ଚଳରୁ ୨୨ଜଣ ଆନ୍ଦୋଳନକାରୀ, ନିୟମଗିରି ଆନ୍ଦୋଳନର ନେତା ସମେତ ମୁନିଗୁଡା ଥାନା ଅନ୍ତର୍ଗତ କାରଜାପଙ୍ଗା ଗ୍ରାମର ୱାର୍ଡ ସଦସ୍ୟ ଓ ପାତ୍ରଛଣି ଗ୍ରାମର ରାଗିଡି କୁ ମିଛ କେଶରେ ରାୟଗଡ଼ା ପୁଲିସ ଗିରଫ କରିଛି। ଗୁଣ୍ଡାଙ୍କ ପରି ବାଟଘାଟ ଓ ରାତିଅଧିଆ ଆସି ଅପହରଣ କରି ନେଉଛି । ପ୍ରଥମେ ଅସ୍ୱୀକାର କରୁଛି, ପୁଣି ଗୁପ୍ତରେ ରଖି ନିର୍ଯ୍ୟାତନା ଦେବା ପରେ ମିଛ କେଶ ପକାଇ ଜେଲକୁ ପଠାଉଛି। ରାୟଗଡ଼ା ଜିଲା ଏସପି ଲଗାତାର ଆଇନ ଉଲ୍ଲଂଘନ କରିଚାଲିଛନ୍ତି। ଗତ ତିନି ମାସ ମଧରେ ୨୭ ଜଣଙ୍କୁ ଗିରଫ କରିଛି। ନିୟମଗିରି ଓ କର୍ଲାପାଟ ଜନଆନ୍ଦୋଳନର ନେତା ସମର୍ଥକଙ୍କ ଉପରେ( ୟୁଏପିଏ) ଦେଶଦ୍ରୋହୀ ମାମଲା ଲଗାଇଛି। କମ୍ପାନିକୁ ବିରୋଧ କରିବା କିପରି ଦେଶଦ୍ରୋହୀ କାର୍ଯ୍ୟ ହେଲା? ପ୍ରକୃତରେ ଦେଶ କହିଲେ କମ୍ପାନିକୁ ବୁଝାଏ ଏବଂ ସରକାର, ପୁଲିସ, ପ୍ରଶାସନ କମ୍ପାନିର ସୁରକ୍ଷା ପାଇଁ ରହିଛନ୍ତିକି ଲୋକଙ୍କ ପାଇଁ ନୁହେଁ, ତାହା ପୁଣି ପ୍ରମାଣିତ ହୋଇଗଲା।

# ସାଇବର ସଚେତନତା କାର୍ଯ୍ୟକ୍ରମ ଉଦ୍‌ଯାପିତ

ରାୟଗଡା,(ସବ୍ୟୁ): ରାୟଗଡ଼ା ଜିଲ୍ଲା ବିଜୁ ପଟ୍ଟନାୟକ ଅଡିଟୋରିୟମରେ ସେପ୍ଟେମ୍ବର ୩୦ତାରିଖରୁ ଆରମ୍ଭ ହୋଇଥିବା ଜିଲ୍ଲା ପୋଲିସ୍ ପକ୍ଷରୁ ସାଇବର ସୁରକ୍ଷା ଅଭିଯାନ କାର୍ଯ୍ୟକ୍ରମର ଆଜି ଉଦଯାପନୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ସାଇବର କ୍ରାଇମ ଦ୍ୱାରା ଅନେକ ଲୋକ ପ୍ରଭାବିତ ହୋଇ ଠକାମିର ଶିକାର ହେଉଥିବା ବେଳେ ଏହି ଠକାମିରୁ କିଭଳି ସୁରକ୍ଷା ପାଇବେ ସେ ନେଇ ସଚେତନ ରଥ ଜିଲ୍ଲାର ୧୧ଟି ବ୍ଲକର ୧୭ଟି ଥାନା ଅନ୍ତର୍ଗତ ପ୍ରତ୍ୟେକ ଗାଁକୁ ଯାଇ ଏହି ସଚେତନ ବାର୍ତ୍ତା ଦେଉଛି । ଯାହାକି ସାଇବର ଠକେଇ ଠାରୁ କିଭଳି ନିଜକୁ ସତର୍କ ହେବ ମୂଳ ଲକ୍ଷ୍ୟ ବୋଲି ଏସପି ବିବେକାନନ୍ଦ ଶର୍ମା କହିଛନ୍ତି । ଉଦଯାପନୀ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ରାୟଗଡ଼ା ବିଧାୟକ ମକର ମୁଦୁଲି ଯୋଗ ଦେଇଥିବା ବେଳେ ସମ୍ମାନୀତ ଅତିଥି ଭାବେ ରାୟଗଡ଼ା ଉପଜିଲ୍ଲାପାଳ କଲ୍ୟାଣୀ ସଂଘମିତ୍ରା ଦେବୀ, ରାୟଗଡ଼ା ସ୍ୱୟଂଶାସିତ କଲେଜର ଅଧକ୍ଷା ବବିତା ସରାଫ, ମହିଳା କଲେଜର ଅଧକ୍ଷା ଅର୍ଚ୍ଚନା ପଟନାୟକ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମର ପରିଚାଳନା ଅତିରିକ୍ତ ଏସପି ବିଷ୍ଣୁ ପ୍ରସାଦ ପାତ୍ର କରିଥିବା ବେଳେ ବରିଷ୍ଠ ସାମ୍ବାଦିକ ବାଦଲ ତା , ରଶ୍ମି ରଞ୍ଜନ ଦୋରା, ବିଜୟ ଦାସ ସମେତ ବହୁ ଶିକ୍ଷାନୁଷ୍ଠାନର ଛାତ୍ର ଛାତ୍ରୀ, ତଥା ବରିଷ୍ଠ ନାଗରିକ ମାନେ ଯୋଗ ଦେଇଥିଲେ । କାର୍ଯ୍ୟକ୍ରମରେ କିଭଳି ସାଇବର୍ ଠକାମୀରୁ ଲୋକମାନଙ୍କୁ ସଚେତନ କରିବେ ସେ ନେଇ ଶପଥ ନେଇଥିଲେ ।ଏହି ଅବସରରେ ରାୟଗଡ଼ା ଅଟୋନମସ କଲେଜର ଛାତ୍ରମାନେ ଏହି ସାଇବର ସୁରକ୍ଷାକୁ ନେଇ ଏକ ଛୋଟ ନାଟକ ପରିବେଷଣ କରି ଏହି ସାଇବର ସୁରକ୍ଷାର ସଚେତନତା ବାର୍ତ୍ତା ଦେଇଥିଲେ । କାର୍ଯ୍ୟକ୍ରମରେ ଜିଲ୍ଲା ପୋଲିସ ବିଭାଗ ତରଫରୁ ଅନେକ ଅନୁଷ୍ଠାନ ଓ ବ୍ୟକ୍ତି ବିଶେଷଙ୍କୁ ସାଇବର ସୁରକ୍ଷା କାର୍ଯ୍ୟକ୍ରମରେ ସହଯୋଗର ହାତ ବଢାଇଥିବାରୁ ମାନପତ୍ର ଦେଇ ସମ୍ମାନିତ କରିଥିଲେ । ଏହି କାର୍ଯ୍ୟକ୍ରମର ନୋଡ଼ାଲ ଅଧିକାରୀ ତଥା ଅତିରିକ୍ତ ଏସପି ବିଷ୍ଣୁ ପ୍ରସାଦ ପାତ୍ର ମଞ୍ଚ ପରିଚାଳନା କରିଥିଲେ।

## ଛତରଯାତ୍ରା ଓ ଦୁର୍ଗାପୂଜା ଶାନ୍ତି କମିଟି ବୈଠକ

# ଟ୍ରାଫିକ୍ ନିୟନ୍ତ୍ରଣ ଓ ମାଦକ ଦ୍ରବ୍ୟ କଟକଣାକୁ ଗୁରୁତ୍ୱ



ଭବାନୀପାଟଣା,(ସବ୍ୟୁ): ଆସନ୍ତା ୨୨ତାରିଖ କଳାହାଣ୍ଡିର ଅଧିଷ୍ଠାତ୍ରୀ ଦେବୀ ମାଁ ମାଣିକେଶ୍ୱରୀଙ୍କ ପ୍ରସିଦ୍ଧ ଛତର ଯାତ୍ରା ଓ ଦଶହରା ପର୍ବକୁ ଶାନ୍ତିଶୃଙ୍ଖଳା ସହ କରାଯିବା ନେଇ ପୋଲିସ୍ ପକ୍ଷରୁ ଶାନ୍ତି କମିଟି ବୈଠକ ଥାନା ପରିସରରେ ହୋଇଯାଇଛି। ଟାଉନ୍ ଥାନା ଅଧିକାରୀ ଯଶୋବନ୍ତ ହିଆଲଙ୍କ ଅଧକ୍ଷତାରେ ଅନୁଷ୍ଠିତ ବୈଠକରେ ଭବାନୀପାଟଣା ପୌରପାଳିକା ଅଧକ୍ଷା ସଂଯୁକ୍ତା ବେହେରା, ଉପାଧକ୍ଷ ବିଷ୍ଣୁ ପ୍ରଧାନ, ସଦର ଥାନାଧିକାରୀ ନରେଶ ପ୍ରଧାନ ପ୍ରମୁଖ ମଞ୍ଚାସୀନ ଥିଲେ। ବୈଠକରେ ପୌରପାଳିକାର ସମସ୍ତ ୱାର୍ଡ କାଉନସିଲର, ସମସ୍ତ ଦୁର୍ଗାପୂଜା କମିଟି କର୍ମକର୍ତ୍ତା, ବିଭିନ୍ନ ସଂସ୍କୃତି ଅନୁଷ୍ଠାନର ପ୍ରତିନିଧ ପ୍ରମୁଖ ଯୋଗଦେଇ ଚଳିତ ବର୍ଷ ଛତର ଯାତ୍ରାକୁ କିଭଳି ଶାନ୍ତିଶୃଙ୍ଖଳାର ସହ କରାଯିବ ସେନେଇ ନିଜର ମତାମତ ଉପସ୍ଥାପନ କରିଥିଲେ । ଛତର ଯାତ୍ରା ଓ ଦୁର୍ଗାପୂଜା ବେଳେ ସହରରେ ମଦବିକ୍ରି ଓ ସର୍ବସାଧାରଣ ସ୍ଥାନରେ ବ୍ୟବହାର କଟକଣାକୁ କଡ଼ାକଡ଼ି ଭାବେ କାର୍ଯ୍ୟକାରୀ କରାଯିବାକୁ ବୈଠକରେ ଗୁରୁତ୍ୱାରୋପ କରାଯାଇଥିଲା। ସେହିପରି ରାସ୍ତାକଡ଼ରେ ବେଆଇନ ମଦକୋଠି ଉପରେ ଚଢଉ, ସହରର ବିଭିନ୍ନ ଗଳିରେ ପିସିଆର ଯାଞ୍ଚ କରାଯିବା, ଛତର ଯାତ୍ରା ବେଳେ ଭବାନୀପାଟଣାକୁ ସଂଯୋଗ କରୁଥିବା ବିଭିନ୍ନ ରାସ୍ତାରେ ଗାଡ଼ି ପାର୍କିଂ ବ୍ୟବସ୍ଥା, ଛତର ଯାତ୍ରାରେ ସାମିଲ ସାଂସ୍କୃତିକ ଦଳଗୁଡ଼ିକକୁ ପୁଲିସ୍ ର ସହଯୋଗ ନେଇ ଆଲୋଚନା ହୋଇଥିଲା। ସେହିପରି ଦୁର୍ଗାପୂଜାରେ ଆୟୋଜିତ ସାଂସ୍କୃତିକ କାର୍ଯ୍ୟକ୍ରମ ଓ ଅନ୍ୟ କାର୍ଯ୍ୟକ୍ରମ ସଂପର୍କରେ ପୁଲିସକୁ ପୂର୍ବସୂଚନା ପ୍ରଦାନ କରିବା ଓ କମିଟିର ସଦସ୍ୟମାନେ ବିଭିନ୍ନ ଦାୟିତ୍ୱ ଗୁଡ଼ିକ ତୁଲାଇବାରେ ପୁଲିସକୁ ସହଯୋଗ କରିବାକୁ ଟାଉନ ଥାନାଧିକାରୀ ଶ୍ରୀ ହିଆଲ କମିଟି ଗୁଡ଼ିକୁ ନିବେଦନ କରିଥିଲେ।

# ବିଶ୍ୱ ଛାତ୍ର ଦିବସ ଅବସରରେ ଆସ ପିଲାଙ୍କୁ ବୁଝିବା କାର୍ଯ୍ୟକ୍ରମ




ରେଢାଖୋଲ,(ସବ୍ୟୁ): ବିଶ୍ୱ ଛାତ୍ର ଦିବସ ଅବସରରେ ନାକଟିଦେଉଳ ସ୍ଥିତ ପ୍ରଗତି ଶିଶୁ ବିକାଶ କେନ୍ଦ୍ରରେ ଏକ ସ୍ୱତନ୍ତ୍ର ଶୈକ୍ଷିକ ଅଧିବେଶନ ଅନୁଷ୍ଠିତ ହୋଇଯାଇଛି। ଅଧିବେଶନର ଆରମ୍ଭରେ ପ୍ରଗତି ଅନୁଷ୍ଠାନର ନିର୍ଦ୍ଦେଶକ ବନ୍ଦିତା ଦାଶ, ଡ଼ଃ ଏ.ପି. ଜେ ଅବଦୁଲ କାଲାମଙ୍କ ଫଟୋ ଚିତ୍ରରେ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ପୁଷ୍ପାଞ୍ଜଳି ଅର୍ପଣ କରିଥିଲେ। ଉକ୍ତ ଅଧିବେଶନରେ ଶିକ୍ଷା ପରାମର୍ଶଦାତା ତଥା ନାକଟିଦେଉଳ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଶିକ୍ଷା ବିଭାଗର ଅଧାପକ ଡଃ ପ୍ରଶାନ୍ତ କୁମାର ଦାଶ ଶିଶୁମାନଙ୍କ ମଧ୍ୟରେ ସୃଜନାତ୍ମକ ଚିନ୍ତନ, ଫଳପ୍ରଦ ଭାବ ବିନିମୟ ଓ ଆତ୍ମ ସଚେତନତା କୌଶଳ ବିକାଶ ନିମନ୍ତେ ବିଭିନ୍ନ ଶିକ୍ଷଣ କାର୍ଯ୍ୟ ସମ୍ପାଦନ କରିଥଲେ। କାର୍ଯ୍ୟକ୍ରମରେ ଜଗନ୍ନାଥ ପ୍ରସାଦ ସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ପଞ୍ଚମ , ଷଷ୍ଠ , ସପ୍ତମ ଓ ଅଷ୍ଟମ ଶ୍ରେଣୀର ୨୩ ଜଣ ଛାତ୍ରଛାତ୍ରୀ ଭାଗ ନେଇଥିଲେ। ପ୍ରଧାନ ଆଚାର୍ଯ୍ୟ ବିଜୟ କୁମାର ସାହୁ ,ପ୍ରଗତି ଟିମ୍ ମେମ୍ବର ଶୁଭଜିତ୍ ଦେହୁରୀ ଓ ସୁଶ୍ରୀ ତେଜସ୍ମିତା ସାହୁ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।

# ରାଷ୍ଟ୍ର ଗଠନରେ ଯୁବ ପ୍ରସ୍ତୁତି କାର୍ଯ୍ୟକ୍ରମ ଉଦ୍‌ଯାପିତ




ସମ୍ବଲପୁର,(ସବ୍ୟୁ): ସମ୍ବଲପୁର ପବ୍ଲିକ ଲାଇବ୍ରେରୀ ଠାରେ ରାଷ୍ଟ୍ର ଗଠନରେ ଯୁବ ପ୍ରସ୍ତୁତି କାର୍ଯ୍ୟକ୍ରମ ଉଦଯାପିତ ହୋଇଯାଇଛି । ଉଦଯାପନୀ ସଭାରେ ପ୍ରଫେସର ଶଙ୍କର ପ୍ରସାଦ ପତି ଅଧକ୍ଷତା କରି କାର୍ଯ୍ୟକ୍ରମ ସମ୍ପର୍କରେ ସମ୍ୟକ ସୂଚନା ଦେଇଥିଲେ । ମୁଖ୍ୟ ଅତିଥି ଭାବେ ମହାନଗର ନିଗମ କମିଶନର ବେଦଭୂଷଣ ଯୋଗଦେଇ ପିଲାଙ୍କୁ ନିଜକୁ କଠିନ ଲାଗୁଥିବା ବିଷୟକୁ ଅଧିକ ପ୍ରାଧାନ୍ୟ ଦେଇ ନିରନ୍ତର ପଠନ ଅଭ୍ୟାସ ଓ ଖବର କାଗଜ ପଢିବାକୁ ଉପଦେଶ ଦେଇଥିଲେ । କାର୍ଯ୍ୟକ୍ରମ ସଂଯୋଜକ ରାଜେନ୍ଦ୍ର କୁମାର ପଣ୍ଡା ବିଗତ ୬ମାସର ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଉପରେ ସୂଚନା ଦେଇ ଆଭିମୁଖ୍ୟ ଓ ପ୍ରଗତି ବିଷୟ ଉଲ୍ଲେଖ କରି ପିଲାଙ୍କୁ ଶିକ୍ଷାଦାନ କରିଥିବା ଖ୍ୟାତନାମା ଡାକ୍ତର, ଇଞ୍ଜିନିଅର, ଅଧ୍ୟାପକ, ଶିକ୍ଷକ ଓ ସମାଜସେବୀଙ୍କୁ ଅବଦାନ ଉଲ୍ଲେଖଯୋଗ୍ୟ ବୋଲି କହିଥିଲେ । ଦୀର୍ଘ ୨୪ଟି ସପ୍ତାହର ୪୮ଟି ଶ୍ରେଣୀରେ ଦିଆଯାଇଥିବା ନୈତିକ ଓ ବୈଷୟିକ ଶିକ୍ଷା ପିଲାଙ୍କୁ ଅନେକ ଉପାଦେୟ ହେବ ବୋଲି ସୂଚନା ଦେଇ ଆଗାମୀ ୨୦୨୪ଏପ୍ରିଲ ମାସରୁ ଅଷ୍ଟମ ଓ ନବମ ଶ୍ରେଣୀ ପିଲାଙ୍କୁ ନେଇ କାର୍ଯ୍ୟକ୍ରମ ଅବ୍ୟାହତ ରହିବ ବୋଲି ପ୍ରକାଶ କରିଥିଲେ । ଆଗାମୀ ନଭେମ୍ବର ମାସରେ ଏକ ସମାବର୍ତ୍ତନ ଉତ୍ସବରେ ଚଳିତ ବର୍ଷ ଶିକ୍ଷା ଶେଷ କରିଥିବା ପିଲାମାନଙ୍କୁ ସାର୍ଟିଫିକେଟ ପ୍ରଦାନ କରାଯିବ ବୋଲି କହିଥିଲେ । ଆଭାସି ମାଧ୍ୟମରେ ପ୍ରଫେସର ଆଦିତ୍ୟ ପ୍ରସାଦ ପାଢ଼ୀ ପିଲାମାନଙ୍କୁ ସମ୍ବୋଧିତ କରିଥିଲ । ଅନ୍ୟ ମାନଙ୍କ ମଧ୍ୟରେ ଡା. ନାରାୟଣୀ ପଣ୍ଡା ଉଦବୋଧନ ଦେଇ ସୁନାଗରିକ ହେବାକୁ ପରାମର୍ଶ ଦେଇଥିଲେ । ରବିବାର ଅଷ୍ଟବିଂଶ ସପ୍ତାହର ପ୍ରଥମ ଅଧିବେଶନକୁ ପ୍ରାକ୍ତନ ଇଂରାଜୀ ପ୍ରଫେସର ସୁରେନ୍ଦ୍ର ପ୍ରସାଦ ପଣ୍ଡା ଆମର ବ୍ୟସ୍ତ ବହୁଳ ଜୀବନରେ କିପରି ଏକାଗ୍ରତା ଆସିବ ସେ ପ୍ରସଙ୍ଗରେ ଅନେକ ଉଦାହରଣ ସହ ପାଠପଢା ସମୟରେ ଏକାଗ୍ରତା ପାଇଁ ଛାତ୍ରଛାତ୍ରୀଙ୍କୁ ଉପଦେଶ ଦେଇଥିଲେ। ଦ୍ୱିତୀୟ ଅଧିବେସନକୁ ଯୋଗଗୁରୁ ଡାକ୍ତର ଜୟଦେବ ମେହେର ଓ ତାଙ୍କ ଦଳ ଦୈନନ୍ଦିନ ଜୀବନରେ ଯୋଗର ଉପକାରିତା ଓ ସୁସ୍ଥ ଜୀବନ ଯାପନ ଶୈଳୀ ଉପରେ ଆଲୋଚନା ପୂର୍ବକ ଯୋଗର ବିଭିନ୍ନ ଉପାଦେୟ ମୁଦ୍ରା ପ୍ରଦର୍ଶନ କରିଥିଲେ।

ଉଦଯାପନୀ ସଭାରେ ମୁରଲୀଧର ପ୍ରେମନାଥ ନାୟକ, ସାମ୍ବାଦିକ ଅର୍ଜୁନ ରଞ୍ଜନ ପଣ୍ଡା, ଶିକ୍ଷାବିତ ଅରବିନ୍ଦ ମହାପାତ୍ର, ପ୍ରଫେସର ମୀନକେତନ ପାଠୀ, କାମଦେବ ସାହୁ, ପ୍ରଫୁଲ୍ଲ କୁମାର ହୋତା, ଡ. ଗିରିଧାରୀ ହୋତା, ଉଦିତଚନ୍ଦ୍ର ପାଟଯୋଶୀ, ପ୍ରଧାନ ଶିକ୍ଷୟିତ୍ରୀ ସିଂନି ବାଡା, ରିତାରାଣୀ ହୋତା, ପ୍ରଦୀପ ପଣ୍ଡା, ସଚିନ୍ଦ୍ର କୁମାର ମିଶ୍ର, ପୃଥ୍ୱିରାଜ ମିଶ୍ର, ଗୋଲକ ବିହାରୀ ମିଶ୍ର ଭକ୍ତ ଓ ପ୍ରସାଦ ନନ୍ଦ ପ୍ରମୁଖ ଉପସ୍ଥିତ ରହି ପିଲାଙ୍କୁ ଉତ୍ସାହିତ କରିଥିଲେ । ଶେଷରେ ପାଠାଗାର ସଭ୍ୟ ସମ୍ପାଦକ ରଘୁନାଥ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ ।

# ରୁଗୁଡିପଡା ନବରାତ୍ର ଦୁର୍ଗାପୂଜା ପାଇଁ କଳସ ଶୋଭାଯାତ୍ରା



ବଲାଙ୍ଗିର,(ସବ୍ୟୁ): ବଲାଙ୍ଗିର ନବରାତ୍ର ଦୁର୍ଗାପୂଜା ପାଇଁ ରବିବାର ଭୋର ସକାଳ ୪.୩୦ ମି. ରେ ରୁଗୁଡିପଡା ମଣ୍ଡପ ଠାରୁ ପୂଜା କମିଟି କର୍ମକର୍ତ୍ତା ଓ ସଦସ୍ୟମାନେ ଏକ ଶୋଭାଯାତ୍ରାରେ ବାହାରି ମହାରାଣୀ ସାଗର ଠାରେ ପୂଜାଅର୍ଚ୍ଚନା ପରେ ପୂର୍ଣ୍ଣ କଳସ ଦୁର୍ଗା ମଣ୍ଡପକୁ ଅଣା ଯାଇଥିଲା । ପୂଜା କାର୍ଯ୍ୟରେ ମୁଖ୍ୟ ପୂଜକ ସଚିକାନ୍ତ ମିଶ୍ର, ନିରଞ୍ଜନ ମହାପାତ୍ର, ସତ୍ୟନାରାୟଣ ପଣ୍ଡା, ସନ୍ତୋଷ ପଣ୍ଡା, ଲକ୍ଷ୍ମୀ ମହାରଣା, ଭାଗରଥି ମହାକୁର, ଡମ୍ବରୁ ପଶାୟତ, ଶିଶିର, ସ୍ୱସ୍ତିକ ସାହୁ ପ୍ରମୁଖ ସହଯୋଗ କରିଥିଲେ । କର୍ତ୍ତା ଭାବରେ ସିଦ୍ଧାନ୍ତ ପୁଜାରି ଓ ତାଙ୍କ ସହ ଧର୍ମଣୀ ବର୍ଷାରାଣୀ ଦାୟିତ୍ୱ ତୁଲାଇଥିଲେ । ଏହି ଶୋଭାଯାତ୍ରାରେ ପୂଜା କମିଟିର ସଭାପତି ଚେତନାନନ୍ଦ ପଣ୍ଡା, ଉପ-ସଭାପତି ସଂଜିବ ଶତପଥି ଓ ପ୍ରଦୀପ ପଟ୍ଟନାୟକ, ସହ-ସଂପାଦକ କାହ୍ନୁ ବରର୍ଡ଼ି, ଟିଙ୍କୁ ବାଗ, କୋଷାଧକ୍ଷ ଦେବାଶିଷ ମହାକୁର, କାର୍ଯ୍ୟକାରୀ ସଦସ୍ୟ ଶିବାନନ୍ଦ ବାଗ, ଅରୁଣ ନାଏକ, ବିଷ୍ଣୁ ଦତ୍ତ ହୋତା, ନୟନ ମହାନ୍ତି, ବାଜୁ ଦାସ, ଶ୍ରୀକାନ୍ତ ରାଉତ, ସଙ୍କେତ ବରର୍ଡ଼ି, ହୃଶି ପଟ୍ଟନାୟକ, ତଥାଗତ ବାଗ, ମିଳନ ସାହାଣୀ, ବିଭୁତି ଭୂଷଣ ମିଶ୍ର, ନାନୁ ମଲ୍ଲିକ, ଚରଣ ସାହାଣୀ, ଆନନ୍ଦ ସାହୁ, ତପନ ସେଠ, ଶିବୁ ଡୁଙ୍ଗ ଡୁଙ୍ଗୁରି, ରମେଶ ସାହୁ, ସୁମିତ ବରର୍ଡ଼ୀ, ସ୍ୱରୁପ ରଥ, ରାହୁଲ ସେଠ୍, ପ୍ରଶାନ୍ତ ସାହାଣୀ, କିସନ ପଟ୍ଟନାୟକ, ଚିନ୍ମୟ ଚାନ୍ଦ, ମୁନା ସେଠ, ତପନ ସେଠ, ପ୍ରେମ ସେଠ, ଦିପକ ବାଗ, ତଥାଗତ ବାଗ, ଚିନୁ ବେହେରା, ସ୍ୱରୁପ ରଥ, ନାଡୁ ନିଆଲ, ପ୍ରମୋଦ ନନ୍ଦ, ସୁମିତ ବରର୍ଡ଼ି, ତାପସ ମହାନ୍ତି, ସରଞ୍ଜିତ ସାହାଣି, ହୃଷି ପଟ୍ଟନାୟକ, ବିଷ୍ଣୁ ପ୍ରସାଦ ଜାଲ, ବିଶ୍ୱ ରଂଜନ ସିଂହ, ପଂଚାନନ ଗଉଡ, ରାଜେଶ ଘିବେଲା, ବୁବୁନ ନାୟକ, ଗୋପିନାଥ ଚନ୍ଦନ, ସୁବାଷ ନାଏକ, କଏଁରୁ ବରିହା, ଜନ୍ମେଜୟ ଚନ୍ଦନ, ପ୍ରମୁଖ ସାମିଲ ଥିଲେ ।

(ଶ୍ରୀମଦ୍‌ଭଗବଦ୍ ଗୀତା ୨/୨୨)

–ସାଂଖ୍ୟଯୋଗଃ–

(ଶ୍ରୀଭଗବାନୁବାଚ )

ବାସାଂସି ଜୀର୍ଣ୍ଣାନି ଯଥା ବିହାୟ

ନବାନି ଗୃହ୍ଣାତି ନରୋଽପରାଣି ।। ୨୨ ।।

(ନନୁ ଆତ୍ମନଃ ଅବିନାଶେଽପି ତଦୀୟଶରୀରନାଶଂ ପର୍ଯ୍ୟାଲୋଚ୍ୟ ଶୋଚାମାତି ଚେତ୍ ତତ୍ରାହ)– ଯଥା ନରଃ ଜୀର୍ଣ୍ଣାନି ବାସାଂସି (ବସ୍ତ୍ରାଣି) ବିହାୟ (ପରିତ୍ୟଜ୍ୟ) ଅପରାଣି (ଅନ୍ୟାନି)...... ।। ୨୨ ।।

(ଶ୍ରୀମଦ୍‌ଭଗବଦ୍ ଗୀତା ୨/୨୨)

## ସମ୍ପାଦକୀୟ

# ବିଶ୍ୱ ଶକ୍ତି ରୁଷିଆ !

ରୁଷ–ୟୁକ୍ରେନ ବିବାଦର ଫଳାଫଳ କ'ଣ ହୋଇପାରେ? ପ୍ରାୟ ଦେଢ଼ ବର୍ଷରୁ ଉର୍ଦ୍ଧ୍ୱ ହେବ, ଉଭୟ ଦେଶ ଉଭୟଙ୍କ ଉପରେ ଆକ୍ରମଣ ଜାରି ରଖିଛନ୍ତି । ଉଭୟ ଦେଶ ବହୁ କ୍ଷୟକ୍ଷତିର ସମ୍ମୁଖୀନ ହେଉଛନ୍ତି । ଯୁଦ୍ଧ ସରିବାର ନା ଧରୁନି । ଏହା କେତେ ଦିନ ଚାଲିବ ଏବଂ ଫଳାଫଳ କଣ ହେବ, ସେ ନେଇ ଭିନ୍ନ ଭିନ୍ନ ମତ ପ୍ରକାଶ ପାଉଛି । ୟୁକ୍ରେନ ନିଜ ଅଞ୍ଚଳକୁ ରୁଷ ଠାରୁ ମୁକ୍ତ କରିବା ପାଇଁ ସଂଗ୍ରାମ କରିଚାଲିଥିବାବେଳେ ରୁଷ କିପରି ୟୁକ୍ରେନକୁ ନିଜ ଅଧୀନକୁ ଆଣିବ, ସେ ଦିଗରେ ପ୍ରୟାସ ଜାରି ରଖିଛି । ରୁଷର ଲକ୍ଷ୍ୟ–ୟୁକ୍ରେନକୁ ନିଜ ନିୟନ୍ତ୍ରଣରେ ରଖିବା ଏବଂ ନାଟୋକୁ ନିଜ ଅଞ୍ଚଳରୁ ଦୂରରେ ରଖିବା । କିନ୍ତୁ ବାସ୍ତବରେ ଏହା ସମ୍ଭବ ହେଇପାରିନାହିଁ । ବରଂ ୟୁକ୍ରେନ ଏହାର ଲଢେଇ ଜାରିରଖିଛି ଏବଂ ଦାବି କରୁଛି ଯେ' ଏହା ରୁଷିଆ ନିୟନ୍ତ୍ରଣକୁ ଚାଲିଯାଇଥିବା କିଛି ଅଞ୍ଚଳକୁ ପୁଣି ଥରେ ନିଜ ନିୟନ୍ତ୍ରଣକୁ ନେଇପାରିଛି । ଏ ସବୁ ସମ୍ଭବ ହେବା ପଛରେ ଦୁଇଟି କାରଣ ରହିଛି । ଗୋଟିଏ ୟୁକ୍ରେନର ରାଷ୍ଟ୍ରପତିଙ୍କ ସାହସ ଓ କୂଟନୈତିକ ସ୍ତରରେ ସଫଳତା ଏବଂ ଦ୍ୱିତୀୟଟି ହେଉଛି, ଆମେରିକା, ଉରୋପୀୟାନ ୟୁନିଅନ ଏବଂ ଅନ୍ୟାନ୍ୟ ପାଶ୍ଚାତ୍ୟ ଦେଶର ସହଯୋଗ । ଏହି ଦୁଇଟି କାରଣ ମଧ୍ୟରୁ, ମୁଖ୍ୟ କାରଣ ହେଉଛି– ଆମେରିକା ଓ ଅନ୍ୟ ପାଶ୍ଚାତ୍ୟ ଦେଶର ସାହାଯ୍ୟ ଓ ସହଯୋଗ । ଅର୍ଥାତ୍ ଯେ' ପର୍ଯ୍ୟନ୍ତ ୟୁକ୍ରେନ ପାଶ୍ଚାତ୍ୟ ଦେଶରୁ ଏହି ସାହାଯ୍ୟ ଓ ସହଯୋଗ ପାଉଥିବ, ସେ ପର୍ଯ୍ୟନ୍ତ ଲଢେଇ ଜାରି ରଖିଥିବ ଏବଂ ପାଶ୍ଚାତ୍ୟ ସହଯୋଗରେ କିଛି କିଛି ଅଞ୍ଚଳକୁ ଫେରିପାଇବା ପାଇଁ ଚେଷ୍ଟା କରିବ ଏବଂ ସଫଳ ହେଇପାରେ ମଧ୍ୟ । ଏ ସବୁ ନିର୍ଭର କରେ, ଇଉରୋପୀୟ ଓ ଆମେରିକାର ସହଯୋଗ ଉପରେ । ନଚେତ ସବୁକିଛି ଓଲଟପାଲଟ ହେଇଯିବ ଏବଂ ରୁଷିଆ ନିଜ ଲକ୍ଷ୍ୟ ହାସଲ କରିବାରେ ସକ୍ଷମ ହେବ । କିନ୍ତୁ ୟୁକ୍ରେନକୁ ସହାୟତା ଦେବା ନେଇ ଆମେରିକା କଂଗ୍ରେସରେ ଦ୍ୱିମତ ଦେଖାଯାଇଛି । ୟୁକ୍ରେନକୁ ସାମରିକ, ମାନବିକ ତଥା ଅର୍ଥନୈତିକ ସହାୟତା କ୍ଷେତ୍ରରେ ସହଯୋଗ ନେଇ ୨୪ ବିଲିଅନ୍ ଡଲାର ଦେବା ନେଇ ଆମେରିକା ରାଷ୍ଟ୍ରପତିଙ୍କ ଅନୁରୋଧକୁ ଅଣଦେଖା କରି ଆମେରିକାର ପୂର୍ବତନ ବାଚସ୍ପତି କେଭିନ୍ ମ୍ୟାକ୍‌କାରି ସ୍ୱଳ୍ପକାଳୀନ ସରକାରୀ ଖର୍ଚ୍ଚ ବିଲ୍‌କୁ ପାସ୍ କରିଛନ୍ତି । ଏହି ପଦକ୍ଷେପ ଦ୍ୱାରା ଆମେରିକା ଏକ ବଡ଼ ସଂକଟକୁ ଏଡାଇ ଦେଇପାରିଛି । କିନ୍ତୁ ଭବିଷ୍ୟତରେ ଯେକୌଣସି ସହାୟତା ପ୍ରଦାନକୁ ଏହା ନିରୁତ୍ସାହିତ କରିପାରେ । ସେହିପରି ଅନ୍ୟ କେତେକ ଦେଶରେ ମଧ୍ୟ ଖର୍ଚ୍ଚ ବଢିବା ନେଇ ଅସନ୍ତୋଷ ଦେଖା ଦେଇଛି । ଅନ୍ୟପକ୍ଷରେ ଆମେରିକା ରାଷ୍ଟ୍ରପତି ଜୋ ବାଇଡେନ ଏବେ ମଧ୍ୟ ଜିଦ୍‌ରେ ଅଟଳ ଅଛନ୍ତି, ୟୁକ୍ରେନକୁ ସହାୟତା ଦେବାପାଇଁ । ତେଣୁ ବର୍ତ୍ତମାନ ୟୁକ୍ରେନ ବିବାଦର ଭବିଷ୍ୟତ ନେଇ ପ୍ରଶ୍ନବାଚୀ ସୃଷ୍ଟି ହେଇଛି । କେତେକ ତଥ୍ୟ ଅନୁଯାୟୀ, ୟୁକ୍ରେନକୁ ପ୍ରବାହିତ ସମସ୍ତ ସହାୟତା ମଧ୍ୟରୁ ୪୭ ପ୍ରତିଶତ ଆମେରିକାର, ୩୯ ପ୍ରତିଶତ ୟୁରୋପୀୟ ୟୁନିଅନର ଏବଂ ଅବଶିଷ୍ଟାଂଶ ବ୍ରିଟେନ ଏବଂ କାନାଡା ସମେତ ଅନ୍ୟମାନଙ୍କଠାରୁ ଆସିଛି । ବର୍ତ୍ତମାନ ଆମେରିକୀୟ ଏବଂ ୟୁରୋପୀୟମାନେ ୟୁକ୍ରେନ ପ୍ରତି ପ୍ରତିବଦ୍ଧ ରହିବେ କି ନାହିଁ, ତାହା ସବୁଠାରୁ ବଡ ପ୍ରଶ୍ନ ଏବଂ ଯଦି ବି ନ ରହିବେ ବା ୟୁକ୍ରେନକୁ ପୂର୍ବଭଳି ସହାୟତା ନ କରିବେ, ତେବେ ତାଙ୍କର ରଣନୀତି କଣ ହେବ, ସେ ବି ଗୋଟିଏ ବଡ ପ୍ରଶ୍ନ । ଅନ୍ୟପଟେ, ରୁଷିଆ ଶେଷ ପର୍ଯ୍ୟନ୍ତ ଯୁଦ୍ଧ କରିବାରେ ସଫଳ ହେବ ବା ବିଶ୍ୱର ଅଧିକାଂଶ ଦେଶର ଚାପ ଆଗରେ ହାର ମାନିଯିବ । କାରଣ ବର୍ତ୍ତମାନ ପ୍ରାୟ ଅଧିକାଂଶ ଦେଶ ସହ ରୁଷିଆର ସମ୍ପର୍କ ଭଲନାହିଁ । କିନ୍ତୁ ରୁଷିଆର ଇତିହାସକୁ ଆମେ ଯଦି ଦେଖିବା, ପ୍ରାୟ ଏହା ସହଜରେ ଆତ୍ମ ସମର୍ପଣ କରିବାକୁ ପସନ୍ଦ କରେ ନାହିଁ । ତେଣୁ ଯୁଦ୍ଧ ପାଇଁ ଏହା ଯେ' କୌଣସି ସ୍ତରକୁ ବି ଯାଇପାରେ । ରୁଷିଆର ବିଜୟ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନଙ୍କୁ ଅଧିକ ସଶକ୍ତ କରିବ ଏବଂ ପୂର୍ବତନ ସୋଭିଏତ୍ ୟୁନିଅନର ପୁନଃ ନିର୍ମାଣ ନେଇ ତାଙ୍କ ଇଚ୍ଛାକୁ ପୂରଣ କରିବାରେ ସେ ଚେଷ୍ଟା କରିବେ । ଯୁଦ୍ଧ ଯେତେ ଅଧିକ ପୁରୁଣା ହେବ, ୟୁରୋପୀୟ ଦେଶ ଏବଂ ଆମେରିକାର ଯୁଦ୍ଧ ପ୍ରତିଥିବା ଉତ୍ସାହ ହ୍ରାସ ପାଇବାରେ ଲାଗିବ । ଯାହା ରୁଷିଆ ସପକ୍ଷରେ ଯିବ ଏବଂ ରୁଷିଆ ବିଶ୍ୱ ଶକ୍ତି ଭାବରେ ଏହାର ପ୍ରତିଛବିକୁ ଆହୁରି ଦୃଢ କରିପାରିବ ।

# ବେକାରୀ ହାର ହ୍ରାସ

ଜାତୀୟ ନମୁନା ସର୍ଭେ କାର୍ଯ୍ୟାଳୟ ଦ୍ୱାରା ପ୍ରକାଶିତ ଶ୍ରମ ଶକ୍ତି ସର୍ବେକ୍ଷଣ ବାର୍ଷିକ ରିପୋର୍ଟ ୨୦୨୨–୨୦୨୩ ଅନୁଯାୟୀ ୧୫ ବର୍ଷ ଏବଂ ତଦୁର୍ଦ୍ଧ୍ୱ ବ୍ୟକ୍ତିଙ୍କ ପାଇଁ ଭାରତର ବେକାରି ହାର ଜୁଲାଇ ୨୦୨୨–ଜୁନ୍ ୨୦୨୩ ମଧ୍ୟରେ ୩.୨ ପ୍ରତିଶତ ରେକର୍ଡ କରାଯାଇଛି, ଯାହା ୬ ବର୍ଷ ମଧ୍ୟରେ ସର୍ବନିମ୍ନ । ୨୦୨୧–୨୨ ରେ ଏହା ୪.୧ ପ୍ରତିଶତ ଥିଲା । ଗ୍ରାମାଞ୍ଚଳରେ ବେକାରୀ ହାର ୨୦୧୭–୧୮ରେ ୫.୩ ପ୍ରତିଶରୁ ୨୦୨୨–୨୩ ରେ ୨.୪ ପ୍ରତିଶତକୁ ହ୍ରାସ ପାଇଥିବାବେଳେ ସହରାଞ୍ଚଳ ପାଇଁ ଏହା ୭.୭ ପ୍ରତିଶତରୁ ୫.୪ ପ୍ରତିଶତକୁ ହ୍ରାସ ପାଇଛି । ଭାରତରେ ପୁରୁଷଙ୍କ ପାଇଁ ବେକାରି ହାର ୨୦୧୭–୧୮ରେ ୬.୧ ପ୍ରତିଶତ ଥିବାବେଳେ ୨୦୨୨–୨୩ ରେ ୩.୩ ପ୍ରତିଶତକୁ ହ୍ରାସ ପାଇଛି । ସେହିଭଳି ମହିଳାମାନଙ୍କ କ୍ଷେତ୍ରରେ ବେକାରୀ ହାର ମଧ୍ୟ ହ୍ରାସ ପାଇଛି ଏବଂ ଏହା ୫.୬ ପ୍ରତିଶତରୁ ୨.୯ ପ୍ରତିଶତକୁ ହ୍ରାସ ପାଇଛି । ଏହି ତଥ୍ୟ ବାସ୍ତବିକ ଉତ୍ସାହଜନକ । 'ନିଯୁକ୍ତି' ସବୁବେଳେ ଭାରତର ଅର୍ଥନୈତିକ ନୀତିର ମୂଳ ପ୍ରସଙ୍ଗ ଭାବରେ ରହିଆସିଛି । ଦେଶର ଅର୍ଥନୈତିକ ଅଭିବୃଦ୍ଧି ସହ ନିଯୁକ୍ତି ଅଙ୍ଗାଙ୍ଗୀଭାବେ ଜଡିତ । କୋଭିଡ ମହାମାରୀର ପ୍ରଭାବରେ ଦେଶର ଅର୍ଥନୀତି ଯଥେଷ୍ଟ ପ୍ରଭାବିତ ହେଇଥିବାବେଳେ ବେରୋଜଗାରୀଙ୍କ ସଂଖ୍ୟା ମଧ୍ୟ ସେହି ଅନୁପାତରେ ବୃଦ୍ଧି ପାଇଥିଲା । ସହରବଜାରରେ ଏବଂ ବିଭିନ୍ନ ଶିଳ୍ପାଞ୍ଚଳରେ କାର୍ଯ୍ୟ କରୁଥିବା ହଜାର ହଜାର କର୍ମଚାରୀ ନିଜର ଜୀବିକା ହରାଇ ଗାଁକୁ ଫେରି ଯାଇଥିଲେ । ତେଣୁ ୨୦୨୨–୨୩ ର ଶ୍ରମ ଶକ୍ତି ସର୍ବେକ୍ଷଣର ସୂଚନା ଆମ ସମସ୍ତଙ୍କ ପାଇଁ ଖୁସିର ଖବର । କିନ୍ତୁ ସର୍ବେକ୍ଷଣରେ ନିୟମିତ ମଜୁରୀ / ବେତନ ପ୍ରାପ୍ତିର ଅଂଶ ହ୍ରାସ ଏବଂ ସ୍ୱରୋଜଗାର ବୃଦ୍ଧି ଘଟିଛି । ଯାହା ଚିନ୍ତାର ବିଷୟ ବୋଲି ଅନେକଙ୍କ ମତ । ସମଗ୍ର ଭାରତ ବର୍ଷରେ ଶ୍ରମଶକ୍ତିର ଅଂଶଗ୍ରହଣ ହାର (୧୫ ବର୍ଷ ଏବଂ ତଦୁର୍ଦ୍ଧ୍ୱ) ୨୦୧୭–୧୮ରେ ୪୯.୮ ପ୍ରତିଶତରୁ ୨୦୨୨–୨୩ରେ ୫୭.୯ ପ୍ରତିଶତକୁ ବୃଦ୍ଧି ପାଇଛି । ଉଭୟ ଗ୍ରାମାଞ୍ଚଳ ଏବଂ ସହରାଞ୍ଚଳରେ ଅଂଶଗ୍ରହଣ ହାର ବୃଦ୍ଧି ପାଇଥିବାବେଳେ ଗ୍ରାମାଞ୍ଚଳରେ ଏହି ହାର ଅଧିକ ରହିଛି । ଏହି ବୃଦ୍ଧିର ଅଧିକାଂଶ ଅଂଶ ମହିଳାମାନଙ୍କ କ୍ଷେତ୍ରରେ ଘଟିଛି ଯାହାର ଗ୍ରାମାଞ୍ଚଳରେ ଅଂଶଗ୍ରହଣ ହାର ୨୦୧୭–୧୮ରେ ୨୪.୬ ପ୍ରତିଶତରୁ ୨୦୨୨–୨୩ ରେ ୪୧.୫ ପ୍ରତିଶତକୁ ବୃଦ୍ଧି ପାଇଛି । ଅର୍ଥାତ୍ ଏହି ସମୟ ମଧ୍ୟରେ ପ୍ରାୟ ୧୭ ପ୍ରତିଶତ ବୃଦ୍ଧି ପାଇଛି । ମହିଳାମାନଙ୍କ ଅଂଶଗ୍ରହଣର ଅତୀତର ତଥ୍ୟ ସହ ତୁଳନା କଲେ, ଏହି ତଥ୍ୟ ବାସ୍ତବିକ ଉତ୍ସାହଜନକ । କିନ୍ତୁ କେତେକ ମତ ଦେଇଛନ୍ତି ଯେ ମହିଳା ଅଂଶଗ୍ରହଣର ବୃଦ୍ଧି ଗ୍ରାମାଞ୍ଚଳରେ ଆର୍ଥିକ ଦୁରାବସ୍ଥାରର ସୂଚକ ଅଟେ, ଯାହା ମହିଳାମାନଙ୍କୁ ପରିବାରର ଆୟ ବୃଦ୍ଧି ପାଇଁ କାର୍ଯ୍ୟ କରିବାକୁ ପ୍ରେରିତ କରୁଛି । ମନେରଗା ଅଧୀନରେ ଯେଉଁଠାରେ ଅନ୍ୟାନ୍ୟ ଅଣ–କୃଷି ବୃତ୍ତି ତୁଳନାରେ ମଜୁରୀ କମ୍, ବର୍ଷ ବର୍ଷ ଧରି ଏଥିରେ ସ୍ଥିରତା ଦେଖାଦେଇଛି । ଏହି କାର୍ଯ୍ୟକ୍ରମ ଅଧୀନରେ ମହିଳାଙ୍କ ଅଂଶଗ୍ରହଣ କ୍ରମାଗତ ଭାବରେ ବୃଦ୍ଧି ପାଉଛି । ଶ୍ରମଶକ୍ତିର ଅଂଶଗ୍ରହଣ ହାରରେ ବୃଦ୍ଧି ସହିତ, ସ୍ୱରୋଜଗାର ବ୍ୟକ୍ତିଙ୍କ ଅଂଶ ୨୦୨୦–୨୧ ରେ ୫୫.୬ ପ୍ରତିଶତରୁ ୨୦୨୨–୨୩ ରେ ୫୭.୩ ପ୍ରତିଶତକୁ ବୃଦ୍ଧି ପାଇଥିବାବେଳେ ନିୟମିତ ବେତନ /ବେତନ ପ୍ରାପ୍ତ ଲୋକଙ୍କ ଅଂଶ ୨୧.୧ ପ୍ରତିଶତରୁ ହ୍ରାସ ପାଇଁ ୨୦.୯ ପ୍ରତିଶତ ରେ ପହଞ୍ଚିଛି । ଅଣ କୃଷି କ୍ଷେତ୍ରରେ ଅନୌପଚାରିକ ଉଦ୍ୟୋଗରେ ନିୟୋଜିତ ଶ୍ରମିକଙ୍କ ସଂଖ୍ୟା ମଧ୍ୟ ୨୦୨୦–୨୧ ରେ ୭୧.୪ ପ୍ରତିଶତରୁ ୨୦୨୨–୨୩ ରେ ୭୪.୩ ପ୍ରତିଶତକୁ ବୃଦ୍ଧି ପାଇଛି । ବେରୋଜଗାର ହାର ମୋଟାମୋଟି ଭାବରେ ହ୍ରାସ ପାଇଥିବା ବେଳେ, ଯୁବକମାନଙ୍କ ପାଇଁ (୧୫–୨୯ ବର୍ଷ ବୟସର), ନିୟମିତ ମଜୁରୀ / ବେତନ ପ୍ରାପ୍ତିଙ୍କ ଅଂଶ ହ୍ରାସ ପାଇବା ଏବଂ ସ୍ୱୟଂ ନିଯୁକ୍ତି ବୃଦ୍ଧି ପାଇବାର ଅର୍ଥ ଅର୍ଥନୀତି ପର୍ଯ୍ୟାପ୍ତ ନିୟମିତ ମଜୁରୀ / ବେତନ ପ୍ରାପ୍ତି ଚାକିରି ସୃଷ୍ଟି କରିବାରେ ଅସମର୍ଥ ବୋଲି ଚିନ୍ତା କରାଯାଇପାରେ । ପର୍ଯ୍ୟାପ୍ତ ନିଯୁକ୍ତି ସୃଷ୍ଟି ନୀତି ନିର୍ଣ୍ଣୟକାରୀଙ୍କ ପାଇଁ ଅତୀତରେ ବି ବଡ ଆହ୍ୱାନ ଥିଲା ଏବଂ ବର୍ତ୍ତମାନ ମଧ୍ୟ ରହିଛି ।

# ମଧ୍ୟପ୍ରାଚ୍ୟରେ ଯୁଦ୍ଧ ଘନଘଟା !

## ପ୍ରଦୋଷ କୁମାର ଦାସ

ପାଲେଷ୍ଟାଇନ ସମର୍ଥିତ ଆତଙ୍କବାଦୀ ସଂଗଠନ ହାମାସ ପକ୍ଷରୁ ଚଳିତ ମାସ ଅକ୍ଟୋବର ୭ ତାରିଖ ରାତିରେ ଅତର୍କିତ ତଥା ଅବିଶ୍ୱସନୀୟ ଆକ୍ରମଣ ଇସ୍ରାଏଲକୁ ହତଚକିତ କରିଦେଇ ଅପେକ୍ଷାକୃତ ଛୋଟିଆ ରାଷ୍ଟ୍ର ଗାଜା ଉପତ୍ୟକାରୁ ହଜାର ସଂଖ୍ୟାରେ ରକେଟ ଓ କ୍ଷେପଣାସ୍ତ୍ର ମାଡ଼ କରି ଆତଙ୍କର ବାତାବରଣ ସୃଷ୍ଟି କରିଦେଇଥିଲା । କେବଳ ସେତିକି ନୁହେଁ, ଆସ୍ପର୍ଦ୍ଧିତ ହାମାସ ଆତଙ୍କବାଦୀ ଗୋଷ୍ଠୀ ଇସ୍ରାଏଲ ମଧ୍ୟରେ ଅନୁପ୍ରବେଶ କରିବା ସହ ଦେଶର ବହୁ ଯୁବକ, ନିରୀହ ମହିଳା ଓ ଶିଶୁମାନଙ୍କୁ ପଣବନ୍ଦୀ କରିନେବା ସହ ଅଜଣା ସ୍ଥାନକୁ ନେଇଯାଇଛନ୍ତି । ସହରର ବିଭିନ୍ନ ସ୍ଥାନରେ ରକ୍ତପାତ ଓ ନରସଂହାର କରିବାକୁ ସେମାନେ ପଛେଇ ନାହାନ୍ତି । ଏହାର ଜବାବରେ ବିଶ୍ୱର ଅନ୍ୟତମ ଶକ୍ତିଶାଳୀ ଦେଶ ଇସ୍ରାଏଲ ରକ୍ତମୁଖା ହୋଇ ଗାଜା ଉପତ୍ୟକା ଉପରେ ପ୍ରଚଣ୍ଡ ଆକ୍ରମଣ ଜାରି ରଖିଛି । ହମାସ ଆତଙ୍କବାଦୀଙ୍କୁ ନିଲାମ କରି ସଂପୂର୍ଣ୍ଣ ଗାଥା ଉପତ୍ୟକାକୁ ଦଖଲକୁ ନେବାର ପଣରେ ଅତ୍ୟାଧୁନିକ ଅସ୍ତ୍ରଶସ୍ତ୍ର ସହ ଇସ୍ରାଏଲ ଧ୍ୱଂସର ଲୀଳା ଚଳାଇଛି । ଗାଜାର ଚାରିପଟୁ ଶଣ୍ଢୁଆସି ଆକ୍ରମଣ କରି ଏହାକୁ ସଂମ୍ପୂର୍ଣ୍ଣ ଅକ୍ତିଆର କରିବା ଯୋଜନାରେ ରହିଛି ରକ୍ତମୁଖା ଇସ୍ରାଏଲ ।

ଗାଜା ଅଞ୍ଚଳକୁ ଦଖଲ କରି ଏଠାରେ ହାମାସ ଗୋଷ୍ଠୀଙ୍କୁ ସଂମ୍ପୂର୍ଣ୍ଣ ନିଶ୍ଚିହ୍ନ କରିବା ପଣରେ ଏଠାକୁ ପାନୀୟ ଜଳ, ଔଷଧ, ଜରୁରୀ ସହାୟତା ଯୋଗାଣ ବନ୍ଦ କରିବା ପାଇଁ ଇସ୍ରାଏଲ ପ୍ରଧାନମନ୍ତ୍ରୀ ବେଞ୍ଜାମିନ ନେତାନ୍ୟାହୁ ନିର୍ଦ୍ଦେଶ ଦେଇଛନ୍ତିଛ ଫଳରେ ଯୁଦ୍ଧ ବିଧ୍ୱସ୍ତ ଗାଜା ଷ୍ଟ୍ରିପର ଜନସାଧାରଣ ଜୀବନ ମରଣ ଦଶା ଭୋଗିଚାଲିଥିବାଳେ ଯୁଦ୍ଧଖୋର ହାମାସ ଗୋଷ୍ଠୀ ମଧ୍ୟ ଇସ୍ରାଏଲକୁ ଟକ୍କର ଦେଇ ଚାଲିଛନ୍ତି । ପାଲେଷ୍ଟାଇନ ଅଞ୍ଚଳକୁ ଇସ୍ରାଏଲ ଜବରଦଖଲ କରି ରଖିଥିବା ଅଭିଯୋଗରେ ଯୁଦ୍ଧଖୋର ଆତଙ୍କବାଦୀ ଗୋଷ୍ଠୀ ହାମାସ ଆଗକୁ ଇସ୍ରାଏଲ ସହ ଏକ ଲମ୍ବା ଯୁଦ୍ଧରେ ଲିପ୍ତ ରହିବାକୁ ପ୍ରସ୍ତୁତ ରହିଛି ବୋଲି ମଧ୍ୟ ଚେତାବନୀ ଦେଇଛି । ହାମାସ ଓ ଇସ୍ରାଏଲ ଯୁଦ୍ଧରେ ହଜାର ହଜାର ସଂଖ୍ୟାରେ ନିରୀହ ଜନସାଧାରଣ ମୃତ୍ୟୁ ମୁଖରେ ପଡୁଥିବାବେଳେ ଗାଜା ଧ୍ୱଂସମୁଖୀ ହେବାକୁ ବସିଲାଣି । ଏଥିରେ ଉଭୟ ପକ୍ଷରୁ ଅନେକ ମୃତାହତ ହେବା ସହ ରକେଟ୍ ଓ ବୋମାମାଡରେ ବହୁ କୋଠା, ଅଟ୍ଟାଳିକା, ଦୋକାନ ବଜାର, କାର୍ଯ୍ୟାଳୟ, ରାସ୍ତାଘାଟ, ପୋଲ, ଜଳ ଉତ୍ସ, ଡାକ୍ତର କାମନା ଆଦି ଧ୍ୱଂସ ହୋଇଗଲାଣି । ଏହା ଆଗକୁ ବଢିବାର ସମ୍ଭାବନା ରହିଛି । ଏଣୁ ଏହି ଯୁଦ୍ଧରେ ଲିପ୍ତ ଉଭୟ ଗୋଷ୍ଠୀ ଓ ସମର୍ଥକ ଯୋଗୁ ଦେଶର ସୁରକ୍ଷା ଓ ସ୍ଥିରତା ପ୍ରଭାବିତ ହେବାର ଆଶଙ୍କା ରହିଛି ।

ଏହି ସଂଗୀନ ପରିସ୍ଥିତିରେ ଇସ୍ରାଏଲ ଓ ପାଲେଷ୍ଟାଇନ ସମର୍ଥିତ ହାମାସ ଗୋଷ୍ଠୀ ମଧ୍ୟରେ ଚାଲିଥିବା ଯୁଦ୍ଧକୁ ନେଇ ବିଶ୍ୱ ଏବେ ଦୁଇ ଭାଗରେ ବିଭକ୍ତ ହେବାକୁ ଯାଉଛି । ଏହି ଅବସରରେ ଆମେରିକା ଇସ୍ରାଏଲକୁ ସମର୍ଥନ କରି ତତକ୍ଷଣାତ୍ ଅତ୍ୟାଧୁନିକ ଯୁଦ୍ଧାସ୍ତ୍ର ଓ ସବ ମେରାଇନ ପଠାଇବାକୁ କୁଣ୍ଠାବୋଧ କରିନାହିଁ । ଉଲ୍ଲେଖଯୋଗ୍ୟ, ପ୍ରାଥମିକ ପର୍ଯ୍ୟାୟରେ ଆମେରିକା ୮ ଶହ କୋଟି ଡ଼ଲାର ସହାୟତା ଇସ୍ରାଏଲକୁ ଦେବାକୁ ଘୋଷଣା କରିଛି । ଏଥିସହିତ ଇସ୍ରାଏଲ ଯୁଦ୍ଧ ପରିପ୍ରେକ୍ଷୀରେ ସାମରିକ ବିଜୟ ଲକ୍ଷ୍ୟ ହାସଲ କରିବା ପାଇଁ ସେ ନିଜର ଅତ୍ୟାଧୁନିକ ଯୁଦ୍ଧାସ୍ତ୍ର ବିମାନବାହୀ ଯୁଦ୍ଧ ଜାହାଜ ୟୁଏସ୍‌ଏସ୍ ଜେରାଲ୍ଡ ଆର ଫୋର୍ଡକୁ ପୂର୍ବ ଭୂମଧ୍ୟ ସାଗରକୁ ମଧ୍ୟ ପଠାଇଛି । ବିଶ୍ୱରେ ଆତଙ୍କବାଦୀ କାର୍ଯ୍ୟକଳାପକୁ ବିରୋଧ କରିବା ନୀତିରେ ଭାରତର ବନ୍ଧୁ ବୋଲି ଭାରତ ସରକାରଙ୍କ ପକ୍ଷରୁ ଇସ୍ରାଏଲ ଯୁଦ୍ଧ ପରିପ୍ରେକ୍ଷୀରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ପକ୍ଷରୁ ଇସ୍ରାଏଲ ପ୍ରଧାନମନ୍ତ୍ରୀ ବେଞ୍ଜାମିନ ନେତାନ୍ୟାହୁଙ୍କୁ ମଧ୍ୟ ନୈତିକ ସମର୍ଥନ ଯୋଗାଇବାକୁ ଆଗଭର ହୋଇଛି ।

ଏ ମଧ୍ୟରେ ଇସ୍ରାଏଲ ସପକ୍ଷରେ ଭାରତ,ଆମେରିକା ସମେତ ବ୍ରିଟେନ, ଅଷ୍ଟ୍ରେଲିଆ, ଫ୍ରାନ୍ସ, ପୋଲାଣ୍ଡ, କାନାଡ଼ା, ସ୍ପେନ, ଇୟୁରୋପୀୟ ୟୁନିଅନ, ଜର୍ମାନୀ ଆଦି ଦେଶ ସମର୍ଥନ ଜଣାଇଥିବା ଜଣାଯାଇଛି । ସେହିପରି ହାମାସ ଗୋଷ୍ଠୀଙ୍କ ସପକ୍ଷରେ ଅନେକ ଇସଲାମୀୟ ରାଷ୍ଟ୍ର ଯଥା କାତାର, ଇରାନ, ଲେବାନନ, ୟେମେନ, ଦକ୍ଷିଣ ଆଫ୍ରିକା ସମେତ ଅନ୍ୟାନ୍ୟ ମଧ୍ୟ ପ୍ରାଚ୍ୟ ରାଷ୍ଟ୍ରଙ୍କ ସହିତ ଆହୁରି ଅନେକ ଆମେରିକା ବିରୋଧୀ ରାଷ୍ଟ୍ର ପଶ୍ଚାତପଦରେ ରହି ନିଜର ସମର୍ଥନ ଜଣାଇ ଅଯଥା ନିରୀକ୍ଷଣ କରିବାକୁ ଲାଗିଛନ୍ତି । ଏହା ବିଶ୍ୱ ଶାନ୍ତି ବ୍ୟାହତ ହେବା ନେଇ ଆଶଙ୍କା ସୃଷ୍ଟି କରୁଛି ।

ଏହି ଅବସରରେ ଏତିକି କୁହାଯାଇପାରେ, ଯୁଦ୍ଧରେ ଲିପ୍ତ ରାଷ୍ଟ୍ରମାନେ ବୁଝିବା ଉଚିତ ଯେ, ଯୁଦ୍ଧ କୌଣସି ଶାନ୍ତିର ସମାଧାନର ବାଟ ନୁହେଁ, ବରଂ ଏହା ବର୍ତ୍ତମାନ ଓ ଭବିଷ୍ୟତ ପାଇଁ ଏକ ଅଜଣା ଆତଙ୍କ ତଥା ଅଶାନ୍ତିର ବୀଜ ବପନ କରୁଛି । ଯୁଦ୍ଧ ବିଧ୍ୱସ୍ତ ରାଷ୍ଟ୍ରର ନିରୀହ ମାନବୀୟ ସମସ୍ୟାକୁ ହୃଦୟଙ୍ଗମ କରିବା ନିମନ୍ତେ କୁଟନୈତିକ ସ୍ତରରେ ପ୍ରୟାସ ହେବା ଜରୁରୀ । ଏଥିରେ ବିଶ୍ୱର ବଡ଼ ରାଷ୍ଟ୍ରମାନେ ନର୍ବିକାର ଚିତ୍ତରେ ଆଗେଇ ଆସିବା ଜରୁରୀ ।

ହେଲେ ଦୁର୍ଭାଗ୍ୟର ବିଷୟ, ସାଂପ୍ରତିକ ସମୟରେ ଯୁଦ୍ଧ ପରିପ୍ରେକ୍ଷୀରେ ଯୁଦ୍ଧାସ୍ତ୍ରର ବାଣିଜ୍ୟିକ କାରବାର ଏକ ବଡ଼ ବ୍ୟବସାୟିକ ପନ୍ଥା ଅଟେ । ଏଥିରେ ଯୁଦ୍ଧାସ୍ତ୍ର ଉତ୍ପାଦନ କରୁଥିବା ଅପରିଣାମଦର୍ଶୀ ରାଷ୍ଟ୍ରମାନେ ଶତପ୍ରତିଶତ ଉତ୍ତରଦାୟୀ ଅଟନ୍ତି ।

ସୂଚନାଯୋଗ୍ୟ, ଯୁଦ୍ଧ ଦ୍ୱାରା ଆମେରିକା ,ଋଷିଆ ଓ ଚୀନ୍ ଭଳି ଦେଶଙ୍କ ସହିତ ଫ୍ରାନ୍ସ, ବ୍ରିଟେନ, ଯେଉଁମାନେ ବିଶ୍ୱରେ ଶାନ୍ତି ପ୍ରତିଷ୍ଠା ପାଇଁ ବାକ୍ୟବୀର ଅଟନ୍ତି, ସେହି ରାଷ୍ଟ୍ରମାନେ ନିଜ ନିଜ ଉତ୍ପାଦିତ ଅସ୍ତ୍ର ଶସ୍ତ୍ରର ଆବଶ୍ୟକ ପରୀକ୍ଷା ନିରୀକ୍ଷା ସମେତ ଏହାର ବାଣିଜ୍ୟିକ କାରବାର କରି ମୁନାଫା କମାଇବାକୁ ତତ୍ପର ରହିଥାନ୍ତି । ଆନ୍ତର୍ଜାତିକ ସ୍ତରରେ ଷ୍ଟକହୋମ ଇଣ୍ଟରନାସନାଲ ପିସ୍ ରିସର୍ଚ୍ଚ ଇନିଷ୍ଟିଚ୍ୟୁଟ ( ସିପ୍ରି) ନାମକ ଏକ ସଂସ୍ଥାର ନିକଟରେ ( ମାର୍ଚ୍ଚ, ୨୦୨୩) ପ୍ରକାଶିତ ଏକ ରିପୋର୍ଟ ଅନୁସାରେ ଜଣାପଡିଛି, ଗତ ୨୦୧୩ ମସିହାରୁ ୨୦୧୭ ମସିହା ମଧ୍ୟରେ ଅସ୍ତ୍ର ଶସ୍ତ୍ର ତଥା ପ୍ରତିରକ୍ଷା ସାମଗ୍ରୀ ବ୍ୟବସାୟରେ ସାରା ବିଶ୍ୱରେ ଅଗ୍ରଣୀ ଭୂମିକା ନିର୍ବାହ କରିଥିବା ଆମେରିକା ଏହି ବ୍ୟବସାୟରେ ୧୪ ପ୍ରତିଶତ ବୃଦ୍ଧି ଘଟାଇଥିବା ବେଳେ ଗତ ୨୦୧୮ ମସିହାରୁ ୨୦୨୨ ମସିହା ମଧ୍ୟରେ ଏହି ବ୍ୟବସାୟରେ ୪୦ ପ୍ରତିଶତକୁ ଅଭିବୃଦ୍ଧି ଘଟାଇ ପାରିଛି । ସାରା ବିଶ୍ୱରେ ଆମେରିକା ଅସ୍ତ୍ରଶସ୍ତ୍ରର ପରୋକ୍ଷ ଅବା ପ୍ରତ୍ୟକ୍ଷ ଭାବେ ପ୍ରଭାବିତଛ ସଂପ୍ରତି ଅବିରତ ଚାଲିଥିବା ୟୁକ୍ରେନ ସହ ଋଷିଆର ଏକତରଫା ଭାବେ ଭୀଷଣ ଯୁଦ୍ଧରେ ଏବେ ୟୁକ୍ରେନ ପ୍ରାୟ ଯୁଦ୍ଧ ବିଧ୍ୱସ୍ତ ଅବସ୍ଥାରେ ରହିଛି । ଏହି ଯୁଦ୍ଧରେ ବହୁ ୟୁକ୍ରେନ ସୈନ୍ୟ ,ସାଧାରଣ ଜନତା ମୃତାହତ ହୋଇଆସୁଥିଲେ ମଧ୍ୟ ଏହି ଯୁଦ୍ଧ ସମାପ୍ତ ହେବାର ନାଁ ଧରୁନାହିଁ ।

ସେହିପରି ଦୀର୍ଘ ବର୍ଷ ହେଲା ତାଲିବାନ ଯୁଦ୍ଧରେ ଆମେରିକାର ସଂପୃକ୍ତି ତାଲିବାନୀ ଯୁଦ୍ଧ ପରିପ୍ରେକ୍ଷୀରେ ଅସଫଳ ସାମରିକ ସଂଚାଳନ ଶେଷରେ ଏବେ ତାଲିବାନୀ ନିଷ୍ପେସିତ ଆଫଗାନିସ୍ତାନ ବିଧ୍ୱସ୍ତ ହୋଇ ମାନବୀୟ ଯନ୍ତ୍ରଣା ସିକ୍ତ ଅବସ୍ଥାରେ ରହିଥିବା ପ୍ରକାଶ । ପୂର୍ବରୁ ଇରାକ ଯୁଦ୍ଧରେ ଆମେରିକାର ସଂପୃକ୍ତି ସେ ଦେଶକୁ ମଧ୍ୟ ବିଧ୍ୱସ୍ତ କରିଥିଲା । କେବଳ ଆମେରିକା ନୁହେଁ, ବିଶ୍ୱର ନିଜର ସୁପର ପାୱାର ନେତୃତ୍ୱକୁ ଅକ୍ତିଆର କରିବା ପାଇଁ ଆମେରିକା ସହ ପରୋକ୍ଷରେ ଚାଲିଥିବା ମଧ୍ୟ ପ୍ରାଚ୍ୟର ଏହି ଲଢେଇ ଆଗକୁ ନ ଥମିଲେ ବିଶ୍ୱର ସୁରକ୍ଷା ଉପରେ ଆଶଙ୍କା ଓ ପ୍ରଶ୍ନବାଚୀ ସୃଷ୍ଟି କରିବ । ଏଣୁ ଏ ଦିଗରେ ବିଶ୍ୱ ନେତାମାନେ ଶାନ୍ତି ପ୍ରତିଷ୍ଠା ପାଇଁ ସବୁ ପ୍ରକାର ପଦକ୍ଷେପ ନେବା ଉଚିତା ନଚେତ୍ ଦୁଇ ଦେଶ ମଧ୍ୟରେ ଚାଲିଥିବା ଉପରୋକ୍ତ ଯୁଦ୍ଧ ଭବିଷ୍ୟତରେ ଅନେକ ଯୁଦ୍ଧକୁ ଆହ୍ୱାନ କରିପାରେ । କିଏ କହିପାରେ ଉପରୋକ୍ତ ଯୁଦ୍ଧ ଆଗକୁ ଅସମାହିତ ହେଲେ ତାହା ତୃତୀୟ ବିଶ୍ୱଯୁଦ୍ଧର କାରଣ ନ ହେବ ? ଯୁଦ୍ଧ ଓ ଜୀବନ ଆହ୍ୱାନ କରିବା ପୂର୍ବରୁ ବିଶ୍ୱଶାନ୍ତି ଓ ଶାନ୍ତି ପୂର୍ଣ୍ଣ ସହାବସ୍ଥାନ ପାଇଁ ନିଶ୍ଚିତ ଭାବରେ ସାରା ବିଶ୍ୱର ସୁରକ୍ଷା ଆମ ସମସ୍ତଙ୍କ ଜୀବନ ରକ୍ଷା ବୋଲି ବିବେଚନା କରିବାକୁ ପଡ଼ିବ । ଏଥିରେ ବିଶ୍ୱ ନେତାମାନେ ଆଗେଇ ଆସିବା ବିଧେୟ, ଯାହା ସର୍ବାଦୌ ଗ୍ରହଣୀୟ ଅଟେ ।

ଖୋର୍ଦ୍ଧା, ମୋ–୬୩୭୦୪୯୫୯୪୪

# ମୋବାଇଲର ଆକର୍ଷଣ

## ସୌଭାଗ୍ୟ ରଂଜନ ମହାନ୍ତି

ଏକ ସଂସ୍ଥା ପକ୍ଷରୁ ପ୍ରକାଶିତ ସର୍ଭେ ରିପୋର୍ଟରେ କୁହାଯାଇଛି ଯେ, ଦେଶରେ ୧୨ବର୍ଷରୁ କମ୍ ୪୨ ପ୍ରତିଶତ ପିଲା ଦୈନିକ ୨ ଘଣ୍ଟା ସେମାନଙ୍କ ସ୍ମାର୍ଟଫୋନ୍ କିମ୍ବା ଟାବଲେଟରେ ବ୍ୟସ୍ତ ରହୁଛନ୍ତି । କେବଳ ୧୨ବର୍ଷରୁ କମ୍ ନୁହେଁ, ଏହାଠାରୁ ଅଧିକ ବୟସର ଛାତ୍ରଛାତ୍ରୀ, ଯେଉଁମାନଙ୍କ ମଧ୍ୟରୁ ୬୯ ପ୍ରତିଶତଙ୍କର ନିଜସ୍ୱ ସ୍ମାର୍ଟଫୋନ ରହିଛି, ସେମାନେ ଦିନର ୨୪ ଘଣ୍ଟା ମଧ୍ୟରୁ ୪୭ ପ୍ରତିଶତ ସମୟ ୟୁଟ୍ୟୁବ କିମ୍ବା ଅନଲାଇନ ଗେମିଂ ସମୟ ଅତିବାହିତ କରୁଛନ୍ତି । ଯାହାକି ସେମାନଙ୍କ ପାଇଁ ଡିଜିଟାଲ ଟାଇମ୍‌ପାସରେ ପରିଣତ ହୋଇଛି । କେବଳ ପିଲା ନୁହଁନ୍ତି, ଯୁବକଯୁବତୀ ଏକାକୀ ରହୁଥିବା ବୟସ୍କ ନାଗରିକଙ୍କ ପାଇଁ ଏହା ଏବେ ସାହାରା ପାଲଟିଛି । ରାସ୍ତା ଚାଲିଯାଉଥିବାବେଳେ, ଗାଡିଚଳାଇ ଯାଉଥିବା ବେଳେ, ଏପରିକି ଖାଦ୍ୟ ଖାଉଥିବା ସମୟରେ ପ୍ରାୟ ଯୁବକଯୁବତୀଙ୍କ ସ୍ମାର୍ଟଫୋନ ଉପରେ ଦୃଷ୍ଟି ରହିଥିବା ଲକ୍ଷ୍ୟ କରାଯାଏ ।

ସେହିପରି ବୟସ୍କ ନାଗରିକ, ଯେଉଁମାନେ ଘରେ ଏକାକୀ ରୁହନ୍ତି, ସେମାନଙ୍କ ପାଇଁ ସ୍ମାର୍ଟଫୋନ୍ ସାଥୀ ପାଲଟିଛି । ଯେଉଁଥିପାଇଁ କି ସ୍ମାର୍ଟଫୋନକୁ 'ଆଡଲଟ ପାସିଫାୟରସ' କୁହାଯାଏ । ସେହିପରି ଶିଶୁଟିଏ କାନ୍ଦୁଥିଲେ, ପିତାମାତା ତାକୁ ଶାନ୍ତ କରାଇବା ପାଇଁ ମୋବାଇଲ ଫୋନଟିଏ ହେଉ ବା ମୋବାଇଲ ଖେଳନାଟିଏ ଧରାଇ ଦେଉଛନ୍ତି । ମୋବାଇଲଟିଏ ପିଲା ପାଇଲେ ତୁରନ୍ତ ଶାନ୍ତ ହୋଇଥାଏ । ବୋଧହୁଏ ଏଇଥିପାଇଁ ମୋବାଇଲକୁ ବାବିସିଟର ବୋଲି କୁହାଯାଉଛି । ସ୍ମରଣ କରାଯାଇପାରେ ପିଲାଟିଏ କୋଳରେ ଥିବାବେଳେ ପକେଟରୁ କଲମଟିଏ ଭିଡ ନେଇ ଖେଳୁଥିଲା । ଏବେ କଲମ ନୁହେଁ, ଶିଶୁଟିଏ ପକେଟରେ ମୋବାଇଲ ଫୋନଟିଏ ଭିଡିନେଇ ଟିପାଟିପି କରିବାରେ ବ୍ୟସ୍ତ ରହୁଛି । ବୋଧହୁଏ ଏହାକୁ କେହି ଅସ୍ୱୀକାର କରିବେ ନାହିଁ, ସାଂପ୍ରତିକ ସମୟ ହେଉଛି, ମୋବାଇଲର ସମୟ ସ୍ମାର୍ଟଫୋନର ସମୟ ।

ମୋବାଇଲ ଫୋନ ବ୍ୟବହାରରେ ମଣିଷ ଏବେ ଅଭ୍ୟସ୍ତ ହୋଇଯାଇଛି ଯେ, ଏହାକୁ ଛାଡି କ୍ଷଣେ ମାତ୍ର ତିଷ୍ଠିପାରିବ ନାହିଁ । ଘରେ ବସି ସ୍ମାର୍ଟଫୋନ ଦ୍ୱାରା ମଣିଷ ଟଙ୍କା କାରବାର ଠାରୁ ଆରମ୍ଭ କରି ସ୍ୱାସ୍ଥ୍ୟ ସେବା, ଟିକେଟ ବୁକିଂ ସବୁ କିଛି ସ୍ୱଳ୍ପ ସମୟ ମଧ୍ୟରେ କରିପାରୁଛି । ମଣିଷ ପାଇଁ ମୋବାଇଲ କେବଳ ସାହାରା ପାଲଟି ନାହିଁ, ବରଂ ଆଶାବାଡି ପାଲଟିଛି । ଅନ୍ୟ ଏକ ରିପୋର୍ଟରୁ ଜଣାଯାଇଛି ଯେ, ବିଶ୍ୱର ୮୦୦କୋଟି ଲୋକଙ୍କ ମଧ୍ୟରୁ ୪୦୦କୋଟିରୁ ଅଧିକ ଲୋକ ସାମାଜିକ ଗଣମାଧ୍ୟମ ଭାବେ ପରିଚିତ ଫେସବୁକ୍, ଇଣ୍ଟରନେଟ, ଇନଷ୍ଟାଗ୍ରାମ, ଏକ୍ସ ଆଜିରେ ଦୈନିକ ୪ ଘଣ୍ଟାରୁ ଅଧିକ ସମୟ ବିତାଇଥାନ୍ତି । ସମୟେ ସମୟେ ଏହି ସୋସିଆଲ ମିଡିଆ ମଧ୍ୟ ସମାଜ ପାଇଁ କ୍ଷତିକାରକ ସାବ୍ୟସ୍ତ ହୋଇଛି । ପ୍ରତିକ୍ରିୟାରେ ଜିଏସଏମଏ ଇଣ୍ଟେଲିଜେନସ୍ ରିପୋର୍ଟରୁ ଜଣାଯାଇଛି ଯେ, ଆମ ଦେଶରେ ୧.୧୦ ବିଲିୟନ ମୋବାଇଲ ଫୋନ ସଂଯୋଗ ରହିଛି । ସେଥିମଧ୍ୟରୁ ୭୦ ପ୍ରତିଶତ ସ୍ମାର୍ଟଫୋନ୍‌ରେ ଇଣ୍ଟରନେଟ ସଂଯୋଗ ରହିଛି। ସେହିପରି ବିଶ୍ୱର ୮୦୦କୋଟି ଲୋକଙ୍କ ମଧ୍ୟରୁ ବର୍ତ୍ତମାନ ସୁଦ୍ଧା ୬.୯୨ ବିଲିଅନ ସ୍ମାର୍ଟଫୋନ ସଂଯୋଗ ରହିଥିବାବେଳେ ସେଥିମଧ୍ୟରୁ ୮୫.୮୮ ପ୍ରତିଶତ ଇଣ୍ଟରନେଟ ସେବା ରହିଛି । ପ୍ରତିକ୍ରିୟାରେ ସମାନ ଏବଂ ବିପରୀତ ପ୍ରତିକ୍ରିୟା ରହିଛି । ଏହି ନ୍ୟାୟରେ ମୋବାଇଲ ବା ସ୍ମାର୍ଟଫୋନ ବ୍ୟବହାର ଏବେ ଚିନ୍ତାର କାରଣ ହୋଇଛି । ଏହାକୁ କେହି ଅସ୍ୱୀକାର କରିବେ ନାହିଁ । ମହାମାରୀ କରୋନା କାଳରେ ସମଗ୍ର ବିଶ୍ୱ ମାସମାସ ଧରି ତାଲାବନ୍ଦ'ର ସମ୍ମୁଖୀନ ହୋଇଥିବାବେଳେ ସ୍ମାର୍ଟଫୋନ କେବଳ ଯୋଗାଯୋଗର ମାଧ୍ୟମ ଭାବେ ରହିଥିଲା । କେବଳ ଏତିକି ନୁହେଁ, ଦୀର୍ଘ ଦୁଇ ବର୍ଷରୁ ଅଧିକ ସମୟ ଧରି ଶ୍ରେଣୀ କକ୍ଷରେ ପାଠ ପଢା ବନ୍ଦ ଯାଇଥିବାବେଳେ ସ୍ମାର୍ଟଫୋନରେ ଅନଲାଇନ ଶିକ୍ଷା ପାଇଁ ଛାତ୍ରଛାତ୍ରୀମାନଙ୍କର ଏକମାତ୍ର ସାହାରା ପାଲଟିଥିଲା । ସେବେଠାରୁ ଏହା ଛାତ୍ରଛାତ୍ରୀ ଏବଂ ଯୁବଗୋଷ୍ଠୀର ସବୁଠାରୁ ଶ୍ରେଷ୍ଠ ସାହାରା ଭାବେ ଉଭା ହୋଇଛି । ଦେଖାଯାଉଛି ମୋବାଇଲଟିଏ ନ ଧରିଲେ, ପିଲା ପାଠ ପଢୁନାହିଁ । ମୋବାଇଲ କିଣିବାରେ ପିତାମାତାଙ୍କ ଅକ୍ଷମତା ଯୋଗୁଁ ଅକାଳରେ ବହୁଛାତ୍ର ଜୀବନ ହରାଉଛନ୍ତି । କେବଳ ଏତିକି ନୁହେଁ ଦୀର୍ଘ ସମୟ ସ୍ମାର୍ଟଫୋନ ବ୍ୟବହାର ମଣିଷର ସ୍ୱାସ୍ଥ୍ୟ ଉପରେ ପ୍ରଭାବ ପକାଇବା ସହ ସ୍ମରଣଶକ୍ତି ହ୍ରାସ କରୁଥିବା ସ୍ୱାସ୍ଥ୍ୟ ବିଶାରଦମାନେ ଚେତାବନୀ ଦେଇସାରିଲେଣି । ସେହିପରି ଉଭୟ ଶାରୀରିକ ଓ ମାନସିକ ଉପରେ ମଧ୍ୟ ଏହାର ପ୍ରଭାବ ପକାଉଥିବା କୁହାଯାଇଛି । ଏହାକୁ ଦୃଷ୍ଟିରେ ରଖି ଚୀନ, ନିଉଜଲାଣ୍ଡ ସମେତ ବହୁ ରାଷ୍ଟ୍ର ଛାତ୍ରଛାତ୍ରୀଙ୍କ ସ୍ମାର୍ଟଫୋନ ବ୍ୟବହାର ଉପରେ କଟକଣା ଲଗାଇଛନ୍ତି । ଚୀନ ସରକାର ବିଭିନ୍ନ ଆପ୍ ବ୍ୟବହାର ପାଇଁ ଛାତ୍ରଛାତ୍ରୀଙ୍କୁ ଦୈନିକ ୪୦ମିନିଟ ଅନୁମତି ଦେଇଛନ୍ତି । ନିଉଜଲାଣ୍ଡ ସରକାର ସ୍କୁଲରେ ଏହାକୁ ନିଷିଦ୍ଧ କରିବାପାଇଁ ଗୁରୁତ୍ୱର ସହକାରେ ବିଚାର କରୁଥିବା କୁହାଯାଏ । ଆମ ଦେଶରେ ବିଦ୍ୟାଳୟସ୍ତରରେ କେତେକ ସ୍କୁଲ ସ୍ମାର୍ଟ ଫୋନ ବ୍ୟବହାରକୁ ନିଷିଦ୍ଧ କରି ସାରିଲେଣି । ଏହା ସତ୍ୟ ଯେ, ପିଲା ଠାରୁ ଆରମ୍ଭ କରି ପିତାମାତା ଏବଂ ବୟସ୍କ ନାଗରିକ ଏବେ ସମସ୍ତେ ସ୍ମାର୍ଟଫୋନ ମାୟାରେ ବାୟା । ଏହାକୁ ଛାଡି ସେମାନେ କ୍ଷଣେ ମାତ୍ର ଚଳିନପାରିବା ପରି ପରିସ୍ଥିତି ହୋଇଛି । କିନ୍ତୁ ଆମକୁ ମନେ ରଖିବାକୁ ଅତି ସବୁବେଳେ ଖରାପ, ଅର୍ଥାତ୍ କ୍ଷତିକାରକ, ଧ୍ୱଂସକାରୀ । କିନ୍ତୁ ଏହା ନିଶ୍ଚିତ ଯେ, ଏହାର ସମାଧାନ ଆଦୌ ସହଜ ନୁହେଁ ।

ଗାଙ୍ଗୋତ୍ରୀ ନଗର,
ଶିଶୁପାଳଗଡ,ଭୁବନେଶ୍ୱର

# ମା' ଦୁର୍ଗା ସମସ୍ତଙ୍କ ପରମ ପୂଜ୍ୟା

## ପ୍ରଦୀପ୍ତ କୁମାର କର

**ଭଗବାନ ବିଷ୍ଣୁଙ୍କ ପ୍ରିୟତମା ଲକ୍ଷ୍ମୀ କମାଳସନ ଓ ହସ୍ତରେ ପଦ୍ମ ଧାରଣ କରିଛନ୍ତି ଓ ବ୍ରାହ୍ମୀ ଦେବୀ ହଂସ ଉପରେ ବସିଛନ୍ତି । ଏହି ସବୁ ଦେବୀମାନେ ଶଙ୍ଖ, ଚକ୍ର, ଗଦା, ହଳ, ମୂଷଳ, ଖେଟକ ଏବଂ ତୋମାର ,ପରଶୁ ,ପାସ ,କୁନ୍ତ , ତ୍ରିଶୂଳ,ଆଦି ଅସ୍ତ୍ର ଶସ୍ତ୍ର ଧରି ନିଜର ଭକ୍ତମାନଙ୍କୁ ରକ୍ଷା କରନ୍ତି ।**

ଥରେ ମାର୍କଣ୍ଡେୟ ଋଷି ପିତାମହ ବ୍ରହ୍ମାଙ୍କୁ ପଚାରିଲେ ହେ ପିତାମହ ମୋତେ କୁହନ୍ତୁ ଯାହା ଏ ସଂସାରରେ ପରମ ଗୋପନୀୟ ତଥା ମନୁଷ୍ୟମାନଙ୍କୁ ସବୁ ପ୍ରକାରେ ରକ୍ଷାକରେ ଏବଂ ଯାହା ବର୍ତ୍ତମାନ ସୁଦ୍ଧା ଆପଣ କାହାକୁ କହି ନାହାନ୍ତି । ପିତାମହ ବ୍ରହ୍ମା କହିଲେ ହେ ଋଷି ଶ୍ରେଷ୍ଠ ଏହି ପ୍ରକାର ସାଧନା କେବଳ ଦେବୀ ଦୁର୍ଗାଙ୍କ କବଚ ଅଟେ, ଯାହା ଗୋପନୀୟ ଠାରୁ ମଧ୍ୟ ଅଧିକ ଗୋପନୀୟ,ପବିତ୍ର ,ତଥା ସମସ୍ତ ପ୍ରାଣୀ ମାନଙ୍କର ଉପକାରକ ଅଟେ ।

ଦେବୀଙ୍କର ନ ଗୋଟି ରୂପ ଅଛି ତାହାକୁ ନବଦୁର୍ଗା କହନ୍ତି । ପ୍ରଥମ ନାମ ହେଉଛି ଶୈଳପୁତ୍ରୀ । ଗିରୀରାଜ ହିମାଳୟଙ୍କ ପୁତ୍ରୀ ହେଇଥିବାରୁ ସେ ଶୈଳପୁତ୍ରୀ । ଯଦ୍ୟପି ଏ ସମସ୍ତଙ୍କ ଅଧିଶ୍ୱରୀ ଅଟନ୍ତି ତଥାପି ହିମାଳୟଙ୍କ ତପସ୍ୟାରେ ସନ୍ତୁଷ୍ଟ ହୋଇ ତାଙ୍କର କନ୍ୟା ରୂପରେ ଜନ୍ମ ହୋଇଥିଲେ । ଦ୍ୱିତୀୟ ନାମ ବ୍ରହ୍ମଚାରିଣୀ – ବ୍ରହ୍ମ ଚାରାୟୀତୁଁ ଶିଲଂ ଯଶ୍ୟା ଶା ବ୍ରହ୍ମଚାରିଣୀ – ସଚ୍ଚିଦାନନ୍ଦମୟ ବ୍ରହ୍ମ ସ୍ୱରୂପର ପ୍ରାପ୍ତି କରାଇବା, ଯାହାଙ୍କ ସ୍ୱଭାବ ସେ ବ୍ରହ୍ମଚାରିଣୀ ଅଟନ୍ତି । ଚନ୍ଦ୍ରହଃ ଘଣ୍ଟାୟ ଜଶ୍ୟା ସ ଆହ୍ଲାଦିନିକାରୀ ଅର୍ଥାତ୍ ଚନ୍ଦ୍ରମା ଯାହାଙ୍କ ଘଣ୍ଟାରେ ରହିଛନ୍ତି ସେ ଚନ୍ଦ୍ରଘଣ୍ଟା । ଏହା ଦେବୀଙ୍କ ତୃତୀୟ ନାମ ।

ଚତୁର୍ଥ ନାମ କୁଷ୍ମାଣ୍ଡ – ଅର୍ଥାତ୍ ତ୍ରିବିଧ ତାପ ଯୁକ୍ତ ସଂସାର ଯାହାଙ୍କ ଉଦରରେ ଅବସ୍ଥାନ କରିଛି ତାଙ୍କୁ କୁଷ୍ମାଣ୍ଡ କୁହାଯାଏ । ଛନ୍ଦୋଗ୍ୟ ଶ୍ରୁତି ଅନୁସାରେ ଭଗବତୀଙ୍କ ଶକ୍ତିରୁ ଉତ୍ପନ୍ନ ସନତ କୁମାରଙ୍କୁ ସ୍କନ୍ଦ କୁହାଯାଏ । ତାଙ୍କର ମାତା ହୋଇଥିବାରୁ ସେ ସ୍କନ୍ଦମାତ । ଏହା ଦେବୀଙ୍କ ପଞ୍ଚମ ରୂପ । ଦେବତାମାନଙ୍କ କାର୍ଯ୍ୟ ସିଦ୍ଧି କରିବା ପାଇଁ ଦେବୀ ମହର୍ଷି କାତ୍ୟାୟନଙ୍କ ଆଶ୍ରମରେ ପ୍ରକଟିତ ହୋଇଥିଲେ । ମହର୍ଷି ତାଙ୍କୁ ନିଜର କନ୍ୟା ରୂପରେ ଗ୍ରହଣ କରିଥିଲେ । ତେଣୁ ସେ କାତ୍ୟାୟନୀ ନାମରେ ପ୍ରସିଦ୍ଧ । ଏହା ଦେବୀଙ୍କ ଷଷ୍ଠ ରୂପ । ସମସ୍ତଙ୍କ ମୃତ୍ୟୁ ରୂପକ କାଳର ରାତ୍ରି ହେବାରୁ ସେ କାଳରାତ୍ରି ଯାହା କି ଦେବୀଙ୍କ ସପ୍ତମ ରୂପ ।

ତପସ୍ୟା ଦ୍ୱାରା ଅତି ଗୌରବର୍ଣ୍ଣ ପ୍ରାପ୍ତ ହୋଇ ଥିବାରୁ ସେ ମହାଗୌରୀ ଏହା ଦେବୀଙ୍କ ଅଷ୍ଟମ ରୂପ । ନବମ ରୂପରେ ଦେବୀ ସିଦ୍ଧିଦାତ୍ରୀ ଅର୍ଥାତ୍ ଏହି ରୂପରେ ଦେବୀ ସମସ୍ତଙ୍କୁ ମୋକ୍ଷ ପ୍ରଦାନ କରନ୍ତି । ଯେଉଁ ମନୁଷ୍ୟ ଶତ୍ରୁମାନଙ୍କ ଦ୍ୱାରା ପରିବେଷ୍ଟିତ ହୋଇ ରହିଛି, ଯିଏ ସଙ୍କଟରେ ପଡ଼ି ମା'ଙ୍କୁ ସ୍ମରଣ କରନ୍ତି ଓ ମା' ଦୁର୍ଗାଙ୍କ ଶରଣ ନିଅନ୍ତି ସେମାନଙ୍କର କୌଣସି ଅମଙ୍ଗଳ ହୁଏ ନାହିଁ । ଯେତେ ବଡ ବିପତ୍ତି ପଡ଼ିଲେ ମଧ୍ୟ ତାହା ଦୂରେଇ ଯାଏ । ସମସ୍ତ ଦୁର୍ଗତି ନାସନକାରୀ ହୋଇ ଥିବାରୁ ସେ ଦୁର୍ଗା । ଏହା ଛଡ଼ା ଦେବୀଙ୍କ ନ ଗୋଟି ମାତୃଗଣ ଅଛନ୍ତି ଯେଉଁ ମାନେକି ବିଭିନ୍ନ ପ୍ରକାରର ଆଭୂଷଣ ଓ ବାହନରେ ବସିଛନ୍ତି ଓ ଏମାନେ ସମସ୍ତ ପ୍ରକାରର ଯୋଗସକ୍ତି ସମ୍ପନ୍ନ ଅଟନ୍ତି । ଚାମୁଣ୍ଡା ଦେବୀ ପ୍ରେତ ଉପରେ ଆରୁଢ଼ ହୁଅନ୍ତି,ବାରାହୀ ମଇଁଷି ଉପରେ ଉପବିଷ୍ଟ , ଆୟେନ୍ଦ୍ରି ଦେବୀ ଐରାବତ ହସ୍ତୀ ଉପରେ ଆରୁଢା, ବୈଷ୍ଣବୀ ଦେବୀ ଗରୁଡ ଉପରେ ଆସନ ବିସ୍ତାର କରିଛନ୍ତି, ମାହେଶ୍ୱରୀ ବୃଷଭ ହୋଇ ଥିବାବେଳେ , କୌମାରୀଙ୍କ ବାହନ ମୟୂର ।

ଭଗବାନ ବିଷ୍ଣୁଙ୍କ ପ୍ରିୟତମା ଲକ୍ଷ୍ମୀ କମାଳସନ ଓ ହସ୍ତରେ ପଦ୍ମ ଧାରଣ କରିଛନ୍ତି ଓ ବ୍ରାହ୍ମୀ ଦେବୀ ହଂସ ଉପରେ ବସିଛନ୍ତି । ଏହି ସବୁ ଦେବୀମାନେ ଶଙ୍ଖ, ଚକ୍ର, ଗଦା, ହଳ, ମୂଷଳ, ଖେଟକ ଏବଂ ତୋମାର ,ପରଶୁ ,ପାସ ,କୁନ୍ତ , ତ୍ରିଶୂଳ,ଆଦି ଅସ୍ତ୍ର ଶସ୍ତ୍ର ଧରି ନିଜର ଭକ୍ତମାନଙ୍କୁ ରକ୍ଷା କରନ୍ତି । ମନୁଷ୍ୟ ନିଜର ମଙ୍ଗଳ ଇଚ୍ଛା କରି ସର୍ବଦା ମା' ଙ୍କ କବଚ ପାଠ କରିବା ଉଚିତ । ଏହା ଦ୍ୱାରା ସେ ସର୍ବଦା ସୁରକ୍ଷିତ ରହେ ,ଧନ ଲାଭ କରେ ,ତଥା ସମସ୍ତ କାମନାର ସିଦ୍ଧି ପ୍ରାପ୍ତ ହୁଏ । ଯିଏ ପ୍ରତିଦିନ ଏହି କବଚ ନିୟମ ଅନୁସାରେ ତିନୋଟି ସନ୍ଧ୍ୟାରେ ଶ୍ରଦ୍ଧାର ସହିତ ପାଠ କରେ ସେ ଦେବୀଙ୍କର ଆଶୀର୍ବାଦ ପ୍ରାପ୍ତ ହୁଏ । କେଉଁଠାରେ ମଧ୍ୟ ପରାଜିତ ହୁଏ ନାହିଁ ,ସେ ସର୍ବଦା ସୁରକ୍ଷିତ ରହେ । ମା' ତାକୁ ନିଜ କୋଳରେ ବସାଇ ସୁରକ୍ଷା ଦିଅନ୍ତି । ସେ ମୃତ୍ୟୁ ପରେ ଭଗବତୀ ମହାମାୟାଙ୍କ ପ୍ରସାଦରୁ ନିତ୍ୟ ପରମ ପଦକୁ ପ୍ରାପ୍ତ ହୁଏ । ସକଳ ଦେବତାମାନଙ୍କ ଶକ୍ତିର ସମୁଦାୟ ସ୍ୱରୂପ ତଥା ଯେଉଁ ଦେବୀ ନିଜ ଶକ୍ତି ବଳରେ ସମଗ୍ର ଜଗତକୁ ବ୍ୟାପ୍ତ କରିଛନ୍ତି, ସମସ୍ତ ଦେବତା ,ମୁନି ଋଷିମାନଙ୍କ ଦ୍ୱାରା ପୂଜିତ ସେହି ଜଗଦମ୍ବା ଆମ ସମସ୍ତଙ୍କ ପୂଜନୀୟା । ଯାହାଙ୍କ ଅନୁପମ ପ୍ରଭାବ ଓ ବଳ ବର୍ଣ୍ଣନା କରିବା ପାଇଁ ଭଗବାନ ଶେଷନାଗ ,ବ୍ରହ୍ମା ,ମହାଦେବ , ମଧ୍ୟ ସମର୍ଥ ନୁହଁନ୍ତି । ସେହି ଭଗବତୀ ଚଣ୍ଡିକା ସମସ୍ତ ଜଗତକୁ ପାଳନ କରନ୍ତି ଓ ଅଶୁଭ ଭୟକୁ ବିନାଶ କରିବା ପାଇଁ ନିର୍ଣ୍ଣୟ ନିଅନ୍ତି । ତେଣୁ ଆମେ ସର୍ବଦା ତାଙ୍କର ଚରଣରେ ମଥା ନତ କରି ସେହି ମା'ଙ୍କୁ ସ୍ମରଣ କରିବା ଉଚିତ ।

ସୂର୍ଯ୍ୟ ନଗର,
ମୋ–୯୮୬୧୦୭୫୪୦୪

# ଯୁଗ୍ମ ଶୁଣାଣିରେ ମୋଟ ୧୪୯ ଅଭିଯୋଗ ଦରଜ

ଜଳେଶ୍ୱର, (ସବ୍ୟୁ) : ବାଲେଶ୍ୱର ଜିଲ୍ଲାର ଜିଲ୍ଲାପାଳଙ୍କ ଯୁଗ୍ମ ଜନଶୁଣାଣୀ ଜଳେଶ୍ୱର ବ୍ଲକ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଥିବା ବେଳେ ଜିଲାପାଳଙ୍କ ଅନୁପସ୍ଥିତ ଜନସାଧାରଣଙ୍କୁ ନିରାଶ କରିଛି । ମାତ୍ର ୧୪୯ଟି ଅଭିଯୋଗ ଦରଜ ହୋଇଥିବା ବେଳେ ଶୁଣାଣୀ ଚିରାଚରିତ ପ୍ରଥାରେ ପରିଣତ ହୋଇଛି ବୋଲି ଅଭିଯୋଗକାରୀମାନେ କହିଛନ୍ତି । ସରକାରଙ୍କ ନିୟମ ଅନୁଯାୟୀ ସାଧାରଣ ଜନତା ନ୍ୟାୟ ପାଇବାଲାଗି ଜିଲାପାଳ କିମ୍ବା ଏସ୍‌ପି ଅଫିସ୍‌କୁ ଆସିବାର ଆବଶ୍ୟକତା ନଥିବା ବେଳେ ଜିଲା ପ୍ରଶାସନ ପ୍ରତି ବ୍ଲକରେ ଯୁଗ୍ମ ଜନଶୁଣାଣୀ କରାଯାଉଛି । କିନ୍ତୁ ଗତ କିଛିବର୍ଷ ଧରି ଅଭିଯୋଗ ପରେ ବିଶେଷ ଫଳପ୍ରଦ ଶୁଣାଣୀ ହେଉନଥିବାରୁ ଏହା ଉପରେ ଲୋକଙ୍କ ଆସ୍ଥା ତୁଟି ଯାଉଛି ବୋଲି କେତେକ ଅଭିଯୋଗ କରିଛନ୍ତି । ଏହି ଜନଶୁଣାଣୀରେ ଜିଲ୍ଲାପାଳ ଅନୁପସ୍ଥିତ ଥିବା ବେଳେ ଅତିରିକ୍ତ ଜିଲ୍ଲାପାଳ ପ୍ରିୟଦର୍ଶନୀ ମଲ୍ଲିକ, ଏସ୍‌ପି ସାଗରିକା ନାଥ, ଉପଜିଲ୍ଲାପାଳ କୁନାଲ ମୋତିରାମ ଚୌହାନ, ସିଡିଏମ୍‌ଓ ଡ. ଦୁଲାଲ ସେନ ଜଗଦେବ, ବିଡିଓ ପୁନମ ରାଉତ, ଭାରପ୍ରାପ୍ତ ତହସିଲଦାର ଅମ୍ଲାନ ନାୟକ, ଡିଏସ୍‌ଡବ୍ଲୁଓ ଶିଖାରାଣୀ ପୋଦାର, ସିଏସ୍‌ଓ ନିରୋଜ କୁମାର ଦାସ, ଆଇଆଇସି ରଂଜନ ସେଠୀ, ପୌର ଅଧିକାରୀ ଅଜୟ ମହାପାତ୍ର, ସିଡିପିଓ ଚମ୍ପାବତୀ ମୁର୍ମୁ, ଅତିରିକ୍ତ ଜିଲାଶିକ୍ଷାଧିକାରୀ ପ୍ରାଚୀତନୟା ଗିରି, ଜିଲ୍ଲା ପ୍ରାଣିଚିକିତ୍ସାଧିକାରୀ ବନମାଳୀ ସାହୁ, ଜଳସମ୍ପଦ ବିଭାଗ ପକ୍ଷରୁ ଇଂ ପ୍ରିୟବ୍ରତ ସିଂହ, ଡ୍ରେନେଜ୍‌ର ଇରାକ ବେହେରା, ସିପି ସୁଜିତ୍ କୁମାର ଜେନା ପ୍ରମୁଖ ଉପସ୍ଥିତ ଥିଲେ । ଏପରି କାର୍ଯ୍ୟରେ ସରକାରଙ୍କ ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚ ହେଉଥିବା ବେଳେ ଜିଲ୍ଲା ଓ ବ୍ଲକରୁ ବହୁ ଅଧିକାରୀ ଅନୁପସ୍ଥିତ ଥିବାରୁ ଅସନ୍ତୋଷ ଦେଖାଦେଇଥିଲା । ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଗୃହ, ରାସ୍ତା, ରେସନକାର୍ଡ, ଶିକ୍ଷା, ସ୍ୱାସ୍ଥ୍ୟ, ଶ୍ରମିକ ସଂଘ, ବିଦ୍ୟୁତ୍ ବିଭାଗରେ ଅଧିକ ଅଭିଯୋଗ ଆସିଥିଲା ।

# ଆତ୍ମରୋଜଗାରକ୍ଷମ ପାଇଁ ଛାତ୍ରୀଙ୍କୁ ପ୍ରଶିକ୍ଷଣ

ଖଇରା, (ସବ୍ୟୁ) : ବାଲେଶ୍ୱର ଜିଲା ଖଇରା ମହାବିଦ୍ୟାଳୟରେ ଛାତ୍ରୀ ମାନଙ୍କୁ ଆତ୍ମରୋଜଗାରକ୍ଷମ କରାଯିବା ଲକ୍ଷ୍ୟରେ ପ୍ରସ୍ତୁତି ଆରମ୍ଭ ହୋଇଛି । ସ୍ୱୟଂ ସହାୟିକା ଗୋଷ୍ଠୀର ପ୍ରଶିକ୍ଷିକା ମାନଙ୍କ ଦ୍ୱାରା ବିଭିନ୍ନ ସାମଗ୍ରୀ ତିଆରି କୌଶଳ ପ୍ରଦାନ କରାଯିବା ଆରମ୍ଭ ହୋଇଛି । ଅଧକ୍ଷ ଅରୁଣ କୁମାର ପାଢୀ ତଥା ପରିଚାଳନା କମିଟି ସଭାପତି ମୁକ୍ତିକାନ୍ତ ଶତପଥି ତଥା ଅଧ୍ୟାପନା ମଣ୍ଡଳୀ,କର୍ମଚାରୀଙ୍କ ସହଯୋଗରେ ସୋମବାର ଠାରୁ ଛାତ୍ରୀ ମାନଙ୍କୁ ତାଲିମ ପ୍ରଦାନ କାର୍ଯ୍ୟ ଆରମ୍ଭ ହୋଇଛି ।ଦକ୍ଷତା ସମ୍ପର୍ଣ୍ଣ ମହିଳା ଗୋଷ୍ଠୀର କର୍ମକର୍ତ୍ତା ମାନେ ପିଲାମାନଙ୍କୁ ବଡି,ପାମ୍ପଡ,ଫିନାଇଲ ପ୍ରସ୍ତୁତି ଠାରୁ ଆରମ୍ଭ କରି ଚାନ୍ଦୁଆ ଓ ଟେରାକୋଟା ତିଆରି,ସିଲେଇ ଶିକ୍ଷା ପ୍ରଦାନ କରି ସେମାନଙ୍କୁ ସ୍ୱୟଂ ସମ୍ପର୍ଣ୍ଣ କରିବା କାର୍ଯ୍ୟରେ ଲାଗି ପଡିଛନ୍ତି । ମା ବାସୁଳି ସ୍ୱୟଂ ସହାୟିକା ଗୋଷ୍ଠୀ,ମାତାରିଣୀ ଗୋଷ୍ଠୀ,ଶିବଶକ୍ତି ଗୋଷ୍ଠୀ,ଶ୍ୟାମସୁନ୍ଦର ଜୀଉ ଗୋଷ୍ଠୀ ର ସଦସ୍ୟା ମାନଙ୍କ ଦ୍ୱାରା ଛାତ୍ରୀ ମାନଙ୍କୁ ପ୍ରଶିକ୍ଷଣ ପ୍ରଦାନ କାର୍ଯ୍ୟ ଆରମ୍ଭ ହୋଇଛି । ନିବେଦିତା ଛାତ୍ରୀ ନିବାସର ଅଧିକ୍ଷିକା ଡ ହରପ୍ରିୟା ମହାନ୍ତି,ଅଧ୍ୟାପକ ଶଶିକାନ୍ତ ପଣ୍ଡା,ବନମାଳି ବାରିକ,ଉମେଶ ଦାସ ଓ ସୁଦର୍ଶନ ଦାସ,କର୍ମଚାରୀ ଶଶିଭୂଷଣ ମହାପାତ୍ର ପ୍ରମୁଖ ଏହି ତାଲିମ କାର୍ଯ୍ୟରେ ସହଯୋଗ କରୁଛନ୍ତି । ପିଲାମାନେ ଏହା ମାଧ୍ୟମରେ ପୁସ୍ତକଗତ ବିଦ୍ୟାସହ ନିଜେ ରୋଜଗାରକ୍ଷମ ହୋଇ ଭବିଷ୍ୟତ ଗଢି ପାରିବେ ବୋଲି କହିଛନ୍ତି ।

# ମଦ ବୋଝେଇ କାର ଧକ୍କାରେ ଛାତ୍ରଙ୍କ ମୃତ୍ୟୁ : ଜାତୀୟ ରାଜପଥ ଅବରୋଧ



ବୋଲଗଡ, (ସବ୍ୟୁ) : ଶନିବାର ରାତିରେ ମଦ ବୋଝେଇ କାର ଧକ୍କାରେ ଛାତ୍ରଙ୍କ ମୃତ୍ୟୁ ହୋଇଥବା ବେଳେ ପୁଲିସ ଗୁରୁତ୍ତର ଓ ମୃତକ ପରିବାର କୌଣସି ସହଯୋଗ ନକରି ସେହି ଚୋରାମଦ ଗାଡିରୁ ପୁଲିସ ରାତ୍ରୀରେ ଅନ୍ୟତ୍ର ଚାଲାଣ କରୁଥିବା ବେଳେ ଧରାହେବା ଅସନ୍ତୋଷ ସୃଷ୍ଟି ହୋଇଥିଲା। ଏନେଇ ପୁଲିସ କାର୍ଯ୍ୟଦକ୍ଷତାକୁ ସନ୍ଦେହ ଓ କ୍ଷତିପୂରଣ ଦାବି କରି ଗ୍ରାମବାସୀ ଟିକାତଳ ଛକ ଠାରେ ମୃତ୍ୟୁଦେହ ରଖି ୫୭ ଜାତୀୟ ରାଜପଥକୁ ଅବରୋଧ କରିଥିଲେ। ରବିବାର ଦିନ ୩ଟାରୁ ସନ୍ଧ୍ୟା ସାଢ଼େ ଯାଏଁ ଉଭୟ ଖୋର୍ଦ୍ଧା ନୟାଗଡ଼ ପଟୁ ଶହ ଶହ ସଂଖ୍ୟା ଗାଡି ଅଟକି ରହିଥିଲା । ପୁଲିସ ନିରବ ଦ୍ରଷ୍ଟା ସାଜି ଆଇନ ଶୃଙ୍ଖଳା ରକ୍ଷା କରିନପାରିବାରୁ ବୋଲଗଡ଼ ପୁଲିସ ତୁରନ୍ତ ପହଁଛିଶହ ସଂଖ୍ୟା ଗାଡିକୁ ପିଚୁକୁଳି ଆଦର୍ଶ ବିଦ୍ୟାଳୟ ଠାରୁ ଅନ୍ୟ ରାସ୍ତାରେ ଲୋକଙ୍କୁ ବୁଝାଇ ଛାଡିଥିଲା ।ପରେ ଉପଜିଲ୍ଲାପାଳ ଦୀପ୍ତି ରଞ୍ଜନ ସେଠୀ , ଏସଡିପିଓ ଦିଲ୍ଲୀପ କୁମାର ଦାସ ,ଥାନା ନିରୀକ୍ଷିକ ବିଶ୍ୱଜିତ ରାଉତରାୟ,ଅତିରିକ୍ତ ତହସିଲଦାର ଶର୍ମିଷ୍ଠା ଦାସ ବୋଲଗଡ଼ ପହଁଚି ବୁଝାସୁଝା କରିବା ସହ ରେଡ଼କ୍ରସ ସହଯୋଗ ୫୦ ହଜାର ଟଙ୍କା ପ୍ରଦାନ କରିବା ପରେ ରାସ୍ତାରୋକ ହଟିଥିଲା।

# ଅଣ୍ଟା ଭିଡ଼ିଲେ ଅଞ୍ଚଳବାସୀ, ତୀର୍ଥ ପୁଷ୍କରିଣୀ ହେଲା ଆବର୍ଜନା ମୁକ୍ତ



କୋଣାର୍କ, (ସବ୍ୟୁ) : ବିଶ୍ୱ ପ୍ରସିଦ୍ଧ କୋଣାର୍କ ର ଐତିହ୍ୟ, ସଂସ୍କୃତି ଓ ପରମ୍ପରା ସହ ଜଡ଼ିତ ପୁରାଣ ପ୍ରସିଦ୍ଧ ଚନ୍ଦ୍ରଭଗା ତୀର୍ଥ ପୁଷ୍କରିଣୀ ଅଳିଆ ଆବର୍ଜନା ହୋଇ ପଡିଥିବା ବେଳେ ହବିଷ୍ୟାଳୀ ଓ ତୀର୍ଥ ଯାତ୍ରୀ ମାନଙ୍କ ସ୍ନାନ ନିମନ୍ତେ ଅନୁପଯୁକ୍ତ ଥିବା ପରିପ୍ରେକ୍ଷୀରେ ସ୍ଥାନୀୟ ପ୍ରଶାସନ ଏ ଦିଗରେ କୌଣସି ପଦକ୍ଷେପ ଗ୍ରହଣ ନ କରିବା ଯୋଗୁଁ କୋଣାର୍କ ଅଞ୍ଚଳର ଯୁବ ସାମାଜିକ କର୍ମୀ ଓ ସ୍ୱେଚ୍ଛାସେବୀ ମାନେ ପୁଷ୍କରିଣୀରୁ ଅଳିଆ ଆବର୍ଜନା ପରିଷ୍କାର କରିଛନ୍ତ। ବିଶ୍ୱ ପ୍ରସିଦ୍ଧ ପର୍ଯ୍ୟଟନ ସ୍ଥଳୀ କୋଣାର୍କ ସୂର୍ଯ୍ୟ ମନ୍ଦିର ପରିଦର୍ଶନ କରିବା ନିମନ୍ତେ ଦୈନିକ ଆସୁଥିବା ହଜାର ହଜାର ସଂଖ୍ୟାରେ ପର୍ଯ୍ୟଟକ ଆସିଥାନ୍ତି। ସୂର୍ଯ୍ୟ ମନ୍ଦିର ପରିଦର୍ଶନ କରିବା ପରେ ସେମାନେ ପୁରାଣ ପ୍ରସିଦ୍ଧ ଚନ୍ଦ୍ରଭାଗା ତୀର୍ଥ ପୁଷ୍କରିଣୀ ଠାରେ ଗ୍ରହ ଶାନ୍ତି ଓ ରିଷ୍ଟ ଖଣ୍ଡନ ନିମନ୍ତେ ସୂର୍ଯ୍ୟ ପୂଜା କରିବା ସହ ସ୍ନାନ କରିଥାନ୍ତି। ପୁରାଣରେ ବର୍ଣ୍ଣନା କରାଯାଇଛି ଯେ ପୁଣ୍ୟ ତୋୟା ଗଙ୍ଗା ନଦୀରେ ସାତ ଥର ସ୍ନାନ କଲେ ଯେତିକି ପବିତ୍ରତା ମିଳିଥାଏ ଚନ୍ଦ୍ରଭାଗା ତୀର୍ଥ ପୁଷ୍କରିଣୀ ଠାରେ ଥରେ ମାତ୍ର ସ୍ନାନ କଲେ ସେହି ପବିତ୍ରତା ପ୍ରାପ୍ତ ହୋଇଥାଏ ବୋଲି କିମ୍ବଦନ୍ତୀରୁ ସୂଚନା ମିଳେ।ଏହି ପୁଣ୍ୟ ତୋୟା ଚନ୍ଦ୍ରଭାଗା ତୀର୍ଥପୁଷ୍କରଣୀ ଠାରେ ଶ୍ରୀ ଜଗନ୍ନାଥଙ୍କ ପବିତ୍ର ରଥଯାତ୍ରା ପରେ ଓଡ଼ିଶାର ଦ୍ୱିତୀୟ ସର୍ବବୃହତ ମାଘସପ୍ତମୀ ବୁଡ ଏଠାରେ ଅନୁଷ୍ଠିତ ହୋଇଥାଏ। ସ୍ଥାନୀୟ ପ୍ରଶାସନର ଦାୟିତ୍ୱହୀନତା ଓ ଖାମଖିଆଲି ମନୋଭାବ ଯୋଗୁଁ ଚନ୍ଦ୍ରଭାଗା ତୀର୍ଥପୁଷ୍କରଣୀ ଅଳିଆ ଆବର୍ଜନାରେ ପରିପୂର୍ଣ୍ଣ ହୋଇଥିବା ବେଳେ ଏହାର ପବିତ୍ରତା ଓ ଧାର୍ମିକ ପରମ୍ପରା ପ୍ରତି ଅବମାନନା ସଦୃଶ। ଏଠାକୁ ସୂର୍ଯ୍ୟ ଉପାସନା ଓ ସ୍ନାନ କରିବା ପାଇଁ ଆସୁଥିବା ପର୍ଯ୍ୟଟକ ଓ ଶ୍ରଦ୍ଧାଳୁ ଭକ୍ତମାନେ ମୁହଁ ଫେରାଇ ନେଉଥିବା ଦେଖିବାକୁ ମିଳିଥିଲା।ଏହି ପବିତ୍ର ତୀର୍ଥପୁଷ୍କରଣୀର ପବିତ୍ର ରକ୍ଷା କରିବା ପାଇଁ ଯୁବ ସାମାଜିକ କର୍ମୀ ଦୁର୍ଗା ପ୍ରସାଦ ମହାପାତ୍ରଙ୍କ ନେତୃତ୍ୱରେ ଚନ୍ଦ୍ରଭଗା ଠାରେ ୫୦ରୁ ଉର୍ଦ୍ଧ୍ୱ ଯୁବକ ଏକତ୍ରିତ ହୋଇ ତୀର୍ଥ ପୁଷ୍କରିଣୀ ଅଳିଆ ଆବର୍ଜନା ସଫା କରି ପୁଷ୍କରିଣୀରୁ ଆବର୍ଜନା ମୁକ୍ତ କରିଛନ୍ତି। ଆଗାମୀ ଦିନରେ ଏହି ତୀର୍ଥ ପୁଷ୍କରିଣୀର ପବିତ୍ରତା ଓ ଧାର୍ମିକ ଭାବନାର ସୁରକ୍ଷା ଓ ଏହାର ସୌନ୍ଦର୍ଯ୍ୟକରଣ ନିମନ୍ତେ ଲଢେଇ ଅବ୍ୟାହତ ରହିବ ବୋଲି ଯୁବ ସମାଜସେବୀ ଦୁର୍ଗା ପ୍ରସାଦ ମହାପାତ୍ର ପ୍ରକାଶ କରିଛନ୍ତି।

# ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ପଣ୍ଡିତ ଭାସ୍କର ଚନ୍ଦ୍ର ତ୍ରିପାଠୀଙ୍କ ପରଲୋକ

ଭଦ୍ରକ,(ସବ୍ୟୁ):ଭଦ୍ରକସ୍ଥ ପଢୁଆଁ ଗ୍ରାମରେ ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ଶିକ୍ଷକ ପଣ୍ଡିତ ଭାସ୍କର ଚନ୍ଦ୍ର ତ୍ରିପାଠୀଙ୍କ ଗତକାଲି ଶନିବାର ପ୍ରାତଃ ୪ଟା ସମୟରେ ପରଲୋକ ହୋଇଯାଇଅଛି । କାଳନ୍ଦୀ ଚରଣ ସଂସ୍କୃତ ବିଦ୍ୟାଳୟର ପ୍ରଧାନ ପଣ୍ଡିତ ଏବଂ ମହାବିଦ୍ୟାଳୟର ଅଧକ୍ଷ ଶ୍ରୀତ୍ରିପାଠୀ ଅଣାଅଶି ବୟସରେ ଦେହାନ୍ତ ହୋଇଛି । ସେ ଏକାଧାରରେ ସଂସ୍କୃତ ବିଦ୍ୟାଳୟ ଓ ମହାବିଦ୍ୟାଳୟର ପ୍ରତିଷ୍ଠାତା,ଓଡ଼ିଶାର ସଂସ୍କୃତ ଶିକ୍ଷାର ଜଣେ ଅଗ୍ରଗଣ୍ୟ ସଂସ୍କାରକ,ଜଣେ ସମାଜସେବକ,ସାଂସ୍କୃତିକ ଅନୁଷ୍ଠାନ ସଂଗଠକ,ତତ୍ତ୍ୱାବଧାରକ,ଜଣେ ଲେଖକ,ଗବେଷକ,ଦୁର୍ବୋଧ ସଂସ୍କୃତ ବ୍ୟାକରଣର ସଂଚରକ,ଜଣେ ସଦାଚାର ପ୍ରବର୍ତ୍ତକ,ମହାମହିମ ରାଷ୍ଟ୍ରପତିଙ୍କ ଦ୍ୱାରା ଶିକ୍ଷକ ରୂପେ ପୁରସ୍କୃତ । ଶିକ୍ଷା ତଥା ବହୁ ସାଂସ୍କୃତିକ ଅନୁଷ୍ଠାନ ଦ୍ୱାରା ସମ୍ମାନିତ ଓ ଜଣେ ଦେବଭାଷା ସଂସ୍କୃତ ପ୍ରାଣମାନବ ଭାବେ ପରିଚିତ । ପଣ୍ଡିତ ତ୍ରିପାଠୀ ଅନେକ ଗ୍ରନ୍ଥର ରଚୟିତା ଯଥା – ଲଘୁସିଦ୍ଧାନ୍ତ ଚନ୍ଦ୍ରିକା, ସପ୍ତ ଶପଥମ୍, ଆଶ୍ଚର୍ଯ୍ୟ ଶତକମ୍ (ଓଡ଼ିଆ), ଆଶ୍ଚର୍ଯ୍ୟ ଶତକମ୍ (ସଂସ୍କୃତ), ବେଦାନ୍ତ ସିଦ୍ଧାନ୍ତ, ଶିବୋଦ୍ଧହମ୍, ମାନସାଞ୍ଜଳି ପ୍ରଭୃତି ତାଙ୍କର ଅନବଦ୍ୟ କୃତି । ପଣ୍ଡିତ ତ୍ରିପାଠୀଙ୍କ ବିୟୋଗରେ ସମଗ୍ର ଓଡ଼ିଶାରେ ଶୋକର ଛାୟା ଖେଳିଯାଇଛି।

# ସାହିତ୍ୟ, ସଂସ୍କୃତି ସଂଗଠନ 'ଆମେ'ର ଅମାବାସ୍ୟା ଆସର

ଭଦ୍ରକ,ତା(ସବ୍ୟୁ):ସାହିତ୍ୟ ସଂସ୍କୃତି ସଂଗଠନ 'ଆମେ'ର ମହାଳୟା ଅମାବାସ୍ୟା ଆସର 'ପ୍ରଜ୍ଞାପୀଠ'ଠାରେ ଅନୁଷ୍ଠିତ ହୋଇଯାଇଛି। ଦୀର୍ଘ ୫ ବର୍ଷ ପରେ ନୂତନ କର୍ମକର୍ତ୍ତା ନିର୍ବାଚିତ କରିବା ପାଇଁ ଅନୁଷ୍ଠାନର ସଭାପତି ଲଲାଟେନ୍ଦୁ ମହାନ୍ତି ପ୍ରସ୍ତାବ ଆଗତ କରିଥିବା ବେଳେ ଉକ୍ତ ପ୍ରସ୍ତାବକୁ ନିମନ୍ତ୍ରିତ ଅତିଥିମାନେ ନାକଚ କରିବା ସହିତ ଆଗାମୀ ଏକବର୍ଷ ପାଇଁ ଉକ୍ତ ପୁରୁଣା କମିଟିକୁ କାର୍ଯ୍ୟନିର୍ବାହ କରିବାକୁ ଅନୁରୋଧ କରିଥିଲେ। ଯାହା ସର୍ବସମ୍ମତରେ ଗୃହୀତ ହୋଇଥିଲା। ଆଗାମୀ ବର୍ଷରେ ସଂଗଠନର ପଞ୍ଜିକରଣ କାର୍ଯ୍ୟ ସମ୍ପନ୍ନ କରିବାକୁ କମିଟିକୁ ଅନୁରୋଧ କରାଯାଇଥିଲା। ଏହି ଆସରରେ 'ସମାଜରେ ମିଥ୍ୟାର ଆବଶ୍ୟକତା ଅଛି' ବିଷୟରେ ଏକ ବୌଦ୍ଧିକ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଥିଲା। ଉକ୍ତ ଆଲୋଚନାଚକ୍ରରେ ମଂସିନ ଅତିଥି ଭାବେ ଡ. ରାମଚନ୍ଦ୍ର ପଣ୍ଡା, ଡ. ପ୍ରଫୁଲ୍ଲ କୁମାର ସାହୁ ଓ ରୋ: ଗୟାଧର ପଣ୍ଡା ମଂ ମଣ୍ଡନ କରିଥିଲେ। ପରେପରେ ଏକ ମନୋରଞ୍ଜନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ମନମୋହନ ସଂଗୀତ ପରିଷଦର ସମ୍ପାଦକ ରାମନାରାୟଣ ମହାନ୍ତି, ରାଧାମାଧବ ଥିଏଟର୍ସ ଇରମର ପ୍ର. ଗୋପାଳ ଜୀ ମହାରାଜ୍, ମେଘବର୍ଣ୍ଣ ସେଠୀ, ଶିବପ୍ରସାଦ ମହାନ୍ତି ଏବଂ ପ୍ର. ରାଜକିଶୋର ରାୟ ପ୍ରମୁଖ ମନୋରଂଜନ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା ଏହି ଅବସରରେ ପ୍ରଜ୍ଞାପୀଠର ସରସ୍ୱତୀ ମଣ୍ଡପକୁ ଅନୁଷ୍ଠାନର ପ୍ରତିଷ୍ଠାତା ସମ୍ପାଦକ ପ୍ର. ଅଟଳ ବିହାରୀ ନାୟକ ଅତିଥିମାନଙ୍କ ଗହଣରେ ଉଦ୍ଘାଟନ କରିଥିଲେ। ପ୍ର. ନାୟକଙ୍କ ଆବାହକତ୍ୱରେ ଅଧୀବକ୍ତା ଅଗଣି ଚରଣ ଜେନା, ଡ. ଅବନୀ ପ୍ରଧାନ, ଡ. କୃପାସିନ୍ଧୁ ନାୟକ, ଲାୟନ୍‌ସ କ୍ଲବ ସଭାପତି ଅଶୋକ କୁମାର ମହାନ୍ତି, ଅଧ୍ୟାପିକା ମଧୁସ୍ମିତା ନାୟକ, ଅବସରପ୍ରାପ୍ତ ପ୍ରାଧ୍ୟାପିକା ଭାନୁମୀ ମାଟିଆ, ଚିତ୍ରଶିଳ୍ପୀ ରତିକାନ୍ତ ଦାସ, ଗୀତିକାର ନିର୍ମଳ ସ୍ୱାଇଁ, ଭୀମ ଚରଣ ପରିଡ଼ା, ନାଟ୍ୟଶ୍ରୀ ନିର୍ମଳ ରାଉତ, ଇଂ ଶଶାଙ୍କ ଶେଖର ପଣ୍ଡା, ଯୁବ ସମାଜସେବୀ ରଜତ ସାହୁ, ଦିଗମ୍ବର ଗୋସ୍ୱାମୀ, ଆଲୋକ କୁମାର ନାୟକଙ୍କ ସମତେ ବହୁ ବୁଦ୍ଧିଜୀବୀ, ଶିକ୍ଷାବିତ୍ ଯୋଗ ଦେଇଥିଲେ। ସଂଗଠନର କୋଷାଧକ୍ଷ ଲକ୍ଷ୍ମୀକାନ୍ତ ବାରିକ ଧନ୍ୟବାଦ ଅର୍ପଣ କରିଥିବା ବେଳେ ନାୟକ ପରିବାରର ସମସ୍ତ ସଦସ୍ୟସଦସ୍ୟା ସହଯୋଗ କରିଥିଲେ ।

# ଦିବ୍ୟାଙ୍ଗଙ୍କୁ ଉପକରଣ ବଣ୍ଟନ

ଖଇରା, (ସବ୍ୟୁ) : ଦିବ୍ୟାଙ୍ଗ ଉପକରଣ ସହାୟତା ଯୋଜନାରେ ବାଲେଶ୍ୱର ଜିଲା ଖଇରା ବ୍ଲକ ଅଧୀନରେ ଚିହ୍ନଟ ହୋଇଥିବା ୭୨ ଦିବ୍ୟାଙ୍ଗଙ୍କୁ ସୋମବାର ବ୍ଲକ ପରିସରରେ ଉପକରଣ ବଣ୍ଟନ କରାଯାଇଛି । ବିଡିଓ ଉତ୍ତମ କୁମାର ଜେନାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ସାଂସଦ ମଞ୍ଜୁଲତା ମଣ୍ଡଳ,ବିଧାୟକ ଜ୍ୟୋତି ପ୍ରକାଶ ପାଣିଗ୍ରାହୀ,ବ୍ଲକ ଅଧ୍ୟକ୍ଷା ଅଭିଳିପ୍ସା ସାହୁ,ଉପାଧକ୍ଷ ଗଜେନ୍ଦ୍ର ପରିଡା,ଜିଲା ପରିଷଦ ସଭ୍ୟା ରଶ୍ମିତା ମହାପାତ୍ର ଓ ସୁଷମା ମହାପାତ୍ର,ସଭ୍ୟ ଗଜେନ୍ଦ୍ର ପ୍ରସାଦ ଦାସ,ମାନସ କୁମାର ଦାସ ପ୍ରମୁଖ ଅତିଥି ଭାବେ ଯୋଗ ଦେଇ ଦିବ୍ୟାଙ୍ଗଙ୍କୁ ଟ୍ରାଇସାଇକେଲ,ହୁଇଲ ଚେୟାର,ଶ୍ରବଣ ଯନ୍ତ୍ର ଇତ୍ୟାଦି ପ୍ରଦାନ କରିଥିଲେ ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ୭୮ରେ...

ବିଧାନସଭା ନିର୍ବାଚନ ମଣ୍ଡଳୀରୁ ବିଧାୟକ ଭାବେ ନିର୍ବାଚିତ ହୋଇ ଓଡ଼ିଶାର ମୁଖ୍ୟମନ୍ତ୍ରୀ ଦାୟିତ୍ୱ ତୁଲାଇଥିଲେ । ୨୦୦୦ ମାର୍ଚ୍ଚ ୫ରେ ସେ ପ୍ରଥମେ ମୁଖ୍ୟମନ୍ତ୍ରୀ ଭାବେ ଶପଥ ନେଇଥିଲେ ।

ମୁଖ୍ୟମନ୍ତ୍ରୀ ଭାବେ ଦାୟିତ୍ୱ ନେଲା ବେଳେ ୧୯୯୯ ମହାବାତ୍ୟାରେ ଉପକୂଳ ଓଡ଼ିଶା ଛାରଖାର ହୋଇଯାଇଥିଲା । ରାଜ୍ୟ ଅର୍ଥନୀତି ବିପର୍ଯ୍ୟସ୍ତ ହୋଇପଡିଥିଲା । ଏକ ଉଜୁଡା ଓଡ଼ିଶା ଓ ଅସଜଡା ଅର୍ଥନୀତିକୁ ସଜାଡିବାର ଗୁରୁଦାୟିତ୍ୱ ତାଙ୍କ କାନ୍ଧ ଉପରେ ପଡ଼ିଥିଲା । ଯାହାକୁ ସେ ସୁଚାରୁରୂପେ ସମ୍ପାଦନ କରି ଉଜୁଡା ଓଡ଼ିଶାର ପରିଚୟକୁ ହଜାଇ ଏକ ବିକଶିତ ଓଡ଼ିଶା ସୃଷ୍ଟି କରିପାରିଛନ୍ତି । ନବୀନଙ୍କ ବଡ଼ ଆଭିମୁଖ୍ୟ ଥିଲା ଦୁର୍ନୀତିର ମୂଳୋତ୍ପାଟନ ଓ ସ୍ୱଚ୍ଛଶାସନ । ଜନକୈନ୍ଦ୍ରିକ ଯୋଜନା ତାଙ୍କ ପ୍ରଶାସନର ବଡ଼ ଆଭିମୁଖ୍ୟ ଥିଲା । କ୍ଷୁଧାରୁ ମୁକ୍ତି, ସାମଜିକ ସୁରକ୍ଷା ଓ ଭିତ୍ତିଭୂମି ବିକାଶକୁ ଫୋକସ କରିସାରିଥିଲେ । ଯାହା ତାଙ୍କର ଲୋକପ୍ରିୟତାକୁ ବଢ଼ାଇବାରେ ଲାଗିଥିଲା ।

ଦୀର୍ଘ ୨୩ ବର୍ଷ ନିରଙ୍କୁଶ ଭାବେ ଶାସନ କ୍ଷମତାରେ ରହିଲେ ବି ବ୍ୟବସ୍ଥା ବିରୋଧୀ ଭୋଟ୍ ତାଙ୍କ ସରକାର ବିପକ୍ଷରେ ନାହିଁ ।

ଦୁର୍ନୀତି ପ୍ରତି ଶୂନ୍ୟ ସହଳନତା, ବିପର୍ଯ୍ୟୟ ପରିଚାଳନାରେ ପ୍ରତ୍ୟେକଟି ଜୀବନ ମୂଲ୍ୟବାନ ଖାଦ୍ୟ ସୁରକ୍ଷା ଆଭିମୁଖ୍ୟ ଜନମାନସରେ ବେଶ ଗ୍ରହଣୀୟ । ସେହିପରି ଖଣିଜ ପଦାର୍ଥର ମୂଲ୍ୟଯୁକ୍ତ ବିନିଯୋଗ କରି ରାଜ୍ୟର ଶିଳ୍ପାୟନ ମାଧ୍ୟମରେ ପ୍ରତ୍ୟକ୍ଷ ଓ ପରୋକ୍ଷ ନିଯୁକ୍ତି ସୃଷ୍ଟି କରିବା ତାଙ୍କର ଚିନ୍ତାଧାରା ଯୋଗୁଁ ରାଜ୍ୟ ଅର୍ଥନୀତି ବେଶ ସବଳ ହୋଇପାରିଛି । ନୂଆ ନୂଆ ଯୋଜନାରେ ଜନକଲ୍ୟାଣ ଆଭିମୁଖ୍ୟ ତାଙ୍କର ବଳବତ୍ତର ରହିଛି ।

ନବୀନ ହେଉଛନ୍ତି ସର୍ବାଧିକ କାଳ ମୁଖ୍ୟମନ୍ତ୍ରୀ ଥିବା ଦ୍ୱିତୀୟ ବ୍ୟକ୍ତି । ସେ ୨୩ ବର୍ଷ ୨୭୯ ଦିନ ମୁଖ୍ୟମନ୍ତ୍ରୀ ଭାବେ କାର୍ଯ୍ୟ କରିଛନ୍ତି । ସିକିମର ତତ୍କାଳୀନ ମୁଖ୍ୟମନ୍ତ୍ରୀ ପବନ କୁମାର ଚାମଲିଂ ସର୍ବାଧିକ ୨୪ ବର୍ଷ ୧୬୬ ଦିନ ମୁଖ୍ୟମନ୍ତ୍ରୀ ଭାବେ କାର୍ଯ୍ୟ କରିଛନ୍ତି । ନବୀନ ଯଦି ଷଷ୍ଠଥର ମୁଖ୍ୟମନ୍ତ୍ରୀ ହୁଅନ୍ତି ତା'ହେଲେ ସେ ପବନ ଚାମଲିଂଙ୍କ ରେକର୍ଡ ଭାଙ୍ଗି ଏଥର ସର୍ବାଧିକ କାଳ ମୁଖ୍ୟମନ୍ତ୍ରୀ ଥିବା ବ୍ୟକ୍ତି ଭାବରେ ପ୍ରଥମ ହେବେ ।

### ୩ ବାହିନୀ...

ଗାଜା ଉପରେ ଏକ ବଡ ଧରଣର ଅପରେସନ୍ ହୋଇପାରେ ବୋଲି ପୂର୍ବରୁ ମଧ ସଙ୍କେତ ମିଳିଥିଲା । କାରଣ ଇସ୍ରାଏଲର ବେଞ୍ଜାମିନ ନେତାନ୍ୟାହୁଙ୍କ ସରକାର ୨୪ ଘଣ୍ଟା ମଧରେ ଗାଜା ଖାଲି କରିବାକୁ ଘୋଷଣା କରିଥିଲେ । ପାଲେଷ୍ଟାଇନର ଆତଙ୍କବାଦୀ ସଂଗଠନ ହମାସ ଏହି ଅଞ୍ଚଳରେ ସାଧାରଣ ନାଗରିକଙ୍କୁ ଢାଲ କରି ରହୁଛନ୍ତି । ତେଣୁ ଆକ୍ରମଣରେ ଯେପରି ସାଧାରଣ ନାଗରିକଙ୍କ କୌଣସି କ୍ଷତି ନ ଘଟେ, ସେଥିପାଇଁ ତୁରନ୍ତ ଉକ୍ତ ଅଞ୍ଚଳ ଖାଲି କରିବାକୁ ଚେତାବନୀ ଦେଇଥିଲେ । ୨୪ ଲକ୍ଷ ଜନସଂଖ୍ୟାର ପ୍ରାୟ ୧୧ ଲକ୍ଷ ଲୋକ ଉତ୍ତର ଗାଜାରେ ବସବାସ କରୁଛନ୍ତି । ଏପରି ଘୋଷଣା ପରେ ତୁରନ୍ତ ସେମାନଙ୍କୁ ସ୍ଥାନ ପରିବର୍ତ୍ତନ କରିବା କଷ୍ଟକର ହୋଇପଡିଛି । କାରଣ ବିଭିନ୍ନ ଅଞ୍ଚଳରେ ବର୍ତ୍ତମାନ ଅତ୍ୟାବଶ୍ୟକ ସାମଗ୍ରୀର ଘୋର ଅଭାବ । ଏହା ସାଙ୍ଗକୁ ଇଣ୍ଟରନେଟ୍, ବିଦ୍ୟୁତ୍ ନ ଥିବାରୁ ଅନେକ ଲୋକଙ୍କ ନିକଟରେ ଗାଜା ଛାଡିବାର ସୂଚନା ମଧ ପହଞ୍ଚି ନଥିବ । ଏସବୁ ମଧରେ ଜାତିସଂଘ ସେକ୍ରେଟାରୀ ଜେନେରାଲ୍ ଆଣ୍ଟୋନିଓ ଗୁଟେରସ୍ ଗାଜା ପରିସ୍ଥିତିକୁ ବିପଜ୍ଜନକ ବୋଲି କହିଛନ୍ତି । ଏଥିସହ ଗାଜା ଛାଡିବା ନେଇ ଇସ୍ରାଏଲର ଘୋଷଣା ଏକ ଭୟଙ୍କର ପରିଣାମ ସୃଷ୍ଟି କରିପାରେ ବୋଲି ଜାତିସଂଘ ଚେତାବନୀ ଦେଇଛି । ସେପଟେ ଇସ୍ରାଏଲ ସେନାକୁ ଭେଟିଛନ୍ତି ପ୍ରଧାନମନ୍ତ୍ରୀ ବେଞ୍ଜାମିନ ନେତାନ୍ୟାହୁ । ସେନାର ବଳକୁ ମଜବୁତ କରିବା ସହ ସତର୍କ ରହିବାକୁ ପରାମର୍ଶ ଦେଇଛନ୍ତି । ଇସ୍ରାଏଲର ଏପରି କାର୍ଯ୍ୟାନୁଷ୍ଠାନ ଆଗକୁ ଭୟଙ୍କର ପରିଣାମର ରୂପ ନେଇପାରେ ବୋଲି ଆଶଙ୍କା କରାଯାଉଛି ।

### ଦିଲ୍ଲୀରେ...

ଏପର୍ଯ୍ୟନ୍ତ ମିଳିପାରିନାହିଁ । ତେବେ ଦିଲ୍ଲୀରେ ଭୂମିକମ୍ପ ଆସିବା ଏକ ନିୟମିତ ଘଟଣା ହୋଇଗଲାଣି । ଗତ ୬ ମାସରେ ଦିଲ୍ଲୀରେ ୬ ଥର ଭୂମିକମ୍ପ ଆସିଥିବା ରେକର୍ଡ କରାଯାଇଛି । ଆଜି ସକାଳେ ମଧ ଆଫଗାନିସ୍ତାନର ହେରା୍ ପ୍ରଦେଶରେ ଭୂମିକମ୍ପ ଅନୁଭୂତ ହୋଇଥିଲା । ରିକ୍ଟର ସ୍କେଲରେ ଏହାର ତୀବ୍ରତା ୬.୩ ଥିଲା । ପଶ୍ଚିମ ଆଫଗାନିସ୍ତାନର ହେରାତ ପ୍ରଦେଶର ହେରାତ ସହରରୁ ୩୩ କିଲୋମିଟର ଦୂରରେ ଏହି ଭୂମିକମ୍ପ ହୋଇଥିଲା । ଏହି ଅଞ୍ଚଳରେ ହିଁ ଗତ ସପ୍ତାହରେ ହୋଇଥିବା ଭୂମିକମ୍ପରେ ୧ ହଜାରରୁ ଅଧିକ ଲୋକ ମୃତ୍ୟୁବରଣ କରିଥିଲେ ।

# ବିଶ୍ୱ ଅର୍ଥନୀତିକୁ କ୍ଷତି କରୁଛି ଦୃଷ୍ଟିଶକ୍ତି ହାନୀ



ଭୁବନେଶ୍ୱର,(ସବ୍ୟୁ): ଚଳିତ ବିଶ୍ୱ ଦୃଷ୍ଟିଶକ୍ତି ଦିବସ ଅବସରରେ ପ୍ରକାଶିତ ଏକ ଅନୁସନ୍ଧାନର ଫଳାଫଳ ଅନୁଯାୟୀ, ଆଭଏଡେବୁଲ ସାଇଟ୍‌ଲସ୍ ବା ପରିହାର୍ଯ୍ୟ ଦୃଷ୍ଟିଶକ୍ତି କ୍ଷତି, ପ୍ରତିବର୍ଷ ଭାରତୀୟ ଅର୍ଥନୀତିରେ ୨୭ ବିଲିୟନ ଡଲାର ଯୋଗ କରିପାରିବ । ଲଭ୍ ୟୋର୍‌ଆଇଜ୍ କ୍ୟାମ୍ପେନ୍ ଉତମ ଆଖି ସ୍ୱାସ୍ଥ୍ୟ କିଭଳି ଉତ୍ପାଦକତା ବୃଦ୍ଧି କରୁଛି ତାହାକୁ ଆଲୋକପାତ କରିବା ପାଇଁ ଏହି ଫଳାଫଳ ପ୍ରକାଶିତକରିଛି, ଏଥିସହିତ ଚଳିତ ବିଶ୍ୱ ଦୃଷ୍ଟିଶକ୍ତି ଦିବସରେ କାର୍ଯ୍ୟକ୍ଷେତ୍ରର ସୁସ୍ଥତା ଏଜେଣ୍ଡାରେ ଆଖି ସ୍ୱାସ୍ଥ୍ୟକୁ ଅନ୍ତର୍ଭୁକ୍ତ କରିବା ପାଇଁବିଜ୍‌ନେସ୍ ଲିଡରମାନଙ୍କୁ ଆବେଦନ କରିଛି। ଇଂଟରନ୍ୟାଶନାଲ ଏଜେନ୍ସି ଫର୍ ଦ ପ୍ରିଭେନ୍ସନ ଅଫ୍ ବ୍ଲାଇଣ୍ଡନେସ୍ (ଆଇଏପିବି) ଏବଂଜନ୍‌ସ ହପ୍‌କିନ୍‌ସରୁ ପ୍ରଫେସର କେଭିନ୍ ଫ୍ରିକ୍‌ଙ୍କ ଦ୍ୱାରା ପରିଚାଳିତ ଏହି ଅଧ୍ୟୟନ ୫୦ ବର୍ଷରୁ ଅଧିକ ବୟସର ଲୋକମାନଙ୍କମଧ୍ୟରେ ପରିହାର୍ଯ୍ୟ ଦୃଷ୍ଟିଶକ୍ତି ହାନିର କ୍ଷତିକୁ ଆକଳନ କରିଥିଲେ। ଅଧ୍ୟୟନରେ ସମସ୍ତ ଦେଶଗୁଡିକ ମଧ୍ୟରେ ଭାରତରେ ୩ୟସର୍ବାଧିକ ସମ୍ଭାବ୍ୟ ସଂଚୟ ରହିଥିଲା। ଦୃଷ୍ଟି ଶକ୍ତି ହାନି ପ୍ରତିବର୍ଷ ବିଶ୍ୱ ଅର୍ଥନୀତିକୁ ୪୧୧ ବିଲିୟନ ଡଲାରର କ୍ଷତି ପହଂଚାଉଛି ବୋଲି ଗ୍ଲୋବାଲ ଆଇ ହେଲ୍‌ଥ ଉପରେ ପ୍ରକାଶିତ ଲାନ୍‌ସେଟ୍ ଗ୍ଲୋବାଲ ହେଲ୍‌ଥ କମିଶନର ରିପୋର୍ଟରେ ଉଲ୍ଲେଖ କରାଯାଇଛି।ଦୃଷ୍ଟି ଶକ୍ତି ହରାଇଥିବା ପ୍ରାୟ ୩୦% ଲୋକ ରୋଜଗାରରେ ହ୍ରାସର ସମ୍ମୁଖୀନ ହୋଇଛନ୍ତି, ମହିଳା, ଗ୍ରାମାଂଚଳ ଓ ସଂଖ୍ୟାଲଘୁ ଗୋଷ୍ଠୀଥିରେ ସର୍ବାଧିକ ପ୍ରଭାବିତ ହେଉଛନ୍ତି। ତେବେ ପ୍ରାରମ୍ଭିକ ନିଦାନ ଓ ଚିକିତ୍ସା ସହିତ ୯୦% ଦୃଷ୍ଟିଶକ୍ତି ହାନିକୁ ଏଡାଯାଇପାରିବ।ଭାରତରେ ବର୍ତମାନ ୭୦ ମିଲିୟନ ଲୋକଙ୍କଠାରେ ଦୁର୍ବଳ ଦୃଷ୍ଟିଶକ୍ତି ରହିଛି। ଇଣ୍ଡିଆ ଭିଜନ ଇନଷ୍ଟିଚ୍ୟୁଟ୍‌ର ସିଇଓ ବିନୋଦଡାନିଏଲ୍ କହିଛନ୍ତି, 'ଗରିବ ଶ୍ରେଣୀର ଓ ଗ୍ରାମାଂଚଳର ଲୋକଙ୍କ ନିକଟରେ ଆଖି ଯତ୍ନ ପାଇଁ ପର୍ଯ୍ୟାପ୍ତ ପହଂଚର ଅଭାବ ରହିଛି,ତେଣୁ ସେମାନଙ୍କୁ ଭିଜନ ସ୍କ୍ରିନିଙ୍ଗ୍ ଓ କରେକ୍ଟିଭ୍ ଗ୍ଲାସ୍‌ର ଏକ ପେୟାର ପାଇଁ ବାରଣ କରାଯାଇଥାଏ। ଏହାର ଅର୍ଥ ତ୍ରୁଟିପୂର୍ଣ୍ଣରିଫ୍ରାକ୍‌ଟିଭ୍ ଏରର୍ ଦେଶକୁ ଉତ୍ପାଦକତା କ୍ଷେତ୍ରରେ କୋଟି କୋଟି ଟଙ୍କାର କ୍ଷତି କରାଇଥାଏ ଏବଂ ଲୋକମାନଙ୍କର ମୂଲ୍ୟବାନ ଆୟପ୍ରଭାବିତ ହୋଇଥାଏ। ଦୃଷ୍ଟିହୀନତାକୁ ରୋକିବା ପାଇଁ ଶୀଘ୍ର ଚିହ୍ନଟ ଗୁରୁତ୍ୱପୂର୍ଣ୍ଣ ଅଟେ। ଆମେ ପହଂଚ ଓ ସୁବିଧା ନଥିବାଲୋକମାନଙ୍କୁ ମାଗଣା ଭିଜନ ସ୍କ୍ରିନିଂ ଓ ଚଷମା ପ୍ରଦାନ କରିବା ପାଇଁ ସମୁଦାୟ, ବିଦ୍ୟାଳୟ ଓ କାର୍ଯ୍ୟକ୍ଷେତ୍ରଗୁଡିକ ସହ ପ୍ରତ୍ୟକ୍ଷ ଭାବେକାର୍ଯ୍ୟ କରୁଛୁ। ଆଇଏପିବିର ସିଇଓ ଏବଂ ଲଭ୍ ୟୋର୍ ଆଇଜ୍ କ୍ୟାମ୍ପେନ୍‌ର ପ୍ରବକ୍ତା ପିଟର ହଲାଣ୍ଡ କହିଛନ୍ତି, 'ବିଜ୍‌ନେସ୍ ଲିଡର୍‌ମାନେ ମାନସିକସ୍ୱାସ୍ଥ୍ୟଠାରୁ ଆରମ୍ଭ କରି ମେନାପଜ୍ ପର୍ଯ୍ୟନ୍ତ କାର୍ଯ୍ୟକ୍ଷେତ୍ରରେ ସୁସ୍ଥତା ସମ୍ପର୍କରେ ସଚେତନତା ବୃଦ୍ଧି କରିବା କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣଭୂମିକା ନିଭାଇଥାନ୍ତି। ଆଜି ବିଶ୍ୱ ଦୃଷ୍ଟିଶକ୍ତି ଦିବସ ନିଯୁକ୍ତିଦାତାଙ୍କ ପାଇଁ ସେମାନଙ୍କର ସୁସ୍ଥତା ଏଜେଣ୍ଡାରେ ଆଖି ସ୍ୱାସ୍ଥ୍ୟକୁ ସାମିଲକରିବା ଏବଂ କର୍ମଚାରୀମାନଙ୍କୁ ନିଜର ଆଖିକୁ ଭଲ ପାଇବା ପାଇଁ ପ୍ରୋତ୍ସାହିତ କରିବା ଲାଗି ଏକ ଉତମ ସୁଯୋଗ ଅଟେ। ଆଖିସ୍ୱାସ୍ଥ୍ୟ ସଚେତନତା ମାଧ୍ୟମରେ ହେଉ କିମ୍ବା କର୍ମଚାରୀଙ୍କୁ ଆଖି ସ୍ୱାସ୍ଥ୍ୟ ସେବା ସହ ସଂଯୋଗ କରିବା, ଆଖି ସ୍ୱାସ୍ଥ୍ୟକୁ ବୀମାଯୋଜନାରେ ସାମିଲ କରିବା କିମ୍ବା ସ୍କ୍ରିନ୍ ସେଟିଂକୁ ଆଡ୍‌ଜଷ୍ଟ କରିବା, ଦୃଷ୍ଟିଶକ୍ତି ଅନୁକୂଳ କାର୍ଯ୍ୟ ପରିବେଶ ନିର୍ମାଣ କରିବା ଏବଂସୁସ୍ଥ, ସୁଖୀ କର୍ମଚାରୀ ସୃଷ୍ଟି କରିବା ପାଇଁ ଏଭଳି ଅନେକ ଉପାୟ ରହିଛି।

# ଆଭାଡା ଗ୍ରୁପ୍ ପକ୍ଷରୁ ଆର୍‌ଇସି ସହିତ ସହଯୋଗିତା

ଭୁବନେଶ୍ୱର,(ସବ୍ୟୁ): ଓଡ଼ିଶାର ଶକ୍ତି ରୂପାନ୍ତରଣ ପ୍ରକଳ୍ପଗୁଡ଼ିକୁ ଫାଇନାନ୍ସ ସୁବିଧା ପ୍ରଦାନ କରିବା ଲାଗି ଆଭାଡା ଗ୍ରୁପ୍ ଓ ଆର୍‌ଇସିଲିମଟେଡ୍ ମଧ୍ୟରେ ଏକ ବୁଝାମଣାପତ୍ର (ଏମ୍‌ଓୟୁ) ସ୍ୱାକ୍ଷର ହୋଇଛି। ଓଡ଼ିଶା ସରକାରଙ୍କ ଶିଳ୍ପ ବିଭାଗର ପ୍ରମୁଖ ସଚିବଶ୍ରୀ ହେମନ୍ତ କୁମାର ଶର୍ମାଙ୍କ ଉପସ୍ଥିତିରେ ମୋଟ ୧୫,୦୦୦ କୋଟି ଟଙ୍କା ପାଇଁ ଏହି ବୁଝାମଣାପତ୍ର ସ୍ୱାକ୍ଷର ହୋଇଥିଲା।ସବୁଜ ଶକ୍ତି କ୍ଷେତ୍ରକୁ ରୂପାନ୍ତରଣ ତ୍ୱରାନ୍ୱିତ କରିବା ଏବଂ ଗ୍ରିନ୍ ହାଇଡ୍ରୋଜେନ୍ ଓ ଗ୍ରିନ୍ ଆମୋନିଆ ଉତ୍ପାଦନର ଏକବିଶ୍ୱସ୍ତରୀୟ ହବ୍‌ରେ ପରିଣତ ହେବା ଲାଗି ଭାରତ ସରକାର ରଖିଥିବା ଅଭିଳାଷକୁ ସମର୍ଥନ କରିବା ଉପରେ ଏହିସହଯୋଗିତାରେ ଗୁରୁତ୍ୱାରୋପ କରାଯାଇଛି। ଦୀର୍ଘସ୍ଥାୟୀ ଶକ୍ତି ଚାହିଦାରେ ହୋଇଥିବା ବୃଦ୍ଧି ପାଇଁ ଶକ୍ତି କ୍ଷେତ୍ରକୁପୁଞ୍ଜିନିବେଶ ଆଣିବା ଲାଗି ଓଡ଼ିଶା ପକ୍ଷରୁ ବିଭିନ୍ନ ପ୍ରକାର ପଦକ୍ଷେପ ଗ୍ରହଣ କରାଯାଇଥିବା ବେଳେ ଡିକାର୍ବନାଇଜେସନକୁତ୍ୱରାନ୍ୱିତ କରିବା ଉପରେ ଗୁରୁତ୍ୱାରୋପ କରାଯାଇଛି। ଏହି ସହଯୋଗିତା ସମ୍ପର୍କରେ ଆଭାଡା ଗ୍ରୁପ୍‌ର ଅଧ୍ୟକ୍ଷ ବିନୀତ ମିତଲ କହିଛନ୍ତି ଯେ, ଆର୍‌ଇସି ଲିମିଟେଡ୍ ସହ ସହଯୋଗିତା ବିଷୟରେ ଘୋଷଣା କରି ମୁଁ ବେଶ ଆନନ୍ଦିତ ଯାହା ୨୦୭୦ ସୁଦ୍ଧା ନେଟ୍ ଜିରୋ ଲକ୍ଷ୍ୟ ହାସଲ କରିବାରେଭାରତର ପ୍ରତିବଦ୍ଧତାକୁ ସୁଦୃଢ଼ କରିବାରେ ସହାୟକ ହେବ। ଅକ୍ଷୟ ଶକ୍ତି ଓ ଗ୍ରିନ୍ ଅଣୁ ବ୍ୟବସାୟ କାରବାରକୁଆରାମଦାୟକ ସୁବିଧା ପ୍ରଦାନ କରିବା ଏବଂ ଦୀର୍ଘସ୍ଥାୟୀ ଅଭିବୃଦ୍ଧି ପାଇଁ ଏହାକୁ ଏକ ଉପଯୁକ୍ତ ସ୍ଥଳରେ ପରିଣତ କରିଥିବାରୁଓଡ଼ିଶା ସରକାରଙ୍କୁ ଆମେ ଧନ୍ୟବାଦ ଜଣାଇବାକୁ ଚାହୁଁଛୁ। ଏହି ସଂସ୍ଥା ପଛରେ ରହିଥିବା ଆମର ପ୍ରତିବଦ୍ଧତା ହେଉଛି ଗ୍ରିନ୍‌ଏନର୍ଜି ଆମର ଭବିଷ୍ୟତ ପାଇଁ ଗୁରୁତ୍ୱପୂର୍ଣ୍ଣ ହୋଇଥିବା ବେଳେ ଦୁନିଆରେ ସକାରାତ୍ମକ ପରିବର୍ତନ ଆଣିପାରିବ ବୋଲିଆମର ବିଶ୍ୱାସ ରହିଛି। ଓଡ଼ିଶାରେ ଅକ୍ଷୟ ଶକ୍ତି ପ୍ରକଳ୍ପକୁ ଫାଇନାନ୍ସ ପ୍ରଦାନ କରିବାରେ ଏହି ସହଯୋଗିତା ଆମ ପାଇଁସହାୟକ ହେବ ଏବଂ ରାଜ୍ୟର ନିରନ୍ତର ବିକାଶ ପ୍ରତି ଯୋଗଦାନ ପ୍ରଦାନ କରି ଭାରତ ଓ ବିଶ୍ୱସ୍ତରରେ ଅକ୍ଷୟ ଶକ୍ତିରେ ଆମ ଉପସ୍ଥିତିକୁ ବଢ଼ାଇବ ।

# ତୃତୀୟ ଜିଲ୍ଲା ସ୍ତରୀୟ ଲୋକ ଅଦାଲତ

ଭଦ୍ରକ,(ସବ୍ୟୁ):ତୃତୀୟ ଜିଲ୍ଲା ସ୍ତରୀୟ ଲୋକ ଅଦାଲତ ଜାତୀୟ ସେବା ପ୍ରାଧିକରଣ ଏବଂ ଓଡ଼ିଶା ରାଜ୍ୟ ଆଇନ ସେବା ପ୍ରାଧିକରଣଙ୍କ ନିର୍ଦ୍ଦେଶ କ୍ରମେ ଭଦ୍ରକ ଜିଲ୍ଲା କୋର୍ଟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଆଇନ ସେବା ପ୍ରାଧିକରଣର ଅଧକ୍ଷ ସଂଗ୍ରାମ କେଶରୀ ପଟ୍ଟନାୟକ ଅଧକ୍ଷତା କରିଥିବା ବେଳେ ଜିଲ୍ଲା ଆଇନ ସେବା ପ୍ରାଧିକରଣର ସଚିବ ନେହା ଅଗ୍ରୱାଲ ଏହି ଲୋକ ଅଦାଲତକୁ ପରିଚାଳନା କରିଥିଲେ। ମୋଟ ୪୧,୯୯,୯୭୭ ଟଙ୍କାରେ ୭୬୬ଟି ମକଦ୍ଦମାର ଆପୋଷ ସମାଧାନ ହୋଇଥିଲା। ସେଗୁଡ଼ିକ ମଧ୍ୟରେ ବିଭିନ୍ନ ମୋଟର ଯାନ ଦୁର୍ଘଟଣା ଦାବି ଟ୍ରିବ୍ୟୁନାଲରେ ବିଚାରାଧୀନ ଥିବା ୩ଟି ମାମଲାର ୨୯,୦୦,୦୦୦ ଟଙ୍କାରେ, ୧୩ଟି ବୈବାହିକ ବିବାଦ, ୭୪୪ ଟି ରାଜସ୍ୱ ମକଦ୍ଦମା, ୨,୧୭,୩୯୯ ଟଙ୍କାରେ, ୫ଟି ଉପଭୋକ୍ତା ବିବାଦ ମାମଲା, ଆପୋଷ ବୁଝାମଣା ମାଧ୍ୟମରେ ସମାଧାନ କରାଯାଇଅଛି।

**ସର୍ବସାଧାରଣ ବିଜ୍ଞପ୍ତି**

ଏତଦ୍‌ଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ **ମେସର୍ସ ଇଣ୍ଡିଆନ୍ ମେଟାଲ୍ସ ଆଣ୍ଡ ଫେରୋ ଆଲଏଜ୍ ଲିମିଟେଡ** ଦ୍ୱାରା ପରିଚାଳିତ ମହାଗିରି ମାଇନ୍ସ (କ୍ରୋମାଇଟ୍) ସା./ପୋ.: କାଳିଆପାଣି, ତହସିଲ: ସୁକିନ୍ଦା, ଜିଲ୍ଲା: ଯାଜପୁର, ପିନ୍-୭୫୫୦୪୭ର ମାଇନିଂ ଲିଜ୍ ଏରିଆ: ୭୩.୭୭୭ ହେକ୍ଟର ଜମି ମଧ୍ୟରେ ତାହାର ବାର୍ଷିକ କ୍ରୋମାଇଟ୍ ମିନେରାଲର ଉତ୍ପାଦନ କ୍ଷମତାକୁ ୩ ଲକ୍ଷ ଟନ୍‌ରୁ ୬ ଲକ୍ଷ ଟନ୍‌କୁ ବୃଦ୍ଧି କରିବା ନିମନ୍ତେ State Environment Impact Assessment Authority, Odisha ତାଙ୍କର File No.: 408894/768-MINB1/12-2022 dtd. **10.10.2023** ଅନୁଯାୟୀ ପରିବେଶ ମଞ୍ଜୁରୀ ପ୍ରଦାନ କରିଛନ୍ତି । ଏହାର ନକଲ MoEF & CC ର ୱେବସାଇଟ୍ ଠିକଣା: http://environmentclearance.nic.in ଓ M/s. IMFA Ltdର ୱେବସାଇଟ୍ ଠିକଣା: **www.imfa.in**ରେ ଉପଲବ୍ଧ ହୋଇପାରିବ ।

**ମେସର୍ସ ଇଣ୍ଡିଆନ୍ ମେଟାଲ୍ସ ଆଣ୍ଡ ଫେରୋ ଆଲଏଜ୍ ଲିମିଟେଡ୍**
**କାଳିଆପାଣି, ସୁକିନ୍ଦା, ଯାଜପୁର**

**ଜିଲ୍ଲା ପ୍ରତିନିଧିଙ୍କ ନାମ ଓ ଟେଲିଫୋନ୍ ନମ୍ବର**

ଅନୁଗୁଳ -ଦ୍ୱାରିକା ପ୍ରସାଦ ନନ୍ଦ-୯୪୩୭୭୩୧୦୪୦, ବଲାଙ୍ଗିର-ସତ୍ୟ ସୁନ୍ଦର ଭଞ୍ଜ-୯୪୩୭୧୫୦୬୩୨, ବାଲେଶ୍ୱର-ରଞ୍ଜନ ବାଗ୍-୯୪୩୭୨୬୪୩୩୬, ବରଗଡ଼-ରବିନାରାୟଣ ପଣ୍ଡା-୯୪୩୭୧୫୮୩୯୮, କଟକ-ପ୍ରଫୁଲ୍ଲ ମହାନ୍ତି-୯୪୩୯୦୬୨୯୭୮, ଦେବଗଡ଼-ପ୍ରଣବ କିଶୋର ଗୁରୁ-୯୪୩୭୨୦୯୫୯୪, ଗଜପତି-ଗରୁଡ଼ଧ୍ୱଜ ଚୌଧୁରୀ-୯୪୩୭୧୩୫୩୦୭, ଗଞ୍ଜାମ- ଉଦୟନାଥ ପାଣିଗ୍ରାହୀ-୯୮୬୧୦୩୭୧୦୪, ଜଗତ୍‌ସିଂହପୁର-ସୁବ୍ରତ କୁମାର ନାୟକ-୯୯୩୭୬୨୦୦୯୮, ଯାଜପୁର-ହାରାଧନ ବାନାର୍ଜୀ-୯୪୩୯୨୫୪୧୫୮, ଝାରସୁଗୁଡ଼ା-ଜୀବନ ମହାନ୍ତି-୯୪୩୭୦୫୭୩୮୮, କଳାହାଣ୍ଡି-ଶାନ୍ତନୁ ବେହେରା-୯୪୩୭୧୫୪୩୮୩, କେନ୍ଦ୍ରାପଡ଼ା-ରବୀନ୍ଦ୍ର କୁମାର ଦାସ-୯୪୩୭୧୮୩୩୭୪, ଖୋର୍ଦ୍ଧା-ଲଳିତ ମୋହନ ମହାପାତ୍ର-୯୮୫୩୦୭୧୩୧୩, କୋରାପୁଟ-କେ.ଶ୍ରୀନିବାସ ରାଓ-୯୪୩୯୫୬୬୭୨୨, ମାଲକାନଗିରି-କେଶବ ନାଏକ-୯୪୩୭୭୭୯୪୪୭, ମୟୂରଭଞ୍ଜ-ସୌମ୍ୟ ରଞ୍ଜନ ପଟ୍ଟନାୟକ-୯୪୩୯୮୮୯୧୨୯, ନବରଙ୍ଗପୁର-କେ. ସାକିଲ ଦୋରା-୯୪୩୮୩୧୪୦୪୩, ନୟାଗଡ଼-ନିଶିକାନ୍ତ ରଥ-୯୪୩୭୨୮୭୧୯୯, ନୂଆପଡ଼ା-ସୁରେନ୍ଦ୍ର ତିୱାରୀ-୯୯୩୭୩୨୪୦୫୫, ଫୁଲବାଣୀ-ସନ୍ତୋଷ ମିଶ୍ର-୯୪୩୯୩୫୭୬୮୦, ସୁନ୍ଦରଗଡ଼-ଦେବବ୍ରତ ପଟ୍ଟନାୟକ-୯୪୩୭୦୮୨୭୭୭, ରାୟଗଡ଼ା- ରବୀନ୍ଦ୍ର ପାଟଖଣ୍ଡାଲ- ୯୪୩୭୭୯୦୯୪୯, ପୁରୀ - ବିଶ୍ୱଜିତ୍ ପଟ୍ଟନାୟକ-୯୪୩୭୨୮୦୭୪୪, ବୌଦ୍ଧ-ରଘୁନାଥ ଷଡଙ୍ଗୀ-୯୪୩୭୨୯୮୯୭୪, ଭଦ୍ରକ-ପ୍ରିୟଦର୍ଶନ ବୋଇତି-୯୪୩୭୨୬୫୫୦୧ ।



ନବରାତ୍ର ପ୍ରଥମ ଦିନ ରବିବାର ଷୋଡଶ ଉପଚାର ପୂଜାର ୧୦ମ ଦିନରେ ମା କଟକ ଚଣ୍ଡୀ'ଙ୍କ ନାରାୟଣୀ ବେଶ

# ବିଦ୍ୟୁତ୍ ତାର ଜବତ : ୩ ଗିରଫ

କାକଟପୁର , (ସବ୍ୟୁ) : କାକଟପୁର ବିଦ୍ୟୁତ ବିଭାଗ (୧) ଅଧୀନରେ ଥିବା ବଡକଣ ନଦୀବନ୍ଧ ୬୩୦ ସବଷ୍ଟେସନ ଠାରୁ ମହାଦେବସ୍ତ କଳାସିରା ପ୍ରଯ୍ୟନ୍ତ ଏକ ନୂତନ ଭାବେ ପ୍ରାୟ ୩କିଲୋମିଟରର ୧୧୦ ଲାଇନ ଟଣା ଯାଇଛି । ଯେହେତୁ ଏଥିରେ କରେଣ୍ଟ ଦିଆଯାଇନାହିଁ ଚୋର ମାନେ ଧୀରେ ଧୀରେ କରି ପ୍ରାୟ ସବୁ ତାର ଚୋରୀକରି ଅଞ୍ଚଳରେ ଥିବା କବାଡିଆ ଦୋକାନରେ ବିକ୍ରି କରିଦେଉଛନ୍ତି । ଏହି ସମ୍ବନ୍ଧରେ କାକଟପୁର ବିଦ୍ୟୁତ ବିଭାଗର କର୍ମଚାରୀ ପ୍ରଶାନ୍ତ ତରାଇ ଥାନାରେ ଅଭିଯୋଗ କରିଥିଲେ । ଅଭିଯୋଗକୁ ଆଧାର କରି କାକଟପୁର ଥାନା ଭାରପ୍ରାପ୍ତ ଅଧିକାରୀ ଉମେଶ ସାହୁଙ୍କ ନିର୍ଦ୍ଦେଶରେ ଏକ ସ୍ୱତନ୍ତ୍ର ଟିମ ବିଭିନ୍ନ ସ୍ଥାନରେ ଚଢ଼ାଉ କରିବା ସମୟରେ କାକଟପୁର ପଣ୍ଡା ସାହି କେନାଲ ରୋଡରେ ପଥରପକା ଗ୍ରାମର ୩ଜଣ ଯୁବକ ତାର ନେଇ କବାଡିଆଙ୍କୁ ବିକିବାକୁ ଯାଉଥିବା ସମୟରେ ପୋଲିସ କାବୁକରି ନେଇଥିଲା । ସେମାନଙ୍କ ଠାରୁ ପ୍ରାୟ ୬ ବଣ୍ଡଲ ତାର ପୋଲିସ ଜବତ କରିବା ସହ ସେମାନଙ୍କୁ ଗିରଫ କରିଛି । କେଶ ନଂ୨୦୪/୨୩ରେ କୋର୍ଟ ଚାଲାଣ କରିଛି । ପୋଲିସ ର ଏପରି ତୋରିତ ପଦକ୍ଷେପ କୁ ସାଧାରଣ ଜନତା ସାଧୁବାଦ ଦେବାସହ କିପରି କାକଟପୁର ଏକ ନିଶାମୁକ୍ତ ଏବଂ ଅପରାଧ ମୁକ୍ତ ହେଇପାରିବ ସେଥିପାଇଁ ଥାନା ପକ୍ଷରୁ ତନାଘନା ଧରପଗଡ଼ ଚାଲୁ ରହିଛି ।

### ଭୁବନେଶ୍ୱରରେ 'ମୋ ମାଟି ମୋ ଦେଶ' କାର୍ଯ୍ୟକ୍ରମ

# ସମସ୍ତଙ୍କ ପ୍ରାଣରେ ଦେଶପ୍ରେମ ଜାଗ୍ରତ କରିଛି : ଧର୍ମେନ୍ଦ୍ର





ଭୁବନେଶ୍ୱର (ସବ୍ୟୁ): କେନ୍ଦ୍ର ଶିକ୍ଷା, ଦକ୍ଷତା ବିକାଶ ଓ ଉଦ୍ୟମିତା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ରବିବାର ଭୁବନେଶ୍ୱର ଠାରେ ଜନସାଧାରଣ ଓ ଦଳୀୟ କାର୍ଯ୍ୟକର୍ତ୍ତାଙ୍କ ସହ କାର୍ଯ୍ୟକ୍ରମରେ ମୋ ମୋଟି ମୋ ଦେଶ ସାମିଲ ହୋଇ 'ଅମୃତ କଳସ'ରେ ମାଟି ସଂଗ୍ରହ କରିଛନ୍ତି । ଏହି ଅବସରରେ ଶ୍ରୀ ପ୍ରଧାନ କହିଛନ୍ତି ଯେ 'ଆଜାଦୀ କା ଅମୃତ ମହୋତ୍ସବ' ଅନ୍ତର୍ଗତ ଦେଶର ମାନନୀୟ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଆହ୍ୱାନ କ୍ରମେ ଦେଶବ୍ୟାପୀ ଏହି ଅଭିଯାନ ଆରମ୍ଭ ହୋଇଛି । ଏହା ଆମର ବୀର ଯୋଦ୍ଧା ମାନଙ୍କୁ ମନେପକାଇବାର ଏକ ଭଲ ଅବସର ଦେଇଛି । ଦେଶମାତୃକାର ସେବା ପାଇଁ ବୀରଙ୍କୁ ବନ୍ଦନ କରାଯାଉଛି ଓ ସମସ୍ତଙ୍କ ପ୍ରାଣରେ ଦେଶପ୍ରେମ ଜାଗ୍ରତ ହୋଇଛି । ସ୍ଥାନୀୟ ଜନସାଧାରଣ ବିଶେଷ ଭାବରେ ମାଆ ଭଉଣୀଙ୍କ ମଧ୍ୟରେ ମୋ ମୋଟି ମୋ ଦେଶ କାର୍ଯ୍ୟକ୍ରମକୁ ନେଇ ବହୁତ ଉତ୍ସାହ ଦେଖାଯାଇଛି । ଆଜି ସଂଗ୍ରହ ହୋଇଥିବା ମାଟି ନୂଆଦିଲ୍ଲୀରେ କର୍ତ୍ତବ୍ୟ ପଥରେ 'ଅମୃତ ବାଟିକା'ରେ ସ୍ଥାପିତ ହେବ । ଏହି 'ଅମୃତ ବାଟିକା' 'ଏକ ଭାରତ ଶ୍ରେଷ୍ଠ ଭାରତ' ପ୍ରତିବଦ୍ଧତାର ପ୍ରତୀକ ହେବ ବୋଲି କେନ୍ଦ୍ରମନ୍ତ୍ରୀ କହିଛନ୍ତି ।

# ସାଇବର ସଚେତନତା ଅଭିଯାନ ଉଦଯାପିତ

ଖୋର୍ଦ୍ଧା (ସବ୍ୟୁ): ଲୋକଙ୍କୁ ସାଇବର ଠକେଇ ଉପରେ ସଚେତନତା ଉଦ୍ଦେଶ୍ୟରେ ପୁଲିସ ପକ୍ଷରୁ ସେପ୍ଟମ୍ବର ୩୦ ରୁ ଚାଲିଥିବା ସାଇବର ସଚେତନତା ଅଭିଯାନ ଆଜି ଉଦଯାପିତ ହୋଇଛି । ସ୍ଥାନୀୟ ଜୟୀରାଜଗୁରୁ ଟାଉନହଲ



ପରିସରରେ ଆୟୋଜିତ ଉଦଯାପନୀ ଉତ୍ସବରେ ଏସପି ସିଦ୍ଧାର୍ଥ କଟ୍ଟାରିଆଙ୍କ ସଭାପତିତ୍ୱରେ ଅତିଥିଭାବେ ସ୍ଥାନୀୟ ବିଧାୟକ ଜ୍ୟୋତିରିନ୍ଦ୍ରନାଥ ମିତ୍ର, ଜିଲ୍ଲାପରିଷଦ ଅଧ୍ୟକ୍ଷା ରୂପଶ୍ରୀରାଣୀ ଗୁମାନସିଂହ, ଖୋର୍ଦ୍ଧା ପୌରାଧ୍ୟକ୍ଷା କନକଲକ୍ଷ୍ମୀ ମହାନ୍ତି, ଜିଲ୍ଲାପାଳ କେ.ସୁଦର୍ଶନ ଚକ୍ରବର୍ତ୍ତୀ, ଅତିରିକ୍ତ ଏସପି ସୁରେନ୍ଦ୍ର ନାଥ ମୁର୍ମୁ ଓ କିଶୋର ଚନ୍ଦ୍ର ମୁଣ୍ଡ, ଆଇସିଆଇସିଆଇ ବ୍ୟାଙ୍କ ଭୁବନେଶ୍ୱର ଆଂଚଳିକ ମହାପ୍ରବନ୍ଧକ ସୁଶାନ୍ତ ନାୟକ ପ୍ରମୁଖ ମଂଚାସୀନ ହୋଇଥିଲେ । ମୋବାଇଲରେ ଅବୈଧ ଆପକୁ ବ୍ୟବହାର ନ କରିବା, ବିଭିନ୍ନ ବ୍ୟାଙ୍କର ୟୁପିଆଇ ପିନ କୋଡ ଓ ବ୍ୟକ୍ତିଗତ ଗୁପ୍ତ ତଥ୍ୟ, ମୋବାଇଲରେ ବିଭିନ୍ନ ଭ୍ରମାତ୍ମକ ମେସେଜ ପ୍ରତି ସତର୍କ ରହିବାକୁ ଅତିଥିମାନେ ପରାମର୍ଶ ଦେଇଥିଲେ । ଏସପି ଶ୍ରୀ କଟ୍ଟାରିଆ କହିଥିଲେ, ସାଇବର କ୍ରାଇମ ର ଶିକାର ହେଉଛନ୍ତି ଆପଣ ସଂଗେ ସଂଗେ ବ୍ୟସ୍ତ ନ ହୋଇ ପୋଲିସ କୁ ଜଣାନ୍ତୁ। ସାଇବର ଅପରାଧରେ ଶିକାର ହୋଇଥିବା ବ୍ୟକ୍ତି ତୁରନ୍ତ ଦେୟମୁକ୍ତ ୧୯୩୦ ନମ୍ବରକୁ ସମ୍ପର୍କ କରିବାକୁ ଅନୁରୋଧ କରିଥିଲେ । ପରେ ଶିକ୍ଷାନୁଷ୍ଠାନଗୁଡିକୁ ଜିଲ୍ଲା ପୁଲିସ ପକ୍ଷରୁ ସମ୍ମାନିତ କରାଯାଇଥିଲା । ଏହାପରେ ନିରାକାରପୁର କେବିଡିଏଭି, କମାଗୁରୁ, ବାଣପୁର, କଂଟାବାଡ କଲେଜ ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିବାବେଳେ ଅଁଲେଇ ପାଇକ ଆଖଡା ଗୁପର କଳାକାରଙ୍କ ଦ୍ୱାରା ସମରକଳା ପ୍ରଦର୍ଶନ କରାଯାଇଥିଲା । ଡ଼ିଏସପି ସୁଜିତ ପଣ୍ଡା, ନିରୂପମା ମଲ୍ଲିକ, ଅନୀଲ ମହାନ୍ତି, ଡ଼ିଏସପି (ଡିଆଇବି)ପ୍ରଶାନ୍ତ କୁମାର ମାଝୀ, ଡ଼ିଏସପି ମିନାକ୍ଷୀ ଠାକୁର, ଜ୍ୟୋତ୍ସ୍ନା କାଉଁରୀ, ଏସଡିପିଓ (ଖୋର୍ଦ୍ଧା) ଦିଲ୍ଲୀପ କୁମାର ଦାସ, ଏସଡିପିଓ (ବାଲୁଗାଁ) ଶୁଭ୍ରାଂଶୁ ମିଶ୍ର, ଖୋର୍ଦ୍ଧା ଆଦର୍ଶ ଥାନା ଅଧିକାରୀ ତାରିକ ଅହମ୍ମଦ,ସଦର ଥାନା ଅଧିକାରୀ କାହ୍ନୁଚରଣ ସ୍ୱାଇଁ, ଜଙ୍କିଆ ଥାନା ଅଧିକାରୀ ପ୍ରଜ୍ଞାରିତମ୍ବରା କରଙ୍କ ସମେତ ସମସ୍ତ ଥାନା ଅଧିକାରୀ ଓ ପୁଲିସ କର୍ମଚାରୀ ପ୍ରମୁଖ ଉପସ୍ଥିତ ଥିଲେ ।

# ପରିବାରର ଅବସର ବିନୋଦନକୁ ସରଳ କରିବ ଫ୍ୟାମିଲିହାଇଭୟ୍

ପୁରୀ (ସବ୍ୟୁ): ପରିବାର ସହ ଅବସର ସମୟରେ ବିଭିନ୍ନ ସ୍ଥାନ ଭ୍ରମଣ କରିବାକୁ ଚାହୁଁଥିବା ଲୋକମାନଙ୍କ ପାଇଁ ଅନ୍‌ଲାଇନ୍‌ରେ ସ୍ୱଳ୍ପ ଓ ଦୀର୍ଘ ସମୟ ଲାଗି ଆବଶ୍ୟକ ହୋଟେଲ,, ହଲିଡେହୋମ୍, କଟେଜ୍, ଫ୍ଲାଟ୍, ଭିଲ୍ଲା କିମ୍ବା ଅବସର ବିନୋଦନ କେନ୍ଦ୍ର ଯୋଗାଇଦେବା ଉଦ୍ଦେଶ୍ୟରେ ଫ୍ୟାମିଲିହାଇଭୟ୍ ନାମକ ଏବଂ ଷ୍ଟାର୍ଟଅପ୍ କମ୍ପାନୀ ଉଦ୍‌ଘାଟିତ ହୋଇଛି । ଏହି ପୋଟାଲକୁ ଆକାଶ ଦାସ ନାୟକ ଆନୁଷ୍ଠାନିକ ଭାବେ ଶୁଭାରମ୍ଭ କରିଛନ୍ତି । ପୁରୀର ମେଫେୟାର ହୋଟେଲ ପରିସରରେ ଏକ ଉତ୍ସବରେ ଶ୍ରୀ ନାୟକ ଏହି ପୋଟାଲ ଶୁଭାରମ୍ଭ କରି କହିଥିଲେ ଯେ, ଫ୍ୟାମିଲିହାଇଭୟ୍ ପରିବାରର ଏକାଧିକ ଚାହିଦା ମେଣ୍ଟାଇବା ସହ ରାଜ୍ୟର ପର୍ଯ୍ୟଟନ କ୍ଷେତ୍ରରେ ମାଇଲଖୁଣ୍ଟ ସ୍ଥାପନ କରିବ ।



୨୦୨୨ ଜୁନ୍ ମାସରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦୁଭାଇରେ ଓଡ଼ିଆ ଇନ୍‌ଭେଷ୍ଟରସ୍ ମିଟ୍ କାର୍ଯ୍ୟକ୍ରମରେ ଫ୍ୟାମିଲିହାଇଭୟର ପ୍ରତିଷ୍ଠାତା ଗାୟତ୍ରୀ ଷଡଙ୍ଗୀ ଓ ଦେବାଶିଷ ଷଡଙ୍ଗୀ ଯୋଗଦେଇଥିଲେ । ଓଡ଼ିଶାରେ ପ୍ରବାସୀ ଓଡ଼ିଆମାନେ କିଭଳି ପୁଞ୍ଜିନିବେଶ କରିବେ ସେଥିପାଇଁ ମୁଖ୍ୟମନ୍ତ୍ରୀ ଆହ୍ୱାନ ଦେଇଥିଲେ । ଏଥିରେ ଅନୁପ୍ରାଣିତ ହୋଇ ଶ୍ରୀମତୀ ଷଡଙ୍ଗୀ ଓଡ଼ିଶାରୁ ଫ୍ୟାମିଲିହାଇଭୟ ଷ୍ଟାର୍ଟଅଫ୍ କମ୍ପାନୀ ଆରମ୍ଭ କରିଛନ୍ତି । ମୁଖ୍ୟତଃ ପରିବାର ସଦସ୍ୟମାନଙ୍କ ଅବସର ବିନୋଦନକୁ ସରସ ସୁନ୍ଦର କରିବା ପାଇଁ ଫ୍ୟାମିଲିହାଇଭୟ ଯଥାସାଧ ଚେଷ୍ଟା କରିବ । ମୂଳତଃ ପରିବାର ସଦସ୍ୟମାନଙ୍କ ଆବଶ୍ୟକ ହେଉଥିବା ହୋଟେଲ, ଧର୍ମଶାଳା, ହଲିଡେହୋମ୍, କଟେଜ୍, ଫ୍ଲାଟ୍, ଭିଲ୍ଲା କିମ୍ବା ଅବସର ବିନୋଦନ କେନ୍ଦ୍ର ଗୁଡ଼ିକର ପ୍ରଥମେ ସଂପୂର୍ଣ୍ଣ ତନଖି କମ୍ପାନୀ ଦ୍ୱାରା କରାଯିବା ପରେ ତାହାକୁ ଉକ୍ତ ପୋଟାଲରେ ପ୍ରଦର୍ଶିତ କରାଯିବ । ଏହାଛଡା ଗ୍ରାହକମାନଙ୍କର ମଧ୍ୟ ଅନୁରୂପ ଭାବେ ପ୍ରାମାଣିକତା ଯାଞ୍ଚ କରାଯିବ । ଦୀର୍ଘକାଳୀନ ହେଉ କିମ୍ବା ସ୍ୱଳ୍ପକାଳୀନ ହେଉ ଉଭୟ ଆବଶ୍ୟକତାକୁ ଦୃଷ୍ଟିରେ ରଖି କମ୍ପାନୀ ପକ୍ଷରୁ ଗ୍ରାହକମାନଙ୍କୁ ସେବା ଯୋଗାଇ ଦିଆଯିବ । ଯେଉଁସବୁ ଅବସର ବିନୋଦନ କେନ୍ଦ୍ରରେ ପରିବାର ରହିବାଭଳି ଆବଶ୍ୟକତାକୁ ମେଣ୍ଟାଉଥିବା କେବଳ ସେହି ପ୍ରପଟି ଗୁଡ଼ିକୁ ଏହି ପୋଟାଲରେ ପଞ୍ଜୀକରଣ କରାଯିବ ।

# ୪୨ନଂ ୱାର୍ଡରେ ୫୬ ଜଣ ହିତାଧିକାରୀଙ୍କୁ ଭତ୍ତା କାର୍ଡ ବଣ୍ଟନ



କଟକ, (ସ୍ୱ.ପ୍ର): ସ୍ଥାନୀୟ ୪୨ନଂ ୱାର୍ଡରେ ଭତ୍ତା କାର୍ଡ ବଣ୍ଟନ କରିଛନ୍ତି କର୍ପୋରେଟର ମୀନା ସାହୁ । ରବିବାର କୁଞ୍ଜବିହାରୀ ମଠ ପରିସରରେ ମଧୁବାବୁ ପେନ୍‌ସନ୍ ଯୋଜନାରେ ୫୬ ଜଣ ଯୋଗ୍ୟ ହିତାଧିକାରୀଙ୍କୁ ଭତ୍ତା କାର୍ଡ ବଣ୍ଟନ କରାଯାଇଛି । ଏଣିକି ଏମାନେ ପ୍ରତିମାସରେ ମଧୁବାବୁ ପେନ୍‌ସନ୍ ଯୋଜନାରେ ଭତ୍ତା ଟଙ୍କା ପାଇବେ । ଭତ୍ତା କାର୍ଡ ପାଇ ସାରିବା ପରେ ହିତାଧିକାରୀମାନେ ଖୁସି ବ୍ୟକ୍ତ କରିବା ସହ କର୍ପୋରେଟର ଶ୍ରୀମତୀ ସାହୁଙ୍କୁ କୃତଜ୍ଞତା ଜଣାଇଛନ୍ତି । ଏହି ଭତ୍ତା କାର୍ଡ ବଣ୍ଟନ କାର୍ଯ୍ୟକ୍ରମରେ ସିଏମସିର ସିଇଓ ମହେଶ୍ୱତା ମହାପାତ୍ର, ମନୋଜ କୁମାର ସାହୁଙ୍କ ସମେତ ଭତ୍ତା କାର୍ଡ ହିତାଧିକାରୀମାନେ ଉପସ୍ଥିତ ଥିଲେ ।




# ଓପୋ ପକ୍ଷରୁ ଭାରତରେ ଫାଇଣ୍ଡ୍ ଏନ୍‌୩ ଫ୍ଲିପ୍‌ର ଶୁଭାରମ୍ଭ

ଭୁବନେଶ୍ୱର (ସବ୍ୟୁ) : ଓପୋ ଇଣ୍ଡିଆ ପକ୍ଷରୁ ୯୪,୯୯୯ ଟଙ୍କା ମୂଲ୍ୟର ଏହାର ନୂତନ ଫୋଲ୍ଡେବୁଲ ସ୍ମାର୍ଟଫୋନ୍ ଫାଇଣ୍ଡ ଏନ୍‌୩ ଫ୍ଲିପ୍‌ର ଉନ୍ମୋଚନ କରାଯାଇଛି। ଏହା ଆସ'। ଅକ୍ଟୋବର ୨୨ ତାରିଖ ସନ୍ଧ୍ୟା ୬ଟାରୁ କ୍ରିମ୍ ଗୋଲ୍ଡ ଓ ସ୍ଲିକ୍ ବ୍ଲାକ୍ କଲର୍‌ରେ ଓପୋ ଷ୍ଟୋର୍, ଫ୍ଲିପ୍‌କାର୍ଟ ଓ ମେନ୍‌ଲାଇନ୍ ରିଟେଲ୍ ଆଉଟ୍‌ଲେଟ୍‌ଗୁଡିକରେ ଉପଲବ୍ଧ ହେବ। ଫାଇଣ୍ଡ ଏନ୍‌୩ ଫ୍ଲିପ୍‌ର ଓଜନ କେବଳ ୧୯୮ଗ୍ରାମ ରହିଛି ଏବଂ ଫୋଲ୍ଡ ସମୟରେ ମୋଟେଇ କେବଳ ୮.୫୫ ସେମି ରହିଛି ଯାହା ଯେକୌଣସି ପକେଟ୍ କିମ୍ବା ପର୍ସରେ ସହଜରେ ଫିଟ୍ ହୋଇପାରିବ। ଏହି ସ୍ମାର୍ଟଫୋନ୍‌ରେ ଏକ ଫ୍ଲିପ୍ ଡିଭାଇସ୍‌ରେ ଶିଳ୍ପର ପ୍ରଥମ ହାସେଲ୍‌ବ୍ଲାଡ୍-ବ୍ୟାକ୍‌ଡ ଟ୍ରିପଲ-ରିୟର କ୍ୟାମେରା ସେଟ୍‌ଅପ୍ ରହିଛି। ଫାଇଣ୍ଡ ଏନ୍‌୩ ଫ୍ଲିପ୍‌ରେ ଏକ ବିଶାଳ ୩.୨୬ ଇଂଚ୍ ଭର୍ଟିକାଲ କଭର୍ ସ୍କ୍ରିନ୍ ସହ ୧୭:୯ ଆସ୍‌ପେକ୍ଟ ରେସିଓ ରହିଛି। ଅନ୍ୟାନ୍ୟ ଅପ୍‌ଗ୍ରେଡ୍ ମଧ୍ୟରେ ଫ୍ଲାଗ୍‌ସିପ୍-ଗ୍ରେଡ୍ ୪ଏନ୍‌ଏମ୍



ମିଡିଆଟେକ୍‌ର ଡାଇମେନ୍‌ସିଟି ୯୨୦୦ ଚିପ୍‌ସେଟ୍ ସାମିଲ ରହିଛି । ଏହା ଏକ ଫ୍ଲିପ୍ ସ୍ମାର୍ଟଫୋନ୍‌ରେ ସବୁଠାରୁ ବଡ- ୪୩୦୦ ଏମ୍‌ଏଏଚ୍ ବ୍ୟାଟେରୀ ଉପରେ ଓପୋର ୪୪ୱାଟ୍ ସୁପର୍‌ଭିଓଓସି ଫାଷ୍ଟ-ଚାର୍ଜିଙ୍ଗ୍ ଟେକ୍ନୋଲୋଜି ଦ୍ୱାରା ସମର୍ଥିତ। ଫାଇଣ୍ଡ ଏନ୍‌୩ ଫ୍ଲିପ୍ ୬ ଲକ୍ଷ ଫୋଲ୍ଡ ଓ ଅନ୍‌ଫୋଲ୍ଡ ପାଇଁ ଟିୟୁଭି ରେନ୍‌ଲ୍ୟାଣ୍ଡ ଦ୍ୱାରା ପ୍ରମାଣିତ ଅଟେ ଯାହାକି ଯେକୌଣସି ଫ୍ଲିପ୍ ସ୍ମାର୍ଟଫୋନ୍‌ରେ ସର୍ବାଧିକ ଅଟେ। ଏହା ଦୁଇଟି ରଙ୍ଗ: କ୍ରିମ୍ ଗୋଲ୍ଡ ଓ ସ୍ଲିକ୍ ବ୍ଲାକ୍‌ରେ ଉପଲବ୍ଧ ହେଉଛି ଏବଂ ଏହାକୁ କ୍ୟାଶ୍‌ବ୍ୟାକ୍ ଓ ଇନ୍‌ସେଂଟିଭ୍ ପରେ ସର୍ବନିମ୍ନ ୮୨୯୯୯ ଟଙ୍କାରେ କ୍ରୟ କରାଯାଇପାରିବ । ଗ୍ରାହକମାନେ ମେନ୍‌ଲାଇନ୍ ରିଟେଲ୍ ଆଉଟ୍‌ଲେଟ୍ ଓ ଓପୋ ଷ୍ଟୋର୍‌ରୁ ଆଇସିଆଇସିଆଇ ବ୍ୟାଙ୍କ, ଏସ୍‌ବିଆଇ କାର୍ଡ, ବଜାଜ ଫିନ୍‌ସର୍ଭ, ଟିଭିଏସ୍ କ୍ରେଡିଟ୍, କୋଟାକ ବ୍ୟାଙ୍କ, ଆଇଡିଏଫ୍‌ସି ଫାର୍ଷ୍ଟ ବ୍ୟାଙ୍କ, ଏଚ୍‌ଡିବି ଫାଇନାନ୍ସିଆଲ ସର୍ଭିସେସ୍ ଓ ୱାନ୍ କାର୍ଡରୁ ୧୨,୦୦୦ ଟଙ୍କା ପର୍ଯ୍ୟନ୍ତ କ୍ୟାଶବ୍ୟାକ୍ ଓ ୨୪ ମାସ ପର୍ଯ୍ୟନ୍ତ ନୋ କଷ୍ଟ ଇଏମ୍‌ଆଇ ସୁବିଧା ଉପଭୋଗ କରିପାରିବେ ।

# ଆଲମଣ୍ଡ ସହ ପାଳନ କରନ୍ତୁ ନବରାତ୍ରିର ଉତ୍ସବ

ଭୁବନେଶ୍ୱର (ସବ୍ୟୁ): ନରରାତ୍ରି ଉତ୍ସବ ସମୟରେ କିଛି ଲୋକ ଉପବାସ କରୁଥିବା ବେଳେ କିଛି ସାତ୍ୱିକ / ଶୁଦ୍ଧ ଶାକାହାରୀ ଆହାର ବାଛିଥାନ୍ତି । ଏହି ସମୟରେ ଆଲମଣ୍ଡକୁ ନାକେବଳ ଏକ ସ୍ୱାଦିଷ୍ଟ ସମାବେଶନ ଭାବରେ ଦେଖାଯାଇଥାଏ ଏବଂ ଏହା ଏକ ପୋଷଣୀୟ ପାୱାର ହାଉସ ହୋଇଥାଏ। ଆଲମଣ୍ଡ ଅନ୍ୟ ଏକ ଉଲ୍ଲେଖନୀୟ ଗୁଣ ହେଲା ତୃପ୍ତି ଦାୟକତା ଏହାକୁ ଖାଇବା ବ୍ୟକ୍ତି ପୂର୍ଣ୍ଣ ଏବଂ ତୃପ୍ତି ହୋଇଥାଏ। ଆଲମଣ୍ଡ କ୍ଷୁଦ୍ରକାୟ ଦେଖାଯାଉଥିଲେ ହେଁ ପୋଷଣୀ ମୂଲ୍ୟ ଅନେକ ରହିଛି। ଆଲମଣ୍ଡରେ ଭିଟାମିନ-ଇ, ଫାଇବର, ପ୍ରୋଟିନ୍, ରାଇବୋଫ୍ଲୋଭିନ୍, ମେଙ୍ଗନୀଜ ଏବଂ ଫୋଲେଟ ସହିତ ପୋଷକ ତତ୍ତ୍ୱର ଏକ ପ୍ରୋଫାଇଲକୁ ବୃଦ୍ଧି କରିଥାଏ। ନିୟମିତ ଆଲମଣ୍ଡ ଖାଇବାର ବହୁମୁଖୀ ଲାଭ ଉପରେ ଅନେକ ବୈଜ୍ଞାନିକ ଅଧ୍ୟୟନ ଅଧିକ ଆଲୋକପାତ କରିଛି। ସୁସ୍ଥ ହୃଦୟ ଏବଂ ମଧୁମେହ ପରିଚାଳନାରେ ଆଲମଣ୍ଡ ବହୁତ ସହାୟକ ହୋଇଥାଏ।

ମ୍ୟାକ୍ସ ହେଲ୍‌ଥକେୟାର-ଦିଲ୍ଲୀର ଡାଏଟେଟିକ୍ସ ବିଭାଗର ଆଂଚଳିକ ମୁଖ୍ୟ ରିତିକା ସମାଦାର କହିଛନ୍ତି, 'ଶାରୀରିକ କାର୍ଯ୍ୟ ଓ କଲ୍ୟାଣ ପାଇଁ ଗୁରୁତ୍ୱପୂର୍ଣ୍ଣ ଭିଟାମିନ୍, ଖଣିଜ, ଫାଇବର ଏବଂ ପ୍ରୋଟିନ୍ ସହିତ ଆବଶ୍ୟକ ପୋଷକ ମିଳିଥାଏ। ଆଲ୍‌ମଣ୍ଡ ଗ୍ରୁପ୍ ନିଜର କାର୍ବୋହାଇଡ୍ରେଟ୍ ଓ ସୁଗାର ଅ'ଗ୍ରହଣକୁ ହ୍ରାସ କରିବା ସହିତ ଅଧିକ ମୋନୋଅନ୍‌ସାଚୁରେଟେଡ୍ ଓ ପଲିଅନ୍‌ସାଚୁରେଟେଡ୍ ଫ୍ୟାଟ୍‌ଗୁଡିକର ଲାଭକୁ ଉପଭୋଗ କରିଛି। ଏହି ଫଳାଫଳ ଦୀର୍ଘାବଧି ସୁସ୍ଥତା ପାଇଁ ଆପଣଙ୍କ ଆହାରରେ ଆଲ୍‌ମଣ୍ଡକୁ ସାମିଲ କରିବାର ପୋଷଣଯୁକ୍ତ ଲାଭଗୁଡିକୁ ରେଖାଙ୍କିତ କରିଛି। ଏକ ଉତମ ଆହାରର ଅଂଶ ଭାବେ ଉପଯୁକ୍ତ ଭାବେ ସେବନ କରାଗଲେ ଆଲ୍‌ମଣ୍ଡ ପୂର୍ଣ୍ଣତାର ଏକ ଭାବନା ପ୍ରଦାନ କରିବା, ଆହାର ମାନକୁ ଉନ୍ନତ କରିବା ଓ ଉତମ ସାମଗ୍ରିକ ସ୍ୱାସ୍ଥ୍ୟରେ ଯୋଗଦାନ ଦେଇପାରିବ, ଯାହା ଏହାକୁ ଏକ ସୁସ୍ଥ ଓଜନ ହାସଲ କରିବା ଓ ବଜାୟ ରଖିବା ପାଇଁ ଚେଷ୍ଟା କରୁଥିବା ଲୋକଙ୍କ ପାଇଁ ଏକ ସ୍ମାର୍ଟ ଚଏସ୍‌ରେ ପରିଣତ କରୁଛି। ରେଷ୍ଟ୍ରିକ୍ଟେଡ୍ ଡାଏଲ୍ ଉପରେ କୋଟ୍‌ସ ଅଧ୍ୟୟନରେ ଉଭୟ ଗ୍ରୁପ୍ (ଗୋଟିଏ ଗ୍ରୁପ୍ ଆଲ୍‌ମଣ୍ଡ ଏନ୍‌ରିଚ୍‌ଡ ଡାଏଟ୍- ଏଇଡିର ସେବନ କରିଛି ଏବଂ ଅନ୍ୟ ଗ୍ରୁପ୍‌ଟି ନଟ୍ ଫ୍ରି ଡାଏଟ୍ -ଏନ୍‌ଏଫ୍‌ଡିରେ ରହିଛି)ରେ ଏକ ଗୁରୁତ୍ୱପୂର୍ଣ୍ଣ ଓ ଖୁବ୍ ସମାନ ଓଜନ ହ୍ରାସ ଘଟିଛି କିନ୍ତୁ ମାକ୍ରୋନ୍ୟୁଟ୍ରିଏଂଟ୍ ସ୍ତରରେ ଉଭୟ ଗ୍ରୁପ୍ ମଧ୍ୟରେ ଏକ ପାର୍ଥକ୍ୟ ରହିଛି, ବିଶେଷ କରି ଏନ୍‌ଏଫ୍‌ଡି ଗ୍ରୁପ୍ ତୁଳନାରେ ଏଇଡି ଗ୍ରୁପ୍‌ରେ ମୋନୋଅନ୍‌ସାଚୁରେଟେଡ୍ ଫ୍ୟାଟି ଏସିଡ୍ ଓ ପଲିଅନ୍‌ସାଚୁରେଟେଡ୍ ଫ୍ୟାଟି ଏସିଡ୍‌ର ଅ'ଗ୍ରହଣ ଅଧିକ ରହିବା ସହିତ ଟୋକୋଫେରୋଲ୍ (ଭିଟାମିନ୍ ଇ)ର ମାତ୍ରା ମଧ୍ୟ ଅଧିକ ରହିଛି ।

# ଆମିଓଦୂର୍ଗା ଫିନାଲେ ପାଳନ କରିଛି ମ୍ୟାକ୍ସ

ଭୁବନେଶ୍ୱର (ସବ୍ୟୁ): ବଙ୍ଗାଳୀମାନଙ୍କର ସବୁଠାରୁ ବଡ ପର୍ବ ଦୁର୍ଗା ପୂଜା ପାଖେଇ ଆସୁଥିବା ବେଳେ ମ୍ୟାକ୍ସ ଫ୍ୟାଶନ ଏହାର ଆମିଓ ଦୁର୍ଗା କ୍ୟାମ୍ପେନ୍ ମାଧ୍ୟମରେ ସାମାନ୍ୟ ଭିନ୍ନତା ସହ ପାର୍ବଣ ଋତୁରେ ପ୍ରବେଶ କରିଛି। ଏହି କ୍ୟାମ୍ପେନ୍‌ରେ ରାଜ୍ୟର ପ୍ରେରଣାଦାୟକ କାହାଣୀ, ପ୍ରକୃତ ସାହସ ଓ ଶକ୍ତି ଥିବା ବିଭିନ୍ନ ବର୍ଗର ମହିଳାମାନଙ୍କୁ ସ୍ୱୀକୃତି ପ୍ରଦାନ କରାଯାଇଛି । ଆମିଓଦୂର୍ଗା ପ୍ରତିଯୋଗିତାକୁ ସୋସିଆଲ ମିଡିଆ, ରେଡିଓ ଓ ଅନ୍ୟାନ୍ୟ



ପ୍ଲାଟ୍‌ଫର୍ମ ଭଳି ପ୍ରମୁଖ ଚ୍ୟାନେଲଗୁଡିକରେ ପ୍ରସାରିତ କରାଯାଇଥିଲା ଯେଉଁଠାରେ ପ୍ରତିଯୋଗୀମାନେ ନିଜର କାହାଣୀ ରେକର୍ଡ କରିଥିଲେ ଓ ଆମିଓଦୂର୍ଗାକୁ ଟ୍ୟାଗ୍ କରିଥିଲେ । ଶୀର୍ଷ ୩୦ ଜଣ ପ୍ରତିଯୋଗୀଙ୍କୁ ମନୋନୀତ କରାଯାଇଥିଲା ଯିଏ ପ୍ରଖ୍ୟାତ ଟଲିଉଡ ଅଭିନେତ୍ରୀ ସୋହିନି ସରକାରଙ୍କ ସହ ର୍‍ୟାମ୍ପରେ ଚାଲିଥିଲେ । ଏହି ପ୍ରତିଯୋଗିତା ସମ୍ପର୍କରେ ମ୍ୟାକ୍ସ ରିଟେଲ୍‌ର ଭିପି ରାଜୀବ ମୁଖର୍ଜୀ କହିଛନ୍ତି, 'ଆମେ ବିଶ୍ୱାସ କରୁଛୁ ଯେ, ବଙ୍ଗାଳୀମାନଙ୍କର ଏହି ବଡ ପର୍ବ ଦୁର୍ଗା ପୂଜା କେବଳ ଖୁସି ଓ ଆନନ୍ଦ ସହ ଜଡିତ ନୁହେଁ ବରଂ କେବେ ଶୁଣାଯାଇନଥିବା ଉକ୍ତ କାହାଣୀଗୁଡିକୁ ସେଲିବ୍ରେଟ୍ କରିବା ପାଇଁ ଉଦ୍ଦିଷ୍ଟ, ଏହା ସେହି ମାନଙ୍କ ଜୀବନର ସେଲିବ୍ରେଶନ ଯାହା ଅନେକଙ୍କୁ ପ୍ରେରିତ ଓ ସଶକ୍ତ କରିପାରିବ । ଏହି କଲେକ୍ସନରେ କଂଟେମ୍ପରାରି ଆଇଡବ୍ଲ୍ୟୁ, ଫ୍ୟୁଜନ ଓ କମିକ୍ କଲ୍ଚର ଗ୍ରାଫିକ୍ ଟି ଲାଇନ୍ ସହ ଆମର ନୂତନ କୋବାଲ୍ଟ ବ୍ଲୁ ସାମିଲ ରହିଛି ଯାହା ଆନିମେଶନ ଓ ମୁଭିର ଏକ ଦୁନିଆ ପ୍ରଦାନ କରୁଛି। ତେଣୁ ୧୯୯ ଟଙ୍କାରୁ ଆରମ୍ଭ ହେଉଥିବା ଆକର୍ଷଣୀୟ ମୂଲ୍ୟରେ ସେଲିବ୍ରେଶନ ଆରମ୍ଭ କରିବ ।

### କ୍ଷେମ୍ ବାଛିବା ନିମନ୍ତେ ମହିଳାଙ୍କୁ ସହାୟତା କରିବା ପାଇଁ

# ସାମସଙ୍ଗ ସଲ୍ଭ ଫର ଟୁମରୋ ୨୦୨୩ରେ ବିଜୟୀ

ଭୁବନେଶ୍ୱର (ସବ୍ୟୁ): ସାମସଙ୍ଗ ଇଣ୍ଡିଆ, ଏହାର ଯୁବ ଶିକ୍ଷା ଓ ନୂତନତା ପ୍ରତିଯୋଗୀତା ସଲ୍ଭ ଫର ଟୁମରୋ ୨୦୨୩ ର ଟପ୍ ତିନିଟି ବିଜେତା ଟିମଙ୍କ ନାମ ଘୋଷଣା କରିଛି। ଏହି ବିଜେତା ଟିମ୍ ଗୁଡ଼ିକ ହେଉଛନ୍ତି ଏନଆଇଟି ସୁରଟ୍, ଯାହାକି ଏକ ଅଟୋମେଟେଡ୍ ବିଚ-କ୍ଲିନିଂ ରୋବଟ ଯାହାର ନାମ ହେଉଛି ସ୍ୱିପ୍ ଷ୍ଟେମଲି, ଯିଏକି ଏକ ଆଲୋଚନାତ୍ମକ ଏଆଇ ଟୁଲ୍ର ବିକାଶ କରିଛି ଯାହାକି କ୍ଷେମକୁ ବାଛିବାରେ ମହିଳାଙ୍କୁ ସହାୟତା କରିବ ଓ ଥିଙ୍କ ଯାହାକି ଏକ ପର୍ସୋନାଲ୍ କୁଲିଂ ଡିଭାଇସର ନିର୍ମାଣ କରିଛି ଯାହାର ନାମ ହେଉଛି 'କବଚ' ଯେଉଁମାନେ ସାଧାରଣତଃ ବାହାରେ କାମ କରିଥାନ୍ତି । ଏହି ତିନିଟି ଟିମ୍ ସମୁଦାୟ ଟ.୧.୫ କୋଟି ପୁରସ୍କାର ଭାବରେ ଗ୍ରହଣ କରିଛନ୍ତି ଯଦ୍ୱାରା ତାଙ୍କର ଏହି ଆଇଡିଆରେ ବିକାଶ କରାଯାଇପାରିବ ଓ ଏହାକୁ ବାସ୍ତବତାରେ ପରିଣତ



କରାଯାଇପାରିବ। ଫ୍ଲାଗସିପ୍ ସିଏସଆର ପ୍ରୋଗ୍ରାମ, ସାମସଙ୍ଗ ସଲ୍ଭ ଫର ଟୁମରୋ ଦେଶର ଯୁବକମାନଙ୍କୁ ସଶକ୍ତ କରିବାକୁ ଲକ୍ଷ୍ୟ ରଖିଛି ଯଦ୍ୱାରା ବାସ୍ତବିକ ଜୀବନର ସମସ୍ୟାକୁ ସମାଧାନ କରାଯାଇପାରିବ ଓ ସେମାନଙ୍କର ନୂତନ ଚିନ୍ତାଧାରା ମାଧ୍ୟମରେ ଲୋକମାନଙ୍କର ଜୀବନରେ ଏକ ସକାରାତ୍ମକ ପରିବର୍ତ୍ତନ ଅଣାଯାଇପାରିବ। ଏହି ବିଜେତା ଟିମମାନଙ୍କୁ ଏକ ସାର୍ଟିଫିକେଟ୍ ଓ ଟ୍ରଫି ପ୍ରଦାନ କରାଯାଇଛି ଯାହାକି ନୂତନତାର ଉତ୍ସାହର ଦ୍ୱାରା ଅନୁପ୍ରେରିତ ଓ ଏହା ହେଉଛି କାର୍ଯ୍ୟକ୍ରମର ଉଦ୍ଦେଶ୍ୟ। ଟପ୍ ୧୦ ଟି ଟିମର ସମସ୍ତ ସଦସ୍ୟମାନେ ମଧ୍ୟ ସାମସଙ୍ଗ, ଆଇଆଇଟି ଦିଲ୍ଲୀ ଓ ଏମଇଆଇଟିୱାଇ ଷ୍ଟାର୍ଟଅପ୍ ହବରୁ ସାର୍ଟିଫିକେଟ୍ ଗ୍ରହଣ କରିଛନ୍ତି । ବିଜେତାମାନଙ୍କୁ ଟ୍ରଫି ଓ ପୁରସ୍କାର ଅର୍ଥ ପ୍ରଦାନ କରି, ଶ୍ରୀ ଜେବି ପାର୍କ, ପ୍ରେସିଡେଂଟ ଓ ସିଇଓ ଯୁବକମାନଙ୍କ ନିକଟରେ କିଛି ଭିନ୍ନ ଚିନ୍ତା କରିବାର ଶକ୍ତି ରହିଛି ଓ ସେମାନେ ନୂତନାକୁ ଜୀବନରେ ସାମିଲ୍ କରିପାରିଥାନ୍ତି ।

# ଅମିତାଭ ବଚ୍ଚନ ଏପିଏଲ୍ ଆପୋଲୋର ବ୍ରାଣ୍ଡ ଆମ୍ବାସାଡର୍

ଭୁବନେଶ୍ୱର (ସବ୍ୟୁ) : ଭାରତର ସର୍ବବୃହତ୍ ଷ୍ଟ୍ରକ୍ଚରାଲ ଷ୍ଟିଲ୍ ଟ୍ୟୁବ୍ ଓ ପାଇପ୍‌ସ କମ୍ପାନୀ ଏପିଏଲ୍ ଆପୋଲୋ ପକ୍ଷରୁ ବରିଷ୍ଠ ଅଭିନେତା ଅମିତାଭ ବଚ୍ଚନ 'ବିଗ୍ ବି'ଙ୍କୁ ଏହାର ବ୍ରାଣ୍ଡ ଆମ୍ବାସାଡର୍ ଭାବେ ନିଯୁକ୍ତ କରାଯାଇଛି। ଏହାର ୩୦ ବର୍ଷର ବିରାସତ ଓ ମେକ୍ ଇନ୍ ଇଣ୍ଡିଆ ମନ୍ତ୍ର ଉପରେ ନିର୍ମିତ ଏପିଏଲ୍ ଆପୋଲୋ ଏହି ସହଭାଗିତା ସହିତ ଦେଶବ୍ୟାପୀ ନିଜର ବ୍ରାଣ୍ଡ ପରିଚୟକୁ ମଜଭୁତ ଓ ବିସ୍ତାର କରିବା ପାଇଁ ଲକ୍ଷ୍ୟ ରଖିଛି। ଏହି କିମ୍ବଦନ୍ତୀ ସୁପରଷ୍ଟାରଙ୍କ ପ୍ରଶଂସକ ଆଧାର ଓ ଗ୍ଲୋବାଲ ଅପିଲ୍‌ର ବ୍ୟବହାର କରି ଏପିଏଲ୍ ଆପୋଲୋ ଏହାର ବର୍ତ୍ତମାନର ବଜାର ସ୍ଥିତିକୁ ବୃଦ୍ଧି କରିବାକୁ ଲକ୍ଷ୍ୟ ରଖିଛି। ଅମିତାଭ ବଚ୍ଚନଙ୍କ ସହ ଏହି ଦୁଇ ବର୍ଷିଆ ସହଭାଗିତା ଏହି ପ୍ରଖ୍ୟାତ ଅଭିନେତାଙ୍କୁ ପ୍ରିଂଟ୍, ଇଲେକ୍ଟ୍ରୋନିକ୍ ମିଡିଆ ଓ ଆଉଟ୍‌ଡୋର୍ ସମେତ ସମସ୍ତ ମିଡିଆ ଚ୍ୟାନେଲ ଏବଂ ଇନ୍-ଷ୍ଟୋର ପ୍ରମୋସ୍‌ନାଲ ମ୍ୟାଟେରିଆଲରେ ବ୍ରାଣ୍ଡର ପ୍ରଚାରପ୍ରସାର କରିବେ । ଏହି ଘୋଷଣା ଉପରେ ଏପିଏଲ୍ ଆପୋଲୋ ଟ୍ୟୁବ୍‌ସ ଲିମିଟେଡର ଅଧ୍ୟକ୍ଷ ଓ ପରିଚାଳନା ନିର୍ଦ୍ଦେଶକ ସୟ ଗୁପ୍ତା କହିଛନ୍ତି, 'ଅମିତାଭ ବଚ୍ଚନଙ୍କୁ ସ୍ୱାଗତ କରି ଆମେ ଅତ୍ୟଧିକ ଗର୍ବିତ କାରଣ ତାଙ୍କ ନିକଟରେ ସେହି ସମସ୍ତ ଗୁଣ ରହିଛି ଯାହାକୁ ଏପିଏଲ୍ ଆପୋଲୋ ପ୍ରଦର୍ଶିତ କରିଥାଏ- ଉତ୍କର୍ଷତା, ବିବିଧତା ଓ କାଳଜୟୀ ଗୁଣବତା। ଆମେ ବିଗ୍ ବିଙ୍କ ଭଳି ନିର'ର ଭାବେ ବିଶ୍ୱସ୍ତରୀୟ ଗୁଣବତା ପ୍ରଦାନ କରିବା ପାଇଁ ଆମର ପ୍ରୟାସକୁ ଉନ୍ନତ କରୁଛୁ ଏବଂ ଆମେ ନିଶ୍ଚିତ ଯେ, ଏହି ସହଭାଗିତା ଭାରତୀୟ ବଜାରରେ ଆମର ମଜଭୁତ ଉପସ୍ଥିତିକୁ ଆହୁରି ସୁଦୃଢ କରିବ ।

# ବିଜେବି ନଗରରେ ଖୋଲିଲା ମେରି ସହେଲି ଆଉଟ୍‌ଲେଟ୍

ଭୁବନେଶ୍ୱର (ସବ୍ୟୁ) : ଓଡ଼ିଶାର ସର୍ବ ପୁରାତନ କସ୍‌ମେଟିକ୍ସ ରିଟେଲ ଏବଂ ସେଲୁନ୍ ଯୋଗାଣ ମେରି ସହେଲି ଆଉଟ୍‌ଲେଟ୍ ଭୁବନେଶ୍ୱର ସ୍ଥିତ ବିଜେବି ନଗର ବିଜେଇଏମ୍ ସ୍କୁଲ ସମ୍ମୁଖରେ ଆରମ୍ଭ ହୋଇଛି । ବନ୍ଧୁ ଏବଂ ପରିବାରଙ୍କ ଉପସ୍ଥିତିରେ ଏହି ଆଉଟ୍‌ଲେଟ୍ ଖୋଲା ଯାଇଛି । ଗ୍ରାହକଙ୍କ ନିକଟତର ହେବା ସହ ସୁଲଭ ଦରରେ ସେବା ଯୋଗାଇବା ନିମନ୍ତେ ଏହି ଶାଖା ଖୋଲା ଯାଇଛି । ଗ୍ରାହକଙ୍କ ସପିଂ ଅଭିଜ୍ଞତାକୁ ଆହୁରି ସୁବିଧା କରାଇବା ସହ ହୋଲ୍‌ସେଲିଂ ମୂଲ୍ୟରେ ମେରି ସହେଲି ଗ୍ରାହକଙ୍କ ପାଖରେ ପହଞ୍ଚିବା ଉଦ୍ୟମ କରିବ । ମେରି ସହେଲି ଉପଲବ୍ଧ ସମସ୍ତ ବ୍ରାଣ୍ଡ



ଉପରେ ବିଶେଷ ରିହାତି ପ୍ରଦାନ କରିବ । ସମସ୍ତ ବ୍ରାଣ୍ଡରେ ଗ୍ରାହକଙ୍କୁ ୨୦% ପର୍ଯ୍ୟନ୍ତ ରିହାତି ମିଳିବ ବୋଲି ଆଉଟ୍‌ଲେଟ୍ ମୁଖ୍ୟ କମଳ ସେଠିଆ ସୂଚନା ଦେଇଛନ୍ତି। ଏହି ଅବସରରେ ଆଉଟ୍‌ଲେଟ୍‌ର ସନ୍ତୋଷ ସେଠିଆ, ଜୁଗଲ ସେଠିଆ, ପ୍ରତିକ୍ ଜେନ୍, ବିକାଶ ସେଠିଆ, ରେଣୁକା ଜେନ୍, ଜିତେନ୍ଦ୍ର ବୈଦ, ଦିଲ୍ଲୀପ ମନୋଥ୍ ପ୍ରମୁଖ ଉପସ୍ଥିତ ଥିଲେ ।

# ଇସ୍ରାଏଲ ଆକ୍ରମଣରେ ଅଲ କ୍ୱାଦର ସଫା



ନୂଆଦିଲ୍ଲୀ: ଅକ୍ଟୋବର ୭ରୁ ଜାରି ରହିଛି ଇସ୍ରାଏଲ ଏବଂ ହମାସ ଆତଙ୍କବାଦୀଙ୍କ ମଧ୍ୟରେ ଯୁଦ୍ଧ । ଦିନକୁ ଦିନ ଯୁଦ୍ଧ ଆହୁରି ଭୀଷଣ ହେବାରେ ଲାଗିଛି । ଗାଜାକୁ ମାଟିରେ ମିଶାଇ ଦେବାକୁ ନିଷ୍ପତ୍ତି କରିସାରିଥିବା ଇସ୍ରାଏଲ ଲଗାତାର ଗାଜା ଉପରେ ବୋମା ବର୍ଷା କରୁଛି । ଇସ୍ରାଏଲ ୨ ଦିନରେ ହମାସର ୩ ଆତଙ୍କୀ ମାଷ୍ଟରମାଇଣ୍ଡଙ୍କୁ ମାରିଛି ।

ଏହାରି ମଧ୍ୟରେ ଇସ୍ରାଏଲି ସେନାକୁ ବଡ଼ ସଫଳତା ମିଳିଥିବା କୁହାଯାଉଛି । ଅକ୍ଟୋବର ୭ରେ ଇସ୍ରାଏଲ ଉପରେ ଆକ୍ରମଣର ନେତୃତ୍ୱ ନେଇଥିବା ହମାସର ଆଉ ଜଣେ କମାଣ୍ଡର ଅଲ କ୍ୱାଦରକୁ ସଫା କରିଥିବା କହିଛି । ଇସ୍ରାଏଲ ସେନା ଦକ୍ଷିଣ ଖାନ ୟୁନିସ ଅଞ୍ଚଳରେ କାର୍ଯ୍ୟାନୁଷ୍ଠାନ ସମୟରେ ହମାସର କମାଣ୍ଡରକୁ ଢେର କରିଛି । କେବଳ ଅଲ କ୍ୱାଦର ନୁହେଁ ବୋମା ମାଡ଼ରେ କିବୁଜ ନରସଂହାରର ମାଷ୍ଟରମାଇଣ୍ଡର ମଧ୍ୟ ମୃତ୍ୟୁ ହୋଇଛି । ସେହିଭଳି ନୁକଭା କମାଣ୍ଡର ବିଲାଲ ଅଲ କାଦ୍ରାର ମଧ୍ୟ ମୃତ୍ୟୁ ହୋଇଛି । ସେପଟେ ଇସ୍ରାଏଲ ସେନା କହିଛି ଯେ, ହମାସର ସବୁ ଆକ୍ରମଣକାରୀଙ୍କ ଏଭଳି ଦଶା ହେବ ।

ଗାଜା ଉପରେ ଆକାଶ ମାର୍ଗରୁ ଆକ୍ରମଣ ସମୟରେ, ହମାସର ବାୟୁସେନା ମୁଖ୍ୟ ମେରାଦର ମଧ୍ୟ ମୃତ୍ୟୁ ହୋଇଛି । ସେହିଭଳି ଆଇଡିଏଫ କହିଛି ଯେ, ଆତଙ୍କବାଦୀ ସଂଗଠନ ହମାସ ସହ ଫିଲିସ୍ତିନି ଇସଲାମି ଜିହାଦର ଅନ୍ୟ ସେନାକର୍ମୀଙ୍କୁ ମଧ୍ୟ ନିପାତ କରାଯାଇଛି । ସେପଟେ ଇସ୍ରାଏଲ ହମାସ ଯୁଦ୍ଧରେ ଇରାନ ଏବେ ଖୁଲମଖୁଲ୍ଲା ହମାସର ସମର୍ଥନ କରୁଛନ୍ତି । ରିପୋର୍ଟ ଅନୁଯାୟୀ, ଇରାନ ଇସ୍ରାଏଲକୁ ଚେତାବନୀ ଦେଇ କହିଛି ଯେ ଇସ୍ରାଏଲ ଗାଜା ପଟିରେ ଆକ୍ରମଣ କଲେ। ତେବେ ତାକୁ କଡ଼ା ପ୍ରତିରୋଧର ସାମ୍ନା କରିବାକୁ ପଡ଼ିପାରେ ।

# ସେନାକୁ ପ୍ରସ୍ତୁତ ରହିବାକୁ ନେତାନ୍ୟାହୁଙ୍କ ନିର୍ଦ୍ଦେଶ

ନୂଆଦିଲ୍ଲୀ: ଇସ୍ରାଏଲ ଓ ହମାସ ଆତଙ୍କବାଦୀଙ୍କ ମଧ୍ୟରେ ଜାରି ରହିଛି ଯୁଦ୍ଧ । ଏହାରି ଭିତରେ ଗାଜା ସୀମାବର୍ତ୍ତୀ ଅଞ୍ଚଳକୁ ଗସ୍ତ କରିଛନ୍ତି ଇସ୍ରାଏଲ ପ୍ରଧାନମନ୍ତ୍ରୀ ବେଞ୍ଜାମିନ୍ ନେତାନ୍ୟାହୁ । ଏହି ଅବସରରେ ସେ ଗାଜାରେ ମୁତୟନ ଥିବା ଇସ୍ରାଏଲ ଡିଫେନ୍ସ ଫୋର୍ସର ସୈନିକଙ୍କ ସହ କଥା ହୋଇଛନ୍ତି । ପ୍ରସ୍ତୁତ ରୁହ । ଖୁବ୍ ଶୀଘ୍ର ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଶନିବାର ଦିନ ଇସ୍ରାଏଲ୍ର ପ୍ରଧାନମନ୍ତ୍ରୀ ବେଞ୍ଜାମିନ୍ ନେତାନ୍ୟାହୁ ଇସ୍ରାଏଲ୍ ସୈନିକମାନଙ୍କୁ କହିଛନ୍ତି ।

ସେନିକମାନଙ୍କ ମନୋବଳ ବାଇବାକୁ ପ୍ରଧାନମନ୍ତ୍ରୀ ନେତାନ୍ୟାହୁ ଗାଜା ପଛି ସୀମାନ୍ତରେ ଆଇଡିଏଫ୍ ସେନିକମାନଙ୍କୁ ଭେଟିଥିଲେ । 'ଆଇଡିଏଫ୍' ଅଧିକାରୀମାନଙ୍କ ସହିତ କଥା ହେବା ସମୟର ଫଟୋ ସେୟାର୍ କରି ନେତାନ୍ୟାହୁ କହିଛନ୍ତି, ଆମେ ସମସ୍ତେ ପ୍ରସ୍ତୁତ ଅଛୁ । ଉକ୍ତ ଭିଡିଓରେ ଦେଖାଯାଉଛି ନେତାନ୍ୟାହୁ ସେନିକମାନଙ୍କ ସହିତ ହାତ ମିଶାଉଛନ୍ତି । ସେ ଯାହା କହୁଛନ୍ତି ସୈନିକମାନେ ମୁଣ୍ଡ ହଲାଇ ତାଙ୍କ କଥାକୁ ସମ୍ମତି ଜଣାଉଛନ୍ତି ।

ସେପଟେ ଇସ୍ରାଏଲ ଓ ଗାଜା ଯୁଦ୍ଧକୁ ନେଇ ସାଉଦି ଆରବରେ ଜରୁରୀ ବୈଠକ ଡାକିଛି ଇସଲାମିକ ଦେଶର ଏକ ଗୋଷ୍ଠୀ । ଏହି ବୈଠକରେ ଗାଜାରେ ରକ୍ଷାହୀନ ନାଗରିକଙ୍କ ପ୍ରତି ରହିଥିବା ବିପଦ ଉପରେ ଚର୍ଚ୍ଚା ହେବ ବୋଲି କୁହାଯାଉଛି ।

୨୪ ଘଣ୍ଟା ମଧ୍ୟରେ ଉତ୍ତରା ଗାଜାକୁ ସ୍ଥାନାନ୍ତର କରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା । ଗାଜାବାସୀ ଏହି ଅଞ୍ଚଳକୁ ଖାଲି କରିବା ପରେ ଆତଙ୍କବାଦୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇପାରିବ । ଗାଜା ସହର ତଳେ ଥିବା ଟନେଲେର ହମାସ ଆତଙ୍କବାଦୀ ଲୁଚି ରାହିଛନ୍ତି । ସେଥିପାଇଁ ଗାଜାବାସୀଙ୍କ ଅଞ୍ଚଳ ଖାଲି କରିବାକୁ ନର୍ଦ୍ଦେଶ ଦିଆଯାଇଛି ବୋଲି ଇସ୍ରାଏଲ ସେନା କହିଛି । ସୂଚନା ମୁତାବକ, ଏହି ଅଞ୍ଚଳରେ ୧୧ ଲକ୍ଷ ଲୋକ ବାସ କରନ୍ତି ।

ଅକ୍ଟୋବର ୭ ତାରିଖ ଦିନ ହମାସ୍ ଆତଙ୍କୀଙ୍କ ଅତର୍କିତ ଆକ୍ରମଣର ପ୍ରତିଶୋଧ ନେବା ଲାଗି ଇସ୍ରାଏଲ୍ ଗାଜା ଉପରେ ଆକାଶ ଓ ସ୍ଥଳ ଭାଗରୁ ଆକ୍ରମଣ ଜାରି ରଖିଛି । ଦୁଇ ପକ୍ଷଙ୍କ ମଧ୍ୟରେ ଚାଲିଥିବା ରକ୍ତାକ୍ତ ସଂଗ୍ରାମରେ ଏଯାବତ ୩୫୦୦ ଲୋକଙ୍କର ପ୍ରାଣହାନୀ ଘଟିଲାଣି ବୋଲି ବିଭିନ୍ନ ଗଣମାଧ୍ୟମ ରିପୋର୍ଟ କରିଛନ୍ତି ।




# ଇସ୍ରାଏଲ ସେନାକୁ ମାଗଣା ଖାଦ୍ୟ ଯୋଗାଇ ବିବାଦରେ ମ୍ୟାକ ଡୋନାଲ୍ଡ

ହମାସ୍ ବିରୋଧରେ ଯୁଦ୍ଧ ଜାରି ରଖିଥିବା ଇସ୍ରାଏଲ ସେନାକୁ ମାଗଣାରେ ଖାଇବା ଯୋଗାଉଛି ବିଶ୍ୱର ପ୍ରସିଦ୍ଧ ଫାଷ୍ଟଫୁଡ୍ ଚେନ୍ ସଂସ୍ଥା ମେକଡୋନାଲଡ୍ସ । ଏନେଇ ସଂସ୍ଥା ତରଫରୁ ଏକ ସୋଶାଲ ମିଡିଆ ପୋଷ୍ଟ ଜରିଆରେ ସୂଚନା ଦିଆଯାଇଛି । ସପ୍ତାହରୁ ଅଧିକ ସମୟ ଧରି ଆରମ୍ଭ ହୋଇଥିବା ଏହି ଯୁଦ୍ଧରେ ସେବା ଯୋଗାଉଥିବା କର୍ମଚାରୀଙ୍କୁ ଖାଇବା ଯୋଗାଇ ଦିଆଯାଉଥିବା ପୋଷ୍ଟରେ କୁହାଯାଇଛି ।

ରିପୋର୍ଟ ଅନୁସାରେ, ମେକଡନାଲଡ୍ସ ଇନଷ୍ଟାଗ୍ରାମରେ ଏକ ପୋଷ୍ଟ କରି କହିଥିଲା ଯେ, କମ୍ପାନୀ ଇସ୍ରାଏଲ୍ ସୈନିକମାନଙ୍କୁ ହଜାର ହଜାର ମାଗଣା ମିଲ୍ ଯୋଗାଇ ଦେଉଛି । ସଦ୍ୟତମ ରିପୋର୍ଟ ମୁତାବକ ହସ୍ପିଟାଲ ଏବଂ ସେନା କର୍ମଚାରୀଙ୍କ ପାଖକୁ ୪୦୦୦ରୁ ଅଧିକ ମିଲ୍ ପଠାଇଛୁ । ଏଥିସହ ରେସ୍ତୋରାଁ ଆସୁଥିବା ସୈନ୍ୟମାନଙ୍କୁ ରିହାତିରେ ମିଲ୍ ଦେଉଛୁ । ଏହି ଉଦ୍ଦେଶ୍ୟରେ ଏଠାରେ କେବଳ ୫ଟି ରେଷ୍ଟୁରାଣ୍ଟ ଖୋଲାଯାଇଛି ବୋଲି ମେକଡନାଲଡ୍ସ ପୋଷ୍ଟରେ କହିଥିଲା ।

ରେସ୍ତୋରାଁର ଏହି ପୋଷ୍ଟ ପରେ ସମାଲୋଚନା କରିଛନ୍ତି କିଛି ନେଟିଜେନ୍ସ । ଜଣେ ୟୁଜର୍ ଲେଖିଛନ୍ତି, ମେକଡୋନାଲଡ୍ସ ଆଇଡିଏଫ (ଇସ୍ରାଏଲର ସାମରିକ ବାହିନୀ)କୁ ମାଗଣା ଖାଇବା ଯୋଗାଉଛି । ଏହାକୁ ବଏକଟ୍ କରନ୍ତୁ । ଅନ୍ୟ ଜଣେ ବ୍ୟକ୍ତି କମେଣ୍ଟ ଦେଇ କହିଛନ୍ତି, ଯଦି ମେକଡୋନାଲଡ୍ସ, ଇସ୍ରାଏଲ ପ୍ରତିରକ୍ଷା ବାହିନୀକୁ ମାଗଣା ଖାଦ୍ୟ ଯୋଗାଉଛି । କିନ୍ତୁ ଗାଜାରେ ପ୍ରଭାବିତ ହୋଇଥିବା ଲୋକଙ୍କୁ ନୁହେଁ, ତେବେ ମୁଁ ଭାବୁଛି ବିଶ୍ୱରେ ଥିବା ସମସ୍ତ ମୁସଲମାନ ଏହାକୁ ବଏକଟ୍ କରିବା ଉଚିତ୍ । ସେହିପରି କେତେକ ୟୁଜର୍ସ ମଧ୍ୟ ଇସ୍ରାଏଲର ସମର୍ଥନ ପାଇଁ ମେକଡୋନାଲଡ୍ସକୁ ପ୍ରଶଂସା କରିଛନ୍ତି । ଜଣେ ବ୍ୟକ୍ତି କହିଛନ୍ତି, ମେକଡୋନାଲଡ୍ସ, ଇସ୍ରାଏଲରେ ଭଲ କାମ କରିଛି । ଏହାପର ଠାରୁ କମ୍ପାନୀର ଇସ୍ରାଏଲ ଅଫିସିଆଲ୍ ଆକାଉଣ୍ଟ ପ୍ରାଇଭେଟ୍ ହୋଇଯାଇଥିବା ରିପୋର୍ଟରେ ଉଲ୍ଲେଖ କରାଯାଇଛି ।

ମେକଡୋନାଲଡ୍ସର ଏହି ପଦକ୍ଷେପ ପରେ ଅକ୍ଟୋବର ୧୩ରେ ଲେବାନନରେ ବିକ୍ଷୋଭ ପ୍ରଦର୍ଶନ ହୋଇଥିଲା । ଲେବାନନର ନ୍ୟୁଜ ଏଜେନ୍ସି '୯୬୧' ଅନୁଯାୟୀ ସ୍ୱିନ୍ନିଜ ଏବଂ ସିଡନରେ ଥିବା ମେକଡୋନାଲଡ୍ସ ଉପରେ ପାଲେଷ୍ଟାଇନ୍ ଗୋଷ୍ଠୀ ଆକ୍ରମଣ କରିଥିଲେ । ଏସବୁ ମଧ୍ୟରେ, ମେକଡୋନାଲଡ୍ସର ଓମାନ, ଏକ୍ସ (ପୂର୍ବର ଟ୍ୱିଟର)ରେ ଗାଜାକୁ ସମର୍ଥନ କରୁଥିବା ଉଲ୍ଲେଖ କରିଛି । ଶନିବାର ଏକ ପୋଷ୍ଟରେ କହିଛି, ଓମାନ ଗାଜା ସହିତ ଛିଡା ହୋଇଛି । ଗାଜାରେ ଥିବା ଲୋକଙ୍କ ପାଇଁ ରିଲିଫ୍ ଯୋଗାଇ ଦେବାକୁ କମ୍ପାନୀ ୧୦୦,୦୦୦ ଡଲାର ଦାନ କରିଛି ।




## ମଧ୍ୟପ୍ରଦେଶ ନିର୍ବାଚନ

# ଶିବରାଜଙ୍କ ବିପକ୍ଷରେ ଲଢ଼ିବେ 'କଂଗ୍ରେସର ହନୁମାନ'

ଭୋପାଳ: ମଧ୍ୟପ୍ରଦେଶ ବିଧାନସଭା ନିର୍ବାଚନ ପାଇଁ ପ୍ରମୁଖ ରାଜନୀତିକ ଦଳମାନେ ଜୋରଦାର କସରତ ଚଳାଇଛନ୍ତି । ଏହାରି ମଧ୍ୟରେ ରାଜନୀତିକ ଦଳମାନେ ଆଶାୟୀଙ୍କ ତାଲିକା ମଧ୍ୟ ଜାରି କରିଛନ୍ତି । କଂଗ୍ରେସ ମଧ୍ୟ ଏହାର ବିଭିନ୍ନ ସିଟ୍ରୁ ୧୪୪ ଆଶାୟୀଙ୍କ ପ୍ରଥମ ପର୍ଯ୍ୟାୟ ତାଲିକା ଜାରି କରିଛି । ଏହି ତାଲିକାରେ ପୂର୍ବତନ ମୁଖ୍ୟମନ୍ତ୍ରୀ କମଲ ନାଥଙ୍କ ନାଁ ମଧ୍ୟ ରହିଛି । ତେବେ କଂଗ୍ରେସର ଏହି ତାଲିକାରେ ଜଣେ ଟେଲି ଅଭିନେତାଙ୍କ ନାଁ ରହିଛି । ହେଲେ ବଡ଼ କଥା ହେଉଛି, ବର୍ତ୍ତମାନ ମୁଖ୍ୟମନ୍ତ୍ରୀ ଶିବରାଜ ସିଂହ ଚୌହାନଙ୍କ ବିପକ୍ଷରେ ବୁଧନୀରୁ ନିର୍ବାଚନ ମୈଦାନକୁ ଓହ୍ଲାଇବେ ଏହି ଟିଭି ତାରକା କମ୍ ରାଜନେତା ।

ଏହି ଅଭିନେତା ହେଉଛନ୍ତି ବିକ୍ରମ ମସ୍ତାନ । ୨୦୦୮ରେ ରମାନନ୍ଦ ସାଗରଙ୍କ ଟିଭି ଶୋ 'ରାମାୟଣ'ରେ ହନୁମାନ ଭୂମିକା ନିଭାଇଥିଲେ ବିକ୍ରମ । ଆଉ ବିକ୍ରମ ହିଁ ମଧ୍ୟପ୍ରଦେଶର ମୁଖ୍ୟମନ୍ତ୍ରୀ ଶିବରାଜ ଚୌହାନଙ୍କ ବିପକ୍ଷରେ ନିର୍ବାଚନ ଲଢ଼ିବେ । ବିକ୍ରମ ମସ୍ତାଲ ୨୦୨୩ ଜୁଲାଇରେ କଂଗ୍ରେସରେ ସାମିଲ ହୋଇଥିଲେ । କଂଗ୍ରେସ ନେତା ମସ୍ତାନ ମୁଳତଃ ବୁଧନୀର ବାସିନ୍ଦା ।

ସୂଚନାଥାଉକି, ବିକ୍ରମ ମସ୍ତାନ ସିଦ୍ଧ ସିମରିୟା ଧାମରେ କଂଗ୍ରେସର ସଦସ୍ୟତା କରିଥିଲେ । ସେ ଅନେକ ଅବସରରେ କମଳନାଥଙ୍କ ପ୍ରଶଂସା କରିଛନ୍ତି । ରାଜନୀତିରେ ଆସିବା ନିଷ୍ପତ୍ତିକୁ ନେଇ ବିକ୍ରମ ମସ୍ତାନ କହିଥିଲେ ଯେ, 'ହନୁମାନଙ୍କ କାମ ସେବା କରିବା, ଆଉ ମୁଁ ମଧ୍ୟ ଜନତାଙ୍କ ସେବା କରିବାକୁ ଚାହୁଛି' । ସେହିଭଳି ବିଗତ ଦିନରେ କମଲନାଥ ନର୍ମଦା ସେନା ସଂଗଠନର ଗଠନ କରିଥିଲେ, ଯେଉଁଥିରେ ବିକ୍ରମ ମସ୍ତାନଙ୍କୁ ସହ ପ୍ରଭାରୀ କରାଯାଇଥିଲା ।

ଉଲ୍ଲେଖଯୋଗ୍ୟ, ମଧ୍ୟପ୍ରଦେଶ ବିଧାନସଭା ନିର୍ବାଚନ ଲାଗି ୧୪୪ ଜଣିଆ ପ୍ରାର୍ଥୀ ତାଲିକା ଜାରି କରିଛି କଂଗ୍ରେସ । ଏଥିରେ ସାଧାରଣ ବର୍ଗରୁ ୪୭ ଜଣ ପ୍ରାର୍ଥୀ ଥିବା ବେଳେ ଓବିସି ୩୯, ଏସଟି ୩୦, ଏସସି ୨୨ ଏବଂ ଜଣେ ମୁସଲିମ ପାର୍ଥୀଙ୍କ ସହ ୧୯ ଜଣ ମହିଳାଙ୍କ ନାଁ ସାମିଲ ହୋଇଛି । ସେଥିମଧ୍ୟରୁ ୬୫ ଜଣ ପ୍ରାର୍ଥୀଙ୍କ ବୟସ ୫୦ ବର୍ଷରୁ କମ୍ । ପୂର୍ବତନ ମୁଖ୍ୟମନ୍ତ୍ରୀ ଦିଗବିଜୟ ସିଂହଙ୍କ ପୁଅ ଜୀବରଧନ ସିଂହଙ୍କୁ କଂଗ୍ରେସ ପ୍ରାର୍ଥୀ ତାଲିକାରେ ସାମିଲ କରିଥିବା ବେଳେ ସେ ରଘୋଗଡ଼ ଆସନରୁ ବିଧାନସଭା ନିର୍ବାଚନ ଲଢ଼ିବେ ବୋଲି ଜଣାପଡ଼ିଛି ।










# ବ୍ରିଟେନରେ ବ୍ୟାପୁଛି କରୋନା ଭାଇରସର ନୂଆ ଭାରିଆଣ୍ଟ

ଲଣ୍ଡନ: ବ୍ରିଟେନରେ ପୁଣି ଆତଙ୍କର ମାହୋଲଛ ଏଠାରେ ତାପମାତ୍ରା ହ୍ରାସ ସହ କୋଭିଡ ସଂକ୍ରମଣ ବଢିବାର ଆଶଙ୍କା କରାଯାଉଛି । କୁହାଯାଉଛି ଋତୁରେ କୋଭିଡର ନୂଆ ସଂକ୍ରମଣ ବ୍ୟାପୁଛି । ପରିସ୍ଥିତିକୁ ନଜରରେ ରଖି ସରକାରଙ୍କ ପକ୍ଷରୁ ଲୋକଙ୍କ ନିମନ୍ତେ ବର୍ତ୍ତମାନର ୩ଟି ଲକ୍ଷଣ ସମ୍ପର୍କରେ ସତର୍କତା ଜାରି କରାଯାଉଛି । ବ୍ରିଟେନ ସରକାରଙ୍କ ପକ୍ଷରୁ ଲୋକଙ୍କୁ କୋଭିଡର ମୁଖ୍ୟତଃ ୩ଟି ଲକ୍ଷଣ ସମ୍ପର୍କରେ ସଚେତନ କରାଯାଉଛି । କୁହାଯାଉଛି ଏହି ସବୁ ଲକ୍ଷଣ ଉପରେ ଏବେଠୁ ଧ୍ୟାନ ଦିଆଯିବା ଜରୁରି ।

ନ୍ୟୁଜ୍ ସାଇଟ୍ ଦି ମିରର ଏକ ରିପୋର୍ଟ ଅନୁସାରେ ୟୁକେ ସ୍ୱାସ୍ଥ୍ୟ ସୁରକ୍ଷା ଏଜେନ୍ସୀ (ୟୁକେଏଚଏସଏ) କହିଛନ୍ତି ଯେ ଫ୍ଲୁ ଭଳି ନିଶ୍ୱାସପ୍ରଶ୍ୱାସ ସମ୍ପର୍କିତ ଶୀତକାଳୀନ ଭୂତାଣୁ ବୃଦ୍ଧି ସହିତ କୋଭିଡ ସଂକ୍ରମଣ ବଢିବା ମଧ୍ୟ ନିଶ୍ଚିତ । କାରଣ ଲୋକେ ଏବେ ଘର ଭିତରେ ବେଶି ସମୟ ରହିବେ । ଏଣୁ ସରକାରଙ୍କ ପକ୍ଷରୁ ଶୀତକାଳୀନ କୋଭିଡ ଓ ଫ୍ଲୁ ଟିକାକରଣ ତ୍ୱରାନ୍ୱିତ କରିଛନ୍ତି । ରିପୋର୍ଟରେ କୁହାଯାଇଛି ଯେ ଓମିକ୍ରନର ନୂଆ ସବ ଭାରିଆଣ୍ଟ ଯାହା ବିଏ.୨.୮୬ ଭାବେ ଜଣାଶୁଣା ପ୍ରଥମେ ଅଗଷ୍ଟ ମାସରେ ସାମ୍ନାକୁ ଆସିଥିଲା । ତେବେ ଏହି ନୂଆ ଷ୍ଟ୍ରେନ ଯୋଗୁ ଗୁରୁତର ରୂପେ ଅସୁସ୍ଥ ହେବାର କୌଣସି ସମ୍ଭାବନା ନାହିଁ ବୋଲି ବିଶେଷଜ୍ଞ କହିଛନ୍ତି । କାରଣ ପୂର୍ବରୁ କରାଯାଇଥିବା ଟିକାକରଣ ଯୋଗୁ ଲୋକଙ୍କୁ ସୁରକ୍ଷା ମିଳିବ । ଇଂଲଣ୍ଡ ଏବଂ ୱେଲସ୍ ରେ ଶରତ ଋତୁ ଆରମ୍ଭ ସହ କୋଭିଡ ସଂକ୍ରମଣ ହାର ହ୍ରାସ ହୋଇଛି । ଅକ୍ଟୋବର ପ୍ରଥମ ସପ୍ତାହନ୍ତ ସୁଦ୍ଧା ସଂକ୍ରମଣ ସଂଖ୍ୟା ୪୪୮ ଥିଲା । ଏହା ପୂର୍ବ ସପ୍ତାହରେ ଏହା ୪୪୧ ଥିଲା । ତେବେ ୟର୍କସାୟର ଲାଇଭ ରିପୋର୍ଟରେ ନବୀନତମ ସରକାରୀ ତଥ୍ୟ ଅନୁସାରେ ୭ ଅକ୍ଟୋବର ପର୍ଯ୍ୟନ୍ତ ଜାରି ସପ୍ତାହରେ ଇଂଲଣ୍ଡରେ ୧୫,୭୯୭ ନୂଆ କୋଭିଡ ମାମଲା ରେକର୍ଡ ହୋଇଛି । ଏହା ପ୍ରତ୍ୟେକ ୧ଲକ୍ଷ ଜନସଂଖ୍ୟାରେ ପାଖାପାଖି ୨୭.୯ ପ୍ରତିଶତ ମାମଲା ସହ ସମାନ ।






ସମୟ
ପ୍ରତିଷ୍ଠାତା : ବସନ୍ତ କୁମାର ବିଶ୍ୱାଳ


## ଆଇସିସି ଦିନିକିଆ ବିଶ୍ୱକପରେ ବିପର୍ଯ୍ୟୟ

# ଇଂଲଣ୍ଡକୁ ଧୂଳି ଚଟାଇଲା ଆଫଗାନିସ୍ତାନ

ନୂଆଦିଲ୍ଲୀ, ୧୫।୧୦ (ଏଜେନ୍ସି) : ଦିଲ୍ଲୀର ଅରୁଣ ଜେଟ୍‌ଲୀ ଷ୍ଟାଡିୟମରେ ଅନୁଷ୍ଠିତ ଏକ ତୀବ୍ର ସଂଘର୍ଷପୂର୍ଣ୍ଣ ମ୍ୟାଚ୍‌ରେ ଗତଥରର ବିଜେତା ଇଂଲଣ୍ଡକୁ ୬୯ ରନ ବ୍ୟବଧାନରେ ଧୂଳି ଚଟାଇଛି ଆଫ୍‌ଗାନିସ୍ତାନ । ଏହି ମ୍ୟାଚରେ ହାରଜିତର ଭୟ ନଥିବା ଆଫ୍‌ଗାନିସ୍ତାନ ଶକ୍ତିଶାଳୀ ଇଂଲଣ୍ଡ ସମ୍ମୁଖରେ ୨୮୫ ରନର ବିଜୟଲକ୍ଷ୍ୟ ଧାର୍ଯ୍ୟ କରିଥିଲା । ଏହାକୁ ପିଛା କରି ଇଂଲଣ୍ଡ ୪୦.୩ ଓଭରରେ ୨୧୫ ରନ କରିବାକୁ ସକ୍ଷମ ହୋଇଥିଲା । ୩ ୱିକେଟ ସଫଳତା ସହ ୨୮ ରନ ସଂଗ୍ରହ କରିଥିବା ମୁଜିବ ଉର ରହମାନଙ୍କୁ ପ୍ଲେୟାର ଅଫ୍ ଦି ମ୍ୟାଚ ବିବେଚିତ କରାଯାଇଥିଲା । ଆଫଗାନିସ୍ତାନ ପ୍ରଥମ ବିଜୟ ବିଜୟ ପଏଣ୍ଟ ଖାତା ଖୋଲିଛି ।

ଚଳିତ ବିଶ୍ୱକପରେ ଆଫଗାନିସ୍ତାନ ବଡ଼ଧରଣର ବିପର୍ଯ୍ୟୟ ଘଟାଇଛି । ପୂର୍ବରୁ ଆଶା କରାଯାଉ ନଥିଲା ଯେ, ଦିଲ୍ଲୀର ଅରୁଣ ଜେଟ୍‌ଲୀ ଷ୍ଟାଡିୟମରେ ଇଂଲଣ୍ଡ ଭଳି ବିଶ୍ୱ ବିଜେତା ଦଳ ଏତେ ସହଜରେ ହାର ମାନିଯିବ । ପ୍ରଥମେ ବ୍ୟାଟିଂ କରିବାକୁ ଆମନ୍ତ୍ରଣ ପାଇଥିବା ଆଫଗାନିସ୍ତାନ ଆରମ୍ଭରୁ ଚାପମୁକ୍ତ ଖେଳିଥିଲା । ଓପନର ରହମାନୁଲ୍ଲା ଗୁରବାଜ ଓ ଇବ୍ରାହିମ ଜଦ୍ରାନ ପ୍ରଥମ ୱିକେଟ ପାଇଁ ୧୧୪ ରନ ସଂଗ୍ରହ କରିଥିଲେ । ଇବ୍ରାହିମ ୪୮ ବଲରୁ ୨୮ ରନ କରି ରସିଦଙ୍କ ଶିକାର ହେବାରୁ ଯୋଡ଼ି ଭାଙ୍ଗିଥିଲା । କିନ୍ତୁ ଗୁରୁବାଜ ଇଂଲଣ୍ଡ ବୋଲରଙ୍କୁ ଧୁଲେଇ କରିଥିଲେ । ଏପରିକି ସାମ କୁରନଙ୍କ ଗୋଟିଏ ଓଭରରୁ ୨୦ ରନ ସଂଗ୍ରହ କରି ଇଂଲଣ୍ଡ ଶିବିରରେ ଭୟ ସଂଚାର କରିଥିଲେ । ସେ ୫୭ ବଲର ସମ୍ମୁଖୀନ ହୋଇ ୮ଚୌକା ଓ ୪ ଛକା ସହାୟତାରେ ୮୦ ରନ ସଂଗ୍ରହ କରିଥିଲେ । ଏହି ଦୁଇ ୱିକେଟ ପତନ ପରେ ମଧ୍ୟମକ୍ରମେ ରହମତ ଶହ ୩ ରନ, ଅଧିନାୟକ ହସମତୁଲ୍ଲା ସହିଦି ୧୪ ରନ ଓ ଅଜମତୁଲ୍ଲା ଓମାରଜାଇ ୧୯ ରନ କରିଥିଲେ । ଭଲ ଫର୍ମରେ ଥିବା ୱିକେଟ ରକ୍ଷକ ଇକ୍ରାମ ଅଲିଖିଲ ୫୮ ରନ, ମହମ୍ମଦ ନବୀ ୯ ରନ ତଥା ରସିଦ୍ ଖାନ ୨୩ ଓ ମୁଜିବ ଉର ରହମାନ ୨୮ ରନ କରିଥିଲେ । ଫଳରେ ଆଫଗାନିସ୍ତାନ ୪୯.୫ ଓଭରରେ ୨୮୪ ରନ କରି ଅଲଆଉଟ ହୋଇଥିଲା । ଇଂଲଣ୍ଡର ଆଦିଲ ରସିଦ ୩ଟି, ମାର୍କ ଉଡ ୨ଟି, ରେସି ଟପଲେ, ଲିଆମ ଲିଭିଂଷ୍ଟୋନ ଓ ଜୋ ରୁଟ ଗୋଟଏ କରି ୱିକେଟ ସଫଳତା ପାଇଥିଲେ ।

୨୮୫ ରନର ବିଜୟଲକ୍ଷ୍ୟକୁ ପିଛା କରିଥିଲା ଇଂଲଣ୍ଡ । ଉଚ୍ଚକୋଟିର ବ୍ୟାଟିଂ ପରେ ବୋଲିଂରେ ମଧ୍ୟ ପ୍ରଭାବ ବିସ୍ତାର କରିଥିଲା ଆଫଗାନିସ୍ତାନ । ଦ୍ରୁତବୋଲର ମୁଜିବ ଉର ରହମାନ ଓ ରସିଦ ଖାନ ୩ଟି କରି ୱିକେଟ ସଫଳତା ହାସଲ କରି ଇଂଲଣ୍ଡର ବିପର୍ଯ୍ୟୟ ଘଟାଇଥିଲେ । ଦଳୀୟ ସ୍କୋର ୩ ରନ ବେଳେ ଜନୀ ବେୟାର ଷ୍ଟୋ ଦୁଇ ରନ କରି ଫାରୋକିଙ୍କ ଶିକାର ହୋଇଥିଲେ । ଡେଭିଡ ମାଲନ ୩୨ ରନ, ଜୋ ରୁଟ ୧୧ରନ, ଜୋସ ବଟଲର ୯ ରନ କରି ଆଉଟ ହେବାରୁ ଦଳୀୟ ସ୍କୋର ୯୧ ରନରେ ଇଂଲଣ୍ଡ ୪ ପ୍ରମୁଖ ବ୍ୟାଟରଙ୍କୁ ହରାଇ ବ୍ୟାକଫୁଟକୁ ଚାଲିଯାଇଥିଲା । ଏଭଳି ସ୍ଥିତିରୁ ମୁକୁଳିବା ପାଇଁ ଇଂଲଣ୍ଡର ସବୁ ଚେଷ୍ଟା ଆଫଗାନିସ୍ତାନର ଶାଣିତ ବୋଲିଂ ଆଗରେ ପ୍ରଭାବ ହୀନ ସାବ୍ୟସ୍ତ ହୋଇଥିଲା । ହ୍ୟାରୀ ବ୍ରୁକ ସର୍ବାଧିକ ୬୬ ରନ, ଲିଆମ ଲିଭିଂଷ୍ଟୋନ ୧୦ ରନ, ସାମ କୁରନ ୧୦ ରନ, ଆଦିଲ ରସିଦ ୨୦ ରନ ଓ ମାର୍କ ଉଡ୍ ୧୮ ରନ କରିଥିଲେ । ମଧ୍ୟମ କ୍ରମ ବ୍ୟାଟିଂ ବିପର୍ଯ୍ୟୟ ଯୋଗୁ ଇଂଲଣ୍ଡ ୪୦.୩ ଓଭରରେ ୨୧୫ ରନ କରି ଧରାଶାୟୀ ହୋଇଥିଲା । ଆଫଗାନିସ୍ତାନର ମୁଜିବ ଉର ରହମାନ ଓ ରସିଦ ଖାନ ୩ଟି ଲେଖାଏଁ, ମହମ୍ମଦ ନବୀ ୨ଟି, ଫଜଲ ହକ ଫାରୋକି ଓ ନବୀନ ଉଲ ହକ ଗୋଟିଏ କରି ୱିକେଟ ସଫଳତା ହାସଲ କରିଥିଲେ ।

## ଜୟ ଶ୍ରୀରାମ, ନମାଜ ପାଠ ବିବାଦ ତେଜିଲା

ନୂଆଦିଲ୍ଲୀ, ୧୫।୧୦ (ଏଜେନ୍ସି) : ବିଶ୍ୱକପରେ ଧାର୍ମିକ ଭାବନାକୁ ନେଇ ବିବାଦ ଉଠିଛି । ଶନିବାର ଭାରତ ଓ ପାକିସ୍ତାନ ମଧ୍ୟରେ ଖେଳାଯାଇଥିବା ମ୍ୟାଚ ସମୟରେ ଜୟ ଶ୍ରୀରାମ ନାରା ଓ ରିଜୱାନଙ୍କ ନମାଜ ପାଠକୁ ନେଇ ତୀବ୍ର ଅସନ୍ତୋଷ ଦେଖାଦେଇଛି । ପାକିସ୍ତାନ ୱିକେଟକିପର ତଥା ବ୍ୟାଟର ମହମ୍ମଦ ରିଜୱାନ ୪୯ ରନ କରି ପାଭିଲିଅନ ଫେରିଥିଲେ । ସେ ବୁମରାଙ୍କ ବଲରେ ବୋଲ୍ଡ ହେବା ପରେ ଉପସ୍ଥିତ ଦର୍ଶକ ଜୟ ଶ୍ରୀରାମ, ଜୟ ଶ୍ରୀରାମ ନାରା ଦେଇଥିଲେ । ସୋସିଆଲ ମିଡିଆରେ ଏହି ଭିଡିଓ ଭାଇରାଲ ହୋଇଛି । ଏହାକୁ କେହିକେହି ସମର୍ଥନ କରିଥିବାବେଳେ ପୂର୍ବରୁ ହିନ୍ଦୁ ଧର୍ମକୁ ନେଇ ଚର୍ଚ୍ଚାରେ ଥିଲେ ଡିଏସ୍‌କେ ଷ୍ଟାଲିନ ଦର୍ଶକଙ୍କ ଏପରି ବ୍ୟବହାର ଅଗ୍ରାହ୍ୟ ବୋଲି କହିଛନ୍ତି । ଟ୍ୱିଟରରେ ଏକ ପୋଷ୍ଟ କରି ଷ୍ଟାଲିନ କହିଛନ୍ତି, ଭାରତୀୟ କ୍ରୀଡ଼ା କ୍ଷେତ୍ରରେ ଆୟୋଜକ ତଥା ଆତିଥ୍ୟ ପାଇଁ ପ୍ରଶଂସା ସାଉଁଟିଛି । ତଥାପି ଅହମ୍ମଦାବାଦର ନରେନ୍ଦ୍ର ମୋଦୀ ଷ୍ଟାଡିୟମରେ ପାକିସ୍ତାନ ଖେଳାଳିଙ୍କୁ ଦିଆଯାଇଥିବା ଆତିଥ୍ୟ ଗ୍ରହଣୀୟ ନୁହେଁ । ଏହା ଏକ ନିମ୍ନ ସ୍ତରର । ପ୍ରକୃତ ଭାଇଚାରାକୁ ବୃଦ୍ଧି କରିବା ଉଚିତ । ଘୃଣା ସୃଷ୍ଟି କରିବା ପାଇଁ ଏହାକୁ ଉପକରଣ ଭାବେ ବ୍ୟବହାର କରିବା ନିନ୍ଦନୀୟ ।

ବିସିସି ସମ୍ପାଦକ ଜୟ ଶାହା କହିଛନ୍ତି, ସୋସିଆଲ ମିଡିଆରେ ଗୋଟିଏ ଫଟୋ ଓ ଭିଡିଓ ପୋଷ୍ଟ କରି ରିଜୱାନ ନମାଜ ପଢୁଥିବାବେଳେ ଅନ୍ୟପଟେ ଦର୍ଶକ ଜୟଶ୍ରୀରାମ ନାରା ଦେଉଛନ୍ତି । ଯଦି ଜଣେ ଖେଳାଳି ଜନଗହଳିରେ ସର୍ବସମ୍ମୁଖରେ ନମାଜ ପାଠ କରିପାରୁଛନ୍ତି, ତେବେ ଦର୍ଶକ କାହିଁକି ଏକାସାଙ୍ଗରେ ଜୟ ଶ୍ରୀରାମ କହିପାରିବେ ନାହିଁ । ଯଦି ସେ ଧାର୍ମିକ, ତେବେ ଜନତା କାହିଁକି ନୁହଁନ୍ତି ? ଜୟ ଶାହା ପୋଷ୍ଟ କରିଥିବା ରିଜୱାନଙ୍କ ନମାଜ ପାଠ ଫଟୋ ୨୦୧୭ ଚାମ୍ପିଅନ୍ସ ଟ୍ରଫି ସମୟର । ସୋସିଆଲ ମିଡିଆରେ ଏହାକୁ ନେଇ ବେଶ୍ ତର୍କବିତର୍କ ଚାଲିଛି ।




## ରାଜ୍ୟସ୍ତରୀୟ ଖୋଖୋ

### ବାଳକରେ ସୁନ୍ଦରଗଡ଼, ବାଳିକାରେ ଭୁବନେଶ୍ୱର ବିଜେତା



ଅନୁଗୁଳ, ୧୫।୧୦ (ସବ୍ୟୁ) : ସ୍ଥାନୀୟ ଫରେଷ୍ଟ ରେଞ୍ଜର କଲେଜ ପଡ଼ିଆଠାରେ ରାଜ୍ୟସ୍ତରୀୟ ଖୋଖୋ ପ୍ରତିଯୋଗିତା ଉଦ୍‌ଯାପିତ ହୋଇଯାଇଛି । ଏହି ପ୍ରତିଯୋଗିତାର ୧୪ ବର୍ଷରୁ କମ ବାଳକ ବର୍ଗରେ ସୁନ୍ଦରଗଡ଼ ଏବଂ ବାଳିକା ବର୍ଗରେ ଭୁବନେଶ୍ୱର ଚାମ୍ପିଅନ ହୋଇଛନ୍ତି । ବାଳକ ବର୍ଗର ଫାଇନାଲରେ ପୁରୀ ଓ ସୁନ୍ଦରଗଡ଼ ଭେଟାଭେଟି ହୋଇଥିଲେ । ଏଥିରେ ସୁନ୍ଦରଗଡ଼ ବିଜୟୀ ହୋଇଥିଲା । ସେହିଭଳି ବାଳିକା ବର୍ଗରେ ଭୁବନେଶ୍ୱର ଓ ସୁନ୍ଦରଗଡ଼ ମୁହାଁମୁହିଁ ହୋଇଥିଲେ । ଏଥିରେ ଭୁବନେଶ୍ୱର ବିଜୟୀ ହେବା ସହ ଚଳିତ ସଂସ୍କରଣର ବିଜେତା ହୋଇଛି । ପୁରସ୍କାର ବିତରଣୀ ଉତ୍ସବରେ ମୁଖ୍ୟଅତିଥି ଭାବେ ସାଂସଦ ମହେଶ ସାହୁ ଯୋଗ ଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ଅନୁଗୁଳ ଜିଲ୍ଲା ପରିଷଦ ସଭାପତି ବବିତା ପ୍ରଧାନ, ଅକ୍ଷୟ କୁମାର ସାମନ୍ତ (ଅନୁଗୁଳ ମ୍ୟୁନିସିପାଲିଟି ଅଧ୍ୟକ୍ଷ), ଅଜୟ କୁମାର ପାତ୍ର (ଅତିରିକ୍ତ ଜିଲ୍ଲା ଅଧିକାରୀ), ପ୍ରତିଭା ବାରିକ (ଶିକ୍ଷା ଅଧିକାରୀ), ଅକ୍ଷୟ କୁମାର ସିଠ (କ୍ରୀଡ଼ା ଅଧିକାରୀ), ସମିତା ସାହୁ (ଶିକ୍ଷା ଅଧିକାରୀ) ପ୍ରମୁଖ ଯୋଗ ଦେଇଥିଲେ । ପ୍ରତିଯୋଗିତାର ସଫଳ ରୂପାୟନରେ ସହଯୋଗ କରିଥିଲେ ଓଡ଼ିଶା ବନରାଜିକ ମହାବିଦ୍ୟାଳୟ କର୍ମକର୍ତ୍ତା, ଜିନ୍ଦଲ ଓ ଅନୁଗୁଳ ପିଏଚ୍‌ଡି, ଅନୁଗୁଳ ଅଗ୍ନି ନିର୍ବାପକ ସଂସ୍ଥା, ଜିଲ୍ଲା ପ୍ରକଳ୍ପ କାର୍ଯ୍ୟାଳୟର ଶିକ୍ଷା ଅଧିକାରୀ ପ୍ରମୁଖ ।







## ସାହିନଙ୍କୁ ଏତେ ପ୍ରଶଂସା କାହିଁକି?

ନୂଆଦିଲ୍ଲୀ, ୧୫।୧୦ (ଏଜେନ୍ସି) : ବିଶ୍ୱକପରେ ପାକିସ୍ତାନକୁ ୭ ୱିକେଟରେ ହରାଇଥିଲା ଇଣ୍ଡିଆ । ଭାରତର ବ୍ୟାଟିଂ ଆଗରେ ପାକିସ୍ତାନର ବୋଲିଂ ବାହିନୀ ଚିତ୍‌ପଟାଙ୍ଗ ମାରିଥିଲା । ପାକିସ୍ତାନର ବୋଲିଂ ବିଭାଗକୁ ସବୁଠାରୁ ଶକ୍ତିଶାଳୀ କୁହାଯାଉଥିଲେ ମଧ୍ୟ ରୋହିତ ଓ ଶ୍ରେୟାସଙ୍କ ଇନିଂସ ସମ୍ପୂର୍ଣ୍ଣ ଭୁଲ ପ୍ରମାଣିତ କରିଥିଲା । ଯାହାକୁ ନେଇ ପୂର୍ବତନ ଭାରତୀୟ କୋଚ ତଥା ଭାଷ୍ୟକାର ରବି ଶାସ୍ତ୍ରୀ ବଡ଼ ମତ ଦେଇଛନ୍ତି । କମେଣ୍ଟ୍ରି ସମୟରେ ଶାସ୍ତ୍ରୀ ପାକିସ୍ତାନର ବୋଲିଂ ବାହିନୀ ସମ୍ପର୍କରେ ମତ ରଖିଥିଲେ ।

ସମସ୍ତେ କହୁଛନ୍ତି ପାକିସ୍ତାନର ବୋଲିଂ ବିଭାଗ ସବୁଠୁ ଶକ୍ତିଶାଳୀ । କିନ୍ତୁ ଏହା ସମ୍ପୂର୍ଣ୍ଣ ଭୁଲ । ନସିମ ଶାହ ବିଶ୍ୱକପ ଖେଳୁନାହାନ୍ତି । ପାକିସ୍ତାନର ସ୍ପିନ୍ ବିଭାଗ ପ୍ରଭାବି ପ୍ରଦର୍ଶନ କରିବାରେ ବିଫଳ, ଦ୍ରୁତ ବୋଲର ସାହିନ ଆଫ୍ରିଦ ମଧ୍ୟ ନିଜ ମୁତାବକ ଖେଳ ଦେଖାଇପାରୁ ନାହାନ୍ତି । ତେଣୁ ତାଙ୍କୁ ଏତେ ପ୍ରଶଂସା କରିବାର ଆବଶ୍ୟକତା ନାହିଁ ବୋଲି ଶାସ୍ତ୍ରୀ କହିଛନ୍ତି ।










ସୂଚନା
ସମୟ
BHIM
SCAN & PAY
ASHIRBAD PRAKASHAN PVT.LTD.
ଦୈନିକ ଖବରକାଗଜ ସମୟରେ କ୍ଲାସିଫାଏଡ୍ / ଶ୍ରଦ୍ଧାଞ୍ଜଳି ବିଜ୍ଞାପନ ଦେବାକୁ ଚାହୁଁଥିବା ଇଚ୍ଛୁକ ବ୍ୟକ୍ତି ଉପରୋକ୍ତ କ୍ୟୁଆର୍ କୋଡ୍ ସ୍କାନ କରି ଦେୟ ପୈଠକ କରିପାରିବେ । ଫୋନ୍ ପେ, ପେଟିଏମ୍, ଗୁଗୁଲ ପେ, ଭାରତ ପେ ଇତ୍ୟାଦିରେ ଦେୟ ପୈଠ କରି ଦେୟ ରସିଦ୍‌କୁ ବିଜ୍ଞାପନ ସହ ୭୯୭୮୫୩୩୧୭୪ / ଇମେଲ୍:classifiedsamaya@gmail.com ରେ ପଠାଇ ପାରିବେ । ଅଧିକ ସୂଚନା ପାଇଁ ୭୯୭୮୫୩୩୧୭୪ରେ ଯୋଗାଯୋଗ କରନ୍ତୁ ।

Printed & Published by Parikhita Dash for Ashirbad Prakashan Pvt. Ltd., Plot. 44 & 54, Sec.-A, Zone-D, M.I.Estate, Bhubaneswar-751010. at Meerabasanta Industries Pvt. Ltd., Plot. 2/253, Birachandrapur, P.S-Rampur, Redhakhol, Dist.-Sambalpur, Odisha, TEL-2585740, 2585602, News-2583867, 2586702, Fax-2586665, 2586702, Advt.-Ph-2585704, Advt.Fax-2587704, Circulation-2586541, Chief Editor-Satakadi Hota, ମୁଖ୍ୟ ସମ୍ପାଦକ : ସାତକଡ଼ି ହୋତା